


▸ପୃଷ୍ଠା ୧୪ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-310 •BHUBANESWAR •TUESDAY •7 MAY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୧୦ •ଭୁବନେଶ୍ୱର •ମଙ୍ଗଳବାର •୭ ମେ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


# ପ୍ରଚାର ଟକ୍କର - ଜବାବ ପ୍ରଖର



## ସାକାର ହୋଇଛି ୫୦୦ ବର୍ଷର ରାମ ମନ୍ଦିର ନିର୍ମାଣ ସ୍ୱପ୍ନ

■ ବ୍ରହ୍ମପୁର/ନବରଙ୍ଗପୁର, ୬।୫(ସମିସ): ଗୋଟିଏ ଦିନରେ ବ୍ରହ୍ମପୁରର କନିଷି ଓ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ନିକଟସ୍ଥ ଚିକିଲି ଛକ ପଡ଼ିଆରେ ଦୁଇଟି ଦଳୀୟ ପ୍ରଚାର ସମାବେଶରେ ଯୋଗ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏହି ଅବସରରେ ସେ କହିଛନ୍ତି ଯେ ଚଳିତ ନିର୍ବାଚନରେ ବିଜେପି ଉଭୟ କେନ୍ଦ୍ରରେ ଓ ରାଜ୍ୟରେ ସରକାର ଗଢିବ। ଓଡ଼ିଶାରେ ପ୍ରଥମ ଥର ଡବଲ ଇଞ୍ଜିନ ସରକାର ଗଠନ ହେବ। ଓଡ଼ିଶାକୁ ବିଜେପିର ପ୍ରଥମ ମୁଖ୍ୟମନ୍ତ୍ରୀ ମିଳିବ, ଓଡ଼ିଶାର ବିକାଶକୁ ଏହା ନୂଆ ଗତି ଦେବ। ଜୁନ୍ ୧୦ରେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ସମାରୋହର ତାରିଖ। ମୁଁ ଆଜି ସମସ୍ତଙ୍କୁ ଏହି ଶପଥ ଗ୍ରହଣ ସମାରୋହକୁ ନିମନ୍ତ୍ରଣ ଦେବାକୁ ଆସିଛି। ବିଗତ ଦିନରେ ଓଡ଼ିଶାର ଜଣେ ମହିଳାଙ୍କୁ ରାଷ୍ଟ୍ରପତି ଭଳି ସର୍ବୋଚ୍ଚ ଆସନରେ ବିଜେପି ଅବସ୍ଥାପିତ କରିବାରେ ସକ୍ଷମ ହୋଇଛି। ବିଜେପି ରାଜ୍ୟରେ ଶାସନକୁ ଆସିଲେ ଅନେକ ପରିବର୍ତ୍ତନ ହେବ। ଜନଗଣଙ୍କ ଅଜସ୍ର ଭୋଟ ଯୋଗୁଁ ଅଯୋଧ୍ୟାରେ ରାମଲାଲାଙ୍କ ଭବ୍ୟ ରାମ ମନ୍ଦିର ନିର୍ମାଣ ହୋଇପାରିଛି। ୫୦୦ବର୍ଷର ସ୍ୱପ୍ନ ସାକାର ହୋଇଛି। ଦୀକ୍ଷିତ ଭାରତ ନିର୍ମାଣ ଲାଗି ମୋଦୀ ସରକାର ସଦା ପ୍ରଚେଷ୍ଟା କରୁଛନ୍ତି। ତେଣୁ ବିଜେପିକୁ ବମ୍ପର ବିଜୟ ଦେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।


ବ୍ରହ୍ମପୁରରେ ଅନୁଷ୍ଠିତ ସମାବେଶରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ଲୋକସଭା ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ▸ପୃଷ୍ଠା-୯

## 'ସବ୍‌କା ସାଥ୍ ସବ୍‌କା ବିକାଶ' ସ୍ଲୋଗାନ ମିଛ: ଜୟରାମ ରମେଶ

କେନ୍ଦ୍ରୀୟ ବଜେଟରେ ଆଦିବାସୀଙ୍କ ପାଇଁ ହ୍ରାସ ପାଉଛି ଅନୁଦାନ

ଗୋପାଳପୁର-ରେଢ଼ାଖୋଲ ରେଳପଥକୁ ନେଇ ଉଠାଇଲେ ପ୍ରଶ୍ନ

ଶୀତଳାପଲ୍ଲୀ ରେଳୱାଗନ କାରଖାନା ବନ୍ଦ କରିଛି କେନ୍ଦ୍ର ସରକାର



■ ଭୁବନେଶ୍ୱର, ୬।୫(ସମିସ): ଓଡ଼ିଶାରେ ନିର୍ବାଚନୀ ପ୍ରଚାର ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ବିଜେପି ସରକାର ଗଠନ କଲେ ରାଜ୍ୟର ବିକାଶ ଶିଖର ଛୁଇଁବ ବୋଲି ଦେଖାଇଥିବା ଗୋଲାପୀ ସ୍ୱପ୍ନକୁ କଟୁ ସମାଲୋଚନା କରିଛି ଜାତୀୟ କଂଗ୍ରେସ। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଜୟରାମ ରମେଶ ନିଜର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ମୋଦୀ ସରକାର ଓଡ଼ିଶା ପ୍ରତି କିପରି ବୈମାତୃକ ମନୋଭାବ ପୋଷଣ କରିଛି ତାହାର ▸ପୃଷ୍ଠା-୯

## ବହୁଦିନ ହେଲା ରାଜ୍ୟରେ ସରକାର ଗଢ଼ିବାର ଦିବାସ୍ୱପ୍ନ ଦେଖୁଛନ୍ତି



■ ଭୁବନେଶ୍ୱର, ୬।୫(ସମିସ): ଓଡ଼ିଶାରେ ବିଜେପିର ସରକାର ଗଠନ ସ୍ୱପ୍ନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦିଏ କଥାରେ ତାସ ଘର ପରି ଭୁଶୁଡ଼ି ପଡ଼ିଛି। ଅନେକ ଦିନ ହେଲା ବିଜେପି ଦିନରେ ସ୍ୱପ୍ନ ଦେଖୁଛି ବୋଲି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଥିବାବେଳେ ଦଳର ଅନ୍ୟତମ ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଷଷ୍ଠଥର ମୁଖ୍ୟମନ୍ତ୍ରୀଙ୍କ ଅଭିଷେକର ତାରିଖ ଓ ସମୟ ଘୋଷଣା କରି ବିରୋଧୀ ଶିବିରରେ ହୃଦ୍‌କମ୍ପନ ସୃଷ୍ଟି କରିଛନ୍ତି। ଆସନ୍ତା ଜୁନ୍ ୯ ତାରିଖ ରବିବାର ଦିନ ସାଢ଼େ ୧୧ଟାରୁ ସାଢ଼େ ଗୋଟାଏ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି କହିଛନ୍ତି ପାଣ୍ଡିଆନ। ଏହା ସହ ବିଜେପିକୁ କଟୁ ସମାଲୋଚନା କରି ରାଜ୍ୟରେ ଏହି ଦଳ ସରକାର ଗଠନ କଲେ ଓଡ଼ିଶା ୨୦ ବର୍ଷ ପଛକୁ ଚାଲିଯିବ ବୋଲି ମଧ୍ୟ କଟାକ୍ଷ କରିଛନ୍ତି।

ଭବାନୀପାଟଣା ଓ ଖଡିଆଳରେ ନବୀନ-କାର୍ତ୍ତିକଙ୍କ ହାଇଭୋଲଟେଜ୍ ପ୍ରଚାର

ମିଛ କହିବା ବିରୋଧୀଙ୍କ ଅଭ୍ୟାସ; ଛଳନାରେ ସେମାନେ ଧୂରନ୍ଧର

ବିଜେପି ବହୁଦିନ ହେଲା ଦିନରେ ସ୍ୱପ୍ନ ଦେଖୁଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଛଅଟି ଶବ୍ଦ କେବଳ ବିଜେପିକୁ ଘାଇଲା କରିନାହିଁ, ସେମାନଙ୍କର ସବୁ ଉତ୍ସାହକୁ ମଳିନ କରି ଦେଇଛି। ଛଅ ଶବ୍ଦ ଓ ଗୋଟିଏ ବାକ୍ୟରେ ବିଜେପିର ସ୍ଥିତି ଓ ନିର୍ବାଚନର ଭବିଷ୍ୟତ ପରିଣାମକୁ ସ୍ପଷ୍ଟ କରି ଦେଇଛନ୍ତି ▸ପୃଷ୍ଠା-୯

## ଜୁନ୍ ୯ରେ ଷଷ୍ଠଥର ଶପଥ ନେବେ ନବୀନ



ଅନ୍ୟ ରାଜ୍ୟରେ ଅଧାରୁ ଅଟକି ଯାଇଛି ଡବଲ ଇଞ୍ଜିନ୍ ଗାଡ଼ି

'ନବୀନ ଇଞ୍ଜିନ୍' ବନ୍ଦ ହୋଇ ନାହିଁ କି ହେବ ନାହିଁ

■ ଭବାନୀପାଟଣା/ ନୂଆପଡ଼ା, ୬।୫(ସମିସ): ମିଛ କହିବା ସେମାନଙ୍କ ଅଭ୍ୟାସ, ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବାରେ ସେମାନେ ଧୂରନ୍ଧର। ଓଡ଼ିଶା କିମ୍ବା ଓଡ଼ିଶାବାସୀଙ୍କ ପ୍ରତି ସେମାନଙ୍କର କୌଣସି ଆନ୍ତରିକତା ନାହିଁ। ସେମାନଙ୍କର ସବୁ କଥା ଛଳନାରେ ଭରପୂର। କେବଳ ଭୋଟ ଆସିଲେ ଓଡ଼ିଶା କଥା ମନେପଡେ। ବିଜେପିର ଇସ୍ତାହାର ଅନୁଯାୟୀ ଚାଲିଲେ ଓଡ଼ିଶା ୨୦ ବର୍ଷ ପଛକୁ ଚାଲିଯିବ। ଓଡ଼ିଶା ସରକାରଙ୍କର ସବୁ ଭଲ ଯୋଜନା ବନ୍ଦ ହୋଇଯିବ। ତେଣୁ ଆମେ ସତର୍କ ରହିବା, ବିକାଶ ପାଇଁ କେବଳ ଯୋଡ଼ି ଶଙ୍ଖରେ ଭୋଟ ଦେବା। ଆଜି କଳାହାଣ୍ଡି ଲୋକସଭା କ୍ଷେତ୍ର ଅନ୍ତର୍ଗତ ଭବାନୀପାଟଣା, ଖଡିଆଳରେ ନିର୍ବାଚନ ପ୍ରଚାର କରିବା ଅବସରରେ ଜନସାଧାରଣଙ୍କୁ ଏପରି ଆହ୍ୱାନ ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭବାନୀପାଟଣା ଓ ଖଡିଆଳ ▸ପୃଷ୍ଠା-୯

## ବ୍ରହ୍ମପୁରରେ କାର୍ତ୍ତିକ ପାଣ୍ଡିଆନଙ୍କ ରୋଡ୍ ଶୋ'



■ ବ୍ରହ୍ମପୁର,୬।୫ (ସମିସ): ଆଜି ଗୋପାଳପୁର ନିର୍ବାଚନ ମଣ୍ଡଳରେ ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ରୋଡ୍ ଶୋ' କରିଛନ୍ତି। ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମପୁର ମହାନଗର ନିଗମର ୩୭ ଓ ୩୮ ନମ୍ବର ୱାର୍ଡରେ ତାଙ୍କୁ ଆତସବାଜି ସହ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଅଞ୍ଚଳବାସୀ। ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କ ଭଳି ଭଲ ଲୋକଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଏହି ଅଞ୍ଚଳର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧବଳେଶ୍ୱର, ସିଦ୍ଧ ଭୈରବୀ, ପଞ୍ଚମା ଭଳି ବିଭିନ୍ନ ଧାର୍ମିକ ପୀଠର ଉନ୍ନତିକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟରେ ବିକାଶର ଧାରାକୁ ବଜାୟ ରଖିବାକୁ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବାକୁ ସେ ନିବେଦନ କରିଥିଲେ। ତାଙ୍କ ଗସ୍ତ ପୂର୍ବରୁ ଲୋକଙ୍କ ମନୋରଞ୍ଜନ ପାଇଁ ଷ୍ଟାର ପ୍ରଚାରକ ଭାବେ ଓଲିଉଡ ଅଭିନେତା ଦମ୍ପତି ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହ ଭୋଟ ଭିକ୍ଷା କରିଥିଲେ। ପରେ ଲୋଚପଡା ଅଞ୍ଚଳରେ ରୋଡ଼ ଶୋ ଜରିଆରେ ପ୍ରଚାର କରିଥିଲେ।

ଗୋପାଳପୁର ଏନ୍‌ଏସି ନିକଟରୁ ବାହାରି ସହର ପରିକ୍ରମା କରିବା ବେଳେ ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ▸ପୃଷ୍ଠା-୯

### ତୃତୀୟ ପର୍ଯ୍ୟାୟ ନିର୍ବାଚନ

## ୧୧ ରାଜ୍ୟର ୯୪ ଲୋକସଭା ଆସନ ପାଇଁ ମତଦାନ ଆଜି

■ ନୂଆଦିଲ୍ଲୀ,୬।୫(ଏଜେନ୍ସି): ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମଙ୍ଗଳବାର ମତଦାନ କରାଯିବ। ଏହି ପର୍ଯ୍ୟାୟରେ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ ଟି ଆସନ ପାଇଁ ମତଦାନ ହେବ। ନିର୍ବାଚନ ମୂଳ କାର୍ଯ୍ୟସୂଚୀ ଅନୁଯାୟୀ ଏହି ପର୍ଯ୍ୟାୟରେ ୧୨ ରାଜ୍ୟର ୯୫ଟି ଆସନ ପାଇଁ ମତଦାନ ହେବାର ଥିଲା । କିନ୍ତୁ ସୁରତରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଖାରଜ ହେବା ଦ୍ୱାରା ଏଠାକାର ବିଜେପି ପ୍ରାର୍ଥୀ ନିଦ୍ୱନ୍ଦରେ ନିର୍ବାଚିତ ହେବାରୁ ବାକି ୯୪ଟି ଆସନରେ ମତଦାନ ହେବ। ସେହିପରି ଜମ୍ମୁ-କାଶ୍ମୀରରେ ପାଣିପାଗ ସ୍ଥିତି ଅନୁକୂଳ ନ ଥିବାରୁ ଅନନ୍ତନାଗ-ରାଜୋରୀ ଆସନ ପାଇଁ ମତଦାନ ଆସନ୍ତା ୨୫ରେ ଭୋଟ ଗ୍ରହଣ ହେବ । ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ବେତୁଲ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଏସପି ପ୍ରାର୍ଥୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ପର୍ଯ୍ୟାୟରେ (ଏପ୍ରିଲ ୨୬)ହେବାକୁ ଥିବା ମତଦାନ ଆସନ୍ତାକାଲି ହେବ। ତେବେ ଅନ୍ୟସବୁ ଆସନରେ ମୂଳ କାର୍ଯ୍ୟସୂଚୀ ଅନୁସାରେ ମତଦାନ ହେବ। ଏହି ପର୍ଯ୍ୟାୟରେ ଆସାମ (୪), ବିହାର (୫), ଛତିଶଗଡ (୭), ଗୋଆ (୨), ଗୁଜୁରାଟ (୨୬), କର୍ଣ୍ଣାଟକ (୧୪), ମଧ୍ୟପ୍ରଦେଶ ( ୮), ମହାରାଷ୍ଟ୍ର (୧୧), ଉତ୍ତରପ୍ରଦେଶ (୧୦), ପଶ୍ଚିମବଙ୍ଗ (୪) ଆସନ ସମେତ ଦାଦ୍ରା ଓ ନାଗର ହାଭେଲି ଏବଂ ଦାମନ ଓ ଡିୟୁର ଦୁଇ ଆସନ ପାଇଁ ମତଦାନ ହେବ। ଏହି ପର୍ଯ୍ୟାୟରେ ଗୁଜରାଟର ସମସ୍ତ ଲୋକସଭା କ୍ଷେତ୍ର ପାଇଁ ମତଦାନ ଶେଷ ହେଉଥିଲା ବେଳେ ଦେଶରେ ୨୬୩ ଲୋକସଭା କ୍ଷେତ୍ରରେ ଶେଷ ହେବ।






## ଲୋକକଥା



ଫୁଲବାଲା ଯେତେ ଓଡ଼ିଶା ଆସିଲେ
ରାଇଜବାସୀ କି ଭଳିବେ,
ଭଲଭେଲ ସିଏ ଖାସା ଜାଣିଛନ୍ତି
ଠିକଣା ବେଳରେ କଳିବେ।
କାମିକା ନେତାଙ୍କୁ ଢାଳିବେ
ପ୍ରତାରଣା ଯିଏ କରି ଚାଲିଛନ୍ତି,
ତାଙ୍କ କପାଳକୁ ଜାଳିବେ !!

## ଖସିଲା ତାତି: ଝଡ଼ ଆଣିଲା ଆଶ୍ୱସ୍ତି

■ ଭୁବନେଶ୍ୱର, ୬।୫(ସମିସ): ଦୀର୍ଘ ୨୧ ଦିନ ପରେ ରାଜ୍ୟରେ ଗ୍ରୀଷ୍ମ ଲହରୀ ସ୍ଥିତିରେ ସୁଧାର ଆସିଛି। କାଳବୈଶାଖୀର ଗୋଟିଏ ଦଲକା ପବନ ଲୋକଙ୍କ ଦେହରେ ଜୀବନ ଭରିଛି। ଗଲା ୨୧ ଦିନ ତାତି ଓ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଥିବାବେଳେ କାଳବୈଶାଖୀ ବର୍ଷା ଓ ପବନ ଏଥିରୁ ଆଶ୍ୱସ୍ତି ଦେଇଛି। ସୋମବାର ରାଜ୍ୟର ଉପକୂଳ ଓଡ଼ିଶା ସମେତ ସଂଲଗ୍ନ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ପ୍ରବଳ ବର୍ଷା ପବନ ଅନୁଭୂତ ହୋଇଛି। ରାଜଧାନୀ ଭୁବନେଶ୍ୱର ସମେତ, କଟକ, ବ୍ରହ୍ମପୁର, ପାରାଦୀପ, ପୁରୀ, ନୟାଗଡ଼ ଓ ପାରଳାଖେମୁଣ୍ଡି ଆଦିରେ ବର୍ଷା ଝଡ଼ ହେବା ଦ୍ୱାରା ବହୁ ସ୍ଥାନରେ ଗଛ ଡାଳ ଭାଙ୍ଗିଥିବା ଜଣାପଡ଼ିଛି। ଅଧିକାଂଶ ସ୍ଥାନରେ ଓଡ୍ରାଫ୍ ଟିମ୍ ସହିତ ଅଗ୍ନିଶମ ବାହୀନି ▸ପୃଷ୍ଠା-୯



୭ ଜିଲ୍ଲାରେ କାଳବୈଶାଖୀ ବର୍ଷା

ପଶ୍ଚିମ ଓଡ଼ିଶାରେ ଆଜିଠୁ ଲାଗିବ ରୋକ୍

୪ ଦିନରେ ୬ ଡିଗ୍ରୀ କମିବ ତାତି


୩ ଦିନ ବର୍ଷା, ପବନ ଚେତାବନୀ

## ପୁଣି କେଜ୍ରିୱାଲଙ୍କ ଚିନ୍ତା ବଢ଼ାଇଲେ ଏଲ୍‌ଜି

# ଏନ୍‌ଆଇଏ ଦ୍ୱାରା ତଦନ୍ତ କରିବାକୁ ସୁପାରିସ୍

ନୂଆଦିଲ୍ଲୀ, ୬।୫(ଏଜେନ୍ସି)

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରିବନ୍ଦ କେଜ୍ରିୱାଲ ଗତ ମାର୍ଚ୍ଚ ୨୭ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇ ଏବେ ଜେଲରେ ରହିଛନ୍ତି। ତାଙ୍କ ଗିରଫଦାରୀକୁ ସେ ବେଆଇନ ବୋଲି ଦର୍ଶାଇବା ସହିତ ତୁରନ୍ତ ତାଙ୍କୁ ମୁକ୍ତି କରାଯାଉ ବୋଲି କେଜ୍ରିୱାଲ ହାଇକୋର୍ଟ ଠାରୁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା କୌଣସି ଅଦାଲତରୁ ତାଙ୍କୁ ଆଶ୍ୱସ୍ତି ମିଳିପାରି ନାହିଁ। ଏହାମଧ୍ୟରେ ଦିଲ୍ଲୀ ଉପରାଜ୍ୟପାଳ(ଏଲଜି) ଭି କେ ସାକ୍ସେନା ପୁଣି କେଜ୍ରିୱାଲଙ୍କ ଚିନ୍ତା ବଢ଼ାଇଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ନିଷିଦ୍ଧ ଘୋଷିତ ହୋଇଥିବା ଖଲିସ୍ତାନୀ ସଂଗଠନ 'ଶିଖ ଫର ଜଷ୍ଟିସ୍' ଠାରୁ ରାଜନୈତିକ ଚାନ୍ଦା ନେଇଥିବାରୁ ଏହା ବିରୋଧରେ ଏନଆଇଏ ତଦନ୍ତ କରିବାକୁ ସୋମବାର ଏଲଜି ସୁପାରିସ କରିଛନ୍ତି। ଯାହାକି କେଜ୍ରିୱାଲଙ୍କ ସମେତ ତାଙ୍କ ଦଳ ଆମ୍ ଆଦମୀ ପାର୍ଟିର ଚିନ୍ତାକୁ ଦ୍ୱିଗୁଣିତ କରିଛି। ବର୍ତ୍ତମାନ ନିର୍ବାଚନ ଚାଲିଥିଲା ବେଳେ ଯେକୌଣସି ମତେ କେଜ୍ରିୱାଲ ଜେଲରୁ ମୁକୁଳିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ ଦିଲ୍ଲୀ ଏଲଜିଙ୍କ ଏହି ପଦକ୍ଷେପ ପୁଣି କେଜ୍ରିୱାଲଙ୍କ ପାଇଁ ସମସ୍ୟା ବଢ଼ାଇ ଦେଇଛି। ଆମ ଆଦମୀ ପାର୍ଟି ଏହି ସଂଗଠନ ଠାରୁ ପ୍ରାୟ ୧୬ ନିୟୁତ ଡଲାର ରାଜନୈତିକ ଚାନ୍ଦା ଆକାରରେ ଗ୍ରହଣ କରି ଖଲିସ୍ତାନୀ ସମର୍ଥକ ଦେଭିନ୍ଦର ପାଲ ସିଂ ଭୁଲାରକୁ ଜେଲରୁ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲା ବୋଲି ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରିବାକୁ ଶ୍ରୀ ସାକ୍ସେନା ଏହି ସୁପାରିସ କରିଥିବା କୁହାଯାଇଛି। ଏହି ପରିମାଣର ଚାନ୍ଦା ଦେବା ସମ୍ପର୍କରେ ବିଦେଶରେ ରହୁଥିବା ଖଲିସ୍ତାନୀ ନେତା ଗୁରୁପତୱନ୍ତ ସିଂ ପନ୍ନୁ ଏକ ଭିଡିଓରେ କହିଥିଲା ବେଳେ ୨୦୧୪ ରୁ ୨୦୨୨ ମଧ୍ୟରେ ଦଳ ୧୬ ନିୟୁତ ଡଲାର ନେଇଛି ବୋଲି କହିଥିଲା। ପନ୍ନୁର ଏଭଳି ଉକ୍ତିକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହି ସମୟରେ କେଜ୍ରିୱାଲଙ୍କ ବିରୋଧରେ ଏହି ଘଟଣାକୁ ନେଇ ଏନଆଇଏ ତଦନ୍ତ କରାଯିବା ଦରକାର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଥିଲା ବେଳେ ଦିଲ୍ଲୀ ଉପରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏ ସମ୍ପର୍କରେ କେନ୍ଦ୍ର ଗୃହମନ୍ତ୍ରାଳୟକୁ ଚିଠି ଲେଖି ଏନଆଇଏ ତଦନ୍ତ ପାଇଁ ସୁପାରିସ୍ କରିଛନ୍ତି। ୨୦୧୪ରେ ଆମେରିକାର ନ୍ୟୁୟର୍କସ୍ଥିତ ରିଚମଣ୍ଡ ହିଲ୍ସରେ ଥିବା ଏକ ଗୁରୁଦ୍ୱାରରେ କେଜ୍ରିୱାଲଙ୍କ ସହ କିଛି ପ୍ରମୁଖ ଖଲିସ୍ତାନୀ ନେତା ବୈଠକ କରିଥିଲେ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଛି। ଏହି ବୈଠକରେ କେଜ୍ରିୱାଲ ଭୁଲାରର ମୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲା ବେଳେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ ବୋଲି ମଧ୍ୟ ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ପନ୍ନୁ ଜାରି କରିଥିବା ଭିଡିଓର କେତେକ ଅଂଶକୁ ମଧ୍ୟ ଗୁରୁତ୍ୱ ସହ ବିଚାର କରିବାକୁ ପଡ଼ିବ ବୋଲି କୁହାଯାଇଛି।



### କେ କବିତାଙ୍କ ଜାମିନ ନାମଞ୍ଜୁର

ଦିଲ୍ଲୀର ଅବକାରୀ ନୀତି ଦୁର୍ନୀତି ସହିତ ଜଡ଼ିତ ବିଆର୍‌ଏସ ନେତ୍ରୀ କେ କବିତାଙ୍କ ଜେଲରୁ ମୁକ୍ତି ମିଳିବା ସମ୍ଭାବନା କ୍ଷୀଣ ହୋଇପଡ଼ିଛି। କବିତା ଜାମିନ ପାଇଁ ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ତାଙ୍କୁ ଆଶ୍ୱସ୍ତି ମିଳି ନାହିଁ। ସୋମବାର ରାଉଜ ଆଭେନ୍ୟୁ କୋର୍ଟ ତାଙ୍କର ଜାମିନ ଆବେଦନକୁ ପୁଣିଥରେ ଅଗ୍ରାହ୍ୟ କରିଦେଇଛନ୍ତି। ସିବିଆଇ ଏବଂ ଇଡିର ସ୍ୱତନ୍ତ୍ର ବିଚାରପତି କାଭ୍ରେ ବେଓ୍ବାଜା କବିତାଙ୍କ ଆବେଦନକୁ ଖାରଜ କରି କହିଛନ୍ତି କି ତାଙ୍କୁ ବର୍ତ୍ତମାନ ସମୟରେ ଜାମିନ ଦେବା ଠିକ୍ ହେବ ନାହିଁ। କବିତାଙ୍କ ଜାମିନ ପାଇଁ ତାଙ୍କ ଓକିଲ ବିଭିନ୍ନ ଯୁକ୍ତି ବାଢିଥିଲେ ହେଁ ଇଡି ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଏହି ଦୁର୍ନୀତି ମାମଲାରେ ତାଙ୍କର ଭୂମିକା କ'ଣ ରହିଛି ସେ ସମ୍ପର୍କରେ ଏବେ ବି ଅନୁସନ୍ଧାନ ଜାରି ରହିଛି ବୋଲି ଇଡି କହିଛି।

● ଝାଡ଼ଖଣ୍ଡ ମନ୍ତ୍ରୀଙ୍କ ସହଯୋଗୀ ଘରେ ଟଙ୍କାର ପାହାଡ଼

## ଇଡି ଚଢ଼ଉ ବେଳେ ୩୦କୋଟି ଜବତ



ରାଞ୍ଚି, ୬।୫(ଏଜେନ୍ସି)

ଝାଡଖଣ୍ଡ ଗ୍ରାମ୍ୟ ଉନ୍ନୟନ ବିକାଶ ମନ୍ତ୍ରୀ ତଥା କଂଗ୍ରେସ ନେତା ଆଲମ୍‌ଗିର ଆଲମ୍‌ଙ୍କ ଜଣେ ସହଯୋଗୀଙ୍କ ଘରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ନଗଦ ୩୦ କୋଟି ଟଙ୍କା ସମେତ ବହୁ ମୂଲ୍ୟର ସୁନା ଗହଣା ଜବତ କରିଛି। ମନ୍ତ୍ରୀ ଆଲମ୍‌ଗିରଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ସଞ୍ଜୀବ ଲାଲଙ୍କ ଘରୋଇ ସହାୟକଙ୍କ ଘରେ ଇଡି ପକ୍ଷରୁ ଚଢଉ କରାଯାଇଥିଲା ବେଳେ ଏହି ଟଙ୍କାର ପାହାଡ଼ ଜବତ ହୋଇଛି। ମନ୍ତ୍ରୀଙ୍କ ପିଏସଙ୍କ ଘରୋଇ ସହାୟକଙ୍କ ପାଖରେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା ସେନେଇ ଇଡି ତନାଘନା ଆରମ୍ଭ କରିଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଚିଫ୍ ଇଞ୍ଜିନିୟର ବୀରେନ୍ଦ୍ର କେ ରାମଙ୍କ ବିରୋଧରେ ଚାଲିଥିବା ଅର୍ଥ ହେରଫେର ମାମଲାକୁ ନେଇ ଇଡି ପକ୍ଷରୁ ଚଢଉ କରାଯାଇଥିଲା ବେଳେ ଏହି ପରିମାଣର ଟଙ୍କା ଜବତ ହୋଇଛି। ବୀରେନ୍ଦ୍ରଙ୍କ ଜଣେ ସହଯୋଗୀଙ୍କ ନିକଟରୁ ୨୦୧୯ରେ ବିପୁଳ ଟଙ୍କା ଜବତ କରାଯିବା ପରେ ଇଡି ତାଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଇଡି ତାଙ୍କୁ ଫେବୃଆରୀ ୨୦୨୩ରେ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ଇଡି ପକ୍ଷରୁ ସୋମବାର ରାଞ୍ଚିର ଏକାଧିକ ସ୍ଥାନରେ ଚଢଉ କରିବା ସମୟରେ ଏହି ଟଙ୍କା ଜବତ କରାଯାଇଛି। ଏହାପୂର୍ବରୁ ଫେବୃଆରୀ ୨୧, ୨୦୨୩ରେ ରାଞ୍ଚି, ଜାମସେଦପୁର, ବିହାର ଏବଂ ଦିଲ୍ଲୀରେ ରହିଥିବା ବୀରେନ୍ଦ୍ରଙ୍କ ଏକାଧିକ ଠିକଣାରେ ଇଡି ପକ୍ଷରୁ ଚଢଉ କରାଯାଇଥିଲା।

## ଜେ ପି ନଡ୍ଡା , ଅମିତ ମାଲବ୍ୟଙ୍କ ବିରୋଧରେ ମାମଲା



ବେଙ୍ଗାଲୁରୁ, ୬।୫(ଏଜେନ୍ସି): ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଦଳର ଆଇଟି ମୁଖ୍ୟ ଅମିତ ମାଲବ୍ୟଙ୍କ ସମେତ କର୍ଣ୍ଣାଟକ ବିଜେପି ମୁଖ୍ୟ ବିଓାଇ ବିଜୟେନ୍ଦ୍ରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଏତଲା ଦାଏର କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତିର ଭୋଟରଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ବିଜେପି ଡରାଉଥିବାରୁ ଏହାକୁ ବିରୋଧ କରି କଂଗ୍ରେସ ଏହି ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଜନପ୍ରତିନିଧି ଆଇନ ଓ ଆଇପିସିର ଧାରା ୫୦୫(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି।

## 'ନିର୍ବାଚନ ଜିତିଲେ ବଲିଉଡ ଛାଡିବି': କଙ୍ଗନା ରାଣାୱତ

ହାଇଦ୍ରାବାଦ, ୬।୫(ଏଜେନ୍ସି): ବଲିଉଡ କୁଇନ କଙ୍ଗନା ରାଣାୱତ ଅଭିନୟ ପରେ ବର୍ତ୍ତମାନ ରାଜନୀତିରେ ପାଦ ଥାପିଛନ୍ତି। ସେ ଚଳିତ ବର୍ଷ ଲୋକସଭା ନିର୍ବାଚନରେ ହିମାଚଳପ୍ରଦେଶ ମଣ୍ଡିରୁ ବିଜେପିର ଲୋକସଭା ପ୍ରାର୍ଥୀ ଭାବେ ଲଢୁଛନ୍ତି। ଅଭିନେତ୍ରୀ କଙ୍ଗନା ରାଣାୱତ ନିଜ ଫିଲ୍ମ କ୍ୟାରିଅରକୁ ନେଇ କହିଛନ୍ତି ଯଦି ମୁଁ ଚଳିତ ବର୍ଷ ନିର୍ବାଚନରେ ବିଜୟୀ ହୁଏ ତେବେ ଫିଲ୍ମ ଇଣ୍ଡଷ୍ଟ୍ରି ଛାଡି ଦେବି। ମୁଁ ଫିଲ୍ମରେ ଅଭିନୟ କରେ ଏବଂ ନିର୍ଦ୍ଦେଶନା ମଧ୍ୟ ଦିଏ, କିନ୍ତୁ ଯଦି ମୋତେ ରାଜନୀତିରେ ସୁଯୋଗ ମିଳେ ଏବଂ ଲୋକମାନେ ମୋ ସହ ଜଡ଼ିତ ରୁହନ୍ତି ତେବେ ମୁଁ କେବଳ ରାଜନୀତି କରିବି। କାରଣ ମୁଁ କେବଳ ଗୋଟିଏ କାମ କରିବାକୁ ଚାହେଁ। ଅନେକ ଚଳଚ୍ଚିତ୍ର ନିର୍ମାତା ମୋତେ ରାଜନୀତିରେ ନ ଯିବାକୁ କୁହନ୍ତି, କିନ୍ତୁ ମୁଁ ବର୍ତ୍ତମାନ ଲୋକଙ୍କ ସହ ଯୋଡି ହେବାର ସୁଯୋଗ ପାଇଛି। ମୋତେ ଲୋକଙ୍କ ଆଶା ପୂରଣ କରିବାକୁ ପଡ଼ିବ। ମୁଁ ଜନସେବାରେ ନୂଆ, ମୋତେ ବହୁତ କିଛି ଶିଖିବାକୁ ଅଛି। ଆଜି ମୋତେ ଲୋକେ ମଣ୍ଡିର ଝିଅର ବୋଲି କୁହନ୍ତି, ଏହା ମୋର ପରିବାର। ଉଲ୍ଲେଖଯୋଗ୍ୟ ଯେ, ଶେଷଥର କଙ୍ଗନାଙ୍କୁ ଫିଲ୍ମ 'ତେଜସ'ରେ ଦେଖିବାକୁ ମିଳିଥିଲା। ଯାହା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଏହା ପରେ ଅଭିନେତ୍ରୀ 'ଏମରଜେନ୍ସି' ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମରେ କଙ୍ଗନା ଅଭିନୟ କରିବା ସହ ନିଜେ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମରେ କଙ୍ଗନା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ଚଳିତ ବର୍ଷ ଜୁନ ୧୪ରେ ରିଲିଜ ହେବ।

## ପାକିସ୍ତାନୀ ଆତଙ୍କବାଦୀଙ୍କୁ ଧରାଇବାକୁ ୨୦ଲକ୍ଷ ଘୋଷଣା

ନୂଆଦିଲ୍ଲୀ, ୬।୫(ଏଜେନ୍ସି): ନିକଟରେ ଜମ୍ମୁ କାଶ୍ମୀରରେ ଭାରତୀୟ ବାୟୁସେନା ଯବାନଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ସୁରକ୍ଷାବଳ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଧରିବା ଲାଗି ସେମାନଙ୍କ ସ୍କେଚ୍ ଜାରି କରାଯାଇଛି। ଯଦି ଏମାନଙ୍କ ବିଷୟରେ କିଏ କୌଣସି ସୂଚନା ପ୍ରଦାନ କରିବେ ତେବେ ତାଙ୍କୁ ୨୦ଲକ୍ଷ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ସୁରକ୍ଷାବଳ ପକ୍ଷରୁ ଘୋଷଣା କରାଯାଇଛି। ଗତ ଶନିବାର ଦିନ ଭାରତୀୟ ବାୟୁ ସେନା ଉପରେ ହୋଇଥିବା ଆକ୍ରମଣରେ ଜଣେ ଜବାନ ସହିଦ ହୋଇଥିଲା ବେଳେ ଆଉ ୪ ଜଣ ଗୁରୁତର ଆହତ ହୋଇଥିଲେ। ଆକ୍ରମଣ ଘଟଣା ପରଠାରୁ ଭାରତୀୟ ସେନା ତରଫରୁ ଆତଙ୍କବାଦୀଙ୍କୁ ଖୋଜିବାକୁ ଜୋରଦାର ସର୍ଚ୍ଚ ଅପରେସନ ଜାରି ରହିଛି।

## ଆନ୍ଧ୍ର ଡିଜିପିଙ୍କ ବଦଳି ପାଇଁ ଇସିଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୬।୫ (ଏଜେନ୍ସି): ଆସନ୍ତାକାଲି ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବାକୁ ରହିଥିବା ବେଳେ ଏହାପୂର୍ବରୁ ନିର୍ବାଚନ ଆୟୋଗ(ଇସି) ଆନ୍ଧ୍ରପ୍ରଦେଶ ପୁଲିସ ମୁଖ୍ୟ( ଡିଜିପି) କେ.ଭି. ରାଜେନ୍ଦ୍ରନାଥ ରେଡ୍ଡୀଙ୍କୁ ତୁରନ୍ତ ବଦଳି ନିର୍ଦ୍ଦେଶ ଦେଇଛନ୍ତି। ଶାସକ ଦଳ ୱାଇଏସ୍ ଆର କଂଗ୍ରେସକୁ ଡିଜିପି ଏବଂ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ସହଯୋଗ କରୁଥିବା ବିରୋଧୀ ଦଳ ଅଭିଯୋଗ କରିବା ପରେ ଇସି ଏହି ପଦକ୍ଷେପ ନେଇଛନ୍ତି। ଏଥିସହ ତୁରନ୍ତ ଡିଜିପି ପଦବୀ ପୂରଣ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ପୁଲିସ ଡିଜି ପଦବୀ ପୂରଣ ପାଇଁ ତିନି ବରିଷ୍ଠ ଅଧିକାରୀଙ୍କ ତାଲିକା ଦେବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜେନ୍ଦ୍ରନାଥ ରେଡ୍ଡୀଙ୍କୁ ନିର୍ବାଚନ ସହ ଜଡ଼ିତ କୌଣସି ଦାୟିତ୍ୱ ନ ଦେବା ଲାଗି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

### ମେହବୁବା ମୁଫତିଙ୍କୁ ନିର୍ବାଚନ ଆୟୋଗଙ୍କ ନୋଟିସ୍

ଜମ୍ମୁ କାଶ୍ମୀରର ପିଡିପି ନେତ୍ରୀ ମେହବୁବା ମୁଫତି ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିବା ଅଭିଯୋଗରେ ନିର୍ବାଚନ ଆୟୋଗ ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜୌରୀ ଜିଲ୍ଲାରେ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ପିଲାଙ୍କୁ ଭୋଟ୍ ମାଗିବା ଅଭିଯୋଗରେ ଆୟୋଗ ମେହବୁବାଙ୍କୁ ସ୍ପଷ୍ଟୀକରଣ ମଧ୍ୟ ମଗିଛନ୍ତି। ରାଜୌରୀ ଅନନ୍ତନାଗ ଲୋକସଭା କ୍ଷେତ୍ରର ଏକ ଅଂଶ ହୋଇଥିଲା ବେଳେ ଏଠାରେ ପରିବର୍ତ୍ତିତ ସୂଚୀ ଅନୁସାରେ ଏଠାରେ ଆସନ୍ତା ୨୫ ତାରିଖରେ ଭୋଟ ଗ୍ରହଣ କରାଯିବ। ମେହବୁବା ଅନନ୍ତନାଗ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ସମୁଦ୍ରରେ ଭାସିଗଲେ ୫ ଡାକ୍ତରୀ ଛାତ୍ରଛାତ୍ରୀ



ତ୍ରିଚି, ୬।୫(ଏଜେନ୍ସି)

ତାମିଲନାଡୁର ତ୍ରିଚିସ୍ଥିତ ଏସଆରଏମ୍ ମେଡିକାଲ କଲେଜ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ୫ ଡାକ୍ତରୀ ଛାତ୍ରଛାତ୍ରୀ ସମୁଦ୍ରରେ ଭାସି ଯିବାରୁ ସେମାନଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ଛାତ୍ରୀ ଏବଂ ୩ ଜଣ ଛାତ୍ର ରହିଛନ୍ତି। ସେମାନଙ୍କ ବୟସ ୨୩ ରୁ ୨୪ ବର୍ଷ ମଧ୍ୟରେ ରହିଛି। ଏହି ସମସ୍ତ ଛାତ୍ରଛାତ୍ରୀ ଶେଷ ବର୍ଷର ପାଠ୍ୟକ୍ରମ ଶେଷ କରି ହାଉସ୍ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ମିଳିଥିବା ଖବର ଅନୁସାରେ ଏସଆରଏମ୍ ମେଡିକାଲ କଲେଜର ୧୨ ଜଣ ଛାତ୍ରଛାତ୍ରୀ ଗତକାଲି ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ନଗରକୋଏଲ ଯାଇଥିଲେ। ବିବାହ ଉତ୍ସବ ଶେଷ ହେବା ପରେ ସେମାନେ ସୋମବାର ସକାଳେ କନ୍ୟାକୁମାରୀ ବେଳାଭୂମିରେ ସୂର୍ଯ୍ୟ ଉଦୟ ଦେଖିବା ପରେ ରାଜକମଙ୍ଗଲମ୍ ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସେମାନେ ସମୁଦ୍ରକୂଳରେ ବୁଲୁଥିଲା ବେଳେ ହଠାତ୍ ଉଚ୍ଚ ଢେଉ ଆସି ୭ ଜଣଙ୍କୁ ଭସାଇ ନେଇଥିଲା। ଦୁଇ ଜଣଙ୍କୁ ଉଦ୍ଧାର କରାଯାଇଥିଲେ ହେଁ ବାକି ୫ ଜଣ ସମୁଦ୍ର ଭିତରକୁ ଭାସି ଯାଇଥିଲେ। ତେବେ କିଛି ସମୟ ପରେ ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବୋଲି ପୁଲିସ କହିଛି। ମୃତକଙ୍କ ମଧ୍ୟରୁ ଜଣେ ଆନ୍ଧ୍ର ପ୍ରଦେଶ ଏବଂ ବାକି ୪ ଜଣ ତାମିଲନାଡୁର ବୋଲି ଜଣାପଡ଼ିଛି। ତାମିଲନାଡୁର କନ୍ୟାକୁମାରୀ, ତିରୁନେଲଭେଲି, ରାମନାଥପୁରମ ଏବଂ ଟ୍ୟୁଟିକୋରିନ ଉପକୂଳରେ ସମୁଦ୍ର ଅଶାନ୍ତ ରହିବ ବୋଲି ପୂର୍ବରୁ ସୂଚନା ଜାରି କରିଥିଲା। ପ୍ରବଳ ବେଗରେ ଆସିଥିବା ଉଚ୍ଚ ଢେଉ ସେମାନଙ୍କ ମୃତ୍ୟୁର କାରଣ ହୋଇଥିବା କୁହାଯାଉଛି।

## ବୋଇଙ୍ଗ ଷ୍ଟାରଲାଇନର୍‌ର ପ୍ରଥମ ମାନବ ମିଶନ

# ତୃତୀୟ ଥର ପାଇଁ ମହାକାଶକୁ ଉଡ଼ାଣ ଭରିବେ ସୁନୀତା ୱିଲିୟମ୍ସ



ପେଣ୍ଟାଗନ, ୬।୫(ଏଜେନ୍ସି): ଆମେରିକାର ବହୁ ପ୍ରତିକ୍ଷୀତ ବୋଇଙ୍ଗ ଷ୍ଟାରଲାଇନର ମହାକାଶ ଯାନ ଆସନ୍ତାକାଲି ଏହାର ପ୍ରଥମ ମାନବ ମିଶନ ଆରମ୍ଭ କରିବାକୁ ଯାଉଛି। ଦୁଇ ନାସା ମହାକାଶଚାରୀଙ୍କୁ ନେଇ ଏହି ସ୍ୱତନ୍ତ୍ର କ୍ୟାପସୁଲ ମହାକାଶ ଯାନ ଆନ୍ତର୍ଜାତିକ ସ୍ପେଶ ଷ୍ଟେସନ ଅଭିମୁଖେ ଉଡାଣ ଭରିବ। ତେବେ ଏହି ମିଶନରେ ଭାରତୀୟ ବଂଶୋଦ୍ଭବ ସୁନୀତା ୱିଲିୟମ୍ସ ସାମିଲ ହୋଇଥିଲା ବେଳେ ସେ ତୃତୀୟ ଥର ପାଇଁ ମହାକାଶ ଯାତ୍ରା କରିବେ। ତାଙ୍କ ସହିତ ବ୍ୟାରି ବୁଚ ୱିଲମୋର୍ ମଧ୍ୟ ମହାକାଶ ଯାତ୍ରା କରିବେ। ଏହି ଦୁଇ ମହାକାଶଚାରୀ ଆନ୍ତର୍ଜାତିକ ସ୍ପେଶ ଷ୍ଟେସନରେ ଏକ ସପ୍ତାହ ରହିବେ। ଆସନ୍ତାକାଲି ଭାରତୀୟ ସମୟ ସକାଳ ୮ଟା ୪ ମିନିଟରେ କେନେଡ଼ି ସ୍ପେଶ୍ ସେଣ୍ଟରରୁ ଏହି ମହାକାଶ ଯାନ ଉଡାଣ ଆରମ୍ଭ କରିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସୁନୀତା ୨୦୦୬ ଡିସେମ୍ବର ୯ ତାରିଖରେ ପ୍ରଥମ ଥର ପାଇଁ ମହାକାଶ ଯାତ୍ରା କରିଥିଲେ। ଏହା ପରେ ୨୦୧୨ ଜୁଲାଇ ୧୫ରେ ଦ୍ୱିତୀୟଥର ଲାଗି ସୁନିତା କାଜାଖସ୍ତାନର ବୈକାନୁର କସ୍‌ମୋଡ୍ରମରୁ ସୋୟୁଜ-୦୫ଏମ ରକେଟରେ ମହାକାଶ ଯାତ୍ରା କରିଥିଲେ।

## ରାହୁଲଙ୍କ ଘୋଷଣା: କ୍ଷମତାକୁ ଆସିଲେ ମନରେଗା ମଜୁରୀ ବଢାଇବୁ

ରତଲାମ/ସେଗାଓଁ(ମଧ୍ୟପ୍ରଦେଶ), ୬।୫(ଏଜେନ୍ସି)



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଜି ଏଠାରେ ଇଣ୍ଡି ମେଣ୍ଟ ପକ୍ଷରୁ ଆୟୋଜିତ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି, ଇଣ୍ଡି ମେଣ୍ଟ ସଂଖ୍ୟାଗରିଷ୍ଠତା ପାଇ ସରକାର ଗଢ଼ିଲେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଆଇନ ବା ମନରେଗା ଅଧୀନରେ ଶ୍ରମିକଙ୍କୁ ଦିନକୁ ମଜୁରୀ ଯାହା ୨୫୦ଟଙ୍କା ମିଳୁଛି ତାହାକୁ ୪୦୦ ଟଙ୍କାକୁ ବଢ଼ାଇବ। ଚାଷୀଙ୍କ ଋଣ ଛାଡ଼ କରିବ। ସରକାରୀ ଚାକିରୀ ଓ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣର ସର୍ବୋଚ୍ଚ ସୀମା ୫୦%ରୁ ଅଧିକ ହେବ ନାହିଁ ବୋଲି ଯେଉଁ ନିୟମ ରହିଛି ତାହାକୁ ବଦଳାଇ ସେ ସୀମା ବଢ଼ାଯିବ। ଶିକ୍ଷା ଶେଷରେ 'ପହଲୀ ନୌକରୀ ପକ୍କି' ସ୍କିମରେ ପ୍ରତ୍ୟେକ ଯୁବକଯୁବତୀଙ୍କୁ ବର୍ଷକ ପାଇଁ ଶିକ୍ଷାନବୀଶ ଭାବେ ନିଯୁକ୍ତି ଦିଆଯିବ ଓ ସେଥିପାଇଁ ଶିକ୍ଷାନବୀଶଙ୍କୁ ବର୍ଷକୁ ୧ଲକ୍ଷ ଟଙ୍କା ମିଳିବା ବ୍ୟବସ୍ଥା କରାଯିବ। ମହାଲକ୍ଷ୍ମୀ ଯୋଜନାରେ ଡିବିଟି ମେଥଡ୍‌ରେ ଗରିବ ପରିବାରର ମହିଳା ମୁଖ୍ୟଙ୍କ ବ୍ୟାଙ୍କ ଖାତାକୁ ବର୍ଷକୁ ୧ଲକ୍ଷ ଟଙ୍କା ଯିବ। ଅର୍ଥାତ୍ ପ୍ରତ୍ୟେକ ଗରିବ ପରିବାର ମାସକୁ ୮୫୦୦ ଟଙ୍କା ସରକାରଙ୍କଠାରୁ ପାଇବେ। ଚାଷୀ ଯେପରି ତାଙ୍କ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତି ତାହା ସୁନିଶ୍ଚିତ କରାଯିବା ନିମନ୍ତେ ଆଇନ ପ୍ରଣୟନ କରାଯିବ। ମୋଦୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ଚାଲିଥିବା ବର୍ତ୍ତମାନର ଏନଡିଏ ସରକାରର ଚିନ୍ତାଧାରା, କାର୍ଯ୍ୟକଳାପ, ଓ ଗତିବିଧିରୁ ଜଣାପଡୁଛି ଯେ ଆଗାମୀ ଦିନରେ ଏ ସରକାର ଗଣତାନ୍ତ୍ରିକ ମୂଲ୍ୟବୋଧ, ନୀତି, ନିୟମ, ନୈତିକତାକୁ ଅବଜ୍ଞା କରିବ, ସମ୍ବିଧାନକୁ ବଦଳାଇବା ଭଳି ଅପଚେଷ୍ଟା କରିବ। ତେଣୁ ଏ ସରକାରକୁ ନିର୍ବାଚନରେ ହରାଇବାକୁ ପଡ଼ିବ, କ୍ଷମତାରୁ ହଟାଇବାକୁ ପଡ଼ିବ। ତାହା କରିପାରିବାର ଶକ୍ତି ଭୋଟରଙ୍କ ପାଖରେ ରହିଛି ବୋଲି କହି ରାହୁଲ ଇଣ୍ଡି ମେଣ୍ଟ ପ୍ରାର୍ଥୀଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଥିଲେ।

## ହମାସ୍ ବିରୋଧରେ ଇସ୍ରାଏଲ ସେନାର ଜୋର୍‌ଦାର୍ ଅପରେସନ

# ରାଫହା ସହରରୁ ଏକ ଲକ୍ଷ ଲୋକଙ୍କୁ ହଟାଇବାକୁ ନିର୍ଦ୍ଦେଶ

ତେଲ ଆଭିଭ୍, ୬।୫(ଏଜେନ୍ସି)



ହମାସ ବିରୋଧରେ ଇସ୍ରାଏଲ ଆରମ୍ଭ କରିଥିବା ଯୁଦ୍ଧକୁ ଏବେ ସୁଦ୍ଧା ୭ ମାସରୁ ଅଧିକ ସମୟ ବିତିଛି। ବିଶେଷକରି ଗାଜା ଅଞ୍ଚଳରେ ଚାଲିଥିବା ଅପରେସନରେ ହଜାର ହଜାର ପାଲେଷ୍ଟନୀୟ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହୋଇଛନ୍ତି। ହଜାର ହଜାର ଘର ଧ୍ୱଂସ ହୋଇଯିବା ସହିତ ଗାଜା ଅଞ୍ଚଳ ଏକପ୍ରକାର ମାଟିରେ ମିଶିଯାଇଛି। ଏଭଳି ସ୍ଥିତିରେ ଆକ୍ରମଣ ବନ୍ଦ କରିବାକୁ ଇସ୍ରାଏଲ ଉପରେ ବିଭିନ୍ନ ସ୍ତରରେ ଚାପ ପଡ଼ିଛି। କିନ୍ତୁ ଇସ୍ରାଏଲ ସରକାର ଏହାକୁ ଭ୍ରୁକ୍ଷେପ କରି ନାହାନ୍ତି। ବରଂ ଗାଜା ଅଞ୍ଚଳର ଅନ୍ୟତମ ପ୍ରମୁଖ ସହର ରାଫହାରେ ଇସ୍ରାଏଲ ସେନା ଜୋରଦାର ଅପରେସନ କରିବାକୁ ପ୍ରସ୍ତୁତି ନେଇଛି । ଏହିକ୍ରମରେ ଏହି ସହରରୁ ଏକ ଲକ୍ଷ ଲୋକଙ୍କୁ ତୁରନ୍ତ ହଟାଇବାକୁ ଇସ୍ରାଏଲ ସେନା ନିର୍ଦ୍ଦେଶ ଦେଇଛି। ରାଫହା ସହର ହମାସ ଆତଙ୍କବାଦୀଙ୍କ ଅନ୍ୟତମ ଗଡ଼ ଭାବେ ପରିଚିତ। କିନ୍ତୁ ଗତକାଲି ହମାସ ଆତଙ୍କବାଦୀଙ୍କ ପକ୍ଷରୁ କରାଯାଇଥିବା ରକେଟ୍ ମାଡ଼ରେ ତିନି ଇସ୍ରାଏଲ ଯବାନଙ୍କ ମୃତ୍ୟୁ ହେବା ପରେ ଇସ୍ରାଏଲ ସେନା ସୋମବାର ଏହି ନିର୍ଦ୍ଦେଶ ଦେଇଛି। ଗାଜା ସହରରେ ଚାଲିଥିବା ଅପରେସନ ଭଳି ଏହି ଅପରେସନ ମଧ୍ୟ ଦୀର୍ଘ ହେବ ବୋଲି ଇସ୍ରାଏଲ ସେନାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷରେ ଗାଜାରେ ନିକଟ ଭବିଷ୍ୟତରେ ଯୁଦ୍ଧ ବନ୍ଦ ହେବାର ସମ୍ଭାବନା ନାହିଁ ବୋଲି ପ୍ରଧାନମନ୍ତ୍ରୀ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି। କିନ୍ତୁ ଇସ୍ରାଏଲର ଏହି ଆଭିମୁଖ୍ୟକୁ ନେଇ ଗାଜା ଅଞ୍ଚଳରେ ରହିଥିବା ନାଗରିକମାନଙ୍କୁ ପୁଣି ବଡ଼ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପୂର୍ବରୁ ଗାଜା ସହର ଏବଂ ଏହାର ପାଖାପାଖି ଅଞ୍ଚଳରୁ ପ୍ରାୟ ୨ ଲକ୍ଷ ଲୋକ ଇଜିପ୍ଟ ସୀମାକୁ ଲାଗି ଥିବା ସହରାଞ୍ଚଳକୁ ପଳାଇଥିଲେ। ହେଲେ ଏବେ ରାଫହା ସହରବାସୀଙ୍କୁ ପୁଣି ସେଭଳି ଅବସ୍ଥା ଭୋଗିବାକୁ ପଡ଼ିବ ବୋଲି କୁହାଯାଉଛି। ତେବେ ଇସ୍ରାଏଲ ଏଭଳି ନିଷ୍ପତ୍ତିରୁ ତୁରନ୍ତ ଓହରିବାକୁ ବହୁ ଆରବୀୟ ରାଷ୍ଟ୍ରଙ୍କ ପକ୍ଷରୁ କୁହାଯିବା ସହିତ ଜାତିସଂଘ ଉପରେ ଚାପ ପକାଇବାକୁ ଉଦ୍ୟମ କରାଯାଉଛି।

# କାଳବୈଶାଖୀ ତାଣ୍ଡବ : ବଜ୍ରପାତରେ ୨ ମୃତ



**ସୋରଡ଼ା/ ସାନଖେମୁଣ୍ଡି/ ଧରାକୋଟ, ୬।୫ (ସମିସ):** ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୋମବାର ଅପରାହ୍ଣରେ କାଳବୈଶାଖୀ ଜନିତ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବଜ୍ରପାତରେ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ପଡ଼ିଆରେ ଚରୁଥିବା ୨୨ଟି ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହାସହ ବିଭିନ୍ନ ସ୍ଥାନରେ ଗଛ ପଡ଼ି ଘରଦ୍ୱାର ଭାଙ୍ଗିବାର ଖବର ମିଳିଛି। ମୃତକଦ୍ୱୟ ହେଲେ, ସାନଖେମୁଣ୍ଡି ଅନ୍ତର୍ଗତ ପାଟପୁର ଥାନା ପଟିଗୁଡ଼ା ଗାଁର ପଞ୍ଚା ଗୌଡ଼ଙ୍କ ପୁଅ ଜିତୁ ଗୌଡ଼ (୧୬) ଓ ଧରାକୋଟ ଥାନା ଅନ୍ତର୍ଗତ ଭରତପଲ୍ଲୀ ଗ୍ରାମର ରଞ୍ଜନ ଗୌଡ଼ (୩୯)। ସେହିପରି ବଜ୍ରପାତରେ ସୋରଡ଼ା ଅଞ୍ଚଳରେ ୨୨ ଛେଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପଟିଗୁଡ଼ା ଗାଁରେ ବଜ୍ରପାତରେ ପଞ୍ଚା ଗୌଡ଼ଙ୍କ ପୁଅ ଜିତୁ ଗୌଡ(୧୬)ଙ୍କ ମୃତ୍ୟୁ ଘଟିଛି। ଜିତୁ ସୋମବାର ଅପରାହ୍ଣରେ ଛେଳି ଚରାଇ ଗୁହାଳକୁ ନେଉଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଅଚେତ ହୋଇପଡ଼ିଥିଲେ। ପରିବାରଲୋକ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଧରାକୋଟ ଥାନା ଅନ୍ତର୍ଗତ ଭରତପଲ୍ଲୀ ଗ୍ରାମର ବାପା ବିଜୟ ଗୌଡ଼ ଓ ପୁଅ ରଞ୍ଜନ ଗୌଡ଼ ମିଶି ଗାଈ ଚରାଇବା ପାଇଁ ପାଟପୁର ଗାଁ ଅଭିମୁଖେ ଯାଇଥିଲେ। ଅପରାହ୍ଣରେ କାଳବୈଶାଖୀ ସହ ବଜ୍ରପାତ ଘଟିବାରୁ ରଞ୍ଜନ ଗୌଡ଼ (୩୯) ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆସ୍କା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଗୋଠରେ ଟଳିପଡ଼ିଲେ ୨୨ ଛେଳି**

ସେହିପରି ଅନ୍ୟ ଏକ ଘଟଣାକ୍ରମେ, ବଜ୍ରପାତରେ ସୋରଡ଼ା ନିକଟ ଗୋପାଳପୁର ଶାସନ ପଞ୍ଚାୟତ ଅନ୍ତର୍ଗତ ରତ୍ନପୁର ଗ୍ରାମର ବିପ୍ର ଗୌଡ଼, ନିରଞ୍ଜନ ଗୌଡ଼, ସୁରେନ୍ଦ୍ର ଗୌଡ଼, ନରେନ୍ଦ୍ର ଗୌଡ଼, ବାବୁଲା ଗୌଡ଼, ଦୁର୍ଯ୍ୟୋଧନ ଗୌଡ଼ ଆଦି ଛେଳିଚାଷୀଙ୍କ ୨୨ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଅପରାହ୍ଣ ପ୍ରାୟ ୨ଟାରେ ପରେ କାଳବୈଶାଖୀ ବର୍ଷା ହେବାରୁ ଛେଳିଗୋଠ ହାତୀଗଡ଼ା ନିକଟ ରାସ୍ତା ପାଖରେ ଥିବା ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏତିକିବେଳେ ବଜ୍ରାଘାତ ହୋଇଥିଲେ। ଫଳରେ ଛେଳିଗୁଡ଼ିକ ପ୍ରାଣ ହରାଇଥିଲେ।

## ଢେଙ୍କାନାଳରେ ଭାଙ୍ଗିଲା ୨ ଘର



**ଢେଙ୍କାନାଳ, ୬।୫ (ସମିସ):** କାଳବୈଶାଖୀ ପ୍ରଭାବରେ ସ୍ଥାନୀୟ ପୌରାଞ୍ଚଳର ୪ନଂ ୱାର୍ଡ ବାସିନ୍ଦା ସୌମ୍ୟରଞ୍ଜନ ଦାସଙ୍କ ୨ବଖରା ଘର ଭାଙ୍ଗି ନଷ୍ଟ ହୋଇଯାଇଛି। ସୋମବାର ଅପରାହ୍ଣରେ ହଠାତ୍ ପାଗ ବଦଳିବା ସହ କାଳବୈଶାଖୀ ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିଥିଲା। ସେହିପରି ୱାର୍ଡ ନଂ ୪ ବାସିନ୍ଦା ସୌମ୍ୟରଞ୍ଜନଙ୍କ ବାସଘରେ ଏକ ବିରାଟ ଆମ୍ବ ଗଛ ପଡ଼ିଯିବା ଯୋଗୁଁ ତାଙ୍କ ବାସଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏଥିରେ ସୌମ୍ୟରଞ୍ଜନଙ୍କ ପରିବାର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଆମ୍ବ ଗଛକୁ କାଟି ବାହାର କରିଥିଲେ।

■ ଭୁବନେଶ୍ୱରରେ ଓହ୍ଲାଇବା ପାଇଁ ବାଧକ ସାଜିଲା କାଳବୈଶାଖୀ

## ଝାରସୁଗୁଡ଼ାରେ ଜରୁରୀ ଅବତରଣ କଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

### ପାଗ ଭଲ ହେବା ପରେ ଫେରିଲା ଭୁବନେଶ୍ୱର

**ଭୁବନେଶ୍ୱର, ୬।୫ (ସମିସ):** କାଳବୈଶାଖୀ ଯୋଗୁଁ ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟର୍ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିପାରିନଥିଲା। ପ୍ରାୟ ଅଧଘଣ୍ଟା ପରେ ହଠାତ୍ କାଳବୈଶାଖୀର ସମ୍ମୁଖୀନ ହୋଇଥିଲା। ପ୍ରବଳ ବେଗରେ ପବନ ବହିବା କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ଅବତରଣ କରିପାରିନଥିଲା। ଅଧଘଣ୍ଟାଏରୁ ଅଧିକ ସମୟ ଧରି ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର



ଆକାଶରେ ଘୂରି ବୁଲିବା ପରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଭୁବନେଶ୍ୱରରେ ପାଗ ସାମାନ୍ୟ ହେବା ପରେ ପୁନଶ୍ଚ ହେଲିକପ୍ଟର ସେଠାରୁ ଉଡ଼ାଣ ଭରିବା ସହ ଭୁବନେଶ୍ୱରରେ ସୁରକ୍ଷିତ ଭାବେ ପହଞ୍ଚିଥିଲା। ସେଠାରୁ ମୁଖ୍ୟମନ୍ତ୍ରୀ ସିଧାସଳଖ ନବୀନ ନିବାସ ଯାଇଥିଲେ।

ସୂଚନା ଅନୁଯାୟୀ, ସୋମବାର ନିର୍ବାଚନ ପ୍ରଚାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଯାଇଥିଲେ। ସେଠାରେ ପ୍ରଚାର ପରେ ନିର୍ଦ୍ଧାରିତ ସମୟରେ ମୁଖ୍ୟମନ୍ତ୍ରୀ ଖଡ଼ିଆଳରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ତେବେ ଅପରାହ୍ଣରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦର ନିକଟରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ପହଞ୍ଚିବା ଭୁବନେଶ୍ୱରର ଆକାଶ ମାର୍ଗରେ ଚକ୍କର୍ କାଟିଥିଲା। ପରେ ହେଲିକପ୍ଟରଟି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିଥିଲା। ସେଠାରେ ହେଲିକପ୍ଟର୍‌ଟି ପ୍ରାୟ ୨୦ ମିନିଟ୍ ଧରି ରହିଥିଲା। ତେବେ ଭୁବନେଶ୍ୱରରେ ପାଗ ସୁଧୁରିବା ପରେ ସେଠାରୁ ହେଲିକପ୍ଟର୍ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ସୁରକ୍ଷିତ ସହ ଅବତରଣ କରିଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ହେଲିକପ୍ଟର୍‌ରେ ଥିଲେ। ଅପରପକ୍ଷେ, ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କାଳବୈଶାଖୀ ପ୍ରଭାବରେ ରାଜଧାନୀ ଭୁବନେଶ୍ୱର ବିମାନବନ୍ଦର ଅଞ୍ଚଳରେ ଦିନ ୩ଟା ୩୧ରୁ ୩ଟା ୩୪ ମିନିଟ ମଧ୍ୟରେ ସର୍ବାଧିକ ଘଣ୍ଟା ପ୍ରତି ୮୦ କିମି ବେଗରେ ପବନ ଅନୁଭୂତ ହୋଇଥିଲା।

## ଫାଶୀ ଦଣ୍ଡାଦେଶ କୋହଳ କଲେ ହାଇକୋର୍ଟ

### ‘ପ୍ରତ୍ୟେକ ପାପୀଙ୍କର ମଧ୍ୟ ଭବିଷ୍ୟତ ଅଛି’

**କଟକ, ୬।୫ (ସମିସ):** ପ୍ରତ୍ୟେକ ସାଧୁଙ୍କ ଅତୀତ ଅଛି ଓ ପ୍ରତ୍ୟେକ ପାପୀଙ୍କର ଭବିଷ୍ୟତ ମଧ୍ୟ ରହିଛି। ପାପକୁ ଘୃଣା କରିବା ମନୁଷ୍ୟର ପ୍ରୟାସ ହେବା ଉଚିତ କିନ୍ତୁ ପାପୀକୁ ନୁହେଁ। ଆଜୀବନ ଜେଲ ଦଣ୍ଡରେ ତଥାପି ଜୀବନ ରହିଥାଏ କିନ୍ତୁ ଫାଶୀ ଦଣ୍ଡରେ କେବଳ ମୃତ୍ୟୁ ହିଁ ଥାଏ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ରାୟ ପ୍ରକାଶ କରି ଏହା କହିଛନ୍ତି। କଟକ ଜିଲ୍ଲା ସାଲେପୁରର ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାରେ ନିମ୍ନ ଅଦାଲତ ଦ୍ୱାରା ଫାଶୀ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ମହମ୍ମଦ ମୁସ୍ତାକର ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି ନିମ୍ନ ଅଦାଲତ ପ୍ରଦାନ କରିଥିବା ଫାଶୀ ଦଣ୍ଡକୁ ଆଜୀବନ ଜେଲ ଦଣ୍ଡରେ ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ।

**ସାଲେପୁରର ବହୁଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା**

ଅଭିଯୁକ୍ତକୁ ପୋକ୍ସୋ ଆଇନର ଧାରା୬ ଓ ଆଇପିସିର ଧାରା ୩୭୬(ଏ/ବି)ରୁ ହାଇକୋର୍ଟ ମୁକ୍ତ କରିଥିବା ଆଇପିସିର ଧାରା ୩୦୨ରେ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନକୁ ଅଗ୍ରାହ୍ୟ କରିଛନ୍ତି। ଆଇପିସିର ଦଫା ୩୦୨ରେ ଯଦିଓ ଦୋଷୀ ସାବ୍ୟସ୍ତ ଆଦେଶକୁ କାଏମ ରଖିଛନ୍ତି କିନ୍ତୁ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡରେ ହାଇକୋର୍ଟ ଦଣ୍ଡିତ କରିଛନ୍ତି। ସର୍ବନିମ୍ନ ୨୦ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଆଇପିସିର ଦଫା ୩୬୩ରେ ୭ ବର୍ଷ ଜେଲ ଓ ୧୦ହଜାର ଜରିମାନା ଓ ଦଫା ୩୫୪ରେ ୫ବର୍ଷ ଜେଲ ଓ ୧୦ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ଅଦାଲତ। ସମସ୍ତ ଦଣ୍ଡକୁ ଏକ ସମୟରେ ଏକକାଳୀନ ଭୋଗ କରିବାକୁ ପଡ଼ିବ। ସେହିପରି ପୀଡ଼ିତାଙ୍କ ପରିବାରକୁ ଯଦି କ୍ଷତିପୂରଣ ରାଶି ମିଳି ନଥିବ, ତାହା ପ୍ରଦାନ କରିବା ସୁନିଶ୍ଚିତ କରିବାକୁ ଖଣ୍ଡପୀଠ କହିଛନ୍ତି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ତଥା ଚିଲଡ୍ରେନ କୋର୍ଟ ଗତ ୨୦୧୯, ସେପ୍ଟେମ୍ବର ୧୯ରେ ମୁସ୍ତାକକୁ ଫାଶୀ ଦଣ୍ଡ ପ୍ରଦାନ କରିଥିଲେ। ମୁସ୍ତାକକୁ ଆଇପିସିର ଦଫା ୩୦୨, ୩୭୬ଏବି, ୩୬୩ ଓ ପୋକ୍ସୋ ଆଇନର ଧାରା ୬ରେ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଥିଲେ ନିମ୍ନ ଅଦାଲତ।

ମାମଲାରୁ ପ୍ରକାଶ ଯେ ୨୦୧୮, ଏପ୍ରିଲ ୨୧ ତାରିଖ ରାତିରେ ସାଲେପୁର ଥାନା ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତ ଅଞ୍ଚଳର ଜଣେ ୬ ବର୍ଷର ଶିଶୁକନ୍ୟାକୁ ଚକୋଲେଟ୍ ଲୋଭ ଦେଖାଇ ଦୁଷ୍କର୍ମ କରିଥିଲା ମୁସ୍ତାକ। ୨୦୧୮, ଏପ୍ରିଲ ୨୯ରେ ଚିକିତ୍ସାଧୀନ ଅବସ୍ଥାରେ ପୀଡ଼ିତାଙ୍କ ମୃତ୍ୟୁ ହୋଇଥିଲା। ମାମଲା ରୁଜୁ ହେବାର ମାତ୍ର ୨୧ଦିନ ମଧ୍ୟରେ ୨୦୧୮, ମେ’ ୧୦ରେ ୫୦୦ ପୃଷ୍ଠାର ଚର୍ଜସିଟ୍ ଦାଖଲ ହୋଇଥିଲା। ସରକାରଙ୍କ ତରଫରୁ ଏଜିଏ ଜନ୍ମେଜୟ କଟିକିଆ ମାମଲା ପରିଚଳନା କରୁଥିଲେ।

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ୨୪୩ ବିଧାନସଭା ପ୍ରାର୍ଥୀ

### ୬୫ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା

**ଭୁବନେଶ୍ୱର, ୬।୫(ସମିସ):** ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୨୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୨୪୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ୨୪୩ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୬୫ଟି ଜଣ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି ୪୮ ଜଣ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ଏଡିଆର ଓ ଓଡ଼ିଶା ଇଲେକ୍ସନ ୱାଚ୍ ରିପୋର୍ଟ ଅନୁସାରେ ଉଭୟ ଅପରାଧିକ ଏବଂ ସଙ୍ଗୀନ ଅପରାଧିକ ମାମାଲା କ୍ଷେତ୍ରରେ ବିଜେପି ପ୍ରାର୍ଥୀ ସବୁଠାରୁ ଆଗରେ ରହିଛନ୍ତି। ଯେଉଁ ୬୫ ଜଣ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି ତନ୍ମଧ୍ୟରୁ ଦଳଗତ ହିସାବରେ ବିଜେପି ପ୍ରାର୍ଥୀ ସର୍ବାଗ୍ରେ ରହିଛନ୍ତି। ଅର୍ଥାତ୍ ବିଜେପି ପ୍ରାର୍ଥୀଙ୍କ ନାମରେ ସର୍ବାଧିକ ଅପରାଧିକ ମାମଲା ରହିଛି। ବିଜେପିର ୨୮ ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୧୮ ଜଣ (୬୪ ପ୍ରତିଶତ) ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୭ ପ୍ରାର୍ଥୀ ଏବଂ ବିଜେଡିର ୯ ଜଣ ପ୍ରାର୍ଥୀଙ୍କ ନାମରେ ଅପରାଧିକ ମାମଲା ରହିଛି। ଅପରପକ୍ଷେ ଆମ୍ ଆଦମୀ ପାର୍ଟିର ୧୧ ପ୍ରାର୍ଥୀଙ୍କ ମଧ୍ୟରୁ ୩ ଜଣଙ୍କ ନାମରେ ଅପରାଧିକ ମାମଲା ଥିବାନେଇ ସେମାନେ ସତ୍ୟପାଠରେ ଘୋଷଣା କରିଛନ୍ତି। ଅପରପକ୍ଷେ ସଙ୍ଗୀନ ଅପରାଧିକ ମାମଲା ମଧ୍ୟ ବିଜେପି ପ୍ରାର୍ଥୀଙ୍କ ନାମରେ ସର୍ବାଧିକ ଥିବାନେଇ ସେମାନଙ୍କ ସତ୍ୟପାଠରୁ ଜଣାପଡ଼ିଛି।

**ବିଜେପିର ୬୪% ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ମାମଲା**

ବିଜେପିର ୨୮ ପ୍ରାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୧୫ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ସେହିପରି କଂଗ୍ରେସର ୧୦ ଜଣ, ବିଜେଡିର ୪ ଜଣ ଏବଂ ଆପ୍‌ର ୩ ପ୍ରାର୍ଥୀଙ୍କ ନାମରେ ସଙ୍ଗୀନ ଅପରାଧିକ ମାମଲା ରହିଛି। ଅପରପକ୍ଷେ ଏଡିଆର ରିପୋର୍ଟ ଅନୁଯାୟୀ ମୋଟ ୨୮ ନିର୍ବାଚନମଣ୍ଡଳୀରୁ ୧୨ଟି ନିର୍ବାଚନମଣ୍ଡଳୀ ରେଡ ଆଲର୍ଟ ନିର୍ବାଚନମଣ୍ଡଳୀ ରହିଛି। କୌଣସି ନିର୍ବାଚନମଣ୍ଡଳୀରେ ଅପରାଧିକ ମାମଲା ଥିବା ୩ କିମ୍ବା ଏହାଠାରୁ ଅଧିକ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ, ତାହାକୁ ରେଡ ଆଲର୍ଟ ନିର୍ବାଚନମଣ୍ଡଳୀ ଭାବେ ପରିଗଣିତ କରାଯାଇଥାଏ।

### ୭୦ କୋଟିପତି, ୨ ସମ୍ପୂର୍ଣ୍ଣ ନିଃସ୍ୱ

**ଭୁବନେଶ୍ୱର, ୬।୫(ସମିସ):** ଏଡିଆର ଓ ଓଡ଼ିଶା ଇଲେକ୍ସନ ୱାଚ୍‌ର ରିପୋର୍ଟରୁ କିଛି ରୋଚକ ଚିତ୍ର ସାମ୍ନାକୁ ଆସିଛି। ନିର୍ବାଚନ ଲଢୁଥିବା ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ୨ ପ୍ରାର୍ଥୀଙ୍କ ନିକଟରେ କୌଣସି ସମ୍ପତ୍ତି ଅର୍ଥାତ୍ ଟଙ୍କାଟିଏ ନଥିବା ସେମାନେ ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେହିପରି ଦିଗପହଣ୍ଡିରୁ ଲଢୁଥିବା ବିଜେଡି ପ୍ରାର୍ଥୀ ବିପ୍ଳବ ପାତ୍ର ସବୁଠାରୁ ଧନୀ ପ୍ରାର୍ଥୀ ଭାବେ ବିବେଚିତ ହୋଇଛନ୍ତି। ତାଙ୍କ ନିକଟରେ ୩୩ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ରହିଛି। ରିପୋର୍ଟ ଅନୁଯାୟୀ ୨୪୩ ପ୍ରାର୍ଥୀଙ୍କ ମଧ୍ୟରୁ ମୋଟ ୭୦ କୋଟିପତି ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ବିଜେଡିର ସର୍ବାଧିକ ୨୫ ଜଣ ଥିବାବେଳେ କଂଗ୍ରେସ ଓ ବିଜେପିର ୧୪ଜଣ ଲେଖାଏଁ ପ୍ରାର୍ଥୀ ରହିଛନ୍ତି। ସର୍ବାଧିକ ସମ୍ପତ୍ତି ଦିଗପହଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କ ନିକଟରେ ରହିଥିବା ଜଣାପଡ଼ିଛି। ତାଙ୍କ ତଳକୁ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ରହିଛନ୍ତି। ତାଙ୍କ ପାଖରେ ୧୫ କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ରହିଥିବା ବେଳେ ତାଙ୍କ ତଳକୁ ବିଜେପିର ସୁଧିର ପାଟ୍ଟଯୋଶୀଙ୍କ ନିକଟରେ ୧୨କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ରହିଛି। ଅପରପକ୍ଷେ ଭବାନୀପାଟଣା ବିଧାନସଭା ଆସନରୁ ସ୍ୱାଧୀନ ଭାବେ ଲଢୁଥିବା ରମେଶ କୁମାର ମହାନନ୍ଦ ଏବଂ ରାୟଗଡ଼ା ବିଧାନସଭା ଆସନରୁ ବିଏସ୍‌ପି ଟିକଟରୁ ଲଢୁଥିବା ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ନିକଟରେ ଆଦୌ ସମ୍ପତ୍ତି ନଥିବା ସେମାନେ ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ସେହିପରି ଲକ୍ଷ୍ମୀପୁର ବିଧାନସଭା ଆସନରୁ ଆର୍‌ପିଆଇ ଟିକଟରେ ଲଢୁଥିବା ରମେଶ ଜାନିଙ୍କ ପାଖରେ ୧୦୦୦ ଟଙ୍କା ମୂଲ୍ୟର ସମ୍ପତ୍ତି ଥିବା ବେଳେ କୋରାପୁଟ ଆସନରୁ ସ୍ୱାଧୀନ ଭାବେ ଲଢୁଥିବା ଶିବ ପ୍ରସାଦ ଶଗଡ଼ିଆଙ୍କ ନିକଟରେ ମୋଟ ୧୯୨୧ ଟଙ୍କା ମୂଲ୍ୟର ସମ୍ପତ୍ତି ରହିଛି।

## ମାଟ୍ରିକ ସାର୍ଟିଫିକେଟ୍‌ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମସ୍ତ କ୍ଷେତ୍ର ପାଇଁ ପ୍ରଯୁଜ୍ୟ: ହାଇକୋର୍ଟ

**କଟକ, ୬।୫ (ସମିସ):** ମାଟ୍ରିକ୍ ବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ଏଚଏସସି) ପାସ୍ ପ୍ରମାଣପତ୍ରରେ ଉଲ୍ଲେଖ ଥିବା ଜନ୍ମ ତାରିଖକୁ ଯେକୌଣସି କ୍ଷେତ୍ରରେ ଜନ୍ମ ତାରିଖ ଭାବେ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଆବେଦନକାରୀଙ୍କ ସର୍ଭିସ୍ ବୁକ୍‌ରେ ସଂଲଗ୍ନ ଏଚ୍‌ଏସ୍‌ସି ପ୍ରମାଣପତ୍ରର ଜନ୍ମ ତାରିଖ ଅନୁସାରେ ତାଙ୍କୁ ଅବସର ଦିଆଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି। ମଦନ ରାଉଳଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯେହେତୁ ଆବେଦନକାରୀଙ୍କୁ ୨୦୦୮ ଜୁଲାଇ ୩୧ ବଦଳରେ ୨୦୦୬ ଜୁଲାଇ ୩୧ରେ ଅବସର ଦିଆଯାଇଛି ଓ ସେ ଏହି ସମୟ ପାଇଁ କୌଣସି କାର୍ଯ୍ୟ କରିନଥିବାରୁ ଉପରୋକ୍ତ ଅବଧିର ବେତନ ପାଇଁ ଦାବିଦାର ନୁହଁନ୍ତି ବୋଲି ଅଦାଲତ କହିଛନ୍ତି। କିନ୍ତୁ ଏହି ଅନୁସାରେ ତାଙ୍କୁ ୩ ମାସ ମଧ୍ୟରେ ସଂଶୋଧିତ ପେନସନ୍ ଓ ଅନ୍ୟ ବକେୟା ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ସମ୍ବଲପୁର କୃଷି ବିଭାଗର ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ୧୯୬୮ ଫେବ୍ରୁଆରୀ ୨୭ରେ ପିଅନ ଭାବେ ଯୋଗ ଦେଇଥିଲେ। ସେହି ସମୟରେ ସେ ମାଟ୍ରିକ୍ ପାସ୍ କରି ନଥିଲେ। ତାଙ୍କ ସର୍ଭିସ୍ ବୁକରେ ଜନ୍ମ ତାରିଖ ୧୯୪୮ ଜୁଲାଇ ୧୨ ବୋଲି ଉଲ୍ଲେଖ ଥିଲା। ୧୯୭୦ରେ ଆବେଦନକାରୀ ମାଟ୍ରିକ୍ ପାସ୍ କରିଥିଲେ ଓ ୧୯୭୩ରେ ଡାଇରିଷ୍ଟ ତଥା ଟାଇପିଷ୍ଟ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ମାଟ୍ରିକ୍ ପ୍ରମାଣପତ୍ରରେ ତାଙ୍କର ଜନ୍ମ ତାରିଖ କିନ୍ତୁ ୧୯୫୦ ଜୁଲାଇ ୧୨ବୋଲି ଉଲ୍ଲେଖ ଥିଲା। ଯାହା ସର୍ଭିସ୍ ବୁକ୍‌ରେ ରେକର୍ଡ ହୋଇଥିଲା। ହେଲେ ଆବେଦନକାରୀଙ୍କୁ ତାଙ୍କର ଜନ୍ମ ତାରିଖ ୧୯୪୮ ଜୁଲାଇ ୧୨ ଅନୁସାରେ ଗତ ୨୦୦୬ ଜୁଲାଇ ୩୧ରେ ଅବସର ଦିଆଯାଇଥିଲା। ଏହି ଆଦେଶ ବିରୋଧରେ ସେ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରିବ୍ୟୁନାଲ ଉଚ୍ଛେଦ ପରେ ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଥିଲା।

## କେବେ ସ୍ୱାଭାବିକ ହେବ ପାସ୍‌ପୋର୍ଟ ସେବା

# ଆବେଦନକାରୀଙ୍କ ଅପେକ୍ଷା ଅଭିଯୋଗକାରୀ ଅଧିକ

**ଭୁବନେଶ୍ୱର, ୬।୫(ସମିସ):** ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାସପୋର୍ଟ କାର୍ଯ୍ୟାଳୟ ଆଗରେ ଆବେଦନକାରୀଙ୍କ ଅପେକ୍ଷା ଅଭିଯୋଗକରୀଙ୍କ ଭିଡ ବଢ଼ିବାରେ ଲାଗିଛି। କାହାକୁ ଆବେଦନ ପାଇଁ ସ୍ଲଟ୍ ମିଳୁନି ତ ଆଉ କିଏ ଆବେଦନ ପ୍ରକ୍ରିୟା ଶେଷ କଲା ପରେ ବି ପାସପୋର୍ଟ ପାଉନି। ଏପରିକି ୱେବ୍‌ସାଇଟ୍‌ରୁ ଅଚାନକ ଭାବେ ଆବେଦନକାରୀଙ୍କ ନାଁ, ଗାଁ, ଠିକଣା ଗାଏବ୍ ହୋଇଯାଉଛି। ସେମାନଙ୍କ ଟଙ୍କା ବି ଫସିଯାଉଛି। ସଫ୍ଟୱେୟାର ସମସ୍ୟା ଯୋଗୁଁ ପ୍ରାୟ ୩୫ଦିନ ହେବ ପାସପୋର୍ଟ କାର୍ଯ୍ୟାଳୟରେ ଏଭଳି ଡ୍ରାମା ଚାଲିଛି। ତେଣୁ ପ୍ରତ୍ୟେକ ଦିନ ପାସପୋର୍ଟ ଆବେଦନକାରୀ ସେମାନଙ୍କ ଅଭିଯୋଗ ନେଇ ଏଠାକୁ ଆସୁଛନ୍ତି। ପାସ୍‌ପୋର୍ଟ କାର୍ଯ୍ୟାଳୟ ଆଗରେ ହୋ ହଲ୍ଲା କରୁଛନ୍ତି। ଅଧିକାରୀମାନଙ୍କୁ ଦେଖା କରି ସେମାନଙ୍କ ସମସ୍ୟା ଜଣାଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଅଧିକାରୀମାନେ କିଛି କରିପାରିବେନି କହି ହାତ ଟେକିଦେବାରୁ ଶେଷରେ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏପରିସ୍ଥଳେ ଛାତ୍ରଛାତ୍ରୀ, ଶ୍ରମିକ, ମହିଳା, ଉଚ୍ଚ ଶିକ୍ଷିତ ବିଦେଶ ଚାକିରୀ ଆଶାୟୀଙ୍କ ବିଦେଶ ଯିବା ସ୍ୱପ୍ନ ମଉଳି ଗଲାଣି। ନିଜ ଭାଗ୍ୟ ଭବିଷ୍ୟତକୁ ନେଇ ସେମାନେ ଏବେ ଅନ୍ଧାରରେ ରହିଛନ୍ତି। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ରାଜ୍ୟର ପାସପୋର୍ଟ ଆବେଦନକାରୀ କେନ୍ଦ୍ର ସରକାର, ପାସପୋର୍ଟ କାର୍ଯ୍ୟାଳୟ, ବିଦେଶ ମନ୍ତ୍ରଣାଳୟକୁ ନିଜ ସମସ୍ୟା ନେଇ ବାରମ୍ବାର ଟୁଇଟ୍ କଲେ ମଧ୍ୟ କେହି ଏହାର ଉତ୍ତର ଦେଉ ନାହାନ୍ତି। ଯାହାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ସମସ୍ୟାର ସମାଧାନ ହେବାକୁ ଆଉ କେତେଦିନ ସମୟ ଲାଗିବ ବୋଲି ଆବଦେନକାରୀ ପ୍ରଶ୍ନ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ଏକ ୱେବସାଇଟ୍ ମାଧ୍ୟମରେ ପାସପୋର୍ଟ ଆବେଦନ କରାଯାଉଥିଲା। ଏହି ସମୟରେ ପାସପୋର୍ଟ ଆବେଦନ କାମ ଠିକ୍‌ଠାକ୍ ପରିଚାଳିତ ହେଉଥିଲା। ହେଲେ ଗତମାସରେ ଏହି ୱେବ୍‌ସାଇଟ୍ ବଦଳାଇ ଦିଆଯାଇଛି। ନୂତନ ୱେବ୍‌ସାଇଟ୍‌ରେ ଆବେଦନ କାମ ଆରମ୍ଭ ହେଲା। ଏହା ପରଠାରୁ ଏଭଳି ସମସ୍ୟା ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ କରିବା ବଦଳରେ ପାସପୋର୍ଟ କାର୍ଯ୍ୟାଳୟ ସଫ୍ଟୱେୟାର୍ ଅପଡେଟ୍ ଏବଂ ଟେକ୍ନିକାଲ ସମସ୍ୟାର ବାହାନା କରୁଛି। ସେପଟେ ଆବେଦନକାରୀ ପାସପୋର୍ଟ ପାଇଁ ନୂଆପଲ୍ଲୀ ଅଫିସ୍‌ରୁ ରସୁଲଗଡ଼ ଅଫିସ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଲେଣି। ନା ସେମାନଙ୍କୁ ମିଳୁଛି ସ୍ଲଟ୍, ନା ଫେରିପାଉଛନ୍ତି ଆକାଉଣ୍ଟରୁ କଟିଥିବା ଟଙ୍କା। ଆକାଉଣ୍ଟରୁ ଟଙ୍କା କଟୁଥିଲେ ମଧ୍ୟ କେତେବେଳେ ଡ୍ରପ୍ ଆଉଟ୍ ହୋଇଯାଉଛି, ତ ଆଉ କେତେବେଳେ ଆବେଦନ ପରେ ଆବେଦନକାରୀଙ୍କ ନାଁ ଉଡ଼ି ଯାଉଛି। ଗତ ୧ ତାରିଖରୁ ବର୍ତ୍ତମାନ ସୁଧା ୧ ଲକ୍ଷରୁ ଅଧିକ ଲୋକ ଆବେଦନ କରି ଏଭଳି ହିନସ୍ତା ଭୋଗୁଛନ୍ତି। ସେମାନଙ୍କ ଆକାଉଣ୍ଟରୁ ଟଙ୍କା କଟିଥିଲେ ମଧ୍ୟ ପାସ୍‌ପୋର୍ଟ ପାଇପାରିନାହାନ୍ତି। ତେଣୁ ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକ ୪୦ ଡିଗ୍ରୀ ଖରାରେ ଭୁବନେଶ୍ୱରକୁ ଆସି ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପାସ୍‌ପୋର୍ଟ ଅଧିକାରୀଙ୍କୁ ଅଭିଯୋଗ କଲେ, ସେମାନେ କହୁଛନ୍ତି, ଆମେ କିଛି କରିପାରିବୁନି; ଦିଲ୍ଲୀରୁ ଏଭଳି ସମସ୍ୟା ହୋଇଛି।

**■ ମଉଳି ଗଲାଣି ବିଦେଶ ଯାତ୍ରା ସ୍ୱପ୍ନ**
**■ ବଢୁଛି ଅସନ୍ତୋଷ, ହାତ ଟେକିଦେଲେ ଅଧିକାରୀ**
**■ ନୂଆଁ ଓ ନବୀକରଣ ଅପେକ୍ଷାରେ ୧ ଲକ୍ଷ ଆବେଦନକାରୀ**

ପ୍ରତିଦିନ ସାଧାରଣ ଭାବେ ୪ଶହ ସ୍ଲଟ୍ ଏବଂ ତତ୍କାଳ ୮୦ଟି ସ୍ଲଟ୍ ବୁକିଂ ହୋଇଥାଏ। ଗତ ୧ତାରିଖରୁ ପ୍ରାୟ ୧ଲକ୍ଷ ଲୋକେ ପାସପୋର୍ଟ ଆବେଦନ କରିଥିଲେ ମଧ୍ୟ ସ୍ଲଟ୍ ମିଳୁନି। ସେମାନେ ୩ଥର ସ୍ଲଟ୍ ବୁକ୍ ତାରିଖ ବଦଳାଇ ସାରିଛନ୍ତି; କିନ୍ତୁ ସ୍ଲଟ୍ ମିଳୁନାହିଁ। ପାସ୍‌ପୋର୍ଟ ଅଫିସ୍‌କୁ ଦୌଡ଼ି ଦୌଡ଼ି ସେମାନେ ହତାଶ ହୋଇପଡ଼ିଲେଣି। ତତ୍କାଳ ଆବେଦନ ପାଇଁ ୩ ହଜାର ୫ଶହ ଟଙ୍କା ଆବଦେନକାରୀଙ୍କ ଆକାଉଣ୍ଟରୁ କଟୁଥିବା ବେଳେ ସାଧାରଣ ଆବେଦନ ପାଇଁ ୧୫୦୦ ଟଙ୍କା ଦେବାକୁ ପଡୁଛି। ତତ୍କାଳ ପାଇଁ ପୂର୍ବରୁ ୩ଟି ସ୍ଲଟ୍ ମିଳୁଥିବା ବେଳେ ବର୍ତ୍ତମାନ ୨ଟି ସ୍ଲଟ୍ ମିଳୁଛି; କିନ୍ତୁ ସାଧାରଣ ଆବେଦନ ପାଇଁ ସେହି ୩ଟି ସ୍ଲଟ୍ ରହିଛି। ଯଦି ୩ଟି ତାରିଖରେ ଆବେଦନକାରୀ ପାସ୍‌ପୋର୍ଟ ଅଫିସ୍ ନ ଆସେ, ତା’ହେଲେ ତାଙ୍କୁ ମଧ୍ୟ ଟଙ୍କା ଫେରସ୍ତ ମିଳୁନାହିଁ।

ଆହୁରି ମଧ୍ୟ ୩ଥର ସ୍ଲଟ୍ ନମିଳିଲେ ଆଉ ପାସ୍‌ପୋର୍ଟ ଆବେଦନକାରୀ ପାଇ ପାରୁନାହାନ୍ତି। ସେମାନେ ପାଇବା ପାଇଁ ଏକାଧିକବାର ଅଫିସ୍ ଦୌଡ଼ିବାକୁ ପଡୁଛି। ଏପରିକି ଲୋକଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ଫେରି ଆସିବା ପାଇଁ ସେଭଳି କିଛି ବ୍ୟବସ୍ଥା ନାହିଁ। ଯେଉଁଥିପାଇଁ ପରୋକ୍ଷରେ ଲୋକଙ୍କଠାରୁ ଅର୍ଥ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ ଜାଣିଶୁଣି ଦିନ ୧୧ଟା ପର୍ଯ୍ୟନ୍ତ ଅଧିକାରୀମାନେ ଲୋକଙ୍କୁ ପାସ୍‌ପୋର୍ଟ ଦେଉଛନ୍ତି; କିନ୍ତୁ ଏହାପରେ ସର୍ଭର କାମ କରୁନି କହି ଖେଳୁଛନ୍ତି। ସମସ୍ୟା ସୁଧାରିବାକୁ କିଛିଦିନ ତଳେ ଦିଲ୍ଲୀରୁ ଟିମ୍ ଆସିଥିଲେ ମଧ୍ୟ କ’ଣ ପାଇଁ ଏଭଳି ସମସ୍ୟା ଦେଖାଯାଉଛି, ସେ ସମ୍ପର୍କରେ ସେମାନେ କିଛି ଟେର୍ ପାଇନାହାନ୍ତି। କେବେ ଏହି ସମସ୍ୟାର ସମାଧାନ ହେବ, ତାହା ମଧ୍ୟ ଜଣାନାହିଁ। ଓଡ଼ିଶାରେ ପାସ୍‌ପୋର୍ଟ ସେବା ଠପ୍ ହୋଇଯାଇଥିବାରୁ ଲୋକେ ବିଦେଶ ଯାଇପାରୁନାହାନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟା ଦୂର ହେବ ବୋଲି ପାସପୋର୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।









ଭବାନୀପାଟଣା ଓ ନୂଆପଡ଼ାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରଚାର ଅବସରରେ ଉତ୍ସାହିତ ବିଜେଡି କର୍ମୀ, ନେତା, ଜନସାଧାରଣ

## ନାମାଙ୍କନ ବେଳେ କାଳୁଙ୍କ ଶକ୍ତି ପ୍ରଦର୍ଶନ

# ଖୋର୍ଦ୍ଧା ବିଜେପି ଶିବିରରେ ଛନକା





**ଖୋର୍ଦ୍ଧା, ୬।୫ (ସମିସ):** ଏଇ ପାଇକ ମାଟିର ଦ୍ୱାହି ଦେଇ କହୁଛି, ମୋତେ ଧୋକା ଦେଇଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଗଣିତ କ'ଣ ଶିଖାଇଦେବି। ସମର୍ଥକଙ୍କ ନିଷ୍ପତିକ୍ରମେ ମୁଁ ସ୍ୱାଧୀନ ଭାବରେ ଛିଡ଼ା ହେଉଛି। ମୁଁ ଏ ଅଞ୍ଚଳ ତଥା ପାଇକ ମାଟିର ପୁଅ। ଲୋକମାନଙ୍କ ଭଲ ପାଇବା, ଆଶୀର୍ବାଦ ଏମିତି ମୋ ଉପରେ ରହିଥାଉ। ଲୋକଙ୍କ ସେବା କରାଇବା ଲାଗି ମନ ବଳାଇ ସମର୍ଥକଙ୍କ ସହଯୋଗରେ ନିର୍ବାଚନୀ ମୈଦାନକୁ ଓହ୍ଲାଇଛି। ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ନାମାଙ୍କନ କରିବା ବେଳେ ବିଜେପି ଦ୍ୱାରା ପ୍ରତାରିତ ନେତା କାଳୁଚରଣ ଖଣ୍ଡେଇତରାୟ ଆଜି ପୁଣି ଏମିତି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ବର୍ଷିବା ସହ ଶକ୍ତି ପ୍ରଦର୍ଶନ କରିଛନ୍ତି।

ନାମାଙ୍କନର ଶେଷ ଦିନରେ ସ୍ୱାଧୀନ ପ୍ରାର୍ଥୀ ଭାବେ କାଳୁଚରଣ ଆଜି ଖୋର୍ଦ୍ଧାରେ ଶକ୍ତି ଦେଖାଇଛନ୍ତି। ୧୫ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ଭରିଛନ୍ତି। ଖୋର୍ଦ୍ଧା ବିଧାନସଭା ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଖଣ୍ଡେଇତରାୟ ମଳିପଡ଼ା ଗ୍ରାମର ଗ୍ରାମଦେବତୀ ମା' ଭଗବତୀଙ୍କ ପାଖରୁ ସକାଳେ ଆଶୀର୍ବାଦ ନେଇ ନିଜର ସମର୍ଥକଙ୍କ ଗ୍ରହଣରେ ଖୋର୍ଦ୍ଧାରେ

- **ପାଇକ ବାଦ୍ୟ, ଶିଂଘବାଜା, ଘଣ୍ଟ ଧ୍ୱନିରେ କମ୍ପିଲା ସହର**
- **ଶୋଭାଯାତ୍ରାରେ ୧୫ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ସାମିଲ**
- **ଅପରାଜିତାଙ୍କୁ ଗଣିତ କ'ଣ ଶିଖାଇଦେବି: କାଳୁ**

ପହଞ୍ଚିଥିଲେ। ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକଠାରେ ପଞ୍ଚପାଇକଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇ ସେଠାରୁ ନୂଆ ବସ୍‌ଷ୍ଟାଣ୍ଡ ଅଭିମୁଖେ ବାହାରିଥିଲେ। ସେଠାରେ ଉପସ୍ଥିତ ଥିବା ୧୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ପାଇକ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଶିଂଘବାଜା ବଜାଇ ସ୍ୱାଧୀନ ପ୍ରାର୍ଥୀ କାଳୁଙ୍କୁ ଜିତାଇବା ନାରା ଦେଇ ଶ୍ରୀ ଖଣ୍ଡେଇତରାୟଙ୍କୁ ବିପୁଳ ସମର୍ଥନ ଜଣାଇଥିଲେ। ପରେ ଶ୍ରୀ ଖଣ୍ଡେଇତରାୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ। ତେବେ କାଳୁଙ୍କ

ଆଜି ଏହି ଶକ୍ତି ପ୍ରଦର୍ଶନ ପରେ ଖୋର୍ଦ୍ଧା ବିଜେପି ଶିବିରରେ ହଟଚମଟ ସୃଷ୍ଟି ହୋଇଛି। କାଳୁଙ୍କ ବିଦ୍ରୋହ ଏବଂ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇବା ଉଭୟ ବିଜେପି ଏବଂ ଏଠାରେ ପ୍ରାର୍ଥୀ ହୋଇଥିବା ପ୍ରଶାନ୍ତ ଜଗଦେବଙ୍କ ପାଇଁ ଘାତକ ସାବ୍ୟସ୍ତ ହେବ ବୋଲି ରାଜନୈତିକ ମହଲ ଆକଳନ କରୁଛି। ବିଶେଷକରି ଖୋର୍ଦ୍ଧାରେ ୧୦ ବର୍ଷ ଧରି ବିଜେପିର ସଂଗଠନକୁ ସୁଦୃଢ଼ କରିବାରେ କାଳୁଙ୍କ ବଡ଼ ଭୂମିକା ରହିଥିବାରୁ ଚଳିତ ନିର୍ବାଚନରେ ସେ ବିଜେପିର ଭୋଟ୍ ଭାଗ କରିପାରନ୍ତି ବୋଲି ଏହି ମହଲର କହିବା କଥା।

ପ୍ରକାଶ ଥାଉକି, ସାଂସଦ ଅପରାଜିତାଙ୍କ ଷଡ଼୍ୟନ୍ତ୍ରର ଶିକାର ହୋଇ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓ ପ୍ରାଥମିକ ସଦସ୍ୟ ପଦରୁ କାଳୁ ଇସ୍ତଫା ଦେଇଛନ୍ତି। ଏବେ ସେ ବିଜେପି ବିଦ୍ରୋହୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୯ ମସିହାରେ ୭୪ ହଜାରରୁ ଅଧିକ ଭୋଟ ପାଇଥିବା କାଳୁ ୭ ହଜାର ଭୋଟରେ ବିଜେଡି ପ୍ରାର୍ଥୀଙ୍କଠାରୁ ପରାଜିତ ହୋଇଥିଲେ। କିନ୍ତୁ ଏଥର ଦଳ ତାଙ୍କୁ ଏଠାରେ ଟିକଟ ନଦେଇ କିଛି ଦିନ ତଳେ ବିଜେପିରେ ମିଶିଥିବା ପ୍ରଶାନ୍ତ ଜଗଦେବଙ୍କୁ ଟିକଟ ଦେଇଛି। ଏହାର ପ୍ରତିବାଦରେ ଶ୍ରୀ ଖଣ୍ଡେଇତରାୟସମର୍ଥକଙ୍କ ସହ ବିଜେପି ଛାଡ଼ିଥିଲେ।

## ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ

# ଦୁଇ ଅଭିଜ୍ଞଙ୍କୁ ଟକ୍କର ଦେବେ ନବାଗତ ସୁନୀଲ

**ପୁରୀ, ୬।୫(ସମିସ):** ପୁରୀ ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ପୁରୀ। ଏହି ଆସନକୁ ହାତେଇବା ଲାଗି ପ୍ରମୁଖ ରାଜନୈତିକ ଦଳ ସବୁବେଳେ ଚେଷ୍ଟା କରିଆସିଛନ୍ତି। ହେଲେ ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳର ପ୍ରାର୍ଥୀ ଏଠାରେ ନିଜର ଦବ୍‌ଦବା ଜାହିର କରିଆସିଛନ୍ତି। ୧୯୯୫ରୁ ୨୦୧୯ ପ୍ରାୟ ୨୫ବର୍ଷ ଧରି ଏହାକୁ ନିଜ କବ୍‌ଜାରେ ରଖିଥିଲେ ଦିବଂଗତ ନେତା ମହେଶ୍ୱର ମହାନ୍ତି। ହେଲେ ୨୦୧୯ରେ ଏଠାରୁ ବିଜେପି ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଜିତିଥିଲେ। ଏଥର ନିର୍ବାଚନ ପାଇଁ ପ୍ରମୁଖ ଦଳ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ବିଜେପି ପୁଣିଥରେ ଜୟନ୍ତଙ୍କ ଉପରେ ଭରସା କରିଥିବା ବେଳେ ମହେଶ୍ୱରଙ୍କ ଅବର୍ତ୍ତମାନରେ ଏଥର ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି ତାଙ୍କ ପୁଅ ସୁନୀଲ। ସେହିପରି କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ଉମାବଲ୍ଲଭ ରଥ। ରାଜନୈତିକ ଅନୁଭବକୁ ଦେଖିଲେ ଜୟନ୍ତ ଏବଂ ଉମାବଲ୍ଲଭ ବେଶ୍ ଅଭିଜ୍ଞ। ଏହି ଦୁଇ ଅଭିଜ୍ଞଙ୍କୁ ଏଥର ଟକ୍କର ଦେଉଛନ୍ତି ନବାଗତ ସୁନୀଲ।







ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେଡି ଏବଂ ବିଜେପି ସେମାନଙ୍କ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସ ପ୍ରଚାରରେ ସାମାନ୍ୟ ପଛରେ ପଡ଼ିଛି। କାରଣ ଦଳ ପୁରୀ ବିଧାୟକ ପ୍ରାର୍ଥୀ ଭାବେ ପ୍ରଥମେ ସୁଜିତ୍ ମହାପାତ୍ରଙ୍କ ନାଁ ଘୋଷଣା କରିଥିଲା। ସୁଜିତ୍ ମଧ ତାଙ୍କ ପ୍ରଚାର ଆରମ୍ଭ କରିଦେଇଥିବା ବେଳେ ଗତ ଶନିବାର ନାମାଙ୍କନ ଭରିଥିଲେ। ହେଲେ ପ୍ରାର୍ଥିପତ୍ର ଦାଖଲର ୨୪ ଘଣ୍ଟା ପୂରିନି ଦଳ ତାଙ୍କ ଟିକେଟ୍ କାଟି ଉମାବଲ୍ଲଭ ରଥଙ୍କୁ ପ୍ରାର୍ଥୀ କରିଛି। ତେବେ ପ୍ରାର୍ଥୀ ପରିବର୍ତ୍ତନକୁ ନେଇ ପୁରୀ କଂଗ୍ରେସର ହଙ୍ଗାମା, ନୂତନ ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହାରି ଭିତରେ ସୋମବାର ନାମାଙ୍କନ ଦାଖଲ ପ୍ରକ୍ରିୟାର ଶେଷ ଦିନରେ ପ୍ରାର୍ଥିପତ୍ର ଭରିଛନ୍ତି କଂଗ୍ରେସ ପ୍ରାର୍ଥୀ ଉମାବଲ୍ଲଭ। ଦେଖିବାକୁ ଉମାବଲ୍ଲଭ ରାଜନୀତି ମୈଦାନରେ ଜଣେ ଅଭିଜ୍ଞ ଚେହେରା। ୧୯୯୧ ମସିହା ଉପନିର୍ବାଚନରେ ଜନତା ଦଳରୁ ବିଜୟୀ ହୋଇଥିବା ଉମାବଲ୍ଲଭ ବହୁବାର ଏକାଧିକ ଦଳରୁ ନିର୍ବାଚନ ଲଢିବାର ଅଭିଜ୍ଞତା ରଖିଛନ୍ତି। ୨୦୧୪ରେ ଉମାବଲ୍ଲଭ କଂଗ୍ରେସରୁ ନିର୍ବାଚନ ଲଢି ମହେଶ୍ୱର ମହାନ୍ତିଙ୍କଠାରୁ ପରାସ୍ତ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ। ୨୦୧୯ ନିର୍ବାଚନରେ ଉମାବଲ୍ଲଭ ଆଠଗଡ଼ରୁ ଲଢିଥିଲେ। ଏଥର ପୁନଶ୍ଚ ପୁରୀରୁ ତାଙ୍କୁ ପ୍ରାର୍ଥୀ କରିଛି କଂଗ୍ରେସ।

ସେହିପରି ଜୟନ୍ତ ଷଡ଼ଙ୍ଗୀ ମଧ ରାଜନୀତିରେ ବେଶ୍ ଅଭିଜ୍ଞ। ପୁରୀର ପ୍ରାକ୍ତନ ନଗରପାଳ ମଧ ଥିଲେ ଜୟନ୍ତ। ୨୦୧୯ ନିର୍ବାଚନ ପୂର୍ବରୁ ବିଜେଡି ଛାଡି ପଦ୍ମ ପୋଖରୀକୁ ଡେଇଁଥିଲେ। ଦଳ ମଧ ତାଙ୍କୁ ଭରସା କରି ପୁରୀରୁ ପ୍ରାର୍ଥୀ କରିଥିଲା। ଜୟନ୍ତ ବି ବିଜୟୀ ହୋଇଥିଲେ। କଂଗ୍ରେସ ଏବଂ ବିଜେପିର ଦୁଇ ଅଭିଜ୍ଞଙ୍କ ସହିତ ଏଥର ଲଢେଇ କରୁଛନ୍ତି ବିଜେଡିର ସୁନୀଲ ମହାନ୍ତି। ରାଜନୈତିକ ଅଭିଜ୍ଞତା ଦୃଷ୍ଟିରୁ ଦେଖିଲେ ସୁନୀଲ ନବାଗତ ଚେହେରା। ଅବଶ୍ୟ ବାପାଙ୍କ ସହିତ ରାଜନୀତିକୁ ଅତି ପାଖରୁ ଦେଖିଛନ୍ତି। ଓଡ଼ିଶା ରାଜନୀତିରେ ତାଙ୍କ ବାପା ଏକ ପରିଚିତ ଚେହେରା ଥିଲେ। ଏକାଧିକ ବିଭାଗର ମନ୍ତ୍ରୀ, ବାଚସ୍ପତି ସାଙ୍ଗକୁ ବିଭିନ୍ନ କମିଟିରେ ତାଙ୍କୁ ସ୍ଥାନ ମିଳିଥିଲା। ତେଣୁ ତାଙ୍କର ଦାୟାଦ ହିସାବରେ ସୁନୀଲଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସୁନୀଲ ଜଣେ ଉଚ୍ଚ ଶିକ୍ଷିତ ଏବଂ ଯୁବ ଚେହେରା। ତେଣୁ ନବାଗତ ହେଲେ ମଧ କଂଗ୍ରେସ ଏବଂ ବିଜେପିର ଦୁଇ ଅଭିଜ୍ଞଙ୍କୁ କଡ଼ା ଟକ୍କର ଦେବେ ବୋଲି ଚର୍ଚ୍ଚା ହେଉଛି।

■ ଗାଁ ରାଜନୀତି କାନ୍ଥ ବାଡ଼ରେ

# ସାହି ସାହିରେ ପୋଷ୍ଟର୍ ଯୁଦ୍ଧ




**ବ୍ରହ୍ମପୁର, ୬।୫(ସମିସ):** କାନ୍ଥବାଡ଼ରେ ଏବେ ଜୋର୍ ଧରିଛି ଗାଁ ରାଜନୀତି। କାନ୍ଥବାଡ଼ରେ ଜାଗା ଖୋଜି ଖୋଜି ଆଗୁଆ ପୋଷ୍ଟର୍ ମାରିବାରେ ରାଜନୈତିକ ଦଳ, ପ୍ରାର୍ଥୀ ଓ ସମର୍ଥକ ବ୍ୟସ୍ତ। ଭଳିକିଭଳି ରଙ୍ଗ ସାଙ୍ଗକୁ ନୂଆ ଡାଇଲଗ୍‌ରେ ଭୋଟର୍‌ଙ୍କ ମନ ଜିଣିବାକୁ ପୂରା ଦମ୍‌ରେ ଲାଗି ପଡ଼ିଛନ୍ତି। ଗାଁର ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାରେ ଥିବା ଘରକାନ୍ଥଗୁଡ଼ିକ ଏବେ ବିଭିନ୍ନ ରାଜନୈତିକ ଦଳର ପୋଷ୍ଟର୍‌ରେ ଛାଇ ଯାଇଛି। କିଏ ଅଞ୍ଚଳକୁ ଏକ ନମ୍ବର କରିଦେବ କହି ଭୋଟ ମାଗୁଛି ତ ଆଉ କିଏ ଦୁର୍ନୀତି ହଟେଇବ ବୋଲି ପ୍ରତିଶ୍ରୁତି ଦେଉଛି। କୃଷକଙ୍କ ହକ୍ ଓ ଗାଁକୁ ସ୍ୱଚ୍ଛ ପାଣି ଯୋଗାଇବାକୁ ପ୍ରାର୍ଥୀ ପ୍ରତିଶ୍ରୁତି ଦେଇ ଲୋକଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି। ତେବେ ଏହା ଭିତରେ ପୋଷ୍ଟର୍ ଚିରା ନେଇ ମଧ୍ୟ ପୁଳାପୁଳା ଅଭିଯୋଗ ଆସୁଛି।

ଅପରପକ୍ଷେ, ପ୍ରାର୍ଥୀମାନେ ଏବେ ଘରକୁ ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ଏହାରି ଭିତରେ ସେମାନେ ଭୋଟର୍‌ଙ୍କ ମତିଗତି ଠଉରାଉଛନ୍ତି। ଯେଉଁଠି ଟିକିଏ ଊଣା ଲାଗିଲା, ସେହି ଗାଁ ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଗାଁ ମଣ୍ଡପରେ ବରିଷ୍ଠଙ୍କ ତାସ୍ ଖେଳ ଓ ମଉଜ ମଜଲିସ୍‌ରେ ଯୋଗଦେଇ ଭୋଟର୍‌ଙ୍କୁ ନିଜର କରିବାକୁ ଚେଷ୍ଟା କରୁଛନ୍ତି। ଗୋଷ୍ଠୀ, କୁଳ ଭୋଟ ହଟେଇବାକୁ କିଏ ସାହି ପାଇଁ କଲ୍ୟାଣ ମଣ୍ଡପ କଥା କହୁଛି ତ ଆଉ କିଏ ଶିକ୍ଷା, ସ୍ୱାସ୍ଥ୍ୟ କଥା। ପ୍ରାର୍ଥୀଙ୍କ ସମର୍ଥକମାନେ ବି ଭୋଟ ହାତେଇବାକୁ ପ୍ରୟାସ ଜାରି ରଖିଛନ୍ତି। ଚିହ୍ନାଅଚିହ୍ନା ଥିବା ସମସ୍ତଙ୍କୁ କୋଳେଇ ନେବା ସହ ଗୋଡ଼ ଛୁଇଁ ମୁଣ୍ଡିଆ ମାରି ଭୋଟ ଭିକ୍ଷା କରୁଛନ୍ତି।

ମେ' ୧୩ ତାରିଖରେ ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭା ଓ ୨୦ରେ ଆସିକା ଓ କନ୍ଧମାଳ ଲୋକସଭାର ସମସ୍ତ ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଣୁ ସମ୍ପ୍ରତି ପ୍ରଚାର ପ୍ରସାର ଓ ପୋଷ୍ଟର ବ୍ୟାନର ସ୍ଥାପନକୁ ଗୁରୁତ୍ୱ ଦିଆଯାଉଛି। ସମସ୍ତେ ଗୋଷ୍ଠୀଗତ ଭୋଟ ହାତେଇବାକୁ ପ୍ରୟାସ ଜାରି ରଖିଛନ୍ତି। ପ୍ରତିଶ୍ରୁତି ଦ୍ୱାରା ସମସ୍ତଙ୍କ ମନ ଜିଣିବାକୁ ଉଦ୍ୟମ କରିବା ସହ ଲୋକଙ୍କ ନିକଟତର ହେଉଛନ୍ତି। ତେବେ କିଛି ସ୍ଥାନରେ ଭୋଟରଙ୍କ ମୁଡ୍ ସ୍ପଷ୍ଟ ହେଉନଥିବା ବେଳେ ନେତାଙ୍କ ଅଙ୍କ ବି ଛିଣୁନି। ଜିତାପଟ୍ଟ ଚିତ୍ର ଅସ୍ପଷ୍ଟ ରହୁଥିବାରୁ ଏଭଳି ଗାଁଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ମଧ୍ୟ ଦିଆଯାଉଛି।

## କୋରାପୁଟ ବିଧାନସଭା

# ଗ୍ରାମାଞ୍ଚଳରେ ବିଜେଡି-କଂଗ୍ରେସ ଓ ସହରାଞ୍ଚଳରେ ବିଜେଡି-ବିଜେପି ଲଢ଼େଇ

**କୋରାପୁଟ,୬।୫(ସମିସ):** ଆସନ୍ତା ୧୩ ତାରିଖରେ କୋରାପୁଟ ଲୋକସଭା ଏବଂ ବିଧାନସଭା ନିମନ୍ତେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ବର୍ତ୍ତମାନ ପ୍ରଚାର ଜୋରଦାର ଚାଲିଛି। ପ୍ରଚଣ୍ଡ ଖରା ସତ୍ତ୍ୱେ ପ୍ରାର୍ଥୀ, ଦଳୀୟ କର୍ମକର୍ତ୍ତା ଏବଂ କର୍ମୀମାନେ ସାହି ଗଳିକନ୍ଦି ବୁଲି ଜନତା ଜନାର୍ଦ୍ଦନଙ୍କୁ ଭୋଟ୍ ମାଗୁଛନ୍ତି। ତେବେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ଗ୍ରାମାଞ୍ଚଳରେ ବିଜେଡି-କଂଗ୍ରେସ ଏବଂ ସହରାଞ୍ଚଳରେ ବିଜେଡି-ବିଜେପି ମଧ୍ୟରେ ଲଢ଼େଇ ହେଉଥିବା ଦେଖିବାକୁ ମିଳୁଛି। ବିଜେପି ପାଇଁ ଆପ୍ ଓ ସ୍ୱାଧୀନ ପ୍ରାର୍ଥୀ କଣ୍ଟା ସାଜିବା ସହ ବିଜେପି ଖେଳ ବିଗାଡ଼ିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ନିର୍ବାଚନ ପାଖେଇ ଆସୁଥିବାରୁ କୋରାପୁଟ ବିଧାନସଭାରେ ବିଭିନ୍ନ ଦଳର ପ୍ରାର୍ଥୀ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ନେଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। କୋରାପୁଟ, ସୁନାବେଡ଼ା

**ବିଜେପିର ଖେଳ ବିଗାଡ଼ିବେ ଆପ୍ ଓ ସ୍ୱାଧୀନ ପ୍ରାର୍ଥୀ**

ପୌରପରିଷଦ ସମେତ ଲମତାପୁଟ ବ୍ଲକ, କୋରାପୁଟ ବ୍ଲକର ୧୦ଟି ଓ ବୈପାରୀଗୁଡ଼ା ବ୍ଲକର ୮ଟି ପଞ୍ଚାୟତକୁ ନେଇ କୋରାପୁଟ ବିଧାନସଭା ଆସନ ଗଠିତ। ୨୦୧୯ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ରଘୁରାମ ପଡ଼ାଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର କୃଷ୍ଣ କୁଲଦୀପଙ୍କୁ ପ୍ରାୟ ୭ ହଜାର ଭୋଟରେ ପଛରେ ପକାଇ ବିଜୟୀ ହୋଇଥିଲେ। ବିଜେପି ପ୍ରାର୍ଥୀ ତ୍ରିପୁରାରୀ ଗରଡ଼ା ୩୩୦୦୪ ଖଣ୍ଡ ଭୋଟ୍ ପାଇଥିଲେ। ଗତ ନିର୍ବାଚନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧା ଟକ୍କର୍ ହୋଇଥିବା ବେଳେ ଚଳିତ ନିର୍ବାଚନରେ ସେଥିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି। ଚଳିତଥର ଗ୍ରାମାଞ୍ଚଳରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହେବା ସ୍ଥିତି ନଜରକୁ ଆସୁଥିବା ବେଳେ ସହରାଞ୍ଚଳରେ କଂଗ୍ରେସର ସ୍ଥିତି ପୂର୍ବାପେକ୍ଷା ବହୁତ ଦୁର୍ବଳ ଥିବା ଅନୁମାନ କରାଯାଉଛି। ତେଣୁ ସହରାଞ୍ଚଳରେ ବିଜେଡି-ବିଜେପି ମଧ୍ୟରେ ଲଢ଼େଇ ହେବା ଯଥେଷ୍ଟ ସମ୍ଭାବନା ରହିଛି।

ଗତ ନିର୍ବାଚନରେ ବିଜେପି ପ୍ରାର୍ଥୀ ଥିବା ତ୍ରିପୁରାରୀ ଗରଡ଼ା କେବଳ ଦଳ ନୁହେଁ, ନିଜ ବ୍ୟକ୍ତିଗତ ସମ୍ପର୍କ ଯୋଗୁଁ ୩୩ ହଜାର ଭୋଟ୍ ପାଇଥିଲେ ବୋଲି ବିଜେପି କର୍ମୀମହଲ କହୁଥିବା ବେଳେ ଏଥର ପ୍ରାର୍ଥୀ ଥିବା ରଘୁରାମ ମାଛ ସେତିକି ଭୋଟ ହାତେଇପାରିବେ କି ନାହିଁ, ସେନେଇ ସନ୍ଦେହ ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ବିଜେପି ଟିକଟରୁ ବଞ୍ଚିତ ହୋଇ ଆମ୍ ଆଦମୀ ପାର୍ଟିରୁ ଲଢୁଥିବା କର୍ପୂର ହନ୍ତାଳ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାଗୀରଥି ପାଟନିଆ ବିଜେପି ପ୍ରାର୍ଥୀ ରଘୁରାମ ମାଛଙ୍କ ଖେଳ ବିଗାଡ଼ିବା ସମ୍ଭାବନା ରହିଥିବା ସାଧାରଣରେ ଆଲୋଚନା ହେଉଛି। ଉଭୟେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲା ବେଳେ ସିଧାସଳଖ ଭୋଟରଙ୍କ ସହ ଯୋଡ଼ି ହୋଇ ରହିଛନ୍ତି।







୨୦୨୪ ଭୋଟର୍ ତାଲିକା ଅନୁଯାୟୀ, କୋରାପୁଟ ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୯୦ ହଜାର ୩୪୧ ଜଣ ଭୋଟରଙ୍କ ମଧ୍ୟରୁ ୯୭ ହଜାର ୪୦୮ ମହିଳା, ୯୨ ହଜାର ୯୨୧ ପୁରୁଷ ଏବଂ ମାତ୍ର ୧୨ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ୨୦୨୨ରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌରନିର୍ବାଚନ ଫଳାଫଳ ଦେଖିଲେ, ଶାସକ ବିଜେଡିର ସ୍ଥିତି ମଜଭୁତ ରହିଥିବା ରାଜନୈତିକ ମହଲ ଆକଳନ କରୁଛି। କୋରାପୁଟ ଓ ସୁନାବେଡ଼ା ପୌରପରିଷଦରେ ବିଜୁ ଜନତା ଦଳର ଅଧ୍ୟକ୍ଷ, ଉପାଧ୍ୟକ୍ଷ ସମେତ ପ୍ରାୟ ୭୦ପ୍ରତିଶତ କାଉନସିଲର ରହିଛନ୍ତି। ସେହିପରି ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକରେ ବିଜେଡିର ଅଧ୍ୟକ୍ଷ, କୋରାପୁଟ, ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକର ୭ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୨ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୩ଟି ବ୍ଲକର ପ୍ରାୟ ୮୦ ପ୍ରତିଶତ ସରପଞ୍ଚ ବିଜୁ ଜନତା ଦଳର ରହିଛନ୍ତି।

ଅନ୍ୟପକ୍ଷରେ, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ କୋରାପୁଟ ଗସ୍ତରେ ଆସି ଏକ ବିଶାଳ ଜନସମାବେଶରେ ଉଦ୍‌ବୋଧନ ଦେଇଛନ୍ତି। ଗତ ୫ବର୍ଷରେ କୋରାପୁଟରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ହିସାବ ଦେଇ ବିଧାୟକ ଓ ସାଂସଦ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ତେଣୁ କୋରାପୁଟ ବିଧାନସଭା ଆସନରେ ବିଜେଡିକୁ ଲୋକମାନେ ଆଶୀର୍ବାଦ କରିବାର ଆଶା କରାଯାଉଛି।


# ଆଜି ଇଭିଏମ୍‌ରେ କଏଦ ହେବ
# ବହୁ ମହାରଥୀଙ୍କ ଭାଗ୍ୟ

ମେ’୭ ହେଉଛି ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟର ମତଦାନ ଦିବସ। ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନରେ ଭୋଟରମାନେ ମତଦାନ କରିବେ। ଏହି ୯୪ ଆସନ ମଧ୍ୟରେ ଥିବା ହାଇପ୍ରୋଫାଇଲ୍ କେତେକ ଆସନ ଓ ସେହି ଆସନଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ତଥା ବିଶିଷ୍ଟ/ଅତିବିଶିଷ୍ଟ ପ୍ରାର୍ଥୀ ଯାହାଙ୍କର ଭାଗ୍ୟ ଓ ଭବିଷ୍ୟତ ଭୋଟରମାନେ ମେ’ ୭ରେ ଇଭିଏମରେ ବଟନ ଦବାଇ ନିର୍ଦ୍ଧାରଣ କରିବେ, ସେମାନେ ହେଲେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ (ବିଜେପି, ଗାନ୍ଧୀନଗର-ଗୁଜରାଟ), କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ (ବିଜେପି, ଗୁନା-ମଧ୍ୟ ପ୍ରଦେଶ), ଡିମ୍ପଲ ଯାଦବ (ସପା, ମୈନପୁରୀ-ଉତ୍ତର ପ୍ରଦେଶ), ସୁପ୍ରିୟା ସୁଲେ (ଏନସିପି-ଏସ୍, ବାରମତି-ମହାରାଷ୍ଟ୍ର), ସୁନେତ୍ରା ପାୱାର (ଏନସିପି-ଏ, ବାରମତି-ମହାରାଷ୍ଟ୍ର), ଦିଗବିଜୟ ସିଂହ (କଂଗ୍ରେସ, ରାଜଗଡ଼-ମଧ୍ୟ ପ୍ରଦେଶ), ଶିବରାଜ ସିଂହ ଚୌହାନ (ବିଜେପି, ବିଦିଶା-ମଧ୍ୟ ପ୍ରଦେଶ), କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ (ବିଜେପି, ଧାରୱାଡ-କର୍ଣ୍ଣାଟକ), ଅଧୀର ରଞ୍ଜନ ଚୌଧୁରୀ (କଂଗ୍ରେସ, ବରହମପୋର-ପଶ୍ଚିମବଙ୍ଗ), ବଦରୁଦ୍ଦିନ ଅଜମଲ (ଏଆଇୟୁଡିଏଫ୍, ଧୁବ୍ରି-ଆସାମ), ପୁରୁଷୋତ୍ତମ ରୁପାଲା (ବିଜେପି,ରାଜକୋଟ-ଗୁଜରାଟ), ପ୍ରଣତି ସିନ୍ଧେ (କଂଗ୍ରେସ, ସୋଲାପୁର-ମହାରାଷ୍ଟ୍ର), ହସମୁଖଭାଇ ପଟେଲ (ବିଜେପି, ଅହମଦାବାଦ-ପୂର୍ବ, ଗୁଜରାଟ), ପଲ୍ଲବୀ ଡେମ୍ପୋ (ବିଜେପି, ଦକ୍ଷିଣ ଗୋଆ-ଗୋଆ)।










କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗାନ୍ଧୀନଗର ଆସନରୁ ଦ୍ୱିତୀୟ ବାର ଜିତିବା ପାଇଁ ଲଢୁଛନ୍ତି। ଏହି ଆସନରୁ ପୂର୍ବରୁ ଲାଲକୃଷ୍ଣ ଆଡଭାନୀ ଲଢୁଥିଲେ। ଏହି ଆସନରେ ୧୯୮୯ରୁ ଆଜିଯାଏଁ ବିଜେପି ପ୍ରାର୍ଥୀ ହିଁ ଜିତିଛନ୍ତି। କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ପ୍ରଦେଶର ଗୁନା ଆସନରୁ ଲଢୁଛନ୍ତି। ୨୦୨୦ରେ ସେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି। ୨୦୧୯ରେ ଜ୍ୟୋତିରାଦିତ୍ୟ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ି ବିଜେପି ପ୍ରାର୍ଥୀଙ୍କଠାରୁ ହାରିଥିଲେ। ଉତ୍ତରପ୍ରଦେଶର ମୈନପୁରୀ ଆସନରୁ ଲଢୁଥିବା ସମାଜବାଦୀ ପାର୍ଟି ପ୍ରାର୍ଥୀ ଡିମ୍ପଲ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ପତ୍ନୀ। ଡିମ୍ପଲ ଏହି ଆସନରୁ ଦ୍ୱିତୀୟ ବାର ଜିତିବା ପାଇଁ ଲଢୁଛନ୍ତି। ପୂର୍ବରୁ ଏହି ଆସନରେ ଲଢୁଥିଲେ ସ୍ୱର୍ଗତ ମୁଲାୟମ ସିଂହ ଯାଦବ। ଏନସିପି-ଶରଦ ପାୱାର ଗୋଷ୍ଠୀର ପ୍ରାର୍ଥୀ ସୁପ୍ରିୟା ସୁଲେ ମହାରାଷ୍ଟ୍ରର ବାରମତି ଆସନରୁ ୩ଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ସୁପ୍ରିୟା ହେଉଛନ୍ତି ଶରଦ ପାୱାରଙ୍କ ଝିଅ। ପୂର୍ବରୁ ଏହି ଆସନରୁ ଶରଦ ପାୱାର ଓ ତାଙ୍କ ପୁତୁରା ଅଜିତ ପାୱାର ଲଢ଼ିଥିଲେ ଓ ଜିତିଥିଲେ। ୧୯୯୬ରୁ ଏହି ଆସନରେ ଶରଦ ପାୱାର କିମ୍ବା ତାଙ୍କ ଝିଅ ସୁପ୍ରିୟା ହିଁ ଜିତୁଛନ୍ତି। ସୁନେତ୍ରା ପାୱାର ହେଉଛନ୍ତି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱରଙ୍କ ପତ୍ନୀ। ଅଜିତ ତାଙ୍କ ପତ୍ନୀ ସୁନେତ୍ରାଙ୍କୁ ଭଉଣୀ ସୁପ୍ରିୟାଙ୍କ ବିପକ୍ଷରେ ପ୍ରାର୍ଥୀ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଦିଗବିଜୟ ସିଂହ ରାଜଗଡ଼ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ମଧ୍ୟପ୍ରଦେଶର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ। ଦିଗବିଜୟ କହିଛନ୍ତି, ଏହି ନିର୍ବାଚନ ତାଙ୍କର ଶେଷ ନିର୍ବାଚନ। ରାଜଗଡ଼ ଆସନରେ ୨୦୧୪ ଓ ୨୦୧୯ରେ ବିଜେପି ପ୍ରାର୍ଥୀ ଜିତିଛନ୍ତି। ଶିବରାଜ ସିଂହ ଚୌହାନ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଥିଲେ। ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ଶିବରାଜଙ୍କ କାର୍ଯ୍ୟକାଳ ହିଁ ସବୁଠାରୁ ଅଧିକ ଲମ୍ବା। ଏବେ ବିଜେପି ତାଙ୍କୁ ବିଦିଶା ଆସନରୁ ପ୍ରାର୍ଥୀ କରିଛି। କର୍ଣ୍ଣାଟକର ଧାରୱାଡ ଆସନରୁ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ୨୦୦୪ରୁ ଜିତିଆସୁଛନ୍ତି। ବରିଷ୍ଠ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପଶ୍ଚିମବଙ୍ଗର ବରହମପୋର ଆସନରୁ ୨୦୦୯ରୁ ଜିତୁଛନ୍ତି। ଆସାମର ଧୁବ୍ରି ଆସନରେ ଏଆଇୟୁଡିଏଫ୍ ପ୍ରାର୍ଥୀ ବଦରୁଦ୍ଦିନ ଅଜମଲ ୨୦୦୯ରୁ ଜିତୁଛନ୍ତି।

## ଭୋଟରଙ୍କ ପାଇଁ ତମ୍ବୁ, ଫ୍ୟାନ୍, ଛତା ଆଦିର ବ୍ୟବସ୍ଥା

କର୍ଣ୍ଣାଟକର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୨୮। ଗତ ଏପ୍ରିଲ ୨୬ରେ ୧୪ ଆସନରେ ମତଦାନ ସରିଛି। ମେ’୭ରେ କର୍ଣ୍ଣାଟକର ବଳକା ୧୪ ଲୋକସଭା ଆସନରେ ମତଦାନ ହେବ। ରାଜ୍ୟରେ ଗ୍ରୀଷ୍ମ ଲହର ଲାଗିରହି ଜନଜୀବନ ଅସହ୍ୟ ତାତିରେ ବ୍ୟତିବ୍ୟସ୍ତ ହୋଇଛି। ଖରା ଓ ତାପମାତ୍ରାକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନ ଭୋଟ କେନ୍ଦ୍ରରେ ସାମିଆନା,ତମ୍ବୁ, ଅଧିକ ସଂଖ୍ୟାରେ ଫ୍ୟାନ୍, ଛତା, ଚଉକି, ପିଇବା ପାଣି, ଆମ୍ବୁଲାନ୍ସ, ହଠାତ୍ କେହି ଅସୁସ୍ଥ ହେଲେ ତାଙ୍କ ଯତ୍ନ ପାଇଁ ଆଶା କର୍ମୀ, ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରର ଏଏନଏମଙ୍କ ସହାୟତା ଉପଲବ୍ଧ ହେବା ବ୍ୟବସ୍ଥା ଆଦିର ବ୍ୟାପକ ବନ୍ଦୋବସ୍ତ କରିଛନ୍ତି ଯେପରି ଭୋଟ ଦେବାକୁ ଆସିଥିବା ଜଣେ ବି ବ୍ୟକ୍ତିଙ୍କୁ ଖରାରେ ରହିବାକୁ ପଡ଼ିବ ନାହିଁ, ସମସ୍ତେ ଛାଇରେ ରହି ଭୋଟ କେନ୍ଦ୍ରକୁ ଲାଗି ରହିଥିବା ପ୍ରକୋଷ୍ଠଗୁଡ଼ିକରେ ଭୋଟ ଦେବାକୁ ଅପେକ୍ଷା କରିବେ। ଖରା ଓ ତାତି ଲାଗି ଯେପରି ମତଦାନ ହାର ନକମେ ତାହା ସୁନିଶ୍ଚିତ କରିବାକୁ ନିର୍ବାଚନ କମିଶନ ସବୁମତେ ଉଦ୍ୟୋଗ କରୁଛନ୍ତି। ମେ’୭ରେ ମତଦାନ ହେବାକୁ ଥିବା ଉତ୍ତର କର୍ଣ୍ଣାଟକ ଅଞ୍ଚଳର ଛିକ୍କୋଡି, ବେଲଗାଓଁ, ବାଗାଲକୋଟ, ବିଜାପୁର, ଗୁଲବର୍ଗା, ରାଇଚୁର, ବିଦାର,କୋପ୍ପାଲ, ବେଲ୍ଲାରି, ହାଭେରି, ଧରୱାଡ, ଉତ୍ତର କନ୍ନାଡା, ଦେବନାଗିରୀ ଓ ସିମୋଗା-ଏହି ୧୪ ଲୋକସଭା ଆସନରେ ରହିଛି ମୋଟ ୨୮୨୬୯ଟି ପୋଲିଂ ବୁଥ୍। ଏପ୍ରିଲ ୨୬ରେ ମତଦାନ ସରିଥିବା ୧୪ ଲୋକସଭା ଆସନରେ ହାରାହାରି ମତଦାନ ଥିଲା ୬୯.୫୬%।

## ନିର୍ବାଚନ ଲଢୁଛନ୍ତି ୪ ଡୁନ୍ ସ୍କୁଲ ସାଥୀ





ଲୋକସଭା ନିର୍ବାଚନ-୨୦୨୪କୁ ନେଇ ଡେରାଡୁନର ଡୁନ୍ ସ୍କୁଲର ଛାତ୍ର, ଶିକ୍ଷକ ଓ କର୍ମଚାରୀ ମହଲରେ ବେଶ୍ ଉତ୍ସୁକତା ପରିଲକ୍ଷିତ ହୋଇଛି। ଡୁନ୍ ସ୍କୁଲର (୧୯୯୨ ବ୍ୟାଚ୍) ୪ ପୂରାତନ ଗ୍ରାଜୁଏଟ୍ ବା ଆଲୁମ୍ନି ଏଥର ନିର୍ବାଚନ ଲଢୁଛନ୍ତି। ସେମାନେ ହେଲେ ଜିତୀନ ପ୍ରସାଦ (ଉତ୍ତର ପ୍ରଦେଶର ପିଲଭିଟ୍ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ) ଓ ରାଘବ ଲାଖନପାଲ(ଉତ୍ତର ପ୍ରଦେଶର ସାହରନପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ), ନକୁଲ ନାଥ (ମଧ୍ୟପ୍ରଦେଶର ଛିନ୍ଦୱାରା ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ) ଓ କଳିକେଶ ସିଂହ ଦେଓ (ଓଡ଼ିଶାର ବଲାଙ୍ଗିର ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥୀ)। ଏମାନଙ୍କ ନିର୍ବାଚନ ଲଢ଼ିବା ଖବର ସ୍କୁଲର ହ୍ୱାଟସଆପ୍ ଗ୍ରୁପ୍‌କୁ ଆସିସାରିଛି, କିନ୍ତୁ ସେଠାରେ ରାଜନୀତି ଚର୍ଚ୍ଚାକୁ ଅନୁମତି ନଥିବାରୁ କେହି ଜଣେ କେବଳ ଏହି ୪ ପ୍ରାର୍ଥୀଙ୍କ ଶୁଭକାମନା କରିଥିବା ଲାଖନପାଲ କହିଛନ୍ତି। ସିଂହ ଦେଓ ଓ ଜିତୀନ ୨୦୧୯ ଯାଏଁ ସାଂସଦ ଥିଲେ। ସେତେବେଳେ ଲୋକସଭାରେ ଉଭୟେ ବସୁଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ସିଂହ ଦେଓ କମ୍ ଭୋଟ୍ ବ୍ୟବଧାନରେ ହାରିଥିଲେ। ପରେ ଦୁହିଁଙ୍କୁ ରାଜ୍ୟ ରାଜନୀତିରେ ପ୍ରବେଶ କରିବାକୁ ପଡ଼ିଥିଲା। ଜିତୀନ କଂଗ୍ରେସ ଛାଡ଼ି ବିଜେପିକୁ ଆସିଛନ୍ତି। ତାଙ୍କୁ ବିଜେପି ଉତ୍ତରପ୍ରଦେଶର ପିଲଭିଟରୁ ପ୍ରାର୍ଥୀ କରିଛି। ଏହି ଆସନ ଥିଲା ବରୁଣ ଗାନ୍ଧୀଙ୍କର। ବରୁଣଙ୍କ ସ୍ଥାନରେ ବିଜେପି ଜିତୀନଙ୍କୁ ପ୍ରାର୍ଥୀ କରିଛି। ଏହି ୪ ବ୍ୟାଚମେଟସ୍ କିନ୍ତୁ କ୍ୱଚିତ ଏକତ୍ର ହେବା ସୁଯୋଗ ପାଇଥାନ୍ତି। ୨୦୧୭ରେ ସେମାନଙ୍କ ଗ୍ରାଜୁଏସନର ରୌପ୍ୟ ଜୟନ୍ତୀ ଅବସରରେ ୪ବନ୍ଧୁ ଏକତ୍ର ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୁତପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କରନ ସିଂହ, ଜ୍ୟୋତିରାଦିତ୍ୟ ସିନ୍ଧିଆ, କମଲ ନାଥ, ଅମରିନ୍ଦର ସିଂହ, ଆରପିଏନ୍ ସିଂହ ପ୍ରମୁଖ ହେଉଛନ୍ତି ଡୁନ ସ୍କୁଲ ଆଲୁମ୍ନି।

## ‘ମୁଁ ଗାନ୍ଧୀ ପରିବାରର ଚାକର ନୁହେଁ; ରାଜନୀତିରେ ଅଛି’



ଆମେଥି ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ କିଶୋରିଲାଲ ଶର୍ମା କହିଛନ୍ତି ଯେ ସେ ଗାନ୍ଧୀ ପରିବାରର ନୌକର ନୁହଁନ୍ତି ଓ କେବେ ବି ନଥିଲେ। ସେ ଜଣେ ରାଜନୈତିକ କ୍ଷେତ୍ରରେ ପୂର୍ଣ୍ଣକାଳୀନ କାର୍ଯ୍ୟ କରୁଥିବା ବ୍ୟକ୍ତି। ୧୯୮୩ରେ ସେ ଯୁବକଂଗ୍ରେସ ମାଧ୍ୟମରେ ପଞ୍ଜାବରୁ ଆସିଛନ୍ତି। ସେ କଂଗ୍ରେସଠାରୁ ଦରମା ନିଅନ୍ତି ନାହିଁ। ତାଙ୍କୁ ଆମେଥିର କଂଗ୍ରେସ ପ୍ରାର୍ଥୀ ଭାବେ ବଛାଯିବାର କରଣ ସମ୍ପର୍କରେ ଶର୍ମା କହିଛନ୍ତି, ରାହୁଲ, ପ୍ରିୟଙ୍କା, ରର୍ବଟ ଭଦ୍ରା ଆଦି ଅନେକଙ୍କ ନାମ ଉଠୁଥିଲା, ଚର୍ଚ୍ଚା ହେଉଥିଲା, କିନ୍ତୁ ଆମେଥିରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ନିର୍ଣ୍ଣିତ ହୋଇପାରି ନଥିଲା। ତେଣୁ ଶେଷ ମୁହୂର୍ତ୍ତରେ ଦଳର ତୁଙ୍ଗ ନେତୃତ୍ୱ ତାଙ୍କୁ ପ୍ରାର୍ଥୀ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମେଥି ଆସନ ପାଇଁ କିଶୋରିଲାଲଙ୍କ ନାମ ଘୋଷଣା କରାଯିବା ପରେ ରାଜନୈତିକ ସ୍ତରରେ ଆଲୋଚନା ଜୋର ଧରିବା ସହିତ ପ୍ରତ୍ୟକ୍ଷ ରାଜନୀତିରେ ତାଙ୍କର କୌଣସି ଭୂମିକା ନଥିଲା ବୋଲି ଚର୍ଚ୍ଚା ହୋଇଥିଲା।

### ମୋଦୀଙ୍କୁ କଂଗ୍ରେସର ଚ୍ୟାଲେଞ୍ଜ୍

## ଦକ୍ଷିଣ ଭାରତର କୌଣସି ଆସନରୁ ଲଢ଼ିକି ଦେଖାଅ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିଁକି ଦକ୍ଷିଣ ଭାରତର କୌଣସି ଲୋକସଭା ଆସନରୁ ନିର୍ବାଚନ ଲଢୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ପୱନ ଖେରା। ଲୋକସଭା ନିର୍ବାଚନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱେୟନାଡ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିବା ଓ ସେଠାରେ ମତଦାନ ସରିଥିବା ବେଳେ ରାଏବରେଲୀ ଆସନରୁ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିବାରୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ କଟାକ୍ଷ କରି କହିଥିଲେ, ଡରୋ ମତ୍- ଭାଗୋ ମତ୍। ଏହାର ଅର୍ଥ, ଭୟ କରନାହିଁ, ପଳାୟନ କରନାହିଁ। ତାହାର ପ୍ରତିକ୍ରିୟାରେ ଖେରା କହିଛନ୍ତି, ରାହୁଲ ଗାନ୍ଧୀ ଉଭୟ ଦକ୍ଷିଣ ଭାରତ ଓ ଉତ୍ତର ଭାରତରୁ ଲୋକସଭା ନିର୍ବାଚନ ଲଢ଼ିଛନ୍ତି। ମୋଦୀ ତ ଦେଶର ପ୍ରଧାନମନ୍ତ୍ରୀ। ସେ କାହିଁକି ଦକ୍ଷିଣ ଭାରତର କୌଣସି ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେଉନାହାନ୍ତି? ଡରୁଛନ୍ତି କାହିଁକି? ସମ୍ବାଦ ସରବରାହ ସଂସ୍ଥା ଏଏନଆଇ’କୁ ଦେଇଥିବା ସାକ୍ଷାତକାରରେ ଖେରା ଏହା କହିଛନ୍ତି। କଂଗ୍ରେସ ଲୋକଙ୍କ ଉପରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଜିଜିୟା କର ଲାଗୁ କରିବାକୁ ଚାହୁଁଛି, ଜିଜିୟା କର ଯାହା କଂଗ୍ରେସ ଇସ୍ତାହାରରେ ଥିବା ଉତ୍ତରାଧିକାର କର ତାହା ବୋଲି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲି ମଧ୍ୟପ୍ରଦେଶର ଅଶୋକନଗର ଜିଲ୍ଲା ଅନ୍ତର୍ଗତ ଗୁନା ଲୋକସଭା ନିର୍ବାଚନମଣ୍ଡଳୀ(ବିଜେପି ପ୍ରାର୍ଥୀ ଜ୍ୟୋତିରାଦିତ୍ୟ ସିନ୍ଧିଆ)ର ଏକ ନିର୍ବାଚନ ପ୍ରଚାର ସଭାରେ କହିଥିବାରୁ, ତା’ର ଉତ୍ତରରେ ଖେରା କହିଛନ୍ତି, ଯୋଗୀ ଆଦିତ୍ୟନାଥ କଂଗ୍ରେସର ନିର୍ବାଚନ ଇସ୍ତାହାର ପଢ଼ିନାହାନ୍ତି। ଯଦି ପଢ଼ିଛନ୍ତି ତେବେ ଦେଖାନ୍ତୁ କେଉଁ ପୃଷ୍ଠାର କେଉଁଠି ଏହା ଲେଖାଅଛି। ଯୋଗୀମାନେ ଅତ୍ୟନ୍ତ ସମ୍ମାନାସ୍ପଦ, ଆଦୌ ମିଛ କହନ୍ତି ନାହିଁ। ଯୋଗୀ ଆଦିତ୍ୟନାଥଙ୍କର କ’ଣ ହୋଇଛି ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭଳି ମିଛ କହୁଛନ୍ତି? କଂଗ୍ରେସ ଗୋ-ମାଂସ ଭକ୍ଷଣକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛି ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯାହା କହିଛନ୍ତି, ତା’ର ପ୍ରତ୍ୟୁତ୍ତରରେ ଖେରା କହିଛନ୍ତି, ବିଫ୍ କମ୍ପାନୀମାନଙ୍କଠାରୁ ବିଜେପି ୨୫୦ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ପାଇଥିବା ତଥ୍ୟ ସାର୍ବଜନୀନ ହୋଇଛି। କିରଣ ରିଜିଜୁ ଖୋଲାଖୋଲି କହିଛନ୍ତି ଯେ ସେ ଗୋ-ମାଂସ ଖାଆନ୍ତି। ତା’ହେଲେ କିରଣ କ’ଣ କରୁଛନ୍ତି ମୋଦୀଙ୍କ ମନ୍ତ୍ରିମଣ୍ଡଳରେ?

## ବିଜେପି, କଂଗ୍ରେସ ଦେଇନାହାନ୍ତି ମୁସଲିମ୍ ପ୍ରାର୍ଥୀ




ଗୁଜରାଟରେ ଜନସଂଖ୍ୟାର ପ୍ରାୟ ୧୦% ହେଉଛନ୍ତି ମୁସଲିମ୍। ରାଜ୍ୟର ମୋଟ ୨୬ଟି ସଂସଦୀୟ କ୍ଷେତ୍ର ମଧ୍ୟରୁ କଚ୍ଛ, ଜାମନଗର, ଜୁନାଗଡ଼, ଭାରୁଚ,ଭାବନଗର, ସୁରେନ୍ଦ୍ର ନଗର, ପାଟନ, ବାନସକାଣ୍ଠା, ସବରକାଣ୍ଠା, ଅହମଦାବାଦ(ପଶ୍ଚିମ), ଅହମଦାବାଦ (ପୂର୍ବ),ଗାନ୍ଧୀନଗର,ନଭସାର, ପାଞ୍ଚମାହାଲ ଓ ଆନନ୍ଦ-ଏହି ୧୫ଟିରେ ମୁସଲିମ୍ ସଂଖ୍ୟା ୧୦%ରୁ ଢେର ଅଧିକ। ଅଥଚ ଭାରତୀୟ ଜନତା ପାର୍ଟି(ବିଜେପି) ଓ କଂଗ୍ରେସ ଏହି ରାଜ୍ୟରେ ଜଣେ ବି ମୁସଲିମ୍ ପ୍ରାର୍ଥୀ ଦେଇନାହାନ୍ତି। କେବଳ ବହୁଜନ ସମାଜ ପାର୍ଟି ଗୋଟଏ ଆସନରେ ଜଣେ ମୁସଲିମଙ୍କୁ ପ୍ରାର୍ଥୀ କରିଛି। ଚଳିତ ଲୋକସଭା ନିର୍ବାଚନରେ ରାଜ୍ୟର ୨୬ ଆସନରେ ମୋଟ ୨୬୬ ଜଣ ପ୍ରାର୍ଥୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୨ ଜଣ ପ୍ରାର୍ଥୀ ହେଉଛନ୍ତି ମୁସଲିମ୍। ପ୍ରାୟ ସମସ୍ତ ମୁସଲିମ୍ ପ୍ରାର୍ଥୀ ହେଉଛନ୍ତି ସ୍ୱାଧୀନ ପ୍ରାର୍ଥୀ। ଭାରତୀୟ ଜନ ନାୟକ ପାର୍ଟି ଭଳି କ୍ଷୁଦ୍ର ରାଜନୈତିକ ଦଳ ଜଣେ ମୁସଲିମଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ଭାରୁଚ ଲୋକସଭା ଆସନରେ ମୁସଲିମ୍ ପ୍ରାର୍ଥୀ ଦେଇଥାନ୍ତା। କିନ୍ତୁ ଆସନ ବଣ୍ଟନ ବୁଝାମଣାରେ ସେହି ଆସନଟି ଇଣ୍ଡି ମେଣ୍ଟର ଅଂଶୀଦାର ଦଳ ଆମ୍ ଆଦମୀ ପାର୍ଟିକୁ ମିଳିଲା। ତେଣୁ କଂଗ୍ରେସ ଗୁଜରାଟରେ ଜଣେ ବି ମୁସଲିମ୍ ପ୍ରାର୍ଥୀ ଦେଇପାରି ନାହିଁ। ଭାରୁଚ ହେଉଛି କଂଗ୍ରେସର ଦିବଂଗତ ବରିଷ୍ଠ ନେତା ଅହମ୍ମଦ ପଟେଲଙ୍କ ନିର୍ବାଚନମଣ୍ଡଳୀ। ଗାନ୍ଧୀନଗର ଲୋକସଭା ଆସନରେ ସର୍ବାଧିକ ୭ଜଣ ମୁସଲିମ୍ ପ୍ରାର୍ଥୀ ଅଛନ୍ତି। ଏହି ଆସନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ବିଜେପି ପ୍ରାର୍ଥୀ ଭାବେ ଓ ସୋନାଲ ପଟେଲ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଭାରୁଚ ଓ ପାଟନ ଲୋକସଭା ଆସନରେ ୪ଜଣ ଲେଖାଏଁ ମୁସଲିମ୍ ପ୍ରାର୍ଥୀ ଅଛନ୍ତି। ୨୦୦୪, ୨୦୦୯ ଓ ୨୦୧୯ ଲୋକସଭା ନିର୍ବାଚନରେ ଗୁଜରାଟର ଭାରୁଚ ଲୋକସଭା ଆସନରେ କଂଗ୍ରେସ ଜଣେ ଲେଖାଏଁ ମୁସଲିମ୍ ପ୍ରାର୍ଥୀ ଦେଇଥିଲା। ୨୦୦୪ରେ ମହମ୍ମଦ ପଟେଲ, ୨୦୦୯ରେ ଅଜିଜ୍ ତନକରଭି ଓ ୨୦୧୯ରେ ଶେରଖାନ୍ ପଠାନ୍ ଭାରୁଚ ଲୋକସଭା ଆସନରେ କଂଗ୍ରେସର ପ୍ରାର୍ଥୀ ଥିଲେ। ୨୦୧୪ ଲୋକସଭା ନିର୍ବାଚନରେ ଭାରୁଚରେ କଂଗ୍ରେସ ଜୟେଶ ପଟେଲଙ୍କୁ ପ୍ରାର୍ଥୀ କରିଥିଲା ଓ ନଭସାରି ଆସନରେ ବିଜେପି ପ୍ରାର୍ଥୀ ସିଆର୍ ପାଟିଲଙ୍କ ବିପକ୍ଷରେ ଜଣେ ମୁସଲିମଙ୍କୁ ପ୍ରାର୍ଥୀ କରିଥିଲା। ଭାରୁଚ ସଂସଦୀୟ କ୍ଷେତ୍ରରେ ୩ଲକ୍ଷରୁ ଅଧିକ ମୁସଲିମ୍ ଭୋଟର ଅଛନ୍ତି। ଏଥର ଭାରୁଚ ଆସନ ଆମ୍ ଆଦମୀ ପାର୍ଟିକୁ ମିଳିଛି ଓ ପାର୍ଟି ସେହି ଆସନରେ ତା’ର ବିଧାୟକ ଛାଇତର ବାସବାଙ୍କୁ ପ୍ରାର୍ଥୀ କରିଛି। ୨୦୧୪ ଓ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ରାଜ୍ୟର ସମସ୍ତ ୨୬ଟି ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏଥର ସୁରାଟ ଆସନର ବିଜେପି ପ୍ରାର୍ଥୀ ନିର୍ବିରୋଧରେ ନିର୍ବାଚିତ ଘୋଷିତ ହୋଇସାରିଥିବାରୁ ୨୫ଟି ଆସନରେ ମତଦାନ ହେବ। ଏବେ ଗୁଜରାଟ ବିଧାନସଭାରେ ଜଣେମାତ୍ର ମୁସଲିମ୍ ବିଧାୟକ ଅଛନ୍ତି। ସେ ହେଉଛନ୍ତି କଂଗ୍ରେସ ବିଧାୟକ ଇମରାନ ଖେଡାୱାଲା। ଗୁଜରାଟରେ ଗତ ୩୦ବର୍ଷ ଧରି ବିଜେପିର ସରକାର ରହିଛି।

## ଛତିଶଗଡ଼: ଭୋଟ ଦେଇଯିବାକୁ ପାରମ୍ପରିକ ରୀତିରେ ନିମନ୍ତ୍ରଣ



ଛତିଶଗଡ଼ର ବଳରାମପୁର ଜିଲ୍ଲାରେ ଅଭିନବ ଅଥଚ ପାରମ୍ପାରିକ ଉପାୟରେ ଭୋଟରଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତା ଯାଉଥିବା ଦେଖିବାକୁ ମିଳିଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକର ସଦସ୍ୟାମାନେ ଘର ଘର ବୁଲି ତେନ୍ତୁଳି ପତ୍ର ଓ ହଳଦୀବୋଳା ଚାଉଳ ଦେଇ ଭୋଟ କେନ୍ଦ୍ରକୁ ଆସି ଭୋଟ ଦେବାକୁ ଲୋକଙ୍କୁ ନିମନ୍ତ୍ରଣ କରୁଛନ୍ତି। ଏହା ସ୍ଥାନୀୟ ଲୋକଙ୍କ କୌଣସି ଶୁଭ କାର୍ଯ୍ୟରେ ଯୋଗଦେବାକୁ ନିମନ୍ତ୍ରଣ କରିବାର ରୀତି। ତେନ୍ତୁଳୀ ପତ୍ର ଓ ହଳଦୀବୋଳା ଚାଉଳ ପାଇଲେ ନିମନ୍ତ୍ରଣ ନିଶ୍ଚୟ ରକ୍ଷା କରିବାକୁ ପଡ଼ିବ- ଏହା ହେଉଛି ପାରମ୍ପାରିକ ବିଧି। ତେଣୁ ଭୋଟରଙ୍କୁ ଭୋଟ କେନ୍ଦ୍ରକୁ ଆଣିବାକୁ ଏହି ପନ୍ଥା ବଛାଯାଇଛି। ତେନ୍ତୁଳୀ ପତ୍ର ଓ ହଳଦୀବୋଳା ଚାଉଳ ପାଇଥିବା ଲୋକେ ଭୋଟ ଦେବାକୁ ଯିବା ପାଇଁ ସମ୍ମତି ଓ ବଚନ ଦେଉଛନ୍ତି।

ସକାଳ THE SAKALA



## ପତ୍ନୀଙ୍କୁ ନିର୍ଯାତନା ସହ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା, ୬।୫(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ଡ଼ଙ୍ଗୀଆଣି ଗ୍ରାମର ପୂଜାରିଣୀ ପ୍ରଧାନ (୨୯)ଙ୍କୁ ତାଙ୍କ ସ୍ୱାମୀ କିଶୋରନଗର ଥାନା ଡାକୁଆମୁଣ୍ଡା ଗ୍ରାମର ହେମନ୍ତ ପ୍ରଧାନ, ଶଶୁର ଲମ୍ବୋଦର ପ୍ରଧାନ, ଶାଶୁ ଲକ୍ଷ୍ମୀ ପ୍ରଧାନ, ଦେଢ଼ଶୁର ଚିତ୍ତରଞ୍ଜନ ପ୍ରଧାନ, ଯାଆ ରିତାରାଣୀ ପ୍ରଧାନ, ନଣନ୍ଦ ଲିଲି ପ୍ରଧାନ, ନଣଦେଇ ଦେବାନନ୍ଦ ପ୍ରଧାନ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା ଧମକ ଦେଇଥିବା ପୂଜାରିଣୀ ରବିବାର କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ଏକ ମାମଲା ରୁଜୁ କରିଛ। ପୁଲିସ କହିଛି ଯେ ପୂଜାରିଣୀ ହେମନ୍ତଙ୍କୁ ୨୩ ଏପ୍ରିଲ ୨୦୨୩ରେ ବିବାହ କରିଥିଲେ। ସେହି ସମୟରେ ହେମନ୍ତଙ୍କ ପରିବାର ଦାବି ଅନୁଯାୟୀ, ପୂଜାଙ୍କ ପରିବାର ପକ୍ଷରୁ ସମସ୍ତ ଆସବାପତ୍ର ଦେବା ସହ ଦେଢ଼ ଲକ୍ଷ ଟଙ୍କା ଯୌତୁକ ଦେଇଥିଲେ। ହେମନ୍ତ ଅନୁଗୋଳର ରେଳ ବିଭାଗରେ ଚାକିରି କରୁଥିବା ବେଳେ ପୂଜାଙ୍କୁ ନେଇ ଅନୁଗୋଳରେ ରହୁଛନ୍ତି। ହେଲେ ପୁଣି ୧୦ ଲକ୍ଷ ଟଙ୍କା ସହ ଏକ ଏସି ଆଣିବାକୁ କହି ପ୍ରତେକ ଦିନ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଛନ୍ତି। ଏପରିକି ହେମନ୍ତଙ୍କୁ ତାଙ୍କ ଶଶୁର ଘର ତାଙ୍କଠାରୁ ଅଲଗା ରଖି ଦ୍ୱିତୀୟ ବିବାହ କରିବା ପାଇଁ ଯୋଜନା କରୁଥିବା ସହ ତାଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଦମ୍ ଦେଖାଇଲେ ଅନୁଗୋଳ ବିଜେଡି ପ୍ରାର୍ଥୀ ସଂଯୁକ୍ତା ସିଂହ

# ବିଶାଳ ଶୋଭାଯାତ୍ରାରେ ଆସି ଦାଖଲ କଲେ ପ୍ରାର୍ଥିପତ୍ର





- ସାମିଲ ହେଲେ ୨୫ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଓ ଜନସାଧାରଣ
- ଜାତୀୟ ରାଜପଥରେ ୫ କିମି ପର୍ଯ୍ୟନ୍ତ ଲମ୍ବିଲା ଶୋଭାଯାତ୍ରା

ଅନୁଗୋଳ, ୬।୫(ସମିସ): ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସଂଯୁକ୍ତା ସିଂହ ସୋମବାର ଅନୁଗୋଳ ଉପଜିଲ୍ଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନର ସୋମବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷଦିନ। ଶେଷ ଦିନରେ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥିନୀ ତଥା ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଧର୍ମପତ୍ନୀ ସଂଯୁକ୍ତା ସିଂହ ନିଜର ଦମ ଦେଖାଇଛନ୍ତି। ସୋମବାର ସକାଳ ୮ଟା ସମୟରେ ଶ୍ରୀମତୀ ସିଂହ ପ୍ରଥମେ ବନରପାଳସ୍ଥିତ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ସେଠାରୁ ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଓ ଜନସାଧାରଣଙ୍କ ଗହଣରେ ଜାତୀୟ ରାଜପଥରେ ଏକ ବିଶାଳ ଶୋଭାଯାତ୍ରାରେ ଆସି ଅନୁଗୋଳ ମା' ବୁଢ଼ୀ ଠାକୁରାଣୀ ଓ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ସାରିବାପରେ ପୁଣି ଜାତୀୟ ରାଜପଥ ଦେଇ ଅନୁଗୋଳ ସହର ପରିକ୍ରମା କରି ଅନୁଗୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ବିଧାୟକ ପ୍ରାର୍ଥିନୀ ଶ୍ରୀମତୀ ସିଂହ ନିଜ ସମର୍ଥକ ଓ ଜନସାଧାରଣଙ୍କ ଗହଣରେ ଶୋଭାଯାତ୍ରା କରି ଆସୁଥିବା ସମୟରେ ୫ କିମି ପର୍ଯ୍ୟନ୍ତ ରାସ୍ତା ଜାମ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଏତେ ସଂଖ୍ୟକ ଲୋକ ଓ ଜନସମାଗମ ଦେଖି ବିରୋଧୀ ବିଜେପି କର୍ମୀମାନେ ଛାନିଆ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଶ୍ରୀମତୀ ସିଂହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଅନୁଗୋଳ ବିଧାୟକ ତଥା ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ, ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସହ ପର୍ଯ୍ୟବେକ୍ଷକ କୁଞ୍ଜବିହାରୀ ଦାସ, ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଯୁବନେତା ଅରୁଣାଭ ସିଂହଙ୍କ ଉପସ୍ଥିତିରେ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟ ବିଜେଡି ସମ୍ପାଦକ ନିର୍ମଳ ସାହୁ, ବରିଷ୍ଠ ବିଜେଡି ନେତା ତଥା ଢେଙ୍କାନାଳ ସଂସଦୀୟ କ୍ଷେତ୍ର ବିଜେଡି ସଂଯୋଜକ ବିପ୍ଳବ ଜେନା, ମୀନକେତନ ଅମାନ୍ତ, ଗଙ୍ଗାଧର ସାମଲ, ଅନୁଗୋଳ ନିର୍ବାଚନମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୁପ ଶ୍ରୀଚନ୍ଦନ, ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ନଗର ବିଜେଡି ସଭାପତି ବୃନ୍ଦାବନ ସ୍ୱାଇଁ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବଆଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଧ୍ରୁବ ଚରଣ ଦେହୁରୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ, ସମସ୍ତ ବିଜେଡି କାଉନସିଲର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମବାୟ ନିର୍ଦ୍ଦେଶକ ଓ ବିଭିନ୍ନ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## କୂଅରେ ପଡ଼ି ଯୁବକ ମୃତ

ଅନୁଗୋଳ, ୬।୫(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଗାଁରେ କୂଅରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଜରପଡ଼ା ଥାନା ଅନ୍ତର୍ଗତ ଜରପଡ଼ା ମାଝୀ ସାଇର ଦିଲୀପ୍ ସାହୁଙ୍କ ପୁଅ ସୁନିଲ୍ ସାହୁ (୨୫) ରାତି ୯ଟା ସମୟରେ କୂଅ ପିଣ୍ଡି ଉପରେ ଶୋଇଥିବା ବେଳେ ଅସାବଧାନତା କାରଣରୁ କୂଅ ଭିତରେ ଖସିପଡ଼ି ପାଣିରେ ବୁଡି ଯାଇଥିଲେ। ଘର ଲୋକେ ଖୋଜାଖୋଜି କରିବା ପରେ କୂଅରେ ପଡ଼ି ଥିବା ଜାଣିବାକୁ ପାଇଥିଲେ। ଗାଁ ଲୋକେ ତାଙ୍କୁ ବାହାର କରିବାକୁ ବହୁ ଚେଷ୍ଟା କରି ବିଫଳ ହୋଇ ଛେଣ୍ଡିପଦା ଦମକଳବାହିନୀକୁ ଫୋନ କରିଥିଲେ। ଘଟଣାସ୍ଥଳରେ ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବା ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ବାଇକ୍ ଜବତ; ୨ ଗିରଫ

ବଇଣ୍ଡା, ୬।୫(ସମିସ): ରବିବାର କିଶୋରନଗର ପୁଲିସ କିଶୋରନଗର ଅଞ୍ଚଳରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ହିମିତିରା ଅଞ୍ଚଳର ବାପୁନ ସାହୁ ଓ ବ୍ରାହ୍ମଣିପାଳୀ ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କୁ ପୁଲିସ ଗିରଫ କରିଛି। ଏଥିସହ ୨ଟି ବାଇକ୍‌କୁ ଜବତ କରାଯାଇଛି। ସେମାନେ ମଦ୍ୟପାନ କରି ବାଇକ୍ ଚଳାଉଥିବାବେଳେ ପୁଲିସ ଗିରଫ କରିଥିଲା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଅନୁଗୋଳ, ୬।୫(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ନତଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ନତଡା ଗ୍ରାମର ପ୍ରଫୁଲ୍ଲ ସେଠୀଙ୍କ ପୁଅ ରାକେଶ ସେଠୀ (୨୬) ରବିବାର କାମ କରିବାକୁ ଯାଇଥିବା ବେଳେ ସେ ସୁସ୍ଥ ଥିଲେ। ରାତିରେ ସାଙ୍ଗମାନଙ୍କ ସହିତ ଭୋଜି କରି ଖାଇ ଘରକୁ ଫେରିଥିଲେ। ରାତିରେ ଶୋଇଥିବା ବେଳେ ପେଟରେ ଯନ୍ତ୍ରଣା ହୋଇଥିଲା। ଦୁଇ ତିନିଥର ବାନ୍ତି କରିବାରୁ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଠାରେ ଚିକିତ୍ସା ଚାଲୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୁଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ବିଜେପି ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ପ୍ରାର୍ଥିପତ୍ର ଦାଖଲ



ଆଠମଲ୍ଲିକ, ୬।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବିଧାନସଭା ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ସାରିବା ପରେ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଟର୍ନିଂ ଅଫିସର ଜିତେନ୍ଦ୍ର କୁମାର ପାତ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରବଳ ଗରମ ସତ୍ତ୍ୱେ ନିଜ ନେତାଙ୍କୁ ପ୍ରାର୍ଥିପତ୍ର ଦାଖଲ କରାଇବା ପାଇଁ କର୍ମୀ ଏବଂ ସମର୍ଥକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ସନ୍ତୋଷ କୁମାର ହୋତା, ଅର୍ଜୁନ କୁମାର ସାହୁ, ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଦିଲେଶ୍ୱର ପ୍ରଧାନ, ଯୁବନେତା ପିନା ପାଣିଗ୍ରାହୀଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବିଧାନସଭା ନିମନ୍ତେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ହିମାଂଶୁ ଶେଖର ଚାଉଳିଆ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## କଂଗ୍ରେସ ପ୍ରାର୍ଥୀ ଫକୀର ସାମଲଙ୍କ ନାମାଙ୍କନ



ପାଲଲହଡ଼ା, ୬।୫(ସମିସ): ସୋମବାର ନାମାଙ୍କନପତ୍ର ଭରିବାରର ଶେଷ ଦିନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଫକୀର ମୋହନ ସାମଲ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସଦରମହକୁମାସ୍ଥିତ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ଶୋଭାଯାତ୍ରାରେ ହଜାର ହଜାର କର୍ମୀ ଏବଂ ସମର୍ଥକଙ୍କ ସହିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନିର୍ବାଚନ ଅଧିକାରୀ ତଥା ପାଲଲହଡା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତିଙ୍କ ନିକଟରେ ଫକୀର ସାମଲ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ନାମାଙ୍କନ ଶୋଭାଯାତ୍ରାରେ କଂଗ୍ରେସର ଢେଙ୍କାନାଳ ଲୋକସଭା ପ୍ରାର୍ଥିନୀ ସସ୍ମିତା ବେହେରା ଉପସ୍ଥିତ ଥିଲେ।

## ଦୁଇ ପଞ୍ଚାୟତରେ ନଳିନୀ ପ୍ରଧାନଙ୍କ ପ୍ରଚାର



ବଇଣ୍ଡା, ୬।୫(ସମିସ): ମେ ୨୫ରେ ଆଠମଲ୍ଲିକ ବିଧାନସଭା ନିର୍ବାଚନ ଥିବା ବେଳେ ସାରା ଆଠମଲ୍ଲିକରେ ରାଜନୈତିକ ଉଷ୍ମତା ଦେଖାଦେଇଛି। କିଛି ଦିନ ହେବ ବିଭିନ୍ନ ଦଳ ପ୍ରଚାର ଆରମ୍ଭ କରିଥିବା ବେଳେ ସୋମବାର ବିଜେଡି ପକ୍ଷରୁ କଣ୍ଟେଇକୋଳିଆ ଓ ବିଲେଇନାଳୀ ପଞ୍ଚାୟତରେ ଜୋରଦାର ପ୍ରଚାର କରାଯାଇଛି। କଣ୍ଟେଇକୋଳିଆର ହିଞ୍ଜିରିଡା, ଖୋଲା ରେଗେଡ଼ା, କୁଣ୍ଡାଳି, ଅଁଳାବେରେଣୀ, ଗୁଣ୍ଡୁରୀଝରଣ, ବାଲିଆମ୍ବ, ରାଜନପାଳ, ଲକ୍ଷ୍ମୀପ୍ରିୟାପୁର, ବିଲେଇନାଳୀ ପଞ୍ଚାୟତର ବଡ ବାହାଳ, ବଡଗୋବିନ୍ଦପୁର, ଗରୁଡ଼, ଧଉରାଗୋଠ, କରଡାବାହାଳି, ଭେଜିଗୋଠ ଆଦି ଗ୍ରାମଗୁଡ଼ିକରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର କରାଯାଇଛି। ଏଥିରେ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଭୋଟଭିକ୍ଷା କରିଥିଲେ। ଏପରିକି ଆଠମଲ୍ଲିକରେ କେବଳ ବିଜେଡି ସରକାରଙ୍କ ଅମଳରେ ବିକାଶ ହୋଇଛି। ଆଉ ଥରେ ତାଙ୍କୁ ସେବା କରିବା ପାଇଁ ସୁଯୋଗ ଦେବା ପାଇଁ ଜନତାଙ୍କୁ ନିବେଦନ କରିଥିଲେ। ଏଥିରେ କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ସୁମିତ ପ୍ରଧାନ, ଅମିତ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ସଞ୍ଜୀବ ସେଠୀ, ଭାଗିରଥି ସାହୁ, ଅର୍ଜୁନ ସାହୁ, ତ୍ରିଲୋଚନ ମାଝୀ, କପିଳ ସେଠୀ, ସୁବାସ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ବିଜେଡିରେ ସାମିଲ ହେଲେ କୁକୁଡ଼ାଙ୍ଗ ବିଜେପି ମଣ୍ଡଳ ସମ୍ପାଦକ ଉପେନ୍ଦ୍ର ଦେହୁରୀ



କୁଇଓ, ୬।୫(ସମିସ): ବଆଁରପାଳ ବ୍ଲକ ଶାକୋସିଂହା ଗ୍ରାମ ପଞ୍ଚାୟତର ବରିଷ୍ଠ ବିଜେପି କର୍ମୀ ତଥା କୁକୁଡ଼ାଙ୍ଗ ମଣ୍ଡଳ ସମ୍ପାଦକ ଉପେନ୍ଦ୍ର ଦେହୁରୀ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ସାଂଗଠନିକ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ପୂର୍ବତନ ସରପଞ୍ଚ ତ୍ରୈଲୋକ୍ୟ ଦେହୁରୀଙ୍କ ନେତୃତ୍ୱରେ ପୁଷ୍ପ ଓ ଉତ୍ତରୀୟ ଦେଇ ସେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ।

● ଏଣିକି ସିଧାସଳଖ ଦାଖଲ କରିପାରିବେ ନିର୍ବାଚନଜନିତ ଅଭିଯୋଗ

## 'ଇ'-ମେଲ ଆଇଡି ଜାରି କଲା ଅନୁଗୋଳ ଜିଲ୍ଲା ସାଇବର୍ ସହାୟତା କେନ୍ଦ୍ର

ଅନୁଗୋଳ, ୬।୫(ସମିସ): ସାଧାରଣ ନିର୍ବାଚନକୁ ଆଉ ମାତ୍ର ଦିନ କେଇଟା ବାକି ଥିବା ବେଳେ ଓଡ଼ିଶା ପୁଲିସ ସିଆଇଡି ପକ୍ଷରୁ ଅନୁଗୁଳ ଜିଲ୍ଲା ସାଇବର ସହାୟତା କେନ୍ଦ୍ରର 'ଇ -ମେଲ ଆଇଡି (cyberhelpdesk.ang@Odishapolice.gov.in) ଜାରି କରାଯାଇଛି। ଯଦି ସୋସିଆଲ ମିଡିଆରେ ନିର୍ବାଚନଜନିତ କୌଣସି ଅଭିଯୋଗ ଥାଏ, ତେବେ ଜନସାଧାରଣ, ରାଜନୈତିକ ଦଳ ଓ ରାଜନୈତିକ ଦଳର ସମର୍ଥକମାନେ ଏହି ଇ-ମେଲକୁ ସମ୍ପୂର୍ଣ୍ଣ ତଥ୍ୟ ସହିତ ଅଭିଯୋଗ ପଠାଇପାରିବେ। ସେହିପରି ରାଜ୍ୟସ୍ତରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା, ପୋଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଆସିଥିବା ସମସ୍ତ ସୋସିଆଲ ମିଡିଆ ଅଭିଯୋଗ ପାଇଁ ସିଆଇଡିପକ୍ଷରୁ (cyber.helpdesk@Odishapolice.gov.in) 'ଇ'-ମେଲ ଆଇଡି ମଧ୍ୟ ଜାରି କରାଯାଇଛି।

## ପତ୍ନୀଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୬।୫(ସମିସ): ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ଲଳିତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ସୁରେଶ ପ୍ରଧାନ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଲଳିତା ରବିବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ଲଳିତା କେନ୍ଦୁପତ୍ର ତୋଳି ଘରକୁ ଆସୁଥିବା ବେଳେ ବିନା କାରଣରେ ତାଙ୍କ ସ୍ୱାମୀ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା, ୬।୫(ସମିସ): ଠାକୁରଗଡ଼ ଥାନା ବରହମ ଗ୍ରାମର ପଳଉ ସାହୁଙ୍କୁ ସେହି ଗ୍ରାମ ମଧୁସୂଦନ ବେହେରା ମାଡ଼ ମାରିଥିବା ରବିବାର ପଳଉ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ଗ୍ରାମ ବୈଠକ ବସିଥିବା ବେଳେ ମଧୁସୂଦନ କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ପଳଉଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ମାନଯୋର ପ୍ରକଳ୍ପ ପୂର୍ତ୍ତ ରାସ୍ତା ପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ଦାବି

କିଶୋରନଗର, ୬।୫(ସମିସ): ପୂର୍ତ୍ତ ବିଭାଗ ପକ୍ଷରୁ ବାମୁର-ମାଧପୁର ପୂର୍ତ୍ତ ରାସ୍ତା ଏବେ ପାଖାପାଖି ୫୦ କୋଟି ବ୍ୟୟରେ



ସମ୍ପ୍ରସାରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଛି। ଏହି ରାସ୍ତା ନିର୍ମାଣ ହେଲେ ବିଶେଷ କରି ଗମନାଗମନର ସୁବିଧା ହୋଇପାରିବ। ହେଲେ ଗୋରାତୋପାଠାରୁ ମାନଯୋର ପ୍ରକଳ୍ପ ଛକ ପର୍ଯ୍ୟନ୍ତ ଅନେକ ବୁଲାଣି ପଏଣ୍ଟ ରହିଛି। ଏଥିସହ ମାନଯୋର ପ୍ରକଳ୍ପ ଯୋଗୁଁ ବିଶେଷ କରି ଜୁନ ମାସଠାରୁ ଫେବୃୟାରୀ ପର୍ଯ୍ୟନ୍ତ ପୂର୍ତ୍ତ ରାସ୍ତାର ତଳେ ପାଖାପାଖି ୩ ଫୁଟ୍ ପର୍ଯ୍ୟନ୍ତ ପାଣି ରହିଥାଏ। ଯାହାକି ଏହି ରାସ୍ତାରେ ସୁରକ୍ଷାବାଡ଼ର ଆବଶ୍ୟକ ଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ବୁଲାଣି ପଏଣ୍ଟ ଅଧିକ ରହିଛି। ଯାହାକି ପ୍ରତିବର୍ଷ ଦୁର୍ଘଟଣା ଘଟି ଅନେକ ବ୍ୟକ୍ତିଙ୍କ ଜୀବନ ହାନି ହେଲାଣି। ଏବେ ଯେଉଁ ସମ୍ପ୍ରସାରଣ କାର୍ଯ୍ୟ ଶେଷ ଅବସ୍ଥାକୁ ପହଞ୍ଚି ଥିଲେ ହେଁ ସୁରକ୍ଷାବାଡ କାର୍ଯ୍ୟ କରାଯାଉନାହିଁ। ଆଗାମୀ ଦିନରେ ଯଦି ଏହି ରାସ୍ତାରେ ସୁରକ୍ଷାବାଡ ନିର୍ମାଣ ବିଭାଗ ପକ୍ଷରୁ କରାନଯାଏ ତେବେ ଗାଡିମଟର ଦୁର୍ଘଟଣା ଘଟି

**ବର୍ଷା ଦିନରେ ନିର୍ମାଣାଧୀନ ରାସ୍ତା ଧୋଇଯିବା ଆଶଙ୍କା**

ଅନେକ ଲୋକଙ୍କ ଜୀବନ ହାନି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏପରିକି ସୁରକ୍ଷାବାଡ଼ ନିର୍ମାଣ କରାନଯିବା ଦ୍ୱାରା ପିଚୁରାସ୍ତା ପାର୍ଶ୍ୱରେ ହୋଇଥିବା ମାଟି ରାସ୍ତା ବର୍ଷା ଦିନରେ ସମ୍ପୂର୍ଣ୍ଣ ଧୋଇଯାଇ ପିଚୁରାସ୍ତା ନଷ୍ଟ ହେବାର ଆଶଙ୍କା ରହିଛି। ତୁରନ୍ତ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ସୁରକ୍ଷାବାଡ଼ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।



● ହଷ୍ଟେଲରେ ଦଶମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା

# ପରିବାର ଆଣିଲେ ହତ୍ୟା ଅଭିଯୋଗ

**ଜଗତସିଂହପୁର, ୬।୫(ସମିସ):** ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଲାଲାସାହିସ୍ଥିତ ସାଇ ଆବାକସ ଏକାଡେମୀ ନାମକ କୋଚିଂ ସେଣ୍ଟରର ହଷ୍ଟେଲରେ ଏକ ଅଘଟଣ ଘଟିଛି। ଏହି ହଷ୍ଟେଲରେ ରହୁଥିବା ବିଶ୍ୱରଞ୍ଜନ ସ୍ୱାଇଁ ନାମକ ଛାତ୍ରଙ୍କ



ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ବିରିଡି ବ୍ଲକ ଗୋପୀନାଥପୁର ଗ୍ରାମର ବିଭୁତି ଭୂଷଣ ସ୍ୱାଇଁଙ୍କ ବଡ଼ପୁଅ ବିଶ୍ୱରଞ୍ଜନ ସ୍ୱାଇଁ ସ୍ଥାନୀୟ ସୁଧାନନ୍ଦ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପାଠ ପଢ଼ୁଥିଲେ। ଗତକାଲି ରାତିରେ ହଷ୍ଟେଲର ନିଜ ରୁମରେ ବେକରେ ବେଡ଼ସିଟ ଲଗାଇ ସିଲିଂ ଫ୍ୟାନରେ ଝୁଲି ଆଲହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ହଷ୍ଟେଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକଙ୍କ ବାପା ଗତକାଲି ରାତି ୯ଟା ସମୟରେ ବିଶ୍ୱରଞ୍ଜନଙ୍କୁ ହଷ୍ଟେଲରେ ସାକ୍ଷାତ କରି ଘରକୁ ଫେରିବା ପରେ ସକାଳେ ବିଶ୍ୱରଞ୍ଜନ ଆତ୍ମହତ୍ୟା କରିଥିବା ଖବର ପାଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ବିଶ୍ୱରଞ୍ଜନଙ୍କୁ ହତ୍ୟା କରାଯାଇଛି ବୋଲି ମୃତ ଛାତ୍ରର ପରିବାର ଅଭିଯୋଗ କରିଛନ୍ତି। ସରକାର କୋଚିଂ ସେଣ୍ଟରକୁ ବେଆଇନ ଘୋଷଣା କରିବା ପରେ ମଧ୍ୟ ମନ ଇଚ୍ଛା ଛତୁ ଫୁଟିବା ପରି ଘରୋଇ ସ୍କୁଲ ଓ ବେଆଇନ କୋଚିଂ ସେଣ୍ଟର ଗଢିଉଠିବା ଦ୍ୱାରା ପାଠର ଚାପ ତଥା ମାନସିକ ଅବସାଦ କାରଣରୁ ଅନେକ ଛାତ୍ର ଏପରି ଚରମ ନିଷ୍ପତ୍ତି ନେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ସଦସ୍ୟାଙ୍କୁ ଭେଟିଲେ ଅରବିନ୍ଦ

**ଡେରାବିଶ, ୬।୫ (ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟସ୍ଥିତ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧିଲାଭ କରିଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପକୁ ପାଟକୁରାର ବିଜେଡ଼ି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ପରିଦର୍ଶନ କରି ଫେରିଛନ୍ତି। ଏହି ଉପଲକ୍ଷେ ବ୍ଲକ ଅନ୍ତର୍ଗତ ଛତାଠାରୁ ଏକ ବିଶାଳ ମୋଟର ସାଇକଲ ର୍‌ୟାଲିରେ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ପରିସରକୁ ଦଳୀୟ କର୍ମୀମାନେ ପାଛୋଟି ଆଣିଥିଲେ। ଶ୍ରୀ ମହାପାତ୍ରଙ୍କୁ ଏହି ଗ୍ରୁପର ସଦସ୍ୟମାନେ ଫୁଲତୋଡ଼ା ଓ



ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ଏହାର ସଭାପତି ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ ଶ୍ରୀ ମହାପାତ୍ରଙ୍କୁ ସେମାନଙ୍କର ଉତ୍ପାଦିତ ବିଭିନ୍ନ ଏମ୍ବ୍ରୋଡୋରୀ ଓ ହାତବୁଣା କାମ ସହିତ ଅନ୍ୟାନ୍ୟ ଉତ୍ପାଦ ବୁଲାଇ ଦେଖାଇଥିଲେ। ଶ୍ରୀ ମହାପାତ୍ର ଏହି ଗ୍ରୁପର ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଖି ଅଭିଭୂତ ହେବା ସହ ଏଗୁଡ଼ିକ କିପରି ଦେଶ ବାହାରେ ଆଦୃତ ହୋଇପାରିବ ସେ ନିମନ୍ତେ ଉଦ୍ୟମ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରୁପର ସଦସ୍ୟ ଗୁଲଅପ୍ ସାରବୀ, ଇଫତ ଜାହାଁ, ଫୈମିନ ସୁରେୟା, ବେନଜିର ଖାନ୍‌ଙ୍କ ସମେତ ଶତାଧିକ ସଦସ୍ୟା ଓ ସମାଜସେବୀ ସୋଲେମାନ ଖାଁ ପରିଚାଳନାରେ ସହଯୋଗ କରିଥିଲେ। ପରେ ଶ୍ରୀ ମହାପାତ୍ର ସ୍ଥାନୀୟ ମୁସଲିମ ବସ୍ତିରେ ଘରକୁ ଘର ଯାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ସେଠାରୁ ଫେରି ଡେରାବିଶର ଆରାଧ୍ୟ ପ୍ରଭୁ ଦଧିବାମନଜୀଉଙ୍କ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ବିଜେଡ଼ି ନେତା ସରୋଜ ନାୟକ, ମହେନ୍ଦ୍ର ସିଂ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ଦିଲ୍ଲିପ ଦାସ, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ସାହାଜାହାନ ଖାଁ, ତ୍ରିଲୋଚନ ରାଉତ, ଅଶୋକ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

୫ ଶହ ବର୍ଷର ପରମ୍ପରା

# ମା'ଙ୍କ ଆଶିଷ ପାଇଁ ମଣ୍ଡାପିଠା ଦେଉଛନ୍ତି ଶ୍ରଦ୍ଧାଳୁ







**କେନ୍ଦ୍ରାପଡ଼ା, ୬।୫(ସମିସ)**

କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ମାନସିକଧାରୀ ଏହି ଇନ୍ଦୁପୁରର ମା'ଚଣ୍ଡୀ ଦେବୀଙ୍କ ଶକ୍ତିପୀଠକୁ ଟାଣି ହୋଇ ଆସିଥାନ୍ତି। ବିଶ୍ୱାସ ମା'ଙ୍କ ନିକଟରେ ମାନସିକ କଲେ ମା' ଏହାକୁ ପୂରଣ କରନ୍ତି। ଆହୁରି ମଧ୍ୟ ବିଶ୍ୱାସ ଓ ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ମଣ୍ଡା ପିଠା ଭୋଗ କଲେ ମା ବିଭିନ୍ନ ପ୍ରକାର ରୋଗବ୍ୟାଧି ଦୂର କରିଥାନ୍ତି। ମା' ଚଣ୍ଡୀଦେବୀଙ୍କ ନିକଟରେ ବର୍ଷକୁ ୬ଥର ହୋଇଥାଏ ଭିନ୍ନ ଭିନ୍ନ ପୂଜୋତ୍ସବ। ଦୁଇଟି ଜିଲ୍ଲାର ମଧ୍ୟଭାଗରେ ଥିବା ମା'ଚଣ୍ଡୀଦେବୀଙ୍କ ପ୍ରତି ମାନସିକଧାରୀ ଓ ଅଞ୍ଚଳବାସୀଙ୍କ ପ୍ରଗାଢ଼ ବିଶ୍ୱାସ ଓ ଭକ୍ତି"ରହିଛି।ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକମାନଙ୍କ ପାଇଁ ପ୍ରାର୍ଥନା କରି ସମଗ୍ର ଅଞ୍ଚଳରେ ଏକ ଦୈବୀ ପରିବେଶ ସୃଷ୍ଟି କରିବା ଲୋକମାନଙ୍କ ମନରେ ବିଶ୍ୱାସ ଥାଏ। ମାନସିକ ପୂରଣ ଠାରୁ ପୌରାଣିକ ଲୋକକଥା ଶ୍ରଦ୍ଧାଳୁଙ୍କୁ ଏହି ସ୍ଥାନକୁ ଟାଣିଆଣେ। ମା' ଚଣ୍ଡୀ ଦେବୀଙ୍କ କୋପ ଆଗରେ ମାନବ ସମାଜ ଅସହାୟ ହୋଇ ପଡ଼ିଥିଲା। ବିଶ୍ୱାସ ଓ ଲୋକକଥା ଅନୁଯାୟୀ ଆଜକୁ ପ୍ରାୟ ୪୦୦ ବର୍ଷ ପୂର୍ବରୁ ମା'ଚଣ୍ଡୀ ଦେବୀଙ୍କୁ ଶାନ୍ତ କରିବା ପାଇଁ ମୁଣ୍ଡ ବଦଳରେ ମଣ୍ଡାପିଠା ଶ୍ରଦ୍ଧାଳୁ ଦେଇ ଆସୁଛନ୍ତି।ବିଶ୍ୱାସ ଓ ପରମ୍ପରା ଅନୁଯାୟୀ ପ୍ରାୟ ୪୦୦ରୁ ୫୦୦ ବର୍ଷ ତଳେ କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁର ଅଞ୍ଚଳରେ ମହାମାରୀ ବ୍ୟାପୀ ଅନେକ ଲୋକଙ୍କ ଜୀବନହାନି ହୋଇଥିଲା।କିଏ ନିଜର ପୁଅକୁ ହରାଇଥିଲା ତ ଆଉ କିଏ ନିଜ ସ୍ୱାମୀକୁ ଓ ଆଉ କିଏ ନିଜ ବାପାଙ୍କୁ ହରାଇ କେଲୁଅ, ବ୍ରାହ୍ମଣୀ ଓ ବିରୂପା ନଦୀ କୂଳରେ ଅବସ୍ଥିତ ଇନ୍ଦୁପୁରର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଦେବୀଙ୍କ ନିକଟରେ ମା'ଙ୍କ ପୂଜକ 'ମାଳି' ସମେତ ଭକ୍ତମାନେ ଅଧିଆ ପଡ଼ିବାରୁ ମା' ଉଗ୍ର ରୂପରେ ସ୍ୱପ୍ନାଦେଶ ହୋଇ ଏକ ଲକ୍ଷ ମୁଣ୍ଡ ନେବେ ବୋଲି କହିଥିଲେ।ତେବେ ମା'ଙ୍କୁ ଶାନ୍ତ କରାଇ ହଜାର ମୁଣ୍ଡ ବଦଳରେ ହଜାର ମଣ୍ଡା ଦେବାକୁ କହି ମା'ଙ୍କ କୋପକୁ ଶାନ୍ତ କରାଯାଇଥିଲା।ଲୋକଶ୍ରୁତି ଅନୁସାରେ ସେହିଦିନ ଠାରୁ ଏହି 'ମଣ୍ଡାପିଠା' ପରମ୍ପରା ଚାଲି ଆସୁଛି। ମା' ଚଣ୍ଡୀଦେବୀ ମୁଣ୍ଡ ପାଇଁ ମହାମାରୀ 'ଡାକ' ଦେଇଥିବାରୁ ଏହାକୁ 'ଡାକମଣ୍ଡା' କୁହାଯାଏ। ପ୍ରତ୍ୟେକ ବର୍ଷ ବୈଶାଖ ମାସ ଆରମ୍ଭ ଅର୍ଥାତ ପଣା ସଂକ୍ରାନ୍ତି ଠାରୁ ଜ୍ୟେଷ୍ଠ ମାସ ସଂକ୍ରାନ୍ତି ମଧ୍ୟରେ ପଡୁଥିବା ସମସ୍ତ ଗୁରୁବାରରେ ମା' ଚଣ୍ଡୀଦେବୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର ଭଳି ଜିଲ୍ଲାମାନଙ୍କରୁ ମହିଳାମାନେ ଧାଇଁ ଆସି ମଣ୍ଡାପିଠା ତିଆରିରେ କାହିଁ କେତେ ସକାଳୁ ଲାଗି ପଡ଼ିଥାନ୍ତି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସୁଥିବା ଓଡ଼ିଆ ଘରର ମହିଳାମାନେ ପୂର୍ବଦିନ ଅରୁଆ ଚାଉଳକୁ ଢ଼ିଙ୍କି କିମ୍ବା ହେମଦସ୍ତାରେ କୁଟି ମଣ୍ଡା ପିଠା ପାଇଁ ଚାଉଳ ଚୁନା ପ୍ରସ୍ତୁତ କରିଥାନ୍ତି। ଅଧିଷ୍ଠାତ୍ରୀ ଦେବୀ ଚଣ୍ଡୀ ଦେବୀଙ୍କ ପୀଠରେ ପହଞ୍ଚିବା ପରେ ନୂଆ ମାଟିହାଣ୍ଡିରେ ସିନ୍ଦୂର, ଫୁଲହାର ଇତ୍ୟାଦି ଲାଗିକରି ଚୁନା ଆଣ ଜନ୍ତି ଏବଂ ବିନା ନଡ଼ିଆରେ ପୁର ପ୍ରସ୍ତୁତ କରି ମଣ୍ଡାପିଠା ତିଆରି କରିଥାନ୍ତି।ମଣ୍ଡାପିଠା ପ୍ରସ୍ତୁତି ଶେଷ ହେବା ପରେ ମା' ଚଣ୍ଡୀଦେବୀଙ୍କ ପାଖରେ ଲାଗି କରାଯାଇ ଏହି ହାଣ୍ଡି ସହ ପିଠାକୁ ନେଇ ଦୂରରେ ବିସର୍ଜନ କରି ହାଣ୍ଡିକୁ ଭାଙ୍ଗିଥାନ୍ତି।ଯାହାକୁ ହାଣ୍ଡିଭଙ୍ଗା ଓଷା ମଧ୍ୟ କୁହାଯାଏ।ନିଃସନ୍ତାନ ମାନସିକ କଲେ ସନ୍ତାନ ପ୍ରାପ୍ତି, ଦୁରାରୋଗ୍ୟରୁ ମୁକ୍ତି ପାଇଁ ମାନସିକ ସହ ପୁଅ ଅବା ଝିଅର ଚାକିରୀଟିଏ ପାଇଁ ମା' ମାନେ ଏହି ଡାକମଣ୍ଡା ଓଷା କରିଥାନ୍ତି।ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଦେବୀଙ୍କ ପୀଠର ଅନ୍ୟ ଏକ ବୈଶିଷ୍ଟ୍ୟ ମଧ୍ୟ ରହିଛି।ଏଠାରେ ସମସ୍ତ ଶକ୍ତିପୀଠ ଭଳି ବ୍ରାହ୍ମଣ ପୂଜକଙ୍କ ବଦଳରେ ମାଳି ସମ୍ପ୍ରଦାୟର ବ୍ୟକ୍ତିମାନେ ମା'ଙ୍କୁ ଦୀର୍ଘବର୍ଷ ଧରି ପୂଜା କରି ଆସୁଛନ୍ତି।ତେବେ ପିଠା କରିସାରିବା ପରେ ଏହି ମାଟି ହାଣ୍ଡିକୁ ବିସର୍ଜନ କରି ହାଣ୍ଡି ଭାଙ୍ଗୁଥିବାରୁ ଏହାକୁ ହାଣ୍ଡିଭଙ୍ଗା ଓଷା ବୋଲି କୁହାଯାଏ।ବିଭିନ୍ନ ମହମାରୀକୁ 'ମା'ଙ୍କ ଆକ୍ରୋଶ ବୋଲି ଓଡ଼ିଆ ମାନେ ବିବେଚନା କରୁଥିବା ବେଳେ ହଇଜା, ବସନ୍ତ, ହାଡଫୁଟି ସହ କୋଭିଡ ମହାମାରୀ ଯୋଗୁଁ ପ୍ରଭାବିତ ହୋଇଥିବା ମା'ଙ୍କ ଡାକମଣ୍ଡା ପୂଜା ଚଳିତବର୍ଷ ଅଧିକ ଲୋକଙ୍କ ସମାଗମରେ ପାଳିତ ହୋଇଥିବା ବେଳେ ବିଭିନ୍ନ ପ୍ରକାର ଦୋକାନ ବଜାର ଭିଡ଼ ପାଇଁ ପରିବେଶ ଆହୁରି ମଧୁରମୟ ହୋଇଛି।

● ଆମ୍ ଆଦମୀ ପାର୍ଟି ପକ୍ଷରୁ ମହାକାଳପଡ଼ା ପାଇଁ ପ୍ରାର୍ଥୀ ଘୋଷଣା

# ଇଂ. ଦେବାଶିଷ ଦାଶ ହେଲେ ନୂତନ ବିଧାନସଭା ପ୍ରାର୍ଥୀ

**କେନ୍ଦ୍ରାପଡ଼ା, ୬।୫(ସମିସ):** ଆମ୍ ଆଦମୀ ପାର୍ଟି ପକ୍ଷରୁ ଶ୍ୟାମସୁନ୍ଦରପୁର ଗଡ଼ା ସନ୍ନିକଟସ୍ଥ ପାର୍ଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ରାଜ୍ୟ ମୁଖପାତ୍ର ତଥା ଜିଲ୍ଲା ସଭାପତି ସନ୍ଦୀପ୍ତ ଦାସ ଅଧ୍ୟକ୍ଷତା କରି କହିଥିଲେ ଯେ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆମ୍ ଆଦମୀ ପାର୍ଟି ମହାକାଳପଡ଼ା ବିଧାନସଭା କ୍ଷେତ୍ର ପାଇଁ ତା'ର ପ୍ରାର୍ଥୀ ପରିବର୍ତ୍ତନ କରିଛି। ପୂର୍ବରୁ ବୈବମନୁ ବେଉରା ଏହି ଆସନ ପାଇଁ ପ୍ରାର୍ଥୀ ଥିବା ବେଳେ ଏବେ ଇଂ ଦେବାଶିଷ ଦାଶଙ୍କୁ ନୂତନ ପ୍ରାର୍ଥୀ କରାଯାଇଛି। ପାର୍ଟି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ର ମଧ୍ୟରୁ





୨ଟି ମହାକାଳପଡ଼ା ଓ ପାଟକୁରା ବିଧାନସଭା କ୍ଷେତ୍ର ନିମନ୍ତେ ପ୍ରାର୍ଥୀ ଦେବାପାଇଁ ଘୋଷଣା କରାଯାଇଥିଲା। ସେହି ଅନୁଯାୟୀ ମହାକାଳପଡ଼ାରୁ ପୂର୍ବତନ ଛାତ୍ର ନେତା ତଥା ଦକ୍ଷ ଯୁବସଂଗଠକ ଏବଂ ଆମ୍ ଆଦମୀ ପାର୍ଟିର ମହାକାଳପଡ଼ା ଆବାହକ ବୈବମନୁ ବେଉରାଙ୍କୁ ଦଳ ପ୍ରାର୍ଥୀ କରିଥିଲା। କିନ୍ତୁ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଶ୍ରୀ ବେଉରା ତାଙ୍କର ପ୍ରାର୍ଥୀତ୍ୱରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ତାଙ୍କ ସ୍ଥାନରେ ଯୁବ ସମାଜସେବୀ ତଥା ଯୁଥ ଆଇକନ୍ ଇଞ୍ଜିନିୟର ଦେବାଶିଷ ଦାଶଙ୍କୁ ଦଳ ମହାକାଳପଡ଼ା ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ଓ ମହାକାଳପଡ଼ା ପ୍ରଭାରୀ ସୂର୍ଯ୍ୟକାନ୍ତ ପରଡ଼ା, ଜିଲ୍ଲା ଉପସଭାପତି ଅପୂର୍ବ ରଞ୍ଜନ ସେଠୀ, ମହାକାଳପଡ଼ା ଆବାହକ ବୈବମନୁ ବେଉରା, ମହାକାଳପଡ଼ା ବିଧାନସଭା ପ୍ରାର୍ଥୀ ଇଂ ଦେବାଶିଷ ଦାଶ, ପାଟକୁରା ପ୍ରଭାରୀ କୁମୁଦ କୁମାର ରାଉତ, ଜିଲ୍ଲା କୋଷାଧ୍ୟକ୍ଷ ମହମ୍ମଦ ସାହିଲ୍ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

# ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ଋଣ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ

**କେନ୍ଦ୍ରାପଡ଼ା, ୬।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତର ସମାଜସେବୀ ବିବେକାନନ୍ଦ ଦାଶ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ପଞ୍ଚାୟତର ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟିକା ଗୋଷ୍ଠିର ସଭାନେତ୍ରୀ ୨ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଋଣ ଅର୍ଥକୁ ଗୋଷ୍ଠୀର ବ୍ୟାଙ୍କ ଜମାଖାତାରୁ ଉଠାଇ ଆତ୍ମସାତ କରିଦେଇଛନ୍ତି।ଏସମ୍ପର୍କରେ ଗୋଷ୍ଠୀର ସଦସ୍ୟାମାନେ ଜାଣିବା ପରେ ତୁରନ୍ତ ଆଳି ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଜଣାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।ଏନେଇ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପାଖରୁ ନ୍ୟାୟ ପାଇବା ସମ୍ଭବ ନୁହେଁ ବୋଲି ଅନୁଭବ କରି ସେ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଶ୍ରୀଚୈତନ୍ୟ ମହାପ୍ରଭୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଅଧପନ୍ତରିଆ ଅଭିଯୋଗ

**କେନ୍ଦ୍ରାପଡ଼ା, ୬।୫(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ଗ୍ରାମର ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ସମାଜସେବୀ ବିବେକାନନ୍ଦ ଦାଶ ଆଜି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରୀ ଦାଶ ଅଭିଯୋଗ କରିଛନ୍ତି ଯେ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ପ୍ରାୟ ୪ମାସ ପୂର୍ବରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ୩ ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସମ୍ପୃକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ବିଭାଗୀୟ ଅଧିକାରୀଙ୍କ ନାମରେ ପ୍ରଦାନ କରାଯାଇଥିଲା। ଏହାପରେ ସେହି ବିଭାଗୀୟ ଠିକାଦାରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପୁରୁଣା ଗୃହଟିକୁ ଭାଙ୍ଗି ଦିଆଯାଇଥିବା ବେଳେ ଏପର୍ଯ୍ୟନ୍ତ ନୂତନ ଗୃହ ନିର୍ମାଣ କରାଯାଉନଥିବା ଶ୍ରୀ ଦାଶ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଫଳରେ ଠାକୁରଙ୍କ ରୀତିନୀତିରେ ଗୁରୁତର ବିଭ୍ରାଟ ସୃଷ୍ଟି ହେଉଥିବା ସେ ଅଭିଯୋଗ କରିଛନ୍ତି। ଶ୍ରୀ ଦାଶ ଆହୁରି ଅଭିଯୋଗ କରିଛନ୍ତି ଯେ ଦଶିପୁର ଭାଗବତ ମନ୍ଦିର ନିକଟ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ୨ଲକ୍ଷ ୫୦ହଜାର ଟଙ୍କା ବିନା କାମରେ ଉଠାଇ ନିଆଯାଇଛି। ଏ ସମ୍ପର୍କରେ ଆଳି ବ୍ଲକରେ ସୂଚନା ଅଧିକାର ନିୟମରେ ତଥ୍ୟ ମଗାଯାଇଥିଲେ ବି ଏକବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ସୂଚନା ବ୍ଲକ ପକ୍ଷରୁ ପ୍ରଦାନ କରାଯାଉନାହିଁ। ତେଣୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାନଯାଇ ସେହି ଅର୍ଥକୁ ଉଠାଇ ନିଆଯିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ଜିଲ୍ଲାପାଳ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଦାଶ ନିବେଦନ କରିଛନ୍ତି।

# ଶ୍ରମିକ ମୃତ୍ୟୁକୁ ନେଇ ରାସ୍ତାରୋକ

**ମହାକାଳପଡ଼ା, ୬।୫(ସମିସ):** ମହାକାଳପଡ଼ା ରେ ନିର୍ମାଣ ହେଉଥିବା ମାର୍ଶାଘାଇ - ଜମ୍ମୁ ଛଅ ଥାକିଆ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ରାସ୍ତା କାର୍ଯ୍ୟରେ ନିୟୋଜିତ ଗାଡି ଧକ୍କାରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତ ଶ୍ରମିକଜଣଙ୍କ ହେଲେ ମହାକାଳପଡ଼ା ଥାନା ଅଧିନ ନନ୍ତାର ଗ୍ରାମର ଅଞ୍ଜନ ମଲ୍ଲିକ ( ଅଇଁଠା ) ସେ ଠିକାସଂସ୍ଥା ଅଧୀନରେ କିଛିଦିନ ହେବ କାର୍ଯ୍ୟକରୁଥିଲେ। ଶ୍ରମିକ ମୃତ୍ୟୁକୁ ନେଇ ସୋମବାର ସକାଳେ ଗ୍ରାମବାସୀମାନେ ରାସ୍ତା ରୋକ କରିବା ସହିତ ଟାୟାର ଜାଳି ପ୍ରତିବାଦ କରିଥିଲେ। ଦିନରେ ପ୍ରଚଣ୍ଡ ଖରା ହେଉଥିବାରୁ ରାସ୍ତା କାର୍ଯ୍ୟକୁ ରାତିରେ କରାଯାଉଛି। ମହାକାଳପଡ଼ା ଥାନା ଅନ୍ତର୍ଗତ ମାର୍ଶାଘାଇ - ଜମ୍ମୁ ରାସ୍ତାର କଲେଜ ଛକ ନିକରେ ବିଳମ୍ବିତ ରାତିରେ ପିଚୁ କାର୍ଯ୍ୟ ଚାଲୁଥିବା ବେଳେ ଏଆରଏସଏସ କମ୍ପାନୀ ଗାଡି ଦୁର୍ଘଟଣାରେ ଅଞ୍ଜନର ମୃତ୍ୟୁ ଘଟିଛି। ଅଞ୍ଜନ ଗତକାଲି ରାତିରେ ପିଚୁ କାମ କରୁଥିବା ସମୟରେ ସେହି କମ୍ପାନୀର ଏକ ପିକପ ପଛେଇ ପଛେଇ ଆସୁଥିବା ବେଳେ ଅଞ୍ଜନଙ୍କୁ ପଛପଟୁ ପିଟିଦେଇଥିଲା।



ମୃତ ଅଞ୍ଜନକୁ ସହକର୍ମୀ ମାନେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ବେଳକୁ ଅଞ୍ଜନର ମୃତ୍ୟୁହୋଇ ସାରିଥିଲା। ପରିବାର ଲୋକେ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ କ୍ଷତିପୂରଣ ଦାବି କରି କଲେଜ ଛକଠାରେ ଟାୟାର ଜାଳି ମାର୍ଶାଘାଇ - ମହାକାଳପଡ଼ା ରାସ୍ତା ଅବରୋଧ କରିଛନ୍ତି। ରାସ୍ତାର ଉଭୟ ପଟରେ ବହୁତ ସଂଖ୍ୟକ ଗାଡି ସହିତ ଯାତ୍ରୀବାହୀ ବସ ଅଟକି ରହିଛି। ଏନେଇ ମୃତ ଅଞ୍ଜନଙ୍କ ପରିବାର ପକ୍ଷରୁ ମହାକାଳପଡ଼ା ଥାନାରେ ଅଭିଯୋଗ କରିବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ୬।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାଲିଆସ୍ଥ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଉପଲକ୍ଷେ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷା ସୁଲୋଚନା ଦେଉରୀ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ କିପରି ସୁଦୃଢ଼ କରାଯାଇପାରିବ ଓ ଏଥିରେ ସିଆରସିସିଙ୍କ କି କି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ବ୍ରହ୍ମାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଜିଲ୍ଲାର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମଧ୍ୟ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଡ. ବ୍ରହ୍ମାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଅନନ୍ତ କୁମାର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଭୁପ୍ରସାଦ ନାୟକ, ମହେନ୍ଦ୍ର କୁମାର ମାହୁନ୍ତ, ସଞ୍ଜୟ କୁମାର ବଳ, ପର୍ଶୁରାମ ନାୟକ, ରମେଶ ଚନ୍ଦ୍ର ପତି, ମଧୁସୂଦନ ସାହୁ, ଦିଲ୍ଲୀପ କୁମାର ବାରିକ, ଅମୀୟ ରଞ୍ଜନ ବାରିକ, ଶ୍ରୀରାମ ଜେନା, ସଞ୍ଜୟ କୁମାର, ସେକ୍ ମହମ୍ମଦ ଗୟାସୁଦ୍ଦିନ ପ୍ରମୁଖ ସହଯୋଗ କରିଥିଲେ।

# ବଜ୍ରାପାତରେ ମୃତକଙ୍କ ପରିବାରକୁ ସହାୟତା

**ଡେରାବିଶ, ୬।୫ (ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ଗତ ମାସ ୨୭ ତାରିଖରେ ବଜ୍ରାଘାତରେ ନିଜ ସ୍ତ୍ରୀ ଓ ପୁଅକୁ ହରାଇଥିବା ଦିବାକର ବାରିକଙ୍କୁ ଆଜି ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ସମାଜସେବୀ ରବି ସାମଲ ତାଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସୂଚନାରୁ ପ୍ରକାଶ ଗତ ମାସ ୨୭ରେ ଦିବାକରଙ୍କ ପତ୍ନୀ ଶଶିରେଖା (୫୭) ଓ ସାନ ପୁଅ ରବୀନ୍ଦ୍ର (୨୭) ବିଲକୁ ମୁଗ ଓପାଡ଼ିବାକୁ ଯାଇଥିବା ବେଳେ କାଳବୈଶାଖି ବର୍ଷା ପ୍ରଭାବରେ ବଜ୍ରାଘାତ ଘଟି ଉଭୟ ସଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକ ଉଭୟଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟ ମା' ଓ ପୁଅଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ସମ୍ବନ୍ଧରେ ଖବର ପାଇ ସମାଜସେବୀ ଶ୍ରୀ ସାମଲ ଦିବାକରଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ।



# ମହିଳା ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ରାଜନଗର, ୬।୫(ସମିସ)**

ସାଧାରଣ ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବିଜେଡି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ବିଭିନ୍ନ ତରିକାରେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ନାମାଙ୍କନ ଦାଖଲ ପୂର୍ବରୁ ପ୍ରତି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଚାଲିଥିବା ବେଳେ ଗତକାଲିଠାରୁ ମହିଳା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁଙ୍କ ନେତୃତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ନାରୀନେତ୍ରୀ ସୁଜାତା ନାୟକ, ଓସ୍ତିଆ ପଞ୍ଚାୟତ ସରପଞ୍ଚ ବୈଦେହୀ ଦାସ ପ୍ରମୁଖ ଶତାଧିକ ମହିଳାମାନଙ୍କ ସହ ଘରକୁ ଘର ବୁଲି ୪ କୋଟି ଓଡିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା



ସହ ପ୍ରତ୍ୟେକ ଘରର କବାଟରେ ଶଙ୍ଖ ଚିହ୍ନ ମାରୁଛନ୍ତି। ଗତକାଲି ଓସ୍ତିଆ ପଞ୍ଚାୟତର ଓସ୍ତିଆ, ନଗଡ଼, ବନ୍ଧପାଟଣା, ବାଲିକଣା, ଭଗବାନପୁର ପ୍ରଭୃତି ଗାଁରେ ଘରକୁ ଘର ବୁଲି ଶଙ୍ଖ ଚିହ୍ନ ମାରିଥିବା ବେଳେ ଆଜି ବିଧାୟକଙ୍କ ପଞ୍ଚାୟତ ବେଲପାଳ ଗାଁରେ ଘରକୁ ଘର ବୁଲି ରାଜନଗରର ବିକାଶ ପୁରୁଷ ଧ୍ରୁବ ସାହୁ ଓ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିବା ସହ ସରକାରଙ୍କ ଯୋଜନା ସମ୍ପର୍କରେ କହୁଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣଲତା ମହାନ୍ତି, ଜୟନ୍ତୀ ଦାସ, ମମତା ଜତି, ଛବିରାଣୀ ବିଶ୍ୱାଳ, ପୁଷ୍ପଲତା ଜେନା, ପାଞ୍ଚାଳି ସ୍ୱାଇଁ, ଝୁନାରାଣୀ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଡେରାବିଶ, ୬।୫ (ସମିସ):** ଡେରାବିଶ ବ୍ଲକ ଯଆଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚାୟତହାଇସ୍କୁଲର ଅବସରପ୍ରାପ୍ତ ଇଂରାଜୀ ଶିକ୍ଷକ ରମେଶ ଚନ୍ଦ୍ର ବଳ (୬୯)ଙ୍କର ଆଜି ପୂର୍ବାହ୍ନରେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ସ୍ୱର୍ଗତ ବଳ ନିଜ ଗ୍ରାମ ବାରିମୂଳ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ଗତ ୨୦୧୪ ମସିହାରେ ଅବସର ନେଇଥିଲେ। ସେ ଜଣେ ଇଂରାଜୀ ଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କ ମହଲରେ ବେଶ ଆଦୃତି ପାଇଥିଲେ। ମୃତ୍ୟୁଯାଏ ସେ ଖୁବ୍ ଚଳଚଞ୍ଚଳ ଥାଇ ଆଜି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସଙ୍ଗେ ସଙ୍ଗେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ଯଆଁରାବାରିମୂଳର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ,



ସହକର୍ମୀ ମୁରଲିଧର ବଳ, ତାଙ୍କର ବହୁ ଛାତ୍ରଛାତ୍ରୀ, ସହକର୍ମୀ ଓ ବିଦ୍ୟାଳୟର ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଭାଇ ସୁବାଷ ଚନ୍ଦ୍ର, ଗୌରାଙ୍ଗଚନ୍ଦ୍ର, ପୁଅ ସୁନୀଲ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ରହିଥିଲେ। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ ସ୍ୱର୍ଗତ ରମେଶଙ୍କ ପିତାମାତାଙ୍କ ସମାଧି ନିକଟରେ ତାଙ୍କୁ ସମାଧିସ୍ଥ କରାଯାଇଥିଲା।

ଭାରତରେ ୨୦୨୩-୨୪ ଆର୍ଥିକ ବର୍ଷରେ, କେବଳ ୟୁପିଆଇ ମାଧ୍ୟମ ବ୍ୟବହାର କରି, ମୋଟ ଦଶହଜାର କୋଟିଥର ଟଙ୍କାପଇସା ଦେଣନେଣ ରେକର୍ଡ କରାଯାଇଥିଲା ।
-ନିଫ୍ଟି ବ୍ୟାଙ୍କ୍ ସୂଚକାଙ୍କ ସୂତ୍ରରୁ

ସକାଳ
THE SAKALA

# ଚଳଚଞ୍ଚଳ ବିଶ୍ୱ ସୁନାବଜାର

ବିଶ୍ୱବଜାରରେ ଯୁଗପତ୍ ସୁନାର ମୂଲ୍ୟ ଓ ଚାହିଦା ବଢ଼ିବା ଭାରତ ଭଳି ଅନେକ ବିକାଶଶୀଳ ରାଷ୍ଟ୍ରଙ୍କ ପାଇଁ ଚିନ୍ତାଜନକ ଖବର । ଏହି ଦାମୀ ହଳଦିଆ ଧାତୁ ବିଶ୍ୱ ଅର୍ଥନୀତିର ସ୍ଥିରତା ରକ୍ଷାକାରୀ । ଅନେକଙ୍କ ପାଇଁ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ନଗଦ ଅର୍ଥ କିମ୍ବା ବାସ୍ତବ ବୀମା ପଲିସି । କେବଳ ସେତିକି ନୁହେଁ ଆଜିକାଲିର ନୂଆ ଆଇଟି ଟେକ୍ନୋଲୋଜି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସଫ୍ଟଓ୍ୟାର ପ୍ରସ୍ତୁତିରେ ସୁନା ଏବଂ ଅନ୍ୟାନ୍ୟ ବିରଳ ମୂଲ୍ୟବାନ ଧାତୁର ବ୍ୟବହାର ଅଧିକ ହେଉଛି । ଏପରିକି ଆମ ସ୍ମାର୍ଟଫୋନ୍, ସେମିକଣ୍ଡକ୍ଟର ଆଦିରେ ଅଳ୍ପ ପରିମାଣରେ ସୁନା ବ୍ୟବହାର କରାଯାଉଛି, ଏହାର ବିଶେଷ ନମନୀୟତା ଗୁଣ ପାଇଁ ।

ସୁନାର ଚାହିଦା ଅନୁସାରେ ଏହାର ଉତ୍ପାଦନ କମ୍ । କୋଭିଡ୍ ମହାମାରୀ ପରଠାରୁ ସୁନାର ଦାମ ବଢ଼ିବାକୁ ଲାଗିଛି । ଯୁଦ୍ଧ, ଆନ୍ତର୍ଜାତିକ ଅର୍ଥ ବ୍ୟବସ୍ଥା ଓ ତୈଳ ମୂଲ୍ୟ ସହ ସୁନା ମୂଲ୍ୟର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ନିବେଶକ ତୈଳବଜାର ଓ ଅର୍ଥ ବ୍ୟବସ୍ଥାରେ ଅସ୍ଥିରତା ଦେଖିଲେ ସୁନା ଅଧିକ କିଣି ନିଜର ଅର୍ଥକୁ ସୁରକ୍ଷିତ ରଖିଥା'ନ୍ତି । ତେଣୁ ସୁନାର ମୂଲ୍ୟ ସର୍ବଦା ବଢ଼େ, ଏହାର ଲାଭ କ୍ୱଚିତ କମେ । ଯାହା କମେ ତାହା କିଛି ନୁହେଁ । ତେଣୁ ଏହା ନିବେଶକଙ୍କ ପାଇଁ ସବୁଠୁ ନିରାପଦ ନିବେଶ ।

ରୁଷ-ୟୁକ୍ରେନ୍ ଯୁଦ୍ଧ ପରେ ଆନ୍ତର୍ଜାତିକ ବଜାରରେ ସୁନାର ମୂଲ୍ୟ ହଠାତ୍ ଆକାଶଛୁଆଁ ହେବା ଆରମ୍ଭ କଲା । ତତ୍‌ପରବର୍ତ୍ତୀ ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା, ଇସ୍ରାଏଲ୍-ହମାସ ଲଢ଼େଇ ଓ ଆନ୍ତର୍ଜାତିକ ତୈଳବଜାରର ଅସ୍ଥିରତା ଫଳରେ ନିବେଶକ, ଧନାଢ଼୍ୟ ବ୍ୟକ୍ତି ସୁନାରେ ଅଧିକରୁ ଅଧିକ ନିବେଶ କରିବାକୁ ଲାଗିଲେ । ତେଣୁ ବଜାରରେ ସୁନା ଭାଉ ହୁ ହୁ ହୋଇ ବଢ଼ିଲା । ଆହୁରି ମଧ୍ୟ ଚୀନ୍, ଭାରତ ସମେତ ବିଶ୍ୱର ବଡ଼ ବଡ଼ ଦେଶ ନିଜର ଅର୍ଥନୀତିକୁ ସୁଦୃଢ଼ କରିବାକୁ ନିଜ ନିଜ କେନ୍ଦ୍ରୀୟ ବ୍ୟାଙ୍କ ଜରିଆରେ ଅଧିକରୁ ଅଧିକ ସୁନା କିଣି ଚାଲିଛନ୍ତି । ତେଣୁ ସୁନାର ମୂଲ୍ୟ ବଢ଼ିବା ସ୍ୱାଭାବିକ ।

ଏବେ ଚୀନ୍ ସରକାର ଯେଉଁ ପରିମାଣର ସୁନା କିଣୁଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଦେବାଭଳି । କୁହାଯାଉଛି ଯେ ଚୀନ୍‌ରେ ଯେଉଁ ମାତ୍ରାରେ ସୁନା କିଣାଯାଉଛି, ସେଥିରୁ ମନେ ହେଉଛି ଯେ ସତେଯେପରି ଆଗକୁ ସୁନା ଆଉ ମୋଟେ ମିଳିବ ନାହିଁ । ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ଚୀନ୍ ଏହି ପ୍ରଚୁର ସୁନା କିଣିବା ପଛରେ ରହିଛି ତାହାର ଆର୍ଥିକ ମାନ୍ଦାବସ୍ଥା ଏବଂ ବିଶ୍ୱରେ ଚାଲିଥିବା ଯୁଦ୍ଧ ବିଗ୍ରହ ଜନିତ ସ୍ଥିତି । ଚୀନ୍ ଅର୍ଥନୀତି ଏବେ ମାନ୍ଦା ଥିବାରୁ ନିବେଶକ ସେଠାରେ କମ୍ ପୁଞ୍ଜି ଲଗାଉଛନ୍ତି । ତେଣୁ ନିଜ ଅର୍ଥନୀତିକୁ ସମ୍ଭାଳି ରଖିବାକୁ ଚୀନ୍ ନିଜପାଖରେ ଥିବା ପ୍ରଚୁର ଅର୍ଥକୁ ସୁନାରେ ନିବେଶ କରି ଭବିଷ୍ୟତକୁ ସୁରକ୍ଷିତ କରିବାକୁ ଚାହୁଁଛି । ଏବେ କୋଠାବାଡ଼ି ନିର୍ମାଣ ବ୍ୟବସାୟ ଓ ଷ୍ଟକ୍‌ମାର୍କେଟରେ ନିବେଶ ବିଶେଷ ଲାଭଜନକ ହେଉନାହିଁ । ତେଣୁ ପଇସାବାଲା ଲୋକେ ସୁନା ଅଧିକ ପରିମାଣରେ କିଣିବାରୁ ବିଶ୍ୱ ବଜାରରେ ଏହି ହଳଦିଆ ଧାତୁର ମୂଲ୍ୟ ଆଉନ୍ସ (୨୮.୩୫ଗ୍ରାମ) ମୂଲ୍ୟ ପ୍ରାୟ ୨୩୨୮ ଆମେରିକୀୟ ଡଲାର । ଭାରତୀୟ ମୁଦ୍ରାରେ ପ୍ରାୟ ଦୁଇଲକ୍ଷ ଟଙ୍କା । ଚୀନ୍ ସରକାର ଆମେରିକୀୟ ଋଣ ପରିଶୋଧ କରିବାକୁ ଏବେ ସୁନାର ଆଶ୍ରୟ ନେଇଛି ।

ଆମେରିକୀୟ ଡଲାର ବିଶ୍ୱର ସବୁଠୁ ପ୍ରଭାବଶାଳୀ ମୁଦ୍ରା ଓ ଏହାର ଚାହିଦା ସର୍ବାଧିକ । ସମଗ୍ର ବିଶ୍ୱର ସର୍ବାଧିକ ବାଣିଜ୍ୟ କାରବାର ଆମେରିକୀୟ ଡଲାରରେ ହୋଇଥାଏ । ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ ରିଜର୍ଭ ତାହାର ସୁଧହାର ଉଚ୍ଚା ରଖିଛି ଓ ଏହା ଅଧିକ କାଳ ରହିବ ବୋଲି ଘୋଷଣା କରିଛି । ଏହାଫଳରେ ଟଙ୍କା (ରୁପି) ସମେତ ବିଶ୍ୱର ସବୁ ପ୍ରମୁଖ ଦେଶର ମୁଦ୍ରାର ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ହ୍ରାସ ପାଉଛି । ତେଣୁ ନିବେଶକ ଓ ବିଭିନ୍ନ ଦେଶ ସୁନା କିଣି ନିଜର ମୁଦ୍ରାର ମୂଲ୍ୟକୁ ସ୍ଥିର ରଖିବାକୁ ଚେଷ୍ଟା କରୁଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ପରିସ୍ଥିତିର ମୁକାବିଲା ପାଇଁ ସୁନା କିଣିବାକୁ ବାଧ୍ୟ ହେଉଛି ।

ଭାରତ ପାରମ୍ପରିକ ଭାବେ ଏକ ସୁନାପ୍ରେମୀ ଦେଶ । ପ୍ରତ୍ୟେକ ସ୍ୱଚ୍ଛଳ ପରିବାର ଗହଣା ଗାଣ୍ଠି ରୂପେ ସୁନା କିଣିବାକୁ ପସନ୍ଦ କରନ୍ତି ଏବଂ ଏହାକୁ ଜୀବନ ତଥା ପରିବାରର ଏକ ସ୍ଥାୟୀ ଜମା ଭାବେ ବିଚାର କରିଥା'ନ୍ତି । ବିବାହବ୍ରତ ଆଦି ସାଂସ୍କୃତିକ ଉତ୍ସବାନୁଷ୍ଠାନରେ ମଧ୍ୟ ସୁନାର ଚାହିଦା ଭାରତରେ ବୃଦ୍ଧି ପାଇଥାଏ । ଭାରତରେ କନ୍ୟାପିତା ଯେତେ ଗରିବ ହେଲେ ମଧ୍ୟ ବର ଓ କନ୍ୟା ପାଇଁ ସୁନା ଅଳଙ୍କାର କିଣିବା ଏକ ଅଲିଖିତ ନିୟମ ଓ ପରମ୍ପରା ହୋଇଆସିଛି । ଅକ୍ଷୟ ତୃତୀୟା, ଧନ୍ ତେରାଶ, ଦୀପାବଳି ଭଳି ଉତ୍ସବାନୁଷ୍ଠାନରେ ଲୋକେ ସୁନା କିଣିବାକୁ ଶୁଭ ବୋଲି ବିଚାର କରନ୍ତି । ତେବେ ପରିତାପର ବିଷୟ ହେଲା ସୁନା ଉତ୍ପାଦନରେ ଭାରତର ସ୍ଥିତି ନଗଣ୍ୟ ଏବଂ ଏହା ସମ୍ପୂର୍ଣ୍ଣ ଭାବେ ଆମଦାନି ଉପରେ ନିର୍ଭର କରେ । ମାତ୍ର ଦେଢ଼ବର୍ଷ ମଧ୍ୟରେ କିନ୍ତୁ ସୁନାର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ୫୦ ଶତାଂଶରୁ ଅଧିକ ବଢ଼ିଥିବା ବେଳେ ଭାରତରେ ଏହା ପ୍ରାୟ ଦୁଇଗୁଣ ହୋଇଛି ।

ଘରୋଇ ଗ୍ରାହକ ସମେତ ନିବେଶକ, ସରକାର, କେନ୍ଦ୍ରୀୟ ବ୍ୟାଙ୍କ, ଦେଶର ଅର୍ଥନୀତି, ଆନ୍ତର୍ଜାତିକ ବାଣିଜ୍ୟ ଓ ଋଣ ପରିଶୋଧ ପାଇଁ ସୁନାର ଆବଶ୍ୟକତା ବହୁ ଅଧିକ । ଆମ ଅର୍ଥନୀତି ବିଶ୍ୱର ତୃତୀୟ ସର୍ବବୃହତ୍ ହେବାକୁ ଯାଉଛି । ଏବେ ଭାରତର ଅର୍ଥନୀତିର ଆକାର ୩.୭ ଟ୍ରିଲିୟନ ଡଲାର । ୨୦୩୦ ସୁଦ୍ଧା ଏହା ଛ'ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି । ଏତେବଡ଼ ଅର୍ଥନୀତିକୁ ଗ୍ୟାରେଣ୍ଟି ଦେବା ପାଇଁ ରିଜର୍ଭ ବ୍ୟାଙ୍କ ଓ ସରକାରଙ୍କ ପାଖରେ ଆବଶ୍ୟକ ପରିମାଣର ସୁନା ରହିବା ଦରକାର । ସରକାର ସେ ଦିଗରେ ସଚେତନ ଥିବେ, ସେ ବିଶ୍ୱାସ ଆମର ରହିଛି । ବଡ଼ କଥା ହେଲା ସ୍ୱର୍ଣ୍ଣପ୍ରିୟ ଭାରତୀୟଙ୍କ ପାଖରେ ବ୍ୟକ୍ତିଗତ ଯେତେ ପରିମାଣର ସୁନା ଓ ଅଳଙ୍କାର ରହିଛି, ତାହା ସମସ୍ତଙ୍କୁ ଚକିତ କରିପାରେ । ଗଣମାଧ୍ୟମ ତଥ୍ୟ ଅନୁସାରେ ଭାରତରେ ବିଭିନ୍ନ ପରିବାରରେ ଥିବା ସୁନାର ପରିମାଣ ପ୍ରାୟ ୨୧ ହଜାର ଟନ୍ । ଏହା ବିଶ୍ୱବ୍ୟାଙ୍କର ସ୍ୱର୍ଣ୍ଣ ମହଜୁଦ (ଗୋଲ୍ଡ ରିଜର୍ଭ) ଠାରୁ ମଧ୍ୟ ଅଧିକ । ତେବେ ଏଥିରେ ସରକାର ହାତ ମାରିବା ସହଜ ନୁହେଁ ।

ଏସବୁ ପାରମ୍ପରିକ ପୁଞ୍ଜି ଓ ଧନାଢ଼୍ୟ ବ୍ୟକ୍ତିଙ୍କ ପାଖରେ ଅଧିକ ରହିଛି । ସୁତରାଂ ଏହା ଉପରେ ରାଜନୈତିକ ନଜର ପଡ଼ିଲେ ଅସନ୍ତୋଷ ବଢ଼ିବା ସ୍ୱାଭାବିକ । ନିକଟରେ କଂଗ୍ରେସର ନିର୍ବାଚନ ଇସ୍ତାହାରରେ ଘରୋଇ ସଞ୍ଚିତ ଧନକୁ ଥିବାବାଲାଙ୍କଠାରୁ ଆଣି ଗରିବଙ୍କୁ ବାଣ୍ଟିବା କଥା ଉଲ୍ଲେଖଥିବାରୁ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ଏଭଳି ଉଗ୍ର ବାମପନ୍ଥୀ ବିଚାର ଭାରତୀୟ ଗଣତନ୍ତ୍ର ପାଇଁ କ୍ଷତିକାରକ ନିଶ୍ଚୟ । ଯେଉଁ ଦେଶ ସମ୍ପଦ ସୃଷ୍ଟି କରିବାକୁ ନାଗରିକଙ୍କୁ ସୁଯୋଗ ଦିଏ ସେ ଦେଶ ଉନ୍ନତି କରେ ଓ ଲୋକଙ୍କ ଆର୍ଥିକ ସ୍ଥିତି ବଦଳେ । ଆର୍ଥିକ ସ୍ଥିତି ବଦଳିଲେ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆସେ । ନିଜର ଆବଶ୍ୟକତା ପୂରଣ ପାଇଁ ଭାରତ ତ ଅଧିକ ସୁନା କିଣିବାକୁ ଚାହିଁବ । ତେବେ ବର୍ଦ୍ଧିତ ମୂଲ୍ୟ ଏ କ୍ଷେତ୍ରରେ ଏକ ପ୍ରତିବନ୍ଧକ । ଆମ ଲୋକକଥାରେ ଉକ୍ତିଟିଏ ଅଛି 'ସୁନା ଓ ଭୂମି ଯେତେବେଳେ କିଣାଯାଏ, ତାହା ସେତେବେଳେ ଶସ୍ତା' । ଏହାର ସରଳ ଅର୍ଥ ହେଲା ପ୍ରତି ମୁହୂର୍ତ୍ତରେ ସୁନାର ମୂଲ୍ୟ ବଢ଼ିଥାଏ । କିନ୍ତୁ ସୁନା ବଜାରର ଏକ ବିଡ଼ମ୍ବନା ହେଲା ଏହା ବ୍ୟକ୍ତିଗତ ସମ୍ପଦ ବା ଅର୍ଥନୀତି(ମାଇକ୍ରୋ ଇକୋନମି) ସୁରକ୍ଷା ଦେଉଥିବା ବେଳେ ଦେଶର ସାମଗ୍ରିକ ଅର୍ଥନୀତି(ମାକ୍ରୋ ଇକୋନମି)କୁ କ୍ଷତିଗ୍ରସ୍ତ କରେ । କାରଣ ସୁନାରେ ନିବେଶ ହୋଇଥିବା ବିପୁଳ ଅର୍ଥ ସ୍ଥାଣୁ ଭାବରେ ରହି ଅର୍ଥନୀତିକୁ ମଧ୍ୟ ସ୍ଥାଣୁ କରିଦିଏ । ଏହି କାରଣରୁ ସୁନା କିଣି ଘରେ ଗଚ୍ଛିତ କରି ରଖିବା ମାନସିକତାକୁ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଗୋଲ୍ଡ ବଣ୍ଡ ଯୋଜନା ଆରମ୍ଭ କରିଥିଲେ । କିନ୍ତୁ ଭାରତୀୟମାନଙ୍କର ସୁନା ମନସ୍କତା କାରଣରୁ ଏହା ବିଶେଷ ଫଳପ୍ରଦ ହୋଇପାରିନାହିଁ । ସେହିପରି ସୁନା ଆମଦାନୀ ଉପରେ ସରକାର ଅଧିକ ଶୁଳ୍କ ଲାଗୁ କରିବା ଉଦ୍ୟମ ମଧ୍ୟ ବ୍ୟର୍ଥ ହୋଇଛି । ଲୋକଙ୍କ ସୁନା ପ୍ରତି ମୋହ ଯେ ପର୍ଯ୍ୟନ୍ତ ନ କମିଛି ସୁନା ମୂଲ୍ୟ ମଧ୍ୟ କମିବ ନାହିଁ । ଅର୍ଥର ମୂଳ ସୁନାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ଅନର୍ଥର କାରଣ ନ ହେଉ । କିନ୍ତୁ ବ୍ୟକ୍ତି, ଅନୁଷ୍ଠାନ, ଦେଶ ସମସ୍ତେ ସୁନା ପଛରେ ଦୌଡ଼ୁଛନ୍ତି । ଏହି ଦୌଡ଼ରୁ ସେମାନଙ୍କୁ ନିବୃତ କରିବ କିଏ?

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ଲେଖା ଓ ଲୋକମତ ପାଇଁ: sakalaeditorial@gmail.com**


# ମାନବ ବୁଦ୍ଧିମତ୍ତା ଶ୍ରେୟସ୍କର



ଡ. କଳ୍ପନା ସାହୁ
ଭୁବନେଶ୍ୱର, ମୋ: ୮୨୪୯୮୯୬୧୪୮

ପ୍ରଯୁକ୍ତି ବିଦ୍ୟା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ଡିଜିଟାଲ ଯୁଗରେ କିଛି ନୂଆ କଥା ନୁହେଁ । ଆଜିକାଲି କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ହେଉଛି କମ୍ପ୍ୟୁଟର ବିଜ୍ଞାନର ଏକ ବିସ୍ତୃତ କ୍ଷେତ୍ର । ଏହାର ବ୍ୟବହାର ଓ କୌଶଳ କେବଳ ଶିଳ୍ପ କ୍ଷେତ୍ରରେ ସୀମିତ ନ ରହି ଆମର ଦୈନନ୍ଦିନ ଜୀବନରେ ମଧ୍ୟ ହେଉଛି । ସ୍ୱୟଂଚାଳିତ ଗାଡ଼ିରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ମନୋରଞ୍ଜନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଚାଟ୍ ଜିପିଟ୍, ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ ଶିକ୍ଷା, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଓ ରୋବୋଟିକ୍ସ ମାଧ୍ୟମରେ ମଣିଷର ଅନେକ କାର୍ଯ୍ୟକୁ ସହଜରେ ଓ ଶୀଘ୍ର କରିବାରେ ସକ୍ଷମ ହୋଇପାରୁଛି । ଏଆଇର ବହୁଳ ବ୍ୟବହାର ଓ ସରଳ ପ୍ରୟୋଗ ଯୋଗୁଁ କୃତ୍ରିମ ବୁଦ୍ଧି ଧୀରେ ଧୀରେ ମାନବୀୟ ବୁଦ୍ଧିଠାରୁ ଅଧିକ ସକ୍ରିୟ ଭୂମିକା ଗ୍ରହଣ କଲାଣି । ଏହା ସତ ଯେ ଭବିଷ୍ୟତରେ ମଣିଷ କୃତ୍ରିମ ବୁଦ୍ଧିର ଦାସ ହୋଇଯିବ ।

ଅନେକ ବିଶେଷଜ୍ଞଙ୍କ ମତରେ ଏଆଇ ଏକ ଯାନ୍ତ୍ରିକ ପ୍ରକ୍ରିୟା, ଯାହାକୁ ଆମେ ନିୟନ୍ତ୍ରଣ କରିପାରିବୁ ନାହିଁ । ଏଥିପାଇଁ ମନୋବିଜ୍ଞାନୀମାନେ ମାନବ-ଯନ୍ତ୍ରର ପାରସ୍ପରିକ କାର୍ଯ୍ୟକଳାପ ଉପରେ ଅନୁଧ୍ୟାନ କରି ଗୋଟିଏ ମନ୍ତବ୍ୟ ଦେଇଛନ୍ତି । ସେମାନଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମଣିଷ କାର୍ଯ୍ୟ ଦ୍ୱାରା ସୃଷ୍ଟି ହୋଇଥିବା ଭେଦଭାବ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ, କିନ୍ତୁ ରୋବଟ୍ କ୍ଷେତ୍ରରେ ଏହା ପ୍ରଯୁଜ୍ୟ ନୁହେଁ । ବିରାମ୍ୟାନ୍ ଓ ତାଙ୍କ ସହଯୋଗୀମାନେ ମାଲେସିଆର ଏକ ହୋଟେଲରେ ଉଭୟ ରୋବଟ୍ ଏବଂ ମାନବ ଶ୍ରମିକଙ୍କୁ ନିୟୋଜିତ କରି ସେମାନଙ୍କ ପାରସ୍ପରିକ ସମ୍ପର୍କକୁ ବିଶ୍ଳେଷଣ କରିଥିଲେ । ହୋଟେଲ୍‌ର ଅତିଥିମାନେ ରୋବଟ୍ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିବା ପରେ ମାନବ ଶ୍ରମିକମାନଙ୍କ ସହିତ ବ୍ୟବହାରରେ ତୁଳନାତ୍ମକ ଭାବେ କମ୍ ସମ୍ମାନ ଦେଉଥିବା ଦେଖାଯାଇଥିଲା । କାରଣ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାର ସଚ୍ଚୋଟ ଓ ସ୍ୱଚ୍ଛତା ଉପରେ ଲୋକମାନଙ୍କର ଅଧିକ ବିଶ୍ୱାସ ଅଛି । ଏହା କିନ୍ତି ମଣିଷ ସଭ୍ୟତା ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନ୍ୟ ଏକ ଦିଗ ହେଉଛି ଏଆଇ ବର୍ତ୍ତମାନ ଥେରାପି ପରି ସହାୟତା ଯୋଗାଉଛି । ମାନସିକ ସହଯୋଗ ପାଇଁ ଚାଟ୍‌ବଟ୍‌ର ସାହାଯ୍ୟ ଅତୁଳନୀୟ । ସେଥିପାଇଁ ଆମକୁ ମାନବ ବୁଦ୍ଧି ଓ କୃତ୍ରିମ ବୁଦ୍ଧି ମଧ୍ୟରେ ପାର୍ଥକ୍ୟ ଜାଣିବାକୁ ହେବ । କୃତ୍ରିମ ବୁଦ୍ଧି ମାନବ ଦ୍ୱାରା ସୃଷ୍ଟି । କିନ୍ତୁ କୃତ୍ରିମ ବୁଦ୍ଧି କେଉଁ



କାର୍ଯ୍ୟରେ ସଫଳ ଓ କେଉଁ କାର୍ଯ୍ୟରେ ବିଫଳ ଏହା ଆମକୁ ଜାଣିବାର ଅଛି ।

ମାନବ ମସ୍ତିଷ୍କର ଜଟିଳ ଓ ଗତିଶୀଳ କାର୍ଯ୍ୟରେ ମାନବ ବୁଦ୍ଧିର ଚିନ୍ତା କରିବା ଓ ସମସ୍ୟା ସମାଧାନର ଭାଷା ଓ ନିଷ୍ପତ୍ତି ନେବାର କ୍ଷମତା କୃତ୍ରିମ ବୁଦ୍ଧିଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯାହା ଚେତନା, ଆତ୍ମ ସଚେତନତା, ଭାବନା ଓ ବିବିଧ ଜ୍ଞାନର କ୍ଷମତା ସୃଷ୍ଟି କରିପାରେ । ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧି ମାନବ- ପରିକଳ୍ପନା, ଯେଉଁଥିରେ ଆଲଗୋରିଦମ୍ ଦ୍ୱାରା ତଥ୍ୟ ପ୍ରକ୍ରିୟାକରଣ ଓ ପ୍ରୋଗ୍ରାମ ହୋଇଥିବା ତର୍କସବୁ କିପରି ମାନବୀୟ ବୁଦ୍ଧିମତ୍ତାକୁ ଅନୁକରଣ କରିବ ଓ କାର୍ଯ୍ୟକାରୀ କରିପାରିବ, ସେ ଦିଗଗୁଡ଼ିକୁ ଧ୍ୟାନ ଦିଆଯାଏ । ମନୁଷ୍ୟର ମସ୍ତିଷ୍କ ଓ କମ୍ପ୍ୟୁଟର ମଧ୍ୟରେ ସମାନ୍ତରତା ଲକ୍ଷ୍ୟ କରି ପ୍ରଯୁକ୍ତି ବୈଜ୍ଞାନିକମାନେ କୃତ୍ରିମ ବୁଦ୍ଧିମତ୍ତାର ପରିକଳ୍ପନା କରିଛନ୍ତି । ତେବେ ଗୋଟିଏ କଥା ସ୍ପଷ୍ଟ ଯେ ଏଆଇ ମୁହୂର୍ତ୍ତକ ମଧ୍ୟରେ ବିଶାଳ କାର୍ଯ୍ୟ କରୁଥିଲେ ମଧ୍ୟ ଗୋଟିଏ ପରେ ଗୋଟିଏ ସୂଚନା ଗ୍ରହଣ କରି କ୍ରମକାଳୀନ ପଦ୍ଧତିରେ ବିଶ୍ଳେଷଣ କରେ । ମାତ୍ର ମନୁଷ୍ୟର ମସ୍ତିଷ୍କ ସମାନ୍ତରାଳ ଭାବେ ଏକାଧିକ ଚିନ୍ତନ କରିପାରେ । ବଜାରରୁ ଜିନିଷ କିଣିବା ସମୟରେ ଜିନିଷର ମନୋନୟନ, ମୂଲ୍ୟ ଆକଳନ ଓ ସେହି ସମୟରେ ଚିହ୍ନାଲୋକ ଥିଲେ ଅଭିନନ୍ଦନ ଜଣାଇବା ପରି ଏକସଙ୍ଗରେ ଅନେକ କାର୍ଯ୍ୟ କରିଥାଏ । ହେଲେ ଏଆଇ ଗୋଟିଏ ପରେ ଗୋଟିଏ ସମସ୍ୟାର ସମାଧାନ କରିଥାଏ । ଏହାସହିତ ମଣିଷର ବୁଦ୍ଧିମତ୍ତାର ପ୍ରୟୋଗ କୃତ୍ରିମ ବୁଦ୍ଧିମତ୍ତାଠାରୁ ଅନେକାଂଶରେ ଅଧିକ ।

ମାନବ ବୁଦ୍ଧିମତ୍ତା ମଣିଷର ଅଭିଜ୍ଞତା, ଶିକ୍ଷା, ପର୍ଯ୍ୟବେକ୍ଷଣ, ଅନୁଶୀଳନ ଦ୍ୱାରା ପ୍ରଭାବିତ ଓ ପରିଚାଳିତ ହୁଏ । କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଡାଟା ଓ ପାଟନ୍ ଅର୍ଥାତ୍ ଆଲଗୋରିଦିମ୍ ଓ ମେସିନ୍ ଲର୍ନିଙ୍ଗ ଉପରେ ଆଧାରିତ । ମଣିଷର ବୁଦ୍ଧି ନୂତନ ଚିନ୍ତାଧାରା, କଳା, ଉଦ୍ଭାବନ ଓ ନୂତନତ୍ୱରେ ପାରଙ୍ଗମ । ବିସ୍ତୃତ ଭାବରେ ଚିନ୍ତା କରିବା, ସମ୍ଭାବନାକୁ କଳ୍ପନା ଜରିଆରେ କାର୍ଯ୍ୟରେ ରୂପାନ୍ତରଣ କରିବାର ବୈଶିଷ୍ଟ୍ୟ ମାନବ ବୁଦ୍ଧିମତ୍ତାରେ ରହିଛି । ଅପରପକ୍ଷରେ କୃତ୍ରିମ ବୁଦ୍ଧିମତ୍ତା କିଛି ପରିମାଣରେ ସୃଜନଶୀଳ ଫଳାଫଳ ସୃଷ୍ଟି କରିପାରେ, କିନ୍ତୁ ଏହା ଏକ ପୂର୍ବ ନିର୍ଦ୍ଧାରିତ ଢାଞ୍ଚା ଓ ତଥ୍ୟ ଉପରେ ଆଧାରିତ । ମାନବ ବୁଦ୍ଧିର ସବୁଠୁ ଶକ୍ତିଶାଳୀ ବୈଭବ ହେଉଛି ଭାବପ୍ରବଣ ବୁଦ୍ଧି । ମଣିଷମାନେ ସମ୍ବେଦନଶୀଳ, ଭାବରେ ପରିପ୍ରକାଶ କରିବାରେ ଧୂରନ୍ଧର, ସାମାଜିକ ସୂଚନାକୁ ଭଲ ଭାବରେ ବାଖ୍ୟା କରିପାରିବାରେ ପ୍ରବୀଣ ଅଟନ୍ତି । ଜଟିଳ ପାରସ୍ପରିକ ସମ୍ପର୍କକୁ ଅତୁଟ ରଖି ବାନ୍ଧି ପାରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଏହାଛଡ଼ା ପ୍ରଭାବଶାଳୀ ଯୋଗାଯୋଗ ଓ ସହଯୋଗରେ କୃତ୍ରିମ ବୁଦ୍ଧିମତ୍ତାଠାରୁ ଯଥେଷ୍ଟ ଆଗରେ ଅଛନ୍ତି ।

କୃତ୍ରିମ ବୁଦ୍ଧିମତ୍ତାରେ ପ୍ରକୃତ ଭାବପ୍ରବଣ ବୁଦ୍ଧିର ଅଭାବ ରହିଛି । ଯଦିଓ କେତେକ ଏଆଇ ପ୍ରଣାଳୀ ମାନବିକ ଭାବନାକୁ ଚିହ୍ନିବା ବା ତାକୁ ବିଶ୍ଳେଷଣ ମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କରିବାର ଦକ୍ଷତା ହାସଲ କଲେଣି, ତଥାପି ଏଆଇ ପାଖରେ ସହନଶୀଳତା ଓ ସମ୍ବେଦନଶୀଳତାର ଅଭାବ ରହିଛି । ମଣିଷମାନେ ଆତ୍ମସଚେତନ । ସେମାନଙ୍କର ଅସ୍ତିତ୍ୱ, ଚିନ୍ତାଧାରା ଓ ଭାବନା ବିଷୟରେ ବୁଝିବାର ଧାରଣା ଅଛି । ଏହି ଆତ୍ମସଚେତନତା, ଆନ୍ତରିକତା, ଆତ୍ମପ୍ରତିଫଳନକୁ ଆଧାର କରି ଅନୁକୂଳ ପରିବେଶରେ ବଞ୍ଚିବାର କ୍ଷମତା ମଣିଷ ପାଖରେ ଅଛି, ଯାହା ଏଆଇ ପାଖରେ ଅଭାବ । ଏହା ନିଶ୍ଚିତ ପରିବେଶ, ନିଶ୍ଚିତ ତଥ୍ୟ ଉପରେ କାର୍ଯ୍ୟକ୍ଷମ ହୋଇପାରିବ । କିନ୍ତୁ ମାନବ ବୁଦ୍ଧି ଶୀଘ୍ର ନିଷ୍ପତ୍ତି ନେବା କିମ୍ବା ଅନିଶ୍ଚିତ ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ଆଣିବା, ସାଧାରଣ ଜ୍ଞାନ, ଆନ୍ତରିକତା ଭାବ ଇତ୍ୟାଦିରେ କୃତ୍ରିମ ବୁଦ୍ଧିମତ୍ତାଠାରୁ ଯଥେଷ୍ଟ ଆଗରେ ଅଛି । ସର୍ବୋପରି କୌଣସି ଏକ ଜଟିଳ କାର୍ଯ୍ୟ କରିବା ପାଇଁ ଇଚ୍ଛା, ପ୍ରବୃତ୍ତି ଓ ଅନ୍ତର୍ନିହିତ ମୂଲ୍ୟବୋଧ କେବଳ ମନୁଷ୍ୟ ମଧ୍ୟରେ ରହିଛି ।

ମାନବ ଜୀବନର ଅସ୍ତିତ୍ୱ ଅର୍ଥପୂର୍ଣ୍ଣ ଉଦ୍ଦେଶ୍ୟ ଉପରେ ଆଧାରିତ । ମଣିଷ ବୁଦ୍ଧି, ଏହାର ଗଭୀରତା, ଅନୁକୂଳତା, ଭାବପ୍ରବଣ ସମୃଦ୍ଧତା, ସୃଜନଶୀଳତା କୃତ୍ରିମ ବୁଦ୍ଧିମତ୍ତାରୁ ଯଥେଷ୍ଟ ଅଧିକ । ମାନସିକ ସହଯୋଗ, ସହାୟତା, ପରାମର୍ଶ, କୋଚିଂ ଓ ଥେରାପି ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଭାବପ୍ରବଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି କ୍ଷେତ୍ରରେ ଏଆଇରେ ମଧ୍ୟ ସୁଯୋଗ ସୃଷ୍ଟି କରାଯାଇପାରିବ । ମଣିଷର ବୁଦ୍ଧି ଓ ବୌଦ୍ଧିକ କ୍ଷମତା ଓ କୃତ୍ରିମ ବୁଦ୍ଧିମତ୍ତାର ଏକ ରୋମାଞ୍ଚକର ଭବିଷ୍ୟତ ଅଛି । ଏହାର ବ୍ୟବଧାନକୁ ଦୂର କରିବା ପାଇଁ ଅନେକ ପ୍ରୟାସ ଚାଲିଛି ।

# ବୃକ୍ଷ ରୁଷିଲେ ପ୍ରଳୟ !



ଚନ୍ଦନ କୁମାର ଦାସ
ଭୋଗରାଇ, ମୋ: ୮୧୧୪୩୪୫୯୮୮

କେଉଁ ଆଦିମ କାଳରୁ ବୃକ୍ଷ ବା ଗଛ ସହିତ ଆମ ଭାରତୀୟ ସଂସ୍କୃତିର ଏକ ପୁରାତନ ସମ୍ପର୍କ ଜଡ଼ିତ, ତାହା ଅକଳନୀୟ । ତଥାପି ବିଭିନ୍ନ ସମୟରେ ବିଭିନ୍ନ ଯୁଗପୁରୁଷଙ୍କ ଆବିର୍ଭାବ ଏବଂ ସେମାନଙ୍କ ଲେଖନୀ ନିଃସୃତ ସୃଜନ, ବୃକ୍ଷ ସମ୍ପର୍କିତ ବିଭିନ୍ନ ତଥ୍ୟ ଆମ ସଂସ୍କୃତିରେ ବୃକ୍ଷର ଗୁରୁତ୍ୱକୁ ମନନ କରାଇବା ସହ ଏ ମହାଜାଗତିକ ଭାବନାକୁ ଅଧିକ ଶକ୍ତିଶାଳୀ କରି ଗଢ଼ିତୋଳେ ।

ଭାରତୀୟ ସଭ୍ୟତା ବହୁ ପ୍ରାଚୀନ । ସେଥିପାଇଁ ଆମ ସଭ୍ୟତା ଓ ଆମ ସଂସ୍କୃତି ସୃଷ୍ଟିରେ ବୃକ୍ଷର ଗୁରୁତ୍ୱକୁ ସିଦ୍ଧ କରିବା ତଥା ବିଶ୍ୱସ୍ତରରେ ଏହାର ଗୁରୁତ୍ୱକୁ ଅନୁଭବ କରାଇବା ପାଇଁ ବୃକ୍ଷକୁ ଦେବତାର ସ୍ଥାନ ଦେଇଛି । ଏହା ହିଁ ପ୍ରମାଣିତ କରେ ବୃକ୍ଷ ସହିତ ଆମର ଏ ସମ୍ପର୍କ କେଡ଼େ ନିର୍ମଳ ଓ ନିବିଡ଼ । ଆମ ସଂସ୍କୃତି ସର୍ବଦା ମହାନ । ଏହାକୁ ବୈଜ୍ଞାନିକ, ଦାର୍ଶନିକ ଆଦି ଯେକୌଣସି ଦୃଷ୍ଟିକୋଣରୁ ବିଶ୍ଳେଷଣ କରାଯାଇପାରେ ।

ଏହି ଚିରନ୍ତନ ଭାବନାର ବାସ୍ତବତାକୁ ଆମେ ଆଜି କିନ୍ତୁ ଅନୁଭବ କରିବାରେ ଏକ ବ୍ୟତିକ୍ରମର ବିବର୍ତ୍ତନ ମଧ୍ୟକୁ ଠେଲି ହୋଇଯାଉଛୁ; ଯାହାର ଫଳସ୍ୱରୂପ ବୃକ୍ଷ ପ୍ରତି ଥିବା ଆମର ସେ ପୁରାତନ ଭଲପାଇବା ଓ ବର୍ତ୍ତମାନ ଭଲପାଇବା ମଧ୍ୟରେ ଏକ ବିଭେଦ ସୃଷ୍ଟି ହୋଇଯାଇଛି । ଏହି ବିଭେଦକୁ ଏକାକାର କରିବା ପାଇଁ ଆମକୁ ଆମର ପୁରାତନ ଭାବନାକୁ ଫେରାଇ ଆଣିବାକୁ ପଡ଼ିବ । ଜାତିସଂଘ ଅଧୀନରେ କାର୍ଯ୍ୟରତ ସଂସ୍ଥା ୟୁଟିଲିଟି ବିଡର ତଥ୍ୟ ଅନୁସାରେ ଭାରତ ଗତ ୩୦ ବର୍ଷ ମଧ୍ୟରେ ପାଖାପାଖି ୬, ୬୮, ୪୦୦ ହେକ୍ଟର ଜଙ୍ଗଲ ହରାଇ ବିଶ୍ୱ ଜଙ୍ଗଲ କ୍ଷୟ କଳାତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହି ତାଲିକାରେ ବ୍ରାଜିଲ ଓ ଇଣ୍ଡୋନେସିଆ ଯଥାକ୍ରମେ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଗତ ୩୦ ବର୍ଷ ମଧ୍ୟରେ ବ୍ରାଜିଲ ୧୬, ୯୫, ୭୦୦ ହେକ୍ଟର ଓ ଇଣ୍ଡୋନେସିଆ ୬, ୫୦, ୦୦୦ ହେକ୍ଟର ଜଙ୍ଗଲ ହରାଇଛନ୍ତି । ଭାରତ କେତେକ ସମୟରେ ଏହି ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛି । ୧୯୯୦ ରୁ ୨୦୨୦ ମସିହା ମଧ୍ୟରେ ସର୍ବାଧିକ ଜଙ୍ଗଲ ହରାଇଥିବା ଦେଶ ତାଲିକାରେ ଭାରତ ଥିଲା ପ୍ରଥମ । ଏହି ସମୟରେ ଭାରତ ପ୍ରାୟ ୨, ୮୪, ୪୦୦ ହେକ୍ଟର ଜଙ୍ଗଲ ହରାଇଥିଲା । ପୂର୍ବ ତୁଳନାରେ ଭାରତ ୨୦୦୦ ମସିହାଠାରୁ ଏଯାବତ



ପାଖାପାଖି ୫.୬ % ଗଛ ହରାଇଛି ।

ଜାତିସଂଘର ଅନ୍ୟ ଏକ ଚିନ୍ତନୀୟ ତଥ୍ୟ ଅନୁସାରେ ଆମ ସବୁଜ ଗ୍ରହ ତା'ର ସବୁଜତାକୁ ହରାଇବାରେ ଦ୍ରୁତ ଅଗ୍ରସର । ୨୦୨୦ ମସିହାର ଜାତିସଂଘର ଏହି ରିପୋର୍ଟ ଅନୁସାରେ ପୃଥିବୀ ପ୍ରତିବର୍ଷ ୭୦, ୦୦, ୦୦୦ ହେକ୍ଟର ଜଙ୍ଗଲ ହରାଉଛି । ପରିଣାମ ସ୍ୱରୂପ ପ୍ରତିବର୍ଷ ବିଶ୍ୱତାପନର ବିଷ ବଳୟ ମଧ୍ୟକୁ ଆମେ ଆପଣାଛାଏଁ ଝାସ ଦେଇଚାଲିଛୁ । ଅଙ୍ଗାରକାମ୍ଳର ଆଁ ମଧ୍ୟରେ କବଳିତ ହେବାରେ ଆମେ ମଧ୍ୟ ପଛରେ ନାହୁଁ । ବର୍ଷକୁ ବର୍ଷ ଅଙ୍ଗାରକାମ୍ଳର ନିର୍ଗମନ ବଢ଼ିବାରେ ଲାଗିଛି । ଏହି ସୂତ୍ରରେ ଆମ ରାଜଧାନୀ ଦିଲ୍ଲୀର କଥା କାହାକୁ ଅବା ଅଜଣା । ଏଥିସହିତ ତାପମାତ୍ରାର ଅହେତୁକ ବୃଦ୍ଧି ଜଳଭାଗ ମଧ୍ୟରେ ଦଣ୍ଡାୟମାନ ସୁଉଚ୍ଚ ବରଫ ପାହାଡ଼କୁ ଦ୍ରୁତ ବେଗରେ ତରଳାଇବାରେ ଲାଗିଛି ଓ ସ୍ଥଳଭାଗର ପରିମାଣକୁ ଗିଳି ଚାଲିଛି । ଏହି ଧାରା ଯଦି ବଜାୟ ରହେ ବିଶ୍ୱର ପ୍ରମୁଖ ମହାନଗରୀ ଯଥା ଭାରତର ମୁମ୍ବାଇ, ଜାପାନର ଟୋକିଓ, ଆମେରିକାର ନ୍ୟୁୟର୍କ, ମାୟାମି, ଚୀନର ସାଂଘାଇ ୨୦୫୦ ସୁଦ୍ଧା ଜଳସମାଧି ନେବାର ଆଶଙ୍କା ଅସତ୍ୟ ହୋଇ ନ ପାରେ । ପୁଣି ବିଶ୍ୱତାପନ ଏହି ବେଗରେ ବଢ଼ିଚାଲିଲେ ୨୦୫୦ ମସିହା ବେଳକୁ ଏହା ଶିଳ୍ପ ବିପ୍ଳବ ପୂର୍ବବର୍ତ୍ତୀ ସମୟର ୨-୪ ଡିଗ୍ରୀ ବୃଦ୍ଧି ପାଇଯିବ । ଏହାଫଳରେ ସମ୍ଭବତଃ ଜୀବଜଗତ ଏକ ମରୁଭୂମିରେ ପରିଣତ ହୋଇପାରେ ।

ଆମେ ମିଳିମିଶି ଜୀବଜଗତକୁ ଜୀବନ ଧାରଣ ପାଇଁ ଅଯୋଗ୍ୟ କରିପକାଉଛୁ । ତଥାପି ଗଛଟିଏ ସବୁ ବିପଦର ବିଷକୁ ପାନ କରି ଆମ ପାଇଁ ଶିବ ପାଲଟିଛି । ସକଳ ଜୀବଜଗତର କଲ୍ୟାଣାର୍ଥେ ଦେବାଧିଦେବ ମହାଦେବ ଶିବ ସଦାସର୍ବଦା ସ୍ଥିର, ଧ୍ୟାନମଗ୍ନ । ସେହିପରି ଗଛଟିଏ ମଧ୍ୟ ଗୋଟିଏ ସ୍ଥାନରେ ସ୍ଥିର ହୋଇ ସଦାସର୍ବଦା ଧ୍ୟାନମଗ୍ନ ଆମ ଜୀବଜଗତର ସକଳ କଲ୍ୟାଣ ପାଇଁ । ଶିବ ସକଳ ଶକ୍ତିର ପ୍ରତିରୂପ । ଏହି ଶକ୍ତି ପରି ବୃକ୍ଷ ସୂର୍ଯ୍ୟଙ୍କ ତାପଶକ୍ତିର ଜ୍ୱାଳାକୁ ଶୋଷଣ ପୂର୍ବକ ଖାଦ୍ୟରୂପରେ ଆମଠାରେ ଉପଲବ୍ଧ କରାଏ । ପ୍ରତିକ୍ଷଣରେ ଅଙ୍ଗାରକାମ୍ଳ ରୂପକ ବିଷକୁ ଅନବରତ ପାନକରି ଆମକୁ ଅମ୍ଳଜାନର ଅମୃତ ଦେଇଚାଲିଛି । ଏଣୁ ଗଛଟିଏ ଆମ ପାଇଁ ସତ୍ୟ ସନାତନର ଅନ୍ୟତମ ରୂପ - ଶିବ ।

ବୃକ୍ଷଲତାକୁ କେବଳ ଶିବ ରୂପରେ ଗ୍ରହଣ କରିନେଲେ ଆମର ଦାୟିତ୍ୱ ସରିଯିବ ନାହିଁ । ଆମ ମନରେ ଏ ପ୍ରଶ୍ନ ମଧ୍ୟ ଉଠିବା ଦରକାର ଯେ ଆମେ ଆଉ କେତେଦିନ ଭସ୍ମାସୁର ସାଜି ଏ ଶିବରୂପୀ ବୃକ୍ଷ ଦେବତାଙ୍କୁ ବିଷ ପିଆଇ ଚାଲିବୁ! ଆମେ ଯଦି ଆମର ଶିବ ପୂଜାକୁ କେବଳ ମନ୍ଦିର ମଧ୍ୟରେ ସୀମିତ ନ ରଖି ସେହି ପରମ ଆରାଧ୍ୟଙ୍କୁ ଆମ ଚତୁଃପାର୍ଶ୍ୱରେ ବୃକ୍ଷ ରୂପରେ ପ୍ରତିଷ୍ଠା କରି ମନ ତଥା ହୃଦୟର ସମର୍ପଣ କରୁ ତାହା ହେବ ଆମ ପାଇଁ ଶ୍ରେଷ୍ଠ ଶିବପୂଜା ।

ମନେ ରଖିବାକୁ ହେବ ଶିବ ରୁଷିଲେ ତାଣ୍ଡବ, ବୃକ୍ଷ ରୁଷିଲେ ପ୍ରଳୟ । ତେଣୁ ଆମର ଏ ସର୍ବପୁରାତନ ସମ୍ପର୍କକୁ ଚିରନ୍ତନ କରିବା ପୂର୍ବକ ବୃକ୍ଷରୋପଣର ପବିତ୍ରତମ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ଆଜିର ଅବକ୍ଷୟମୁଖୀ ପ୍ରକୃତିର ଆହ୍ୱାନ ଅଟେ । ଏଣୁ ଏହି ଆହ୍ୱାନକୁ ସହୃଦୟତାର ସହ ସ୍ୱୀକାର କରିବା ସହିତ ପ୍ରକୃତିର ପ୍ରିୟ ପୁତ୍ର ଓ ପୁତ୍ରୀ ହୋଇ ଜୀବଜଗତ ତଥା ପରିବେଶକୁ ଶିବମୟ କରିବା ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ସ୍ତ୍ରୀକୁ ଆକ୍ରମଣ କଲା ବେଳେ ନିଜ ବେକରେ ପଡ଼ିଗଲା ଟାଙ୍ଗିଆ

## ନିଶାସକ୍ତ ସ୍ୱାମୀର ମୃତ୍ୟୁ

**ଫିରିଙ୍ଗିଆ,୬।୫ (ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଭୃଙ୍ଗିଯୋଡ଼ି ପଞ୍ଚାୟତର ଶୁଣ୍ଠୀଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନିଶାସକ୍ତ ଯୁବକ ନିଜ ସ୍ତ୍ରୀକୁ ଟାଙ୍ଗିଆରେ ହାଣିବା ପାଇଁ ଗୋଡ଼ାଇବା ବେଳେ ଅସାବଧାନତା ବଶତଃ ସେହି ଟାଙ୍ଗିଆରେ ନିଜେ ହାଣି ହୋଇ ପ୍ରାଣ ହରାଇଥିବା ଜଣାଯାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ନାଭି ଦିଗାଲ। ତାଙ୍କ ପତ୍ନୀ ଶୁଭାଙ୍ଗି ଦିଗାଲ ଏ ସଂପର୍କରେ ଥାନାରେ ଏତଲା ଦେବା ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଘଟଣା ଫିରିଙ୍ଗିଆ ଅଞ୍ଚଳରେ ଆଲୋଚନା ବିଷୟ ହୋଇଛି। ଅପରପକ୍ଷେ, ପ୍ରକୃତରେ ନାଭିଙ୍କ ମୃତ୍ୟୁ ଦୁର୍ଘଟଣା ଯୋଗୁଁ ହୋଇଛି ନା ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି, ତାହା ପୁଲିସ୍ ସ୍ପଷ୍ଟ କରିନାହିଁ। ଥାନା ଅଧିକାରୀ ଗୋପୀନାଥ ପ୍ରଧାନ କହିଛନ୍ତି ଯେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ତେବେ ହତ୍ୟା ସଂପର୍କିତ କୌଣସି ପ୍ରମାଣ ମିଳିଲେ, ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାନୁସାରେ, ରବିବାର ବିଳମ୍ବିତ ରାତିରେ ନାଭି ଅତ୍ୟଧିକ ମଦ୍ୟପାନ କରି ଘରକୁ ଫେରିଥିଲେ। ଘରେ ସେ ପତ୍ନୀ ଶୁଭାଙ୍ଗୀଙ୍କୁ ମାଂସ-ଭାତ ଖାଇବାକୁ ମାଗିଥିଲେ। କିନ୍ତୁ ଶୁଭାଙ୍ଗୀ ମନା କରିଦେବାରୁ ନାଭିଙ୍କ ମୁଣ୍ଡକୁ ପିତ୍ତ ଚଢ଼ି ଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନାଭି ଘରେ ଥିବା ଏକ ଟାଙ୍ଗିଆରେ ଶୁଭାଙ୍ଗୀଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ଭୟରେ ଶୁଭାଙ୍ଗୀ ପଦାକୁ ବାହାରି ଦୌଡ଼ୁଥିବା ବେଳେ ନାଭି ଟାଙ୍ଗିଆ ଧରି ତାଙ୍କ ପଛେପଛେ ଯାଇଥିଲେ। ଏହି ସମୟରେ ନାଭିଙ୍କ ଗୋଡ଼ ଏକ ଗାତରେ ପଡ଼ିଯାଇଥିଲା। ସେ ଝୁଣ୍ଟି ପଡ଼ି ତଳେ ପଡ଼ିଯାଇଥିଲେ ଏବଂ ଧରିଥିବା ଟାଙ୍ଗିଆଟି ତାଙ୍କ ବେକରେ ବାଜିଥିଲା। ଗୁରୁତର ଅବସ୍ଥାରେ ପରିବାରଲୋକ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ୩ ନେତାଙ୍କୁ ଦଳରୁ ବହିଷ୍କାର କଲା କଂଗ୍ରେସ

**ବ୍ରହ୍ମପୁର,୬।୫(ସମିସ):** ନିର୍ବାଚନ ପରିପ୍ରେକ୍ଷୀରେ ଦଳ ବିରୋଧୀ ଓ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ୩ ଜଣ ନେତା ଭି.ଚନ୍ଦ୍ରଶେଖର ନାଇଡୁ, ବୃନ୍ଦାବନ ଖଟେଇ ଓ ଡବ୍ଲୁ. ବାଲାକ୍ରିଷ୍ଣାଙ୍କ ବିରୋଧରେ





ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପିସିସି। ସମସ୍ତ ୩ ଜଣ ନେତାଙ୍କୁ ଦଳରୁ ୬ ବର୍ଷ ପାଇଁ ବିଦା କରାଯାଇଥିବା ଦଳ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଚଳିତ ନିର୍ବାଚନରେ ଚନ୍ଦ୍ରଶେଖର ନାଇଡୁ ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବେଳେ ବୃନ୍ଦାବନ ଖଟେଇ ଦିଗପହଣ୍ଡି ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେହିଭଳି ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡାର ବ୍ଲକ କଂଗ୍ରେସ ସଭାପତି ଡବ୍ଲୁ. ବାଲାକ୍ରୀଷ୍ଣାଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଭି.ଚନ୍ଦ୍ରଶେଖର ନାଇଡୁ ଚଳିତ ନିର୍ବାଚନରେ ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଗତ ୧୯ତାରିଖରେ ଦାଖଲ କରିଥିଲେ। ଗତ ୨୦୧୯ ସାଧାରଣ ନିର୍ବାଚନରେ ନାଇଡୁ

**■ ବହିଷ୍କୃତଙ୍କ ମଧ୍ୟରେ ସ୍ୱାଧୀନ ସାଂସଦ ଓ ବିଧାୟକ ପ୍ରାର୍ଥୀ**
**■ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭ୍ୟ ନଥିଲି : ନାଇଡୁ**

କଂଗ୍ରେସ ପ୍ରାର୍ଥୀ ଭାବେ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରି ପ୍ରାୟ ଦେଢ଼ ଲକ୍ଷ ଭୋଟ ସହ ତୃତୀୟ ସ୍ଥାନରେ ଥିଲେ। ତେବେ ଚଳିତ ଥର ଦଳ ନାଇଡୁଙ୍କ ସ୍ଥାନରେ ରଶ୍ମି ରଞ୍ଜନ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ହୋଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଭି.ଚନ୍ଦ୍ରଶେଖର ନାଇଡୁ। ସେ କହିଛନ୍ତି ଯେ ଗତ ଏପ୍ରିଲ ୧୯ ତାରିଖରୁ ମୁଁ ଦଳରୁ ଇସ୍ତଫା ଦେଇଛି। ବର୍ତ୍ତମାନେ ସେ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସେ କେବେ ମଧ୍ୟ ଓଡ଼ିଶା କଂଗ୍ରେସ କମିଟିର ସଭ୍ୟ ନଥିଲେ। ସେହିଭଳି ବରିଷ୍ଠ କଂଗ୍ରେସ ନେତା ବୃନ୍ଦାବନ ଖଟେଇ ଚଳିତ ନିର୍ବାଚନରେ ଦିଗପହଣ୍ଡି ଆସନରୁ ଟିକେଟ ଆଶାୟୀ ଥିଲେ। ଦଳ ପକ୍ଷରୁ ପ୍ରଥମେ ଶ୍ରୀଧର ଦେବଙ୍କୁ ପ୍ରାର୍ଥୀ କରିଥିବା ବେଳେ ଶେଷ ମୂହୁର୍ତ୍ତରେ ଶାଖା. ସୁଜିତଙ୍କୁ ଟିକେଟ ଦେଇଥିଲା। ତେବେ ବୃନ୍ଦାବନ ଖଟେଇଙ୍କୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି।

## ସମୀର ରଞ୍ଜନ ଦାଶ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର,୬।୫(ସମିସ):** ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ଦାଶଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଦେବଗଡ଼ର ଅରୁନ୍ଧତୀ କୁମାରୀ ଦେବୀଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି।

## ରାଜଧାନୀରେ ଗର୍ଜିଲେ ଉଜ୍ଜ୍ୱଳା ଦିଦି

# ଧୋକାବାଜ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଜବାବ ଦେବାକୁ ଧମକ

**ଭୁବନେଶ୍ୱର, ୬।୫(ସମିସ):** ଗତ ୫ ବର୍ଷ ଧରି ବିନା ପାରିଶ୍ରମିକରେ ଆମେ ଉଜ୍ଜ୍ୱଳା ଯୋଜନାର ପ୍ରଚାର କରିଛୁ। ଘରକୁ ଘର ବୁଲି ଯୋଜନା ସମ୍ପର୍କରେ ଲୋକଙ୍କୁ

- **କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ସମ୍ବଲପୁରରେ କରିବେ ପ୍ରଚାର**
- **ବିନା ପାରିଶ୍ରମିକରେ ଉଜ୍ଜ୍ୱଳା ଦିଦିଙ୍କୁ ଖଟାଇଛନ୍ତି ୫ ବର୍ଷ**
- **ପାରିଶ୍ରମିକ ଦାବି କଲେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ**

ବୁଝାଇଛୁ। ଆମରି ପରିଶ୍ରମ କାରଣରୁ ଧର୍ମେନ୍ଦ୍ର ପ୍ରଧାନ ଚର୍ଚ୍ଚାରେ ରହିଲେ। କେନ୍ଦ୍ର ସରକାରରେ ସିଏ ପ୍ରଶଂସା ସାଉଁଟିଲେ, ମାତ୍ର ଆମ ସହ ପ୍ରତାରଣା କରାଗଲା। ଖାଲି ପ୍ରତାରଣା ନୁହେଁ, ଦାବି ଉପସ୍ଥାପନ କରିବାରୁ ସେ ଆମକୁ ଦୁର୍ବ୍ୟବହାର କରିଛନ୍ତି। ତାଙ୍କୁ ଭେଟିବାକୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ସଂଘର କର୍ମକର୍ତ୍ତା ଯାଇଥିବାବେଳେ ଭଡାଟିଆ ଗୁଣ୍ଡାଙ୍କ ଦ୍ୱାରା ଧକ୍କା ମାରି ବାହାର କରି ଦେଇଛନ୍ତି। ତେଣୁ ଏବେ ତାଙ୍କୁ ଆମେ



ଉଚିତ୍ ଜବାବ ଦେବୁ। ସମ୍ବଲପୁରରେ ଏହି କୁହାଳିଆ ଓ ମିଛୁଆ ନେତାଙ୍କ ବିରୋଧରେ ଘରକୁ ଘର ଯାଇ ପ୍ରଚାର କରିବୁ ବୋଲି ଚେତାବନୀ ଦେଇଛନ୍ତି ଓଡ଼ିଶା ଉଜ୍ଜ୍ୱଳା ଦିଦି ସଂଘର କର୍ମକର୍ତ୍ତା।

ସୋମବାର ରାଜଧାନୀରେ ରାଜ୍ୟ ଓଡ଼ିଶା ଉଜ୍ଜ୍ୱଳା ଦିଦି ସଂଘର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ୨୦୧୯ ମସିହାରେ ଧର୍ମେନ୍ଦ୍ର କେନ୍ଦ୍ରରେ ପେଟ୍ରୋଲିୟମ ମନ୍ତ୍ରୀ ଥିବା ବେଳେ ଉଜ୍ଜ୍ୱଳା ଯୋଜନାର ପ୍ରଚାର ତଥା ସଠିକ ପରିଚାଳନା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଓ ଦୁଇଜଣ ଉଜ୍ଜ୍ୱଳା ଦିଦି ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କୁ ପ୍ରତି ନୂଆ କନେକ୍ସନ ପାଇଁ ୨୦୦ ଟଙ୍କା ଓ ଗ୍ୟାସ ରିଫିଲିଙ୍ଗ ପାଇଁ ୨୦ ଟଙ୍କା ଦେବା ଦିଆଯିବ ଏବଂ ଆଗାମୀ ଦିନରେ ଅନ୍ୟ ଯୋଜନାର ପରିଚାଳନା ଦାୟିତ୍ୱ ସହିତ ଦରମା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଉଜ୍ଜ୍ୱଳା ଦିଦିମାନେ ପ୍ରତ୍ୟେକ ଦିନ ବୁଲି ବୁଲି ଯୋଜନା ସମ୍ପର୍କ ରେ ଲୋକଙ୍କୁ ବୁଝାଇବା ସହିତ ଲକ୍ଷ ଲକ୍ଷ ଗ୍ୟାସ ସଂଯୋଗ ମଧ୍ୟ କରାଇଲେ। ପାଞ୍ଚ ବର୍ଷ ବିନା ପାରିଶ୍ରମିକରେ କାର୍ଯ୍ୟ କଲେ। ଯୋଜନାର ସଫଳତାର ଶ୍ରେୟ ନେଇ କେନ୍ଦ୍ରମନ୍ତ୍ରୀ ନିଜକୁ ଉଜ୍ଜ୍ୱଳା ମ୍ୟାନ ଭାବରେ ପରିଚୟ କରାଇଦେଲେ। ମାତ୍ର ରାଜ୍ୟରେ ୧୦ ହଜାର ଉଜ୍ଜ୍ୱଳା ଦିଦିଙ୍କୁ ବର୍ଷ ହେଲା କାଣି କଉଡ଼ିଟିଏ ନଦେଇ ଠକି ଚାଲିଲେ। ବିଭିନ୍ନ ସମୟରେ ବିଜେପିର ରାଜନୈତିକ କାର୍ଯ୍ୟକ୍ରମ ଓ ଭୋଟ ପାଇଁ ଧର୍ମେନ୍ଦ୍ର ଆମକୁ ବ୍ୟବହାର ମଧ୍ୟ କରିଛନ୍ତି। ମାତ୍ର ପାରିଶ୍ରମିକ ପାଇଁ ଅନୁରୋଧ କରିବାକୁ ଗଲାବେଳେ ବିଜେପି ନେତାମାନେ ତାଙ୍କୁ ଧକ୍କା ଦେଇ ବିଦା କରି ଦେଇଛନ୍ତି। ଦାବି ଜଣାଇବା ପାଇଁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ସଂଘର କର୍ମକର୍ତ୍ତା ଓ ଦିଦି ମାନେ ଯାଇଥିବା ବେଳେ ଭଡାଟିଆ ଗୁଣ୍ଡା ଲଗାଇ ସେମାନଙ୍କୁ ଗାଳିଗୁଲଜ କରି ବିଦା କରିଦେଇଛନ୍ତି। ବାଧ୍ୟ ହୋଇ ଏହି ଅତ୍ୟାଚାର ଓ ଦୀର୍ଘଦିନ ପ୍ରତାରିତ କରିଥିବା ଧୋକାବାଜ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉଚିତ ଜବାବ ଦେବାକୁ ସଂଘ କଠୋର ନିଷ୍ପତ୍ତି ନେଇଛି। ଉଜ୍ଜ୍ୱଳା ଦିଦିମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ସମ୍ବଲପୁର ଓ ରାଜ୍ୟର ପ୍ରତି ପଞ୍ଚାୟତରେ ବିଜେପି ବିରୋଧରେ ପ୍ରଚାର କରିବେ ବୋଲି ସଂଘ ସଭାପତି କାଦମ୍ବିନୀ ସ୍ୱାଇଁ କହିଛନ୍ତି।

## ଆଇସିଏସ୍ଇ ଦଶମ ଓ ଆଇଏସ୍ସି ଦ୍ୱାଦଶ ପରୀକ୍ଷା ଫଳ: ଛାତ୍ରୀ ଆଗୁଆ

**ଭୁବନେଶ୍ୱର, ୬।୫ (ସମିସ):** କାଉନସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ସିଆଇଏସ୍ସିଇ) ଦ୍ୱାରା ପରିଚାଳିତ ଆଇସିଏସଇ ଦଶମ ଏବଂ ଆଇଏସ୍ସି +୨ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସମଗ୍ର ଦେଶରେ ଦଶମ ଶ୍ରେଣୀ ପାସ୍ହାର ୯୯.୪୭% ଥିବା ବେଳେ +୨ ପାସ୍ ହାର ୯୮.୧୯% ରହିଛି। ଅନୁରୂପ ଭାବେ ଓଡ଼ିଶାରେ ଦଶମ ଶ୍ରେଣୀ ପାସ୍ହାର ୯୯.୦୮% ଥିବା ବେଳେ +୨ ପାସ୍ ହାର ୯୮.୯୦% ରହିଛି। ସୂଚନାନୁସାରେ, ଚଳିତବର୍ଷ ଦଶମରେ ୨.୪୩ ଲକ୍ଷରୁ ଅଧିକ ଏବଂ +୨ରେ ମୋଟ୍ ୯୯,୯୦୨ଜଣ ପରୀକ୍ଷା ଦେଇଥିଲେ। ଉଭୟ ଶ୍ରେଣୀରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ଦଶମରେ ୯୯.୬୫% ଏବଂ +୨ ରେ ୯୮.୯୨% ଛାତ୍ରୀ ପାସ୍ କରି ଛାତ୍ରଙ୍କଠାରୁ ଆଗରେ ରହିଛନ୍ତି। ଦେଶର ସମୁଦାୟ ୨,୬୯୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଦଶମ ପରୀକ୍ଷା ଦେଇଥିବା ବେଳେ ୮୨.୪୮% ବା ୨,୨୨୩ ଟି ବିଦ୍ୟାଳୟ ଶତପ୍ରତିଶତ ରେଜଲ୍ଟ କରିଛନ୍ତି। ସେହିପରି +୨ରେ ୧,୩୬୬ ଟି ବିଦ୍ୟାଳୟ ମଧ୍ୟରୁ ୬୬.୧୮% ବା ୯୦୪ଟି ବିଦ୍ୟାଳୟ ଶତପ୍ରତିଶତ ରେଜଲ୍ଟ କରିଛନ୍ତି। ଅପରପକ୍ଷରେ, ଓଡ଼ିଶାରେ ମଧ୍ୟ ଦଶମ ଏବଂ +୨ରେ ଅଧିକ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଦଶମ ଶ୍ରେଣୀରେ ସମୁଦାୟ ୯୩ଟି ବିଦ୍ୟାଳୟର ୮,୭୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୮,୬୫୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ୍ହାର ୯୯.୩୪% ଥିବା ବେଳେ ଛାତ୍ରଙ୍କ ପାସ୍ହାର ୯୮.୮୭% ରହିଛି। ସେହିପରି +୨ରେ ମୋଟ ୧,୭୨୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧,୭୦୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ୍ହାର ୯୮.୯୫% ଥିବା ବେଳେ ଛାତ୍ରଙ୍କ ପାସ୍ହାର ୯୮.୮୫% ରହିଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାକାର ହୋଇଛି...

ସେହିପରି ନବରଙ୍ଗପୁର ସମାବେଶରେ ସାଂସଦ ପ୍ରାର୍ଥୀ ବଳଭଦ୍ର ମାଝୀ, କଳାହାଣ୍ଡି ସାଂସଦ ପ୍ରାର୍ଥିନୀ ମାଳବିକା ଦେଓଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ମାତ୍ର କୋରାପୁଟ ସାଂସଦ ପ୍ରାର୍ଥୀ କାଳିରାମ ମାଝୀଙ୍କ ନାମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁଲି ଯାଇଥିଲେ। ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ, ନରସିଂହ ଭତରା, ସୋମନାଥ ପୂଜାରୀ, ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି ଜଗଦୀଶ ବିଶୋଇ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ନବରଙ୍ଗପୁର ନଗର ବିଜେପି ସଭାପତି ଶ୍ରୀଧର ପାତ୍ର, ନଗରପାଳ କୁନୁ ନାୟକଙ୍କ ସହ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

### 'ସବ୍କା ସାଥ୍...

ଗୋଟିଗୋଟି ଚିଠା ଖୋଲିଛନ୍ତି। ମୋଦୀ ସରକାରଙ୍କ 'ସବ୍କା ସାଥ୍, ସବ୍କା ବିକାଶ' ସ୍ଲୋଗାନ ଓଡ଼ିଶା ବିକାଶ ବେଳେ କୁଆଡ଼େ ଯାଉଛି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି।

ଜୟରାମ ରମେଶ ନିଜର 'ଏକ୍ସ' ଆକାଉଣ୍ଟରେ ୩ ଟି ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ପ୍ରସଙ୍ଗ ଉତ୍ଥାପନ କରିବା ସହ କେନ୍ଦ୍ରୀୟ ବିଜେପି ସରକାରର ଅସଲ ଚେହେରା ରାଜ୍ୟବାସୀଙ୍କ ସାମନାକୁ ଆଣିବାକୁ ଚେଷ୍ଟା କରିଛନ୍ତି। ଓଡ଼ିଶାକୁ କ୍ରମାଗତ କେନ୍ଦ୍ରୀୟ ଅନୁଦାନରେ ହ୍ରାସ, ଏସ୍ସି-ଏସ୍ଟି ସବ୍ପ୍ଲାନ ଆଇନ ଓ ବହୁ ପ୍ରତୀକ୍ଷିତ ଶୀତଳାପଲ୍ଲୀ ରେଲୱାଗନ କାରଖାନାକୁ ନେଇ ଶ୍ରୀ ରମେଶ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ସିଏଜି ରିପୋର୍ଟ ଅନୁସାରେ ଓଡ଼ିଶାକୁ କ୍ରମାଗତ ଭାବରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇ ଚାଲିଛି। ଗତ ୨୦୧୭-୧୮ରେ ଓଡ଼ିଶାକୁ ୫୭ ପ୍ରତିଶତ ଅର୍ଥ ମିଳିଥିବା ବେଳେ ୨୦୨୧-୨୨ରେ ଏହା ୩୮ ପ୍ରତିଶତକୁ ଖସି ଆସିଛି। ସିଏଜି ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି। କେନ୍ଦ୍ର ସରକାରଙ୍କ ରାଜସ୍ୱରେ ରାଜ୍ୟ ସରକାରଙ୍କ ଭାଗ ବାବଦକୁ ଅର୍ଥ ପ୍ରଦାନରେ ମଧ୍ୟ ହ୍ରାସ ଘଟିବା ସହ ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଦିଆଯାଉଥିବା ଅନୁଦାନ ମଧ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି। ବିଭିନ୍ନ କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ପ୍ରଦାନ କରାଯିବାକୁ ଅର୍ଥ ହ୍ରାସ କରି ରାଜ୍ୟବାସୀଙ୍କୁ କାହିଁକି ମୋଦୀ ସରକାର ଅବହେଳା କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଚର୍ଚ୍ଚିତ ସ୍ଲୋଗାନ "ସବକା ସାଥ୍ ସବକା ବିକାଶ" ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଏହା ବ୍ୟତୀତ ସେ କେନ୍ଦ୍ର ସରକାର କ୍ରମାଗତ ଭାବେ କେନ୍ଦ୍ରୀୟ ବଜେଟ୍ରେ ଆଦିବାସୀଙ୍କ ପାଇଁ ଅନୁଦାନରେ ମଧ୍ୟ ହ୍ରାସ କରିବାକୁ ମଧ୍ୟ ସମାଲୋଚନା କରି କହିଛନ୍ତି ଯେ ୨୦୧୭ ମସିହାରେ ନିତି ଆୟୋଗ କେନ୍ଦ୍ରୀୟ ବଜେଟ୍ରେ ୮.୨ ପ୍ରତିଶତ ଅର୍ଥ ଆଦିବାସୀଙ୍କ ପାଇଁ ବ୍ୟୟବରାଦ କରିବାକୁ ସୁପାରିସ୍ କରିଥିଲେ; କିନ୍ତୁ ବିଜେପି ସରକାର ଏଥିରେ ଖିଲାପ କରିବା ସହ ଅର୍ଥ ହ୍ରାସ କରି ଚାଲିଛି। କେନ୍ଦ୍ରରେ କଂଗ୍ରେସ ସରକାର ଆସିଲେ ଏସସି-ଏସଟି ସବ୍ପ୍ଲାନକୁ ଆଇନରେ ପରିଣତ କରିବା ପାଇଁ ଗ୍ୟାରେଣ୍ଟି ଦେଇଥିବା ବେଳେ ଏସସି-ଏସଟି ସବ୍ପ୍ଲାନକୁ ଆଇନରେ ପରିଣତ କରିବା ପ୍ରଧାନମନ୍ତ୍ରୀ ପ୍ରତିଶୃତି ଦେବେକି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି। ଅନୁରୂପ ଭାବରେ ବ୍ରହ୍ମପୁର ଲୋକସଭା ଆସନ ଅନ୍ତର୍ଗତ ଶୀତଳାପଲ୍ଲୀ ଠାରେ ରେଳୱାଗନ କାରଖାନା ପ୍ରତିଷ୍ଠା ଉପରେ ଜୟରାମ ରମେଶ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ୨୦୧୩ରେ କଂଗ୍ରେସ ସରକାର ଏଠାରେ ରେଳ ୱାଗନ କାରଖାନା ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ମୋଦୀ ସରକାର କ୍ଷମତାକୁ ଆସିବା ପରେ ୨୦୧୮ ରେ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ୨୦୨୧ରେ ପିପିପି ମୋଡ଼ରେ ଏହାକୁ ନିର୍ମାଣ କରାଯିବ ଘୋଷଣା କରିଥିଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଶୀତଳ ଭଣ୍ଡାରରେ ପଡ଼ି ରହିଛି। ସେହିପରି ଗୋପାଳପୁର-ରାୟଗଡ଼ା ଓ ରେଢ଼ାଖୋଲ-ଗୋପାଳପୁର ରେଳଲାଇନର ଭବିଷ୍ୟତ ନେଇ ମଧ୍ୟ ଜୟରାମ ରମେଶ ପ୍ରଶ୍ନ ଉଠାଇଛନ୍ତି।

### ବହୁଦିନ ହେଲା...

ନବୀନ। ଏବେ ଓଡ଼ିଶାରେ ବିଜେପି 'ଡ଼ବଲ ଇଞ୍ଜିନ' ସରକାର ସ୍ୱପ୍ନ ଦେଖୁଛି। ଦଳର ନେତାମାନେ ଘୋଷା ଶୁଆ ପରି ଡ଼ବଲ ଇଞ୍ଜିନ୍ କଥା କହୁଛନ୍ତି। ବିଜେପି ନେତାମାନଙ୍କ ଏହି 'ଡ଼ବଲ ଇଞ୍ଜିନ' ଦିବା ସ୍ୱପ୍ନକୁ ନବୀନଙ୍କ ଲୋକପ୍ରିୟତା ତାପ ଆକସ୍ମିକ ଭାଙ୍ଗି ଦେଇଛି। ସୋମବାର ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ବ୍ରହ୍ମପୁର ଓ ନବରଙ୍ଗପୁରରେ ଦୁଇଟି ସମାବେଶରେ ଯୋଗ ଦେବା ଅବସରରେ ଜୁନ୍ ୧୦ ତାରିଖରେ ଓଡ଼ିଶାରେ ବିଜେପି ସରକାର ଗଢ଼ିବ ବୋଲି କହିଥିଲେ। ନିର୍ବାଚନ ପ୍ରଚାର ନିମନ୍ତେ ଭବାନୀପାଟଣାରୁ ଖରିଆର ଯାତ୍ରା ସମୟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ସୂଚନା ଦେଇଥିଲେ ଦଳର ଅନ୍ୟତମ ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ବିଜେପି ନେତାମାନେ ଜୁନ୍ ୧୦ରେ ଓଡ଼ିଶାରେ ସରକାର ଗଠନ କରିବେ ବୋଲି କହୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଶ୍ରୀ ପାଣ୍ଡିଆନଙ୍କ ଏହି ସୂଚନାର ଉତ୍ତରରେ ନବୀନ ସ୍ମିତ ହସି ମାତ୍ର ଗୋଟିଏ ବାକ୍ୟ କହିଥିଲେ 'ବହୁଦିନ ହେଲା ବିଜେପି ଦିନରେ ସ୍ୱପ୍ନ ଦେଖୁଛି'। ମୁଖ୍ୟମନ୍ତ୍ରୀଙ୍କ ଏହି ଗୋଟିଏ ବାକ୍ୟ ହିଁ ବିରୋଧୀ ବିଜେପିର ରାଜ୍ୟରେ ସରକାର ଗଢ଼ିବା ସ୍ୱପ୍ନକୁ ଭାଙ୍ଗି ଦେଇଛି। ଅନ୍ୟପକ୍ଷରେ କାର୍ତ୍ତିକ ପାଣ୍ଡିଆନ ରାଜ୍ୟରେ କ୍ରମାଗତ ଷଷ୍ଠଥର ବିଜେଡି ସରକାର ଗଠନର ଶପଥ ଗ୍ରହଣ ଉତ୍ସବର ତାରିଖ ଓ ସମୟକୁ ମଧ୍ୟ ଘୋଷଣା କରିଛନ୍ତି। ଖରିଆର ନିର୍ବାଚନୀ ସମାବେଶରେ ଯୋଗ ଦେଇ ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଯାହାକୁ ଚାହିଁବେ, ସିଏ ତାଙ୍କର ସେବା କରିବ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ମହାପ୍ରଭୁଙ୍କର ଆଶୀର୍ବାଦ ରହିଛି, ତେଣୁ ସେ ସେବା କରୁଛନ୍ତି ଆଉ କରିଚାଲିବେ। ଆପଣମାନଙ୍କ ସହଯୋଗରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ଇତିହାସ ଲେଖିବେ। ଆସନ୍ତା ଜୁନ୍ ୯ ତାରିଖରେ ବିଜୁ ଜନତା ଦଳର ସରକାର ଶପଥ ଗ୍ରହଣ କରିବ। ଦିନ ସାଢ଼େ ୧୧ଟାରୁ ସାଢ଼େ ଗୋଟାଏ ମଧ୍ୟରେ ଶପଥ ଗ୍ରହଣ ଉତ୍ସବ ହେବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ବିଜେପି ଉପରେ ପ୍ରଚଣ୍ଡ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଓଡ଼ିଶାରେ ୨୪ ବର୍ଷ ହେଲ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଅଛନ୍ତି। ବିଜେପି ନେତାମାନଙ୍କୁ ପଚାରନ୍ତୁ ସେମାନେ ୨୪ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବାଛି ପାରିଲେ କି ? ସେମାନଙ୍କର ସବୁ କଥା ଛଳନାରେ ଭରପୂର। ବିଜେପି ଯେଉଁ ନିର୍ବାଚନ ଇସ୍ତାହାର ଆଣିଛି ସେଥିରେ କିଛି ବି ନୂଆ ନାହିଁ, ଗୁରୁତ୍ୱପୂର୍ଣ୍ଣ କଥା ନାହିଁ। ଯଦି ବିଜେପି ଇସ୍ତାହାରରେ ସରକାର ଚାଲିବ ତା ହେଲେ ଓଡ଼ିଶା ୨୦ ବର୍ଷ ତଳକୁ ଖସିଯିବ। ଏହାର ଉଦାହରଣ ଡବଲ ଇଞ୍ଜିନ୍ ସରକାର ଥିବା ରାଜ୍ୟକୁ ଉଦାହରଣ ନିଆଯାଇପାରେ। ଡବଲ ଇଞ୍ଜିନ୍ ସରକାର ଯେଉଁଠି ବି ଚାଲିଥିଲା ସେଠାରେ ଶାସନ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, କର୍ଣ୍ଣାଟକରେ ଲୋକେ ବିଶ୍ୱାସ କରି ଡବଲ ଇଞ୍ଜିନ୍ ସରକାର ଗଠନ ପାଇଁ ଭୋଟ ଦେଇଥିଲେ, କିନ୍ତୁ ସେଠି ତାଙ୍କର ତେଲ ସରିଗଲା ପରେ ଗାଡ଼ି ବନ୍ଦ ହୋଇଗଲା। ସେ ସବୁ ରାଜ୍ୟ ୨୦ ବର୍ଷ ପଛକୁ ଚାଲିଗଲା। ନବୀନ ଇଞ୍ଜିନ୍ କେବେ ବି ବନ୍ଦ ହୋଇ ନାହିଁ କି ବନ୍ଦ ହେବ ନାହିଁ। ବିଏସ୍କେୱାଇ କାର୍ଡ ହେଉଛି ଏକ ଏଟିଏମ୍ କାର୍ଡ ଭଳି। ଏଥିରେ ଆପଣ ଆରାମରେ ନଗଦବିହୀନ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ବିଏସ୍କେୱାଇ ଅଛି ମାନେ ଚିନ୍ତା ନାହିଁ; କିନ୍ତୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ବୀମା କମ୍ପାନୀ ଚଳାଉଛନ୍ତି। ଆୟୁଷ୍ମାନ ଯୋଜନାରେ ଓଡ଼ିଶାର ଭାଗ ବର୍ଷକୁ ମାତ୍ର ୩୦୦ କୋଟି। କିନ୍ତୁ ବିଏସ୍କେୱାଇରେ ଆମେ ଲୋକଙ୍କ ଚିକିତ୍ସା ପାଇଁ ସେତିକି ଟଙ୍କା ଗୋଟିଏ ମାସରେ ଖର୍ଚ୍ଚ କରୁଛୁ। ବିଜେପି କହିଛି ନିର୍ବାଚନ ଜିତିଲେ ୧୦୦ ଦିନ ଭିତରେ ବିଏସକେୱାଇ ବନ୍ଦ କରିଦେବେ। ଆପଣମାନେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ପର୍ଯ୍ୟନ୍ତ କେହି ସ୍ୱପ୍ନରେ ବି ଏହାକୁ ବନ୍ଦ କରିବା ପାଇଁ ସାହସ କରିପାରିବେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି। ଓଡ଼ିଶାରେ ଶକ୍ତିଶାଳୀ ନବୀନ ଇଞ୍ଜିନ୍ ଗତ ୨୫ ବର୍ଷ ଧରି ଅବିରତ ଚାଲିଛି, ଓଡ଼ିଶାର ବିକାଶକୁ ରୂପାନ୍ତରଣରେ ପରିଣତ କରିବାକୁ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି।

### ଜୁନ୍ ୯ରେ...

ଜନ ସମାବେଶରେ ନିଜ ଚିରାଚରିତ ନିରାଡ଼ମ୍ବର ଶୈଳୀରେ ମୁଖ୍ୟମନ୍ତ୍ରୀ ସିଧାସଳଖ ସାଧାରଣ ଲୋକଙ୍କ ସହ କଥା ହେବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ମତ ଲୋଡ଼ିଥିଲେ। ଏହା ସହ ବିକାଶବିରୋଧୀଙ୍କୁ କଟୁ ସମାଲୋଚନା କରି କହିଥିଲେ ଯେ ବିରୋଧୀ ଦଳ ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ଭୋଟ ପାଇଁ କାନ୍ଦୁଛନ୍ତି। ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ପ୍ରତାରିତ କରୁଛନ୍ତି, ମିଛ କହୁଛନ୍ତି। କେବଳ ନିର୍ବାଚନ ସମୟରେ ସେମାନଙ୍କର ଓଡ଼ିଶା କଥା ମନେପଡେ। ଓଡ଼ିଶାବାସୀଙ୍କ ପ୍ରତି ସେମାନଙ୍କର ଆଦୌ ଆନ୍ତରିକତା ନାହିଁ। ଏଠାରେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। କିନ୍ତୁ ଆମ ଲୋକେ ସବୁ ଦେଖୁଛନ୍ତି, ସବୁ ଜାଣୁଛନ୍ତି। ଉଭୟ ବିଧାନସଭା ଏବଂ ଲୋକସଭା ପାଇଁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଆପଣମାନେ ଜିତାଇବେ ବୋଲି ମୋର ବିଶ୍ୱାସ ଅଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଚାଲିଥିବା ମମତା, ବିଏସ୍କେୱାଇ, ମିଶନ୍ ଶକ୍ତି, ଲକ୍ଷ୍ମୀ ବସ୍, ନୂଆ ଓ' ଛାତ୍ରବୃତ୍ତି, କାଳିଆ, ୫-ଟି ସ୍କୁଲ ରୂପାନ୍ତରଣ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆଦି ସବୁ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ପ୍ରଶ୍ନ କରିଥିଲେ ଓ ପ୍ରତ୍ୟୁତ୍ତରରେ ଜନ ସମର୍ଥନର ପ୍ରଚଣ୍ଡ ସ୍ୱର ସ୍ଥାନୀୟ ଅଞ୍ଚଳକୁ ପ୍ରକମ୍ପିତ କରି ଦେଇଥିଲା।

ସେହିପରି ସମାବେଶରେ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ସମାଲୋଚନା କରିବା ସହ ଅନେକ ରାଜ୍ୟରେ ଡ଼ବଲ ଇଞ୍ଜିନ ବନ୍ଦ ହୋଇଗଲାଣି ବୋଲି କଟାକ୍ଷ କରିଥିଲେ। ଓଡ଼ିଶାରେ ନବୀନ ଇଞ୍ଜିନ ଗତ ୨୫ ବର୍ଷ ହେଲା ଅବିରତ ଚାଲିଛି ଓ ନିରବଚ୍ଛିନ୍ନ ଭାବରେ ଚାଲିବ ବୋଲି ସେ କହିଥିଲେ। ନବୀନ ଇଞ୍ଜିନ୍ କେବେ ବି ବନ୍ଦ ହୋଇ ନାହିଁ କି ବନ୍ଦ ହେବ ନାହିଁ। ବିଏସ୍କେୱାଇ କାର୍ଡ ହେଉଛି ଏକ ଏଟିଏମ୍ କାର୍ଡ ଭଳି। ଏଥିରେ ଆପଣ ଆରାମରେ ନଗଦବିହୀନ ସ୍ୱାସ୍ଥ୍ୟ ସେବା ପାଉଛନ୍ତି। ବିଏସ୍କେୱାଇ ଅଛି ମାନେ ଚିନ୍ତା ନାହିଁ; କିନ୍ତୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ବୀମା କମ୍ପାନୀ ଚଳାଉଛନ୍ତି। ଆୟୁଷ୍ମାନ ଯୋଜନାରେ ଓଡ଼ିଶାର ଭାଗ ବର୍ଷକୁ ମାତ୍ର ୩୦୦ କୋଟି। କିନ୍ତୁ ବିଏସ୍କେୱାଇରେ ଆମେ ଲୋକଙ୍କ ଚିକିତ୍ସା ପାଇଁ ସେତିକି ଟଙ୍କା ଗୋଟିଏ ମାସରେ ଖର୍ଚ୍ଚ କରୁଛୁ। ବିଜେପି କହିଛି ନିର୍ବାଚନ ଜିତିଲେ ୧୦୦ ଦିନ ଭିତରେ ବିଏସକେୱାଇ ବନ୍ଦ କରିଦେବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।

କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଧର ନିଆଲ କହିଥିଲେ, ବିଜେପି ଦଳ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ସବୁ ଇସ୍ତାହାରରେ କହନ୍ତି, କିନ୍ତୁ କେବେ କରନ୍ତି ନାହିଁ। ବିଦେଶରୁ କଳା ଧନ ଆଣିବା କଥା ଆଉ କହୁ ନାହାନ୍ତି। ଗରିବ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା କଥା କହୁନାହାନ୍ତି। କାରଣ ୧୫ ଲକ୍ଷ ଟଙ୍କା ଦୂରର କଥା ୧୫ ପଇସା ବି ଜମା ହେଲା ନାହିଁ। କିନ୍ତୁ ନବୀନ ପଟ୍ଟନାୟକ ତାଙ୍କ ବିକାଶ ଯାତ୍ରାରେ କାହାକୁ ବି ଅଣଦେଖା କରିନାହାନ୍ତି କି ଛାଡ଼ି ନାହାନ୍ତି। ଆଜି କଳାହାଣ୍ଡିରେ ଯେତିକି ବି ବିକାଶ ହୋଇଛି ତାହା ନବୀନ ପଟ୍ଟନାୟକଙ୍କ ଉତ୍ସର୍ଗୀକୃତ ମନୋଭାବ ପାଇଁ ସମ୍ଭବ ହୋଇଛି ବୋଲି ଶ୍ରୀ ନିଆଲ କହିଥିଲେ। ଭବାନୀପାଟଣାରେ ବିଧାୟକ ପ୍ରାର୍ଥୀ ଲଳିତା ନାୟକ, ଧର୍ମଗଡ଼ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ପ୍ରାର୍ଥୀ ମନୋରମା ମହାନ୍ତିଙ୍କ ସମେତ ଖଡିଆଳ ସଭାରେ ନୂଆପଡ଼ା ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଢ଼ୋଲକିଆ, ଖଡିଆଳ ବିଧାୟକ ପ୍ରାର୍ଥୀ ଅଧିରାଜ ମୋହନ ପାଣିଗ୍ରାହୀ ନିର୍ବାଚନ ପ୍ରଚାର କରିବା ସହ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ଥରେ ଆଶୀର୍ବାଦ କରିବା ପାଇଁ ନିବେଦନ କରିଥିଲେ। ଭବାନୀପାଟଣାର ଶ୍ରୀକୃଷ୍ଣନଗର ଠାରେ ଆୟୋଜିତ ଜନସଭା ଦଳର ସାଧାରଣ ସମ୍ପାଦକ ଭବାନୀଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ, ଜିତେନ୍ଦ୍ର ମହାନ୍ତି, ଆଦିତ୍ୟ ନନ୍ଦ, ବଦ୍ରୀ ନାରାୟଣ ପଟ୍ଟନାୟକ, ପୌରାଧକ୍ଷା ସଂଯୁକ୍ତା ବେହେରା, ଅବିନାଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ଖସିଲା ତାତି...

ରାସ୍ତାରୁ ଗଛ କାଟି ରାସ୍ତା ସଫା କରିଛି। ଓୟୁଏଟିର ସ୍ୱୟଂଚାଳିତ ପର୍ଯ୍ୟବେକ୍ଷଣ ଯନ୍ତ୍ରଦ୍ୱାରା କାଳବୈଶାଖୀ ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଘଣ୍ଟାପ୍ରତି ୯୧କିମି ବେଗରେ ପବନ ଅନୁଭୂତ ହୋଇଛି। ଅନ୍ୟପଟେ ଉପକୂଳ ଓଡ଼ିଶାରେ କାଳବୈଶାଖୀର କୋପ ଦେଖିବାକୁ ମିଳିଥିବା ବେଳେ ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଜାରି ରହିଛି। ସୋମବାର ବଲାଙ୍ଗିରଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ୪୪.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ୧୯ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ବେଳେ ମଙ୍ଗଳବାରଠାରୁ ଏଠାରେ ତାତିରେ ରୋକ୍ ଲାଗିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ପଶ୍ଚିମ ଓଡ଼ିଶା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡିକରେ ବିଭିନ୍ନ ଅଞ୍ଚଳରେ ବାଦଲ ଆଚ୍ଛାଦାନ ବୃଦ୍ଧିପାଇଛି। ମଙ୍ଗଳବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ କାଳବୈଶାଖୀ ବର୍ଷାର ପ୍ରକୋପ ରହିବାକୁ ଥିବା ବେଳେ ପବନର ବେଗ ମଧ୍ୟ ବୃଦ୍ଧି ୪୦-୫୦ କିମି ପଞ୍ଚôଚବାର ରହିଛି। ଏହା ପ୍ରଭାବରେ ଆଗାମୀ ୨-୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦିନ ତାପମାତ୍ରାରେ ୪-୬ ଡିଗ୍ରୀ ଯାଏଁ ହ୍ରାସ ସମ୍ଭାବନା ରହିଛି। ତେଣୁ ଆଗକୁ ସାରା ଓଡ଼ିଶାରେ ତାତିରୁ ଆଶ୍ୱସ୍ତି ମିଳିବ ବୋଲି ଆକଳନ କରାଯାଇଛି। ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଅନୁଗୁଳ, ଢେଙ୍କାନାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏଥିପାଇଁ ଏହିଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି ହୋଇଛି। ଉପରୋକ୍ତ ଜିଲ୍ଲାଗୁଡ଼ିକରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର ଚେତାବନୀ ଜାରି କରିଛି। ବୁଧବାର ଓ ଗୁରୁବାର ମଧ୍ୟ ବିଭିନ୍ନ ଜିଲ୍ଲାରେ ସମାନ ସ୍ଥିତି ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ନିଜ ବୁଲେଟିନ୍ରେ ଜାରି କରିଛି। ସୂଚନା ଥାଉ କି ସୋମବାର ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରୀ, ବୌଦ୍ଧରେ ୪୩.୫ ଡିଗ୍ରୀ, ଝାରସୁଗୁଡ଼ାରେ ୪୩.୪ ଡିଗ୍ରୀ, ସମ୍ବଲପୁରରେ ୪୩.୪ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ବରଗଡ଼ରେ ୪୩ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୯ ଡିଗ୍ରୀ, ରାଉରକେଲାରେ ୪୨.୬ ଡିଗ୍ରୀ, ମାଲକାନଗିରିରେ ୪୨.୫ ଡିଗ୍ରୀ, ସୋନପୁରରେ ୪୨.୩ ଡିଗ୍ରୀ, ଅନୁଗୋଳରେ ୪୨.୧ ଡିଗ୍ରୀ, ହୀରାକୁଦରେ ୪୨ ଡିଗ୍ରୀ ରେକର୍ଡ କରାଯାଇଛି।

### ବ୍ରହ୍ମପୁରରେ କାର୍ତ୍ତିକ...

ସଂଖ୍ୟାରେ ଦଳୀୟ କର୍ମୀ, ନେତା ଓ ଜନସାଧାରଣ ତାଙ୍କ ସହ ସାମିଲ ହୋଇ ତାଙ୍କୁ ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ତଥା ବିଜେଡି ସାଧାରଣ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ମୁଖପାତ୍ର ଅମିତ ମଲ୍ଲିକ, ପୂର୍ବତନ ଏନଏସି ଅଧ୍ୟକ୍ଷ ଜାନକୀ ରାମ, ଶଶୀଭୂଷଣ ମହାନ୍ତି, ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ରଙ୍ଗେଇଲୁଣ୍ଡା ବ୍ଲକର ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ପରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ସ୍ଥିତ ଗାଇ ଗୋଠ ପଡ଼ିଆକୁ ଶୋଭାଯାତ୍ରାରେ ଆସି ସେଠାରେ ଜନସଭାରେ ଉଦ୍ବୋଧନ ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ। ରାଜ୍ୟ ଉପସଭାପତି ତଥା ନିର୍ବାଚନ ଇସ୍ତେହାର କମିଟି ଅଧ୍ୟକ୍ଷ ଓ ସାଂସଦ ଚନ୍ଦ୍ରଶେଖର ସାହୁ ଉପସ୍ଥିତ ଥିଲେ। ଆସନ୍ତାକାଲି ଶ୍ରୀ ପାଣ୍ଡିଆନ ଗଞ୍ଜାମ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଅନ୍ତର୍ଗତ ଶେରଗଡ଼, ହିଞ୍ଜିଳି, ଖଲିକୋଟ ଏବଂ ବ୍ରହ୍ମପୁରରେ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି।

**AFFIDAVIT**

By virtue of an affidavit before the Notary public , Cuttack on dated 06.05.2024 that I Geetiranjan Mohanty,s/o Brajakishore Mohanty, at/po,Kalyani Nagar, ps,Madhupatana,Dist, Cuttack my adhar no 436542634661 has mentioned my father name Brajakishore Mohanty and in My Passport no K4999457 has mentioned wrongly Rajkishore Mohanty is one and same persons belongs to my fathers.

**LOST**

ଏତଦ୍ୱାରା ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସୁନାମୁହିଁ ସେବା ସମବାୟ ସମିତି ଲିଃ ଏକ ରସିଦ୍ ବହି 70601-70700 ଟି ତା 28/03/2024 ଠାରୁ କୌଣସି ସ୍ଥାନ ରେ ହଜିଯାଇଛି। ରସିଦ ନଂ 706012 ଠାରୁ 70700 ପର୍ଯ୍ୟନ୍ତ ଯଦି କୌଣସି ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ହୁଏ ତେବେ ସେଥି ନିମନ୍ତେ ସମିତି କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Reema Kumari, W/o-Amit Kumar Tiwary, resident of At/Po-Bagdehi, Jharmunda, Ps-Laikera, Dist-Jharsuguda, Pin-768220, Odisha declare by this affidavit No.6307, dated-03/05/2024, that now onwards I shall be known as **RIMA TIWARI** for all future purposes.

ସକାଳ THE SAKALA



www.sakalaepaper.com

ଫିସିଂ ବ୍ୟାନକୁ 'ମାଛଧରା ଛୁଟି' ଭାବେ ପାଳୁଛନ୍ତି ଧୀବର

# ଦିନରେ କରୁଛନ୍ତି ଡଙ୍ଗା ମରାମତି ଓ ଜାଲ ପ୍ରସ୍ତୁତି



**ଜଗତସିଂହପୁର,୬।୫ (ସମିସ):** ଏପ୍ରିଲ ୧୫ରୁ ଜୁନ୍ ୧୪ ପର୍ଯ୍ୟନ୍ତ ଦୀର୍ଘ ଦୁଇମାସ ଓଡିଶା ସାମୁଦ୍ରିକ ଉପକୂଳରେ ମାଛ ମାରିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ସାମୁଦ୍ରିକ ମତ୍ସ୍ୟ ପରିମାଣ ବୃଦ୍ଧିପାଇଁ ମାଛମାନଙ୍କ ଅଣ୍ଡାଦାନ ଋତୁରେ ସମୁଦ୍ରରେ ମାଛଧରା ଉପରେଏହି କଟକଣା ଜାରି କରାଯାଇଛି। ସମୁଦ୍ରରେ ଯାନ୍ତ୍ରୀକ ବୋଟରେ ମାଛ ଧରୁଥିବା ମସ୍ଠ୍ୟଜୀବୀମାନଙ୍କୁ ମାଛ ଧରିବାକୁ ବାରଣ କରାଯିବା ଦ୍ୱାରା ଦୀର୍ଘ ୬୦ଦିନ ପାଇଁ ସେମାନେ ରୋଜଗାର ହରାଇବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଏଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ କ୍ଷତିପୁରଣ ଦେବାକୁ ଦାବି ହେଉଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ଲାଗି ଏହି କଟକଣା ବରଦାନ ପାଲଟିଛି। ମାଛଧରା ବନ୍ଦ ଦିନରେ ସେମାନେ ବୋଟ ମରାମତି ଓ ମାଛଧରା ଜାଲ ପସ୍ତୁତି କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଥିବା ଦେଖିବାକୁ ମିଳିଛି। ଏହି କାମ ଦ୍ୱାରା ଦୀର୍ଘ ଦୁଇମାସ ସେମାନଙ୍କୁ କିଛି ରୋଜଗାର ମିଳିବା ସହ ଆଗାମୀ ଜୁନ ୧୪ ତାରିଖ ପରେ ସମୁଦ୍ରରୁ ଭଲ ଭାବରେ ମାଛ ଧରିବାର ସୁଯୋଗ ସୃଷ୍ଟି ହୋଇଛି।

ମାଛଧରା ବାରଣ ଥିବା ଦୀର୍ଘ ଦୁଇମାସକୁ 'ମାଛଧରା ଛୁଟି' ଭାବରେ ଜିଲ୍ଲାର ସାମୁଦ୍ରିକ ମତ୍ସଜୀବୀମାନେ ଗ୍ରହଣ କରିନେଇଥିବା ଜଣାପଡିଛି। ଏହି ସମୟ ମଧ୍ୟରେ ସେମାନେ ଟ୍ରଲର ଓ ଯନ୍ତ୍ରଚାଳିତ ଡଙ୍ଗାର ମରାମତି କାର୍ଯ୍ୟକୁ ଯୋରଦାର କରିଥିବା ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦରର ଡଙ୍ଗା ତିଆରି କାରିଗର ମାଗୁ ବେହେରା, ଶଶି ବେହେରା ଓ ଦିବାକର ବେହେରା କହିଛନ୍ତି। ବାରଣ ସମୟରେ ମାଛ ମାରିନପାରି ବେକାର ହେବାର ସମ୍ଭାବନା ଥିବା ଅଧିକାଂଶ ଗରିବ ଶ୍ରେଣୀର ମତ୍ସ୍ୟଜୀବୀ ଏହି କାମରେ ନିୟୋଜିତ ହୋଇ ବେଶ ଦୁଇ ପଇସା ଉପାର୍ଜନ କରିପାରୁଥିବା କହିଛନ୍ତି। ଏହି ମତ୍ସ୍ୟଜୀବୀମାନେ ମୁଖ୍ୟତଃ ଡଙ୍ଗା ମରାମତି ସହ ଡଙ୍ଗାରେ ରଙ୍ଗଦେବା , ଜାଲ ମରାମତି ଓ ନୂତନ ଜାଲ ପ୍ରସ୍ତୁତି କରିବାରେ ଲାଗିଥିବା ଗଣ୍ଡକୂଳର ଶ୍ରୀଚରଣ ବେହେରା କହିଛନ୍ତି। ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦର, ଧନୁହର ବେଲାରି ଓ ଫୁଲପାଟଣା ପ୍ରଭୃତି ସ୍ଥାନରେ ମତ୍ସ୍ୟଜୀବୀମାନେ ଏଭଳି ଡଙ୍ଗା ଓ ଜାଲ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡିଥିବା ଦେଖିବାକୁ ମିଳିଛି। ସେହିପରି ମରିଚିପୁର, ବାଲିପାଟଣା ଗ୍ରାମର ସମସ୍ତ ଗ୍ରାମବାସୀମାନେ ମାଛଧରା ବାରଣ ସମୟରେ ଜାଲ ପ୍ରସ୍ତୁତିରେ ନିୟୋଜିତ ଥିବା ଦେଖାଯାଇଛି। ଏହି ସବୁ ଅଞ୍ଚଳର ପ୍ରାୟ ଶତାଧିକ ଡଙ୍ଗା ତିଆରି କାରିଗର ନୂଆ ଯାନ୍ତ୍ରୀକ ଡଙ୍ଗା ପ୍ରସ୍ତୁତି ଓ ପୁରୁଣା ଡଙ୍ଗା ମାରାମତି କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଡଙ୍ଗା ତିଆରି ଓ ମରାମତି ସମ୍ପର୍କରେ ବରୁଆଁ, ବାଲିଜୋରୀ, ଦେକଣି , ନନ୍ଧରା ଗ୍ରାମର ରଘୁ ମଣ୍ଡଳ , ଭାନୁ ମଣ୍ଡଳ ଓ ପ୍ରକାଶ ମାଇତି କହନ୍ତି, ଗୋଟିଏ ଡଙ୍ଗା ପ୍ରସ୍ତୁତି ପାଇଁ ପ୍ରାୟ ୧ ମାସରୁ ଅଧିକ ସମୟ ଲାଗିଥାଏ। ଗୋଟିଏ ଯାନ୍ତ୍ରୀକ ଡଙ୍ଗା ପ୍ରସ୍ତୁତିରେ ପ୍ରାୟ ୮୦ ହଜାରରୁ ୩ ଲକ୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ସେହିପରି ପୁରୁଣା ଡଙ୍ଗା ମରାମତିରେ ୪୦ରୁ ୬୦ ହଜାର ଯାଏ ଖର୍ଚ୍ଚ ହୋଇଥାଏ ବୋଲି ଶ୍ରୀ ମାଇତି କହିଛନ୍ତି। ମସ୍ଠ୍ୟବିଭାଗର ନିୟମ ଅନୁସାରେ ପ୍ରତ୍ୟେକ ମାଛଧରା ଡଙ୍ଗାର ଉପରିଭାଗ ଓ ତଳଭାଗ କଳା , ମଝିଅଂଶ ଲାଲ ରଙ୍ଗ ଦେବାକୁ ହୋଇଥାଏ। ଏହି କଲର କୋର୍ଡ ଦ୍ୱାରା ସମୁଦ୍ର ମଧ୍ୟରେ ମାଛ ମାରୁଥିବା ରାଜ୍ୟର ମତ୍ସ୍ୟଜୀବୀ ଡଙ୍ଗା ଗୁଡିକୁ ଉପକୂଳ ସୁରକ୍ଷା ବାହିନୀ ଓ ଭାରତୀୟ ନୌବାହିନୀ ସମୁଦ୍ର ମଧ୍ୟରେ ଚିହ୍ନଟ କରିବା ସହଜ ହୋଇଥାଏ। ଯାହା ଦ୍ୱାରାକି ବିଦେଶୀ ଡଙ୍ଗା ରେ ଆତଙ୍କବାଦୀମାନେ ଆସିବା ସମ୍ଭାବନା ରହିଥିବାରୁ ଅତି ସହଜରେ କଲର କୋର୍ଡରୁ ମତ୍ସଜୀବୀଙ୍କ ଡଙ୍ଗା ଚିହ୍ନଟ କରାଯିବା ସହିତ ଆତଙ୍କବାଦୀ ଆକ୍ରମଣର ସଂମ୍ଭାବନାକୁ ପ୍ରତିହତ କରାଯାଇଥାଏ।

ମତ୍ସ୍ୟ ବିଭାଗର ସୂଚନା ଅନୁସାରେ, ୧୯୯୮ରୁ ସାମୁଦ୍ରିକ ମାଛ ବଂଶର ସଂରକ୍ଷଣ ଉଦ୍ଦେଶ୍ୟରେ ବର୍ଷର ଦୁଇମାସ ପାଇଁ ଏହି କଟକଣା ଜାରି ଆରମ୍ଭ ହୋଇଥିଲା। ରାଜ୍ୟ ସାମୁଦ୍ରିକ ମତ୍ସ୍ୟବିଭାଗ ଦ୍ୱାରା ପଞ୍ଜିକୃତ ହୋଇଥିବା ସମସ୍ତ ଯନ୍ତ୍ର ଚାଳିତ ଡଙ୍ଗା ଓ ଟ୍ରଲରକୁ ଏହି ସମୟ ମଧ୍ୟରେ ସମୁଦ୍ରରେ ମାଛ ମାରିବାକୁ ବାରଣ କରାଯାଇଛି। ସେଥିରୁ ପାରାଦୀପ ମାଛଧରା ବନ୍ଦରରେ ୬୩୦ ଟ୍ରଲର ରହିଛି। ଏଥି ସହିତ ପ୍ରାୟ ୪ଶହ ଯାନ୍ତ୍ରୀକ ବଡ ଡଙ୍ଗା ମଧ୍ୟ ଏହି ସମୟରେ ମାଛ ଧରିପାରିବେନି ବୋଲି ନିର୍ଦ୍ଦେଶ ମିଳିଛି। ଜଗତସିଂହପୁର ଜିଲ୍ଲାର ପ୍ରାୟ ୮ହଜାର ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଉଭୟ ଯାନ୍ତ୍ରୀକ ଡଙ୍ଗା ଓ ଟ୍ରଲରେ ସମୁଦ୍ରରୁ ମାଛଧରିବା କାମରେ ନିୟୋଜିତ ଥିବା ସୂଚନା ମିଳିଛି। ଓଡିଶା ଉପକୂଳରେ ଏହି ଗ୍ରୀଷ୍ମ ଋତୁରେ ପ୍ରାୟ ୩୦୦ ପ୍ରକାରର ସାମୁଦ୍ରିକ ମାଛର ପ୍ରଜନନ ସମୟ ହୋଇଥିବାରୁ ଏହି ସମୟରେ ସମୁଦ୍ରିକ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ମାଛଧରା ଉପରେ ପ୍ରତିବନ୍ଧକ ଜାରି କରାଯାଇଛି।

## ସୁରେନ୍ଦ୍ର ନାଥ ମହାପାତ୍ର ରାଜ୍ୟ ବିଜେଡି ସମ୍ପାଦକ



**ରଘୁନାଥପୁର, ୬।୫(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ତଅଁରା ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମର ଡ଼.ସୁରେନ୍ଦ୍ର ନାଥ ମହାପାତ୍ର ରାଜ୍ୟ ବିଜେଡ଼ି ସମ୍ପାଦକ ଭାବରେ ନିଯୁକ୍ତି ପାଇଛନ୍ତି । ଡ଼. ମହାପାତ୍ର ୨୦୨୦ ମସିହାରୁ ନିରବିଛିନ୍ନ ଭାବେ ବିଜୁ ଜନତା ଦଳରେ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶା ମୋ ପରିବାରର ଉପଦେଷ୍ଟା ଓ ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି ।ତାଙ୍କର ନବନିଯୁକ୍ତି ଖବର ପ୍ରଚାରିତ ହେବା ପରେ ରଘୁନାଥପୁର ବ୍ଲକ ଅଞ୍ଚଳ ତଥା ଜଗତସିଂହପୁର ଜିଲ୍ଲାବ୍ୟାପି ବିଜେଡ଼ି କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଡ଼. ମହାପାତ୍ରଙ୍କ ନବନିଯୁକ୍ତି ଖବର ଜାଣିବାପରେ ତିର୍ତ୍ତୋଲ ବିଜେଡ଼ି ବିଧାୟକ ପ୍ରାର୍ଥୀ ଡ଼. ରମାକାନ୍ତ ଭୋଇ, ପାରାଦୀପ ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ, ଏରସମା ବାଲିକୁଦା ବିଧାୟକ ପ୍ରାର୍ଥୀ ଶାରଦା ଜେନା ,ଜଗତସିଂହପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି,ଜଗତସିଂହପୁର ଲୋକସଭା ସାଂସଦ ପ୍ରାର୍ଥୀନୀ ଡ଼. ରାଜଶ୍ରୀ ମଲ୍ଲିକ,ପୁର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲ୍ଲା ବିଜେଡ଼ି ସଭାପତି ରବିନାରାୟଣ ଜେନା ପ୍ରଭୃତି ଅଭିନନ୍ଦନ ଜଣାଇଛନ୍ତି ।ଡ଼. ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ଦୀର୍ଘ ୨୪ବର୍ଷ ଧରି ବିଜୁଜନତା ଦଳ ପାଇଁ ଗୁଣ୍ଡୁଚି ମୂଷା ଭଳି କାମ କରିଆସୁଛି ।ଏହି ନୂତନନିଯୁକ୍ତି ମୋତେ କାମ କରିବା ପାଇଁ ଆହୁରି ଅଧିକ ପ୍ରେରଣା ଯୋଗାଇବ।

## ସୁଚିନ୍ତା ପକ୍ଷରୁ ଟ୍ରାଇସାଇକଲ ବଣ୍ଟନ



**ତିର୍ତ୍ତୋଲ, ୬।୫(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତ ବଡିଲୋ ଗ୍ରାମର ଧୂଳମଣି ନାୟକ ବିଗତ ୯ମାସ ହେଲା ଅସୁସ୍ଥ ହୋଇ ହାତରେ ଭରା ଦେଇ ଚାଲୁଥିବା ବେଳେ ତିର୍ତ୍ତୋଲର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁଚିନ୍ତା ତରଫରୁ ତାଙ୍କର ଚଳପ୍ରଚଳ ପାଇଁ ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ସୁଚିନ୍ତାର ଅଧ୍ୟକ୍ଷ ଶିବପ୍ରସାଦ ସାହୁ, ସଭାପତି ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସ, କଟକର ସମାଜସେବୀ ମନୋରଞ୍ଜନ ମହାନ୍ତିଙ୍କ ସହାୟତାରେ ଏହି ଟ୍ରାଇ ସାଇକଲ ଶ୍ରୀ ନାୟକଙ୍କୁ ପ୍ରଦାନ କରିଥିଲେ। ଏହା ପୁର୍ବରୁ ସମାଜସେବୀ ଶ୍ରୀ ମହାନ୍ତି ଶ୍ରୀ ନାୟକଙ୍କ ପରିବାରକୁ ରାସନ ସାମଗ୍ରୀ ଓ ଆବଶ୍ୟକୀୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ କରିଥିଲେ। ଏଥିସହିତ ଶ୍ରୀ ମହାନ୍ତି ଶ୍ରୀ ନାୟକଙ୍କ ଚିକିତ୍ସାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ସଅଁରାରେ ବିଜେଡିର କର୍ମୀ ସମ୍ମିଳନୀ



**ତିର୍ତ୍ତୋଲ, ୬।୫(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ପଞ୍ଚାୟତରେ ବିଜେଡି ତରଫରୁ ଏକ କର୍ମୀ ସମ୍ମିଳନୀ ଯୁବ ନେତା ନିହାର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନିର୍ବାଚନକୁ କିପରି ସଠିକ୍ ଭାବେ ପରିଚାଳନା କରାଯିବ ସେ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ବୈଠକରେ ପଞ୍ଚାୟତ ବିଜେଡି ସଭାପତି ବସନ୍ତ ମହାରଣାଙ୍କ ଅସୁସ୍ଥତା କାରଣରୁ କାର୍ଯ୍ୟକାରୀ ସଭାପତି ଭାବେ ସଚିତ୍ର ମୁଦୁଲିଙ୍କ ନାମକୁ ବ୍ଲକ ସଭାପତିଙ୍କ ନିକଟକୁ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପଞ୍ଚାୟତର ୫ଗୋଟି ବୁଥ ପାଇଁ ବୁଥ କମିଟି କରାଯାଇ ଦଳୀୟ ପର୍ଯ୍ୟବେକ୍ଷକ ଓ ବ୍ଲକ ସଭାପତିଙ୍କ ନିକଟକୁ ପଠାଯାଇଥିଲା। ଜିଲ୍ଲା ବିଜେଡି ସମ୍ପାଦକ ଦିଲୀପ ମହାନ୍ତି, ବ୍ଲକ ଛାତ୍ର ସଭାପତି କାଳନ୍ଦୀ ଦାଶ, ପଞ୍ଚାୟତ ଯୁବ ସଭାପତି ପ୍ରଶାନ୍ତ ପାଣି, ଜିଲ୍ଲା ଛାତ୍ର ବିଜେଡି ସମ୍ପାଦକ ସୁଜିତ ମଲ୍ଲିକ, ବ୍ଲକ ଛାତ୍ର ଉପସଭାପତି ମନୋରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ଦାଶ, ସରୋଜ ବର୍ଦ୍ଧନ, ସଚିତ୍ର ମୁଦୁଲି, ପ୍ରଫୁଲ୍ଲ ସିଂ, ବସନ୍ତ ମହାରଣା, ଜିତେନ୍ଦ୍ର ଖୁଣ୍ଟିଆ, ପ୍ରଭାକର ଷଡଙ୍ଗୀ, ସୁଚିତ୍ର ଚାନ୍ଦ, ମୋହନ ଜେନାଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

## ଏରସମାରେ ବିଜେଡିର କର୍ମୀ ସମାବେଶ





**ଏରସମା,୬।୫(ସମିସ):** ଏରସମାର ଗଡକୁଜଙ୍ଗଠାରୁ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥୀ ଶାରଦା ପ୍ରସନ୍ନ ଜେନା ଏବଂ ସାଂସଦ ପ୍ରାର୍ଥିନୀ ଡ.ରାଜଶ୍ରୀ ମଲିକ ଏକ ଶୋଭାଯାତ୍ରା କରି ପ୍ରଥମେ କୁଞ୍ଜବିହାରୀ ମହାପ୍ରଭୁଙ୍କ ଦର୍ଶନ ସାରି ବାଲିତୁଠ, ଚଟୁଆ,ବଳେଇପୁର,ଅନ୍ଧାରୀ ପଞ୍ଚାୟତର ରାସ୍ତାଦେଇ ରାଲି ଅତିକ୍ରମ କରିଥିବା ବେଳେ ରାସ୍ତା କଡରେ ,ଗାଁ ନିକଟରେ ଶତାଧିକ ମହିଳାମାନେ ଫୁଲ ତୋଡା ଦେଇ ସାରଦାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।।ଏହି ମୋଟର ସାଇକଲ ରାଲିରେ ଶତାଧିକ ଚାରିଚାକିଆ ଗାଡି ମଧ୍ୟ ସାମିଲ ହୋଇଥିଲା।ପରେ ଆଞ୍ଚଳିକ ଯୁବ ପରିଷଦ ପଡିଆରେ ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତଙ୍କ ସଭାପତିତ୍ୱରେ ସମାବେଶ ଅନୁଷ୍ଠିତ ହୋଇଥିଲା। ତାହା ସହ ୫୫ଟି ପଞ୍ଚାୟତର ବିଜୁ ଜନତାଦଳର କର୍ମୀ ମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଜିଲ୍ଲାର ସହ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ଗିରିଶ କୁମାର ଦାସ, ପର୍ଯ୍ୟବେକ୍ଷକ ମୀନକେତନ ଅମାତ,ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଦୁଇ ଜିଲ୍ଲା ପରିଷଦ ସଭ୍ୟ ରାନି ଟୁଡୁ, ପ୍ରଣବ ସ୍ୱାଇଁ, ମଣ୍ଡଳୀର ଯୁବ ସଭାପତି ପାର୍ଥ ସାରଥୀ ରାଉତ, ଏରସମା ଯୁବ ସଭାପତି ବିଭୁତି ରାୟ ,ଏରସମା ସରପଞ୍ଚ ସଚିଦାନନ୍ଦ ଦାସ, ସୁରେନ୍ଦ୍ର ସାମଲ,ପୂର୍ବତନ ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର ଏବଂ ଅନ୍ୟ ନେତୃତ୍ୱ ବୃନ୍ଦ ଉପସ୍ଥିତ ଥିଲେ। ୫ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ନୂତନ ଡାକପାଳଙ୍କ ଦାୟିତ୍ୱ ଗ୍ରହଣ

**ଜଗତସିଂହପୁର,୬।୫(ସମିସ):** ଜଗତସିଂହପୁର ପ୍ରଧାନ ଡାକଘରେ ନୂତନ ପ୍ରଧାନ ଡାକପାଳ ଭାବେ ମିହିର କୁମାର ରାମ ଯୋଗଦାନ କରିଛନ୍ତି । ପୂର୍ବରୁ ଶ୍ରୀ ରାମ ଚାନ୍ଦିନୀ ଚୌକ ପ୍ରଧାନ ଡାକଘରେ ଡେପୁଟି ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତଥିଲେ ।ଶ୍ରୀ ରାମ ଜିଲ୍ଲାର ପ୍ରଧାନ ଡାକଘରେ କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଧାନ ଡାକଘରେ କାର୍ଯ୍ୟ କରୁଥିବା ଡାକକର୍ମଚାରୀ ତୋଫାନ ବୁହେ, ରଶ୍ମିରେଖା ମହାପାତ୍ର, ବେଣୁଧରସାହୁ, ନେପାଳଶବର,ସୁଦୀପ୍ତ ଜେନା, ବିଜନେସ ଏକଜ୍ୟୁଟିଭ ଅସିତ ସ୍ୱାଇଁଙ୍କ ସମେତ ସମସ୍ତ ଡାକକର୍ମଚାରୀ ପ୍ରଧାନ ଡାକପାଳ ଶ୍ରୀରାମଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଗ୍ରୀଷ୍ମ କବିତା ଆସର



**ପାରାଦୀପ, ୬।୫ (ସମିସ):** ମୈନାକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏଫଏମ ରେଡ଼ିଓ ଆଉଟ ରିଚ୍ ପକ୍ଷରୁ ଗ୍ରୀଷ୍ମ କବିତା ଆସର ପାରାଦୀପ ସାକ୍ଷରତା ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡଃ ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ମୁଖ୍ୟଅତିଥି ଭାବେ ରେଡ଼ିଓ ଆଉଟ ରିଚ୍‌ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କାନମାସର ସମ୍ପାଦକ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ, ସାକ୍ଷରତା ସମିତିର ସଂଯୋଜକ କବି ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କବୀ ତୁଳସୀ ବରାଳଙ୍କ ସଂଯୋଜନାରେ ଉକ୍ତ ଆସରରେ ୩୦ରୁ ଊର୍ଦ୍ଧ୍ୱ କବି ଉପସ୍ଥିତ ରହି ଗ୍ରୀଷ୍ମ କବିତା ପାଠ କରିଥିଲେ। ଏଥିରେ କବି ନିରୂପମା ପାଣି, ମଧୁସ୍ମିତା ମହାନ୍ତି, ପ୍ରଭାତ କୁମାର ବାରିକ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜିନୀ ମିଶ୍ର, ରୁନିବାଳା ମଲ୍ଲୀକ, ନବୀନ ଚନ୍ଦ୍ର ପ୍ରଧାନ, ସୁରେଶ ପ୍ରଧାନ, ରଘୁନାଥ ଆଚାର୍ଯ୍ୟ, କମ୍ରେଡ ବାବୁରାମ ଚୌଧୁରୀ, ମୀରାଙ୍ଗିନୀ ଦେଇ, ଅଳକା ରଥ, ଗୋଲାପରାଣୀ ସାହୁ, ଆରତୀ ଦାସ, ରଞ୍ଜିତା ସାହୁ, ଚିତ୍ରସେନ ମହାନ୍ତି, କିଶୋରୀ କବି, ରାଜଶ୍ରୀ ସାହୁ, ବାବାଜୀ ନାୟକ, ମନୋଜ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଉଗ୍ରତାରାଙ୍କ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଜଗତସିଂହପୁର, ୬।୫ (ସମିସ):** ଜଗତସିଂହପୁର ପୌରାଞ୍ଚଳର ଦେଭୋଗଠାରେ ଥିବା ମା' ଉଗ୍ରତାରାଙ୍କ ନବ ନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଓ ୫୭ ତମ ବିଶ୍ୱଶାନ୍ତି ଦେବୀ ମହାଯଜ୍ଞ ଆସନ୍ତା ୮ ତାରିଖରେ ଅନୁଷ୍ଠିତ ହେବ । ୮ ତାରିଖ ବୁଧବାର ଦିନ ଶୁଭାଧିବାସ, ଗୁରୁବାର ଦ୍ୱିତୀୟ ଦିବସ ହୋମଯଜ୍ଞ, ମନ୍ଦିର ପ୍ରତିଷ୍ଠା, ତୃତୀୟ ଦିବସ ଘଟସ୍ଥାପନ, ଅଗ୍ନି ସ୍ଥାପନ, ଆଧ୍ୟାତ୍ମିକ ପ୍ରବଚନ, ଚତୁର୍ଥ ଦିବସରେ ଶୋଡ଼ଷ ଉପଚାର ପୂଜା,ସପ୍ତସତୀ ଚଣ୍ଡି ଆହୁତି ,ଲଉଡି ଖେଳ ଓ ପଞ୍ଚମ ଦିବସ ରବିବାର ପୂର୍ଣ୍ଣାହୁତି ପ୍ରସାଦ ସେବନ ଏବଂ ଭଜନ ସଂଧ୍ୟା ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆ ଯାଇଛି।

## ବନ୍ଦର ନିଷିଦ୍ଧାଞ୍ଚଳରୁ ହରିଣ ଉଦ୍ଧାର



**ପାରାଦୀପ, ୬।୫ (ସମିସ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ଆଜି ଏକ ହରିଣକୁ ଉଦ୍ଧାର କରାଯାଇଛି। ବନ୍ଦର ନିଷିଦ୍ଧାଞ୍ଚଳ ପିପିଏଲ ଜେଠି ନିକଟରେ ଏକ ହରିଣ ପହଁରୁଥିବା ଡ୍ୟୁଟିରେ ଥିବା କର୍ମଚାରୀଙ୍କ ନଜରକୁ ଆସିଥିଲା। ଖବର ପାଇ ସିଆଇଏସଏଫର ଏକ ସ୍ୱତନ୍ତ୍ର ଟିମ୍ ଜେଠିରେ ପହଞ୍ଚି ବହୁ ପରିଶ୍ରମ କରି ଜେଠି ମଧ୍ୟରୁ ହରିଣକୁ ଉଦ୍ଧାର କରିଥିଲେ। ଏ ନେଇ ସିଆଇଏସଏଫ ପକ୍ଷରୁ ବନ୍ଦର ଅଧିକାରୀଙ୍କୁ ଅବଗତ କରାଯିବା ପରେ କୁଜଙ୍ଗ ବନ ବିଭାଗ ସହିତ ଯୋଗାଯୋଗ କରାଯାଇଥିଲା। କୁଜଙ୍ଗ ବନ ବିଭାଗର ଏକ ଟିମ ପାରାଦୀପରେ ପହଞ୍ଚିବା ପରେ ସିଆଇଏସଏଫ ଅଧିକାରୀ ହରିଣକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରୁ ହରିଣ ଉଦ୍ଧାର ନୂଆ ନୁହେଁ। ପ୍ରାୟ ଏକବର୍ଷ ମଧ୍ୟରେ ତିନୋଟି ହରିଣ ଉଦ୍ଧାର କରାଯାଇଥିବା ନେଇ ସିଆଇଏସଏଫ ପକ୍ଷରୁ ସୂଚନା ମିଳିଛି। ଏଠି ପ୍ରଶ୍ନ ଉଠୁଛି ବନ୍ଦର ଜେଠି ମଧ୍ୟକୁ ହରିଣ ଆସିଲା କେଉଁଠୁ। ବିଗତ ଦିନରେ ପିଆଇସିଟି ଜେଠିରୁ ମଧ୍ୟ ହରିଣ ଉଦ୍ଧାର ହୋଇଥିଲା। ନିକଟରେ ରହିଥିବା ଜଙ୍ଗଲରୁ ଏହି ହରିଣ ବନ୍ଦର ମଧ୍ୟକୁ ଆସିବା ପରେ ପାଣିକୁ ଗଳି ପଡ଼ିଥିବା ସନ୍ଦେହ କରାଯାଉଛି।

ବଢୁଛି ନିଶା ବେପାରୀଙ୍କ ସଂଖ୍ୟା;ଚିନ୍ତାରେ ପୁଲିସ

# ଜେଲରୁ ମୁକୁଳି ପୁନର୍ବାର କରୁଛନ୍ତି କାରବାର

**ପାରାଦୀପ, ୬।୫ (ସମିସ) :** ପାରାଦୀପ ବନ୍ଦରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରୁ ପ୍ରତିଦିନ ନିଶା ବେପାରୀଙ୍କୁ ଉଠାଇ ପୁଲିସ ହାଜତକୁ ପଠାଉଛି।ପାରାଦୀପ ଅଞ୍ଚଳରୁ ନିଶା ବେପାରୀଙ୍କୁ ମୂଳଉତ୍ପାଟନ କରିବାକୁ ଏସପିଙ୍କ ନିର୍ଦ୍ଦେଶରେ ପୁଲିସ ଲଗାତର ଉଦ୍ୟମ ଚଳାଇ ବ୍ରାଉନ ସୁଗାର, ଗଞ୍ଜେଇ ଓ ମଦ ବେପାରୀଙ୍କୁ ବାନ୍ଧୁଛି। ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଚୋରା ନିଶା ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉଛି ପୁଲିସ। ସେମାନଙ୍କଠାରୁ ନିଶା ଦ୍ରବ୍ୟ ଜବତ କରିବା ସହ ଲକ୍ଷାଧିକ ଟଙ୍କା, କାର, ବାଇକ, ପିସ୍ତଲ ଓ ଗୁଳି ମଧ୍ୟ ଜବତ କରୁଛି।କିନ୍ତୁ ଗିରଫ ଅଭିଯୁକ୍ତ ଦିନ କେଇଟା ମଧ୍ୟରେ ଜାମିନରେ ଆସି ପୁନର୍ବାର ସେହି ବେପାରକୁ ଆପଣେଉଛନ୍ତି।ମାତ୍ର ଦୁଇ ଚାରିଦିନ ମଧ୍ୟରେ ଜେଲରୁ ବାହାରି ସେହି ବେପାରୀମାନେ ପୁଣି ବେପାର ଚଳାଇବା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି।ଏହି ଅଭିଯୁକ୍ତଙ୍କ ପାଇଁ ଜେଲ ଯିବା ଆସିବା ଦେହସୁହା ହୋଇଯାଇଛି।ଏଣେ ପୁଲିସ ଚୋରା ବେପାରୀଙ୍କୁ ଧରିବାକୁ ରୀତିମତ କସରତ କରିବାରୁ ସେମାନେ ଧରାଦେବାକୁ ଉଚିତ ମଣୁ ନାହାନ୍ତି।ଏହି ଚୋରା ବେପାରରେ କିଛି ଯୁବକଙ୍କୁ ନିଯୁକ୍ତି ଦେଇ ପୟକୃତ ବେପାରୀ ନିଜେ ସାମ୍ନାକୁ ଆସୁ ନାହାନ୍ତି। ଗିରଫ ବେଳେ ସେମାନଙ୍କର ପିଲାମାନେ ହିଁ ଧରାପଡି ଜେଲ ଯାଉଛନ୍ତି।ପିଲାମାନେ ଜେଲ ଗଲେ ସେମାନଙ୍କୁ ଦରମା ଦେଇ ସନ୍ତୁଷ୍ଟ କରିବା ସହ ଜେଲରୁ ମୁକୁଳାଇବା ପାଇଁ ଲାଗି ପଡ଼ିଥାନ୍ତି। ପୁଲିସ ଗିରଫ କରି ଜେଲକୁ ପଠାଇଥିବା ନିଶା ବେପାରୀ କେଉଁ ସମୟରେ ଜେଲରୁ ବାହାରି ପୁଣି ନିଶା ବେପାର କରୁଛନ୍ତି ପୁଲିସ ତାହା ଜାଣିବା ମୁସ୍କିଲ ହେଉଛି। ପାରାଦୀପ ଶିଳ୍ପାଞ୍ଚଳରେ ୫ ଟି ଥାନା ସହିତ ଏକ ଅବକାରୀ ବିଭାଗର ଥାନା ରହିଛି।ସେଥିରୁ ପାରାଦୀପ ଆଦର୍ଶ ଥାନା, ଅଭୟଚାନ୍ଦ ପୁର ଥାନା ଓ ପାରାଦୀପ ଲକଥାନା ଅଞ୍ଚଳରେ ସର୍ବାଧିକ ଚୋରା ନିଶା ବେପାରୀ ରହିଥିବା ବେଳେ ଜଟାଧାରୀ ମୁହାଣ ମେରାଇନ ଥାନା ଓ ମେରାଇନ ଥାନା ଅଞ୍ଚଳରେ କମ ଚୋରା ବେପାରୀ ରହିଛନ୍ତି।ସେପଟେ ପାରାଦୀପ ଅବକାରୀ ବିଭାଗର ଥାନା ମଧ୍ୟ ଏହି ୫ ଥାନା ଅଞ୍ଚଳରେ ନଜର ରଖିଛି।ତଥାପି ଏତେ କମ ଅଞ୍ଚଳରେ କିଭଳି ଚୋରା ନିଶା ବେପାରୀଙ୍କ ସଂଖ୍ୟା ବଢୁଛି ତାକୁ ନେଇ ପ୍ରଶ୍ନ ଉଠିଛି।ବଡପଡ଼ିଆ ପାରାଦୀପ ସହରର ଏକ ଜନ ଗହଳିପୂର୍ଣ୍ଣ ସ୍ଥାନ।ଯେଉଁଠି ସର୍ବାଧିକ ଚୋରା ମଦ କାଉଣ୍ଟର ରହିଛି।ସେହିଭଳି ଚୋରା ମଦ ସାଙ୍ଗକୁ ଗଞ୍ଜେଇ ଓ ବ୍ରାଉନ ସୁଗାର ବେପାରୀଙ୍କ ସଂଖ୍ୟା ବହୁ ଅଧିକ ଥିବା ଦେଖିବାକୁ ମିଳୁଛି।ଗଞ୍ଜେଇ ପ୍ରତ୍ୟେକ ପାନ ଦୋକାନ ସହିତ କିଛି ଜନ ଗହଳି ସ୍ଥାନରେ ମିଳୁଥିବା ବେଳେ ମଦ ପ୍ରତ୍ୟେକ ହୋଟେଲ ଓ ଫାଷ୍ଟ ଫୁଡ଼ ଦୋକାନରେ ସହଜରେ ମିଳୁଛି।ବ୍ରାଉନ ସୁଗର ପ୍ରତ୍ୟେକ ବସ୍ତି ଅଞ୍ଚଳରେ ମିଳୁଥିବା ଅଭିଯୋଗ ହେଉଛି।ନୂଆବଜାର ଅଞ୍ଚଳରେ ବ୍ରାଉନ ସୁଗର ବହୁ ମାତ୍ରାରେ ମିଳୁ ଥିବା ବେଳେ କିଛି କମ ବୟସର ଯୁବକ ଏହାକୁ ସେବନ କରି ସ୍ଥାନୀୟଅଞ୍ଚଳରେଅରାଜକତା ସୃଷ୍ଟି କରୁଥିବା ଅଭିଯୋଗ ଉଠିଛି।ଅଠରବାଙ୍କୀ ଅଞ୍ଚଳ ଏବେ ଚୋରା ନିଶା ବେପାରୀଙ୍କ ହବ କୁହାଯାଉଛି।ସେଠାରେ ସର୍ବାଧିକ ଏହି ଚୋରା ନିଶା କାରବାର କରାଯାଉଛି। ପୁଣି ଏସବୁ ନିଶା ଦ୍ରବ୍ୟ ଯେଉଁମାନେ ବ୍ୟବସାୟ କରୁଛନ୍ତି ସେମାନେ ଅଲଗା ବ୍ୟବସାୟକୁ ହାତରେ ରଖି ଏହି ନିଶା ଦ୍ରବ୍ୟକୁ ଲୁଚାଇ ରଖିଥାନ୍ତି।ବ୍ୟବସାୟ ଆଳରେ କାରବାର କରିଥାନ୍ତି।ପୁଲିସ ତାର ଟେର ପାଇବା କଷ୍ଟକର ହୋଇପଡେ।ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ ଏମିତି ନିଶା ବ୍ୟବସାୟ ଚାଲିଥିବା ବେଳେ ପୂର୍ବରୁ କେମିତି ତାହା ପୁଲିସ ତାହା ଜାଣି ପାରୁ ନଥିଲା ବୋଲି ସାଧାରଣରେ ବେଶ ଚର୍ଚ୍ଚା ଚର୍ଚ୍ଚା ହେଉଛି।

ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ କେନ୍ଦ୍ରାପଡ଼ା ଗସ୍ତ

# ନିର୍ବାଚନ ପରିଚାଳନା ସମୀକ୍ଷା; ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ





**କେନ୍ଦ୍ରାପଡ଼ା,୬।୫(ସମିସ):** ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀମତୀ ହିମାଳିନୀ କାଶ୍ୟପ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ସାଧାରଣ ନିର୍ବାଚନର ସୁପରିଚାଳନା ଉପରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱାରୋପ କରିଥିଲେ।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ମତଦାନ କେନ୍ଦ୍ରରେ ପାନୀୟ ଜଳ, ଟଏଲେଟ୍, ଲାଇଟ୍, ଫ୍ୟାନ୍ ଆଦି ସର୍ବନିମ୍ନ ସୁବିଧା, ଭିନ୍ନକ୍ଷମଙ୍କ ପାଇଁ ର୍‌ୟାମ୍ପର ସୁବିଧା ଓ ସକ୍ଷମ ଯାନରେ ଘରୁ ବୁଥ୍‌କୁ ନେବା ଓ ବୁଥ୍‌ରୁ ଘରେ ଆଣି ଛାଡ଼ିବା, ପୋଷ୍ଟାଲ୍ ବାଲାଟ୍, ହୋମ୍ ଭୋଟିଂ, ଏମ୍‌ସିଏମ୍‌ସି ରିପୋର୍ଟ, ସି-ଭିଜିଲ୍ ରିପୋର୍ଟ, ବିଭିନ୍ନ ପ୍ରଶିକ୍ଷଣ, ଭେହିକିଲ ମ୍ୟାନେଜ୍‌ମେଣ୍ଟ, ମ୍ୟାନ୍ ପାୱାର୍ ମ୍ୟାନେଜମେଣ୍ଟ, ବୁଥ ମ୍ୟାନେଜମେଣ୍ଟ ଆଦି ପ୍ରସଙ୍ଗ ଉପରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ସମ୍ବେଦନଶୀଳ ବୁଥ୍‌ରେ ପୁଲିସ୍ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ତଥ୍ୟ ରଖିଥିଲେ। ଭଲନେରେବୁଲ୍ ବୁଥ୍‌ରେ ଅଧିକ ସଂଖ୍ୟକ ପୁଲିସ୍ ମୁତୟନ କରିବାକୁ ଯୋଜନା ରହିଥିବାବେଳେ ସେହି ଅଞ୍ଚଳରେ ବାରମ୍ବାର ଫ୍ଲାଗ୍‌ମାର୍ଚ୍ଚ କରି ଲୋକଙ୍କ ବିଶ୍ୱାସ ପ୍ରଶାସନ ଜିତିପାରିଛି ବୋଲି କହିଥିଲେ। ଭଲ୍‌ନେରେବୁଲ୍ ବୁଥ୍‌ରେ ଲାଇଭ୍ ୱେବ୍‌କାଷ୍ଟିଂ, ସିସିଟିଭି ସର୍ଭେଲାନ୍ସ, ଭିଡିଓଗ୍ରାଫି ଓ ମାଇକ୍ରୋ ଅବଜରଭର୍ ନିଯୁକ୍ତ କରାଯିବ। ମୋଟ୍ ୧୪୪୫ଟି ବୁଥ୍ ମଧ୍ୟରୁ ୬୪ଟି ଭଲ୍‌ନେରେବୁଲ୍ ରହିଛି। ଅକ୍ଷୟ ତୃତୀୟା ଅବସରରେ ବିଭିନ୍ନ ପ୍ରସ୍ତାବିତ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବାକୁ ସ୍ଥିର କରିଥିବାବେଳେ ସମସ୍ତ ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇବା ପାଇଁ ଅଲଗା ଅଲଗା ସମୟ ଓ ସ୍ଥାନରୁ ରାଲି କରିବାକୁ ପରାମର୍ଶ ଦେଇଛନ୍ତି।

ଅବକାରୀ ବିଭାଗ ବାରମ୍ବାର ଚଢ଼ଉ କରି ବେଆଇନ୍ ନିଶା କାରବାରକୁ ରୋକିବା ପାଇଁ ବିହିତ ପଦକ୍ଷେପ ନେବାକୁ କୁହାଯାଇଛି। ବର୍ତ୍ତମାନ ଜିଲ୍ଲାରେ ୧୫ଟି ଫ୍ଲାଇଙ୍ଗ୍ ସର୍ଭେଲାନ୍ସ ଟିମ୍ (ଏଫ୍‌ଏସ୍‌ଟି) କାର୍ଯ୍ୟ କରୁଥିବାବେଳେ ଏହାର ସଂଖ୍ୟା ବୃଦ୍ଧି କରିବାକୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଛନ୍ତି। ଏସ୍‌ଏସ୍‌ଟି ଓ ଭିଏସ୍‌ଟି ବାରମ୍ବାର ଷ୍ଟ୍ରାଟେଜିକ୍ ଲୋକେସନ୍ ପରିବର୍ତ୍ତନ କରି କାର୍ଯ୍ୟ କରିବାକୁ କୁହାଯାଇଛି। ଓଡ଼ିଶା ଇଭିଏମ୍ ଭେହିକିଲ୍ ଟ୍ରାକିଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ଉପରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ଉକ୍ତ ବୈଠକ ପରେ ଇ-ସୁବିଧା କେନ୍ଦ୍ର, କଣ୍ଟ୍ରୋଲ୍ ରୁମ୍, ସି-ଭିଜିଲ୍ ଅଭିଯୋଗ କେନ୍ଦ୍ର, ଏକ୍ସପେଣ୍ଡିଚର୍ ମନିଟରିଂ ସେଲ୍ ବୁଲି ଦେଖିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନାରେ ସେମାନେ ସନ୍ତୋଷ ବ୍ୟକ୍ତ କରିବା ସହ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆଶାବ୍ୟକ୍ତ କରିଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଡିଆଇବି ଡିଏସ୍‌ପି ଲକ୍ଷ୍ମୀନାରାୟଣ ତିୱାରୀ, ଅବକାରୀ ଅଧୀକ୍ଷକ, ଏଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ, ଆର୍‌ଟିଓ, ଏଲ୍‌ଡିଏମ୍, ଡେପୁଟି କଲେକ୍ଟର, ଟିଆର୍‌ଓ, ବିଭିନ୍ନ ଥାନାର ଆଇଆଇସି, ଡିଆଇପିଆର୍‌ଓ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ପ୍ରାଧ୍ୟାପକ ବିପିନ ବିହାରୀଙ୍କ ପରଲୋକ

**ମାର୍ଶାଘାଇ,୬।୫(ସମିସ);**ମାର୍ଶାଘାଇ ବ୍ଲକ କରିଲୋପାଟଣା ନାରଣପୁର ପୂର୍ବତନ ପ୍ରାଧ୍ୟାପକ ବିପିନ୍ ବିହାରୀ ବାରିକ୍(୬୮) ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ରବିବାର ରାତିରେ ଭୁବନେଶ୍ୱର ଘରୋଇ ମେଡ଼ିକାଲରେ ଚିକତ୍ସା ପାଇଁ ନେବା ସମୟରେ ନିଶ୍ଚିନ୍ତକୋଇଲି ନିକଟରେ ହଠାତ ହୃଦ୍‌ଘାତ ହୋବରରୁ ଶେଷ ନିଶ୍ୱାସ ତ୍ୟାଗକରିଥିଲେ। ସ୍ୱର୍ଗତ ବିପିନ୍ ବିହାରୀ କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟ ସମାଜ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଭାବେ କାର୍ଯ୍ୟକରିଥିଲେ। ପରବର୍ତ୍ତୀ ସମୟରେ ପଟ୍ଟାମୁଣ୍ଡା ମହିଳା ମହାବିଦ୍ୟାଳୟ ଅଧକ୍ଷ ଭାବେ କାର୍ଯ୍ୟକରି ଅବସର ଗ୍ରହଣକରିଥିଲେ। ଅବସରପରେ ବାଳଅପରାଧ୍ କୋର୍ଟ ସଦସ୍ୟଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ସାମାଜିକ ତାଙ୍କ ପରଲୋକଗତ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ କାଇଛି। ମରଶରୀରକୁ କରିଲୋପାଟଣା ପଞ୍ଚାୟତ ପରିକ୍ରମା କରାଯାଇ ତାଙ୍କ ପୈତୃକ ଜନ୍ମମାଟି ଡ଼ିହବଳରାମପୁର ଅଣାଯାଇ ଆତ୍ମୀୟସ୍ୱଜନ ଶେଷ ଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ନିକଟରୁ କେନ୍ଦ୍ରାପଡ଼ା ଗୌରବ ସମ୍ମାନରେ ସମ୍ମାନୀତ ହୋଇଛନ୍ତି। ତାଙ୍କ ପରଲୋକରେ ପୂର୍ବତନ ଖଦି ଗ୍ରାମଦ୍ୟୋଗ ସଭାପତି ବିଜେପି ପ୍ରାର୍ଥୀ ତେଜେଶ୍ୱର ପରିଡ଼ା, ଜିଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ସମିତି ସଭ୍ୟ ପ୍ରତିନିଧି ମନୋରଞ୍ଜି ସ୍ୱାଇଁ, ଅନ୍ନଦା ପ୍ରସାଦ ତ୍ରିପାଠୀ ପ୍ରମୁଖ ଶେଷ ଦର୍ଶନକରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ନାରଣପୁରରେ ତାଙ୍କର ଶେଷକ କୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଅମିତାଭ ଚୌଧୁରୀ ମୁଖାଗ୍ନି ଦେଇଥିଲେ।

## ପଙ୍କପାଳରେ ଗୌରଚନ୍ଦ୍ର ଶିଶୁ ବାଟିକା ଉଦ୍‌ଘାଟିତ

**କୁଜଙ୍ଗ,୬।୫(ସମିସ):** କୁଜଙ୍ଗ ବ୍ଲକ୍ ପଙ୍କପାଳସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚଦଶ ବାର୍ଷିକ ଉତ୍ସବ ଓ ଅତ୍ୟାଧୁନିକ ଶିଶୁ କ୍ରୀଡ଼ା ମନୋରଞ୍ଜନର ସାଧନ ଥିବା ଶିଶୁ ବାଟିକା ଲୋକର୍ପିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡାକ୍ତର ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଡେପୁଟି ସଲିଟେର ଜେନେରାଲ ଅଫ୍ ଇଣ୍ଡିଆ ଓଡ଼ିଶା ହାଇକୋର୍ଟ ପ୍ରସନ୍ନ କୁମାର ପାଢୀ ଯୋଗଦେଇ ଏହି ବିଦ୍ୟାଳୟ ଆଜିର ସମୟରେ ଗୁରୁକୁଳ ଶିକ୍ଷା ପଦ୍ଧତିରେ ଏକମାତ୍ର ବିକଳ୍ପ ବୋଲି କହିବା ସହ ରାଷ୍ଟ୍ର ସର୍ବସ୍ୱ ଜୀବନ, ପରିବାର ବନ୍ଧନ ତଥା ସଂସ୍କାର ଓ ସଂସ୍କୃତି ମନସ୍କ ହେବାର ଏକ ସତୀର୍ଥ ପ୍ରୟୋଗଶାଳା। ଏହି ବିଦ୍ୟାଳୟର ଛାତ୍ର ଓ ଅଭିଭାବକ ସଭିଏଁ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ ବୋଲି କହିବା ସହ ନମ୍ବର ସଫଳତା ଜୀବନର ଏକମାତ୍ର ଉତ୍କର୍ଷ ନୁହେଁ। ବରଂ ସଂଗୀତ, କ୍ରୀଡ଼ା, ସମାଜସେବା ଓ ଦେଶ ପାଇଁ କିଛି କରିବାର ସଂକଳ୍ପ ସବୁ ଛାତ୍ରଙ୍କ ଧେୟ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ କ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ଯୋଗଦେଇ ଆଜି ଦୁଷ୍ଟଶକ୍ତି ଯେତିକି କ୍ଷତି କରୁନାହାଁନ୍ତି, ବରଂ ସଜନ୍ମ ଶକ୍ତିର ନିରବତା ଦେଶ ତଥା ସମାଜକୁ ଅଧିକ କ୍ଷତି ପହଞ୍ଚାଉଛି। ବିଦ୍ୟାଳୟ ଶିକ୍ଷା ଓ ପରିବାର ସଂସ୍କାର ସହ ଛାତ୍ରର ଭାରତୀୟ ସଂସ୍କୃତି ଅଧାରିତ ସାଧନାର ତ୍ରିବେଣୀ ସଂଗମ ବ୍ୟକ୍ତିକୁ ମହାମାନବ କରି ଗଢିତୋଳିବ ବୋଲି କହିବା ସହ ଅଧୁନା ଶିଶୁ ମନ୍ଦିର ସ୍ଥିତି ଓ ଏହାର କାୟାକଳ୍ପ ନେଇ ନିଜର ତଥ୍ୟଭିତ୍ତିକ ଅନୁଚିନ୍ତା ଉପସ୍ଥାପନ କରିଥିଲେ।



ସମ୍ମାନିତ ଅତିଥି ରୂପେ ଶିଶୁ ବିଦ୍ୟାମନ୍ଦିରର ସଂରକ୍ଷକ ତଥା ମାଟିର ପୁଅ ଉମେଶ ଚନ୍ଦ୍ର ମହାପାତ୍ର ଓ ଓଡିଶା ହାଇକୋର୍ଟଙ୍କ ଆୟକର ବିଭାଗର ଷ୍ଟାଣ୍ଡିଂ କାଉନ୍‌ସେଲ ତପନ କୁମାର ଦାଶ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଗୋକୁଳାନନ୍ଦ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେଳୁ ଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସସ୍ମିତା ଦାଶ ଓ ପୁଷ୍ପଲତା ଦାସଙ୍କ ସଂଯୋଜନାରେ ଏହି ଭବ୍ୟ ଉତ୍ସବ ପ୍ରାରମ୍ଭରେ ବିଦ୍ୟାଳୟର ସଂରକ୍ଷକଙ୍କ ସହଯୋଗରେ ନିଜ ପିତାଙ୍କ ସ୍ମୃତିରେ ଏହି ଅତ୍ୟାଧୁନିକ ଶିଶୁ ବାଟିକାକୁ ଅତିଥିମାନେ ଫିତାକାଟି ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ସହ ବିଦ୍ୟାଳୟର ୧୫ ଜଣ ବିଶେଷ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସଂସ୍କାର ଧର୍ମୀ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଯେଉଁଥିରେ ହଜାର ହଜାର ଦର୍ଶକ ଝୁମିଥିଲେ। ଏହି କାର୍ଯ୍ୟକମ୍ରମକୁ ଉପସଭାପତି ଉତ୍ତମ ଚରଣ ସାହାଣି, କୋଷାଧକ୍ଷ ଶିବ ଚରଣ ପାତ୍ର, ସହସମ୍ପାଦକ ନିରଞ୍ଜନ ବେହେରା, ପୂର୍ବତନ ସଭାପତି ରଘୁନାଥ ଦାସ, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ବିପିନ କୁମାର ମିଶ୍ର, ତାପସ କୁମାର ଦାଶ, କୃଷ୍ଣପ୍ରସନ୍ନ ଦାସ, ରଶ୍ମିକଳା ନାୟକଙ୍କ ସହ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।

## ହୋପ୍ ଅଫ୍ ଲାଇଫ୍ ଫାଉଣ୍ଡେସନ୍ ପକ୍ଷରୁ ସହାୟତା



**ବାଲିକୁଦା,୬।୫(ସମିସ):** ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଅରିଲୋ ଗ୍ରାମର ଚକ୍ଷୁ ଶକ୍ତି ହରାଇ ବସିଥିବା ଯୁବକ ଚନ୍ଦନ ନାୟକଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି ହୋପ୍ ଅଫ ଲାଇଫ୍ ଫାଉଣ୍ଡେସନର ପ୍ରତିଷ୍ଠାତା ବବିତା ଦାସ। ଖବର ପାଇ ଆଜି ଶ୍ରୀମତୀ ଦାସ ଏବଂ ଫାଉଣ୍ଡେସନର ସଦସ୍ୟମାନଙ୍କ ସହିତ ଚନ୍ଦନଙ୍କ ବାସଗୃହରେ ପହଞ୍ଚି ତାଙ୍କ ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କ ପୁଅ ପାଇଁ ବହି, ଖାତା, କଲମ ପେନସିଲ ଭଳି ଜିନିଷ ଯୋଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଚନ୍ଦନଙ୍କ ପାଇଁ ଏକ ବ୍ୟବସାୟ ସଂସ୍ଥା କରିଦେବାର ପ୍ରତିଶ୍ରୁତି ଦେଇଥିବା ବେଳେ ବାଲିକୁଦା ଅଞ୍ଚଳର ଯୁବ ସମାଜସେବୀ ସୁରେନ୍ଦ୍ର ବିଶ୍ୱାଳ ଚନ୍ଦନଙ୍କ ପୁଅ ପାଇଁ +୩ ଯାଏଁ ସମସ୍ତ ପାଠ୍ୟକ୍ରମର ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହୋପ୍ ଅଫ୍ ଲାଇଫର ସଦସ୍ୟ ରାଜା ଦାସ, ବୁଲୁ ମହାରଣା, ବାଲିକୁଦାର ସୁଦାମ ମହାରଣା, ସୀତାଂଶୁ ମହାନ୍ତି, ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ କବୟିତ୍ରୀ ସମ୍ମିଳନୀ




**ରାଜକନିକା,୬।୫(ସମିସ):** କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପକ୍ଷରୁ ଅଖିଳ ଭାରତୀୟ କବୟିତ୍ରୀ ସମ୍ମେଳନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସର୍ବଭାରତୀୟ ସ୍ତରର ୨୫ତମ ସ୍ୱନକ୍ଷତ୍ର ଦିବସକୁ ଓଡ଼ିଶା ରାଜ୍ୟର କଟକ ଶାଖା ପକ୍ଷରୁ ଏହି ସମାବର୍ତ୍ତନ ଉତ୍ସବ ରେଭେନ୍ସା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏଆଇପିସିର ରାଜ୍ୟ ସଂଯୋଜିକା ଡକ୍ଟର ଅଞ୍ଜୁମନ୍ ଆରା ଏହି ସମ୍ମେଳନରେ ସଭାପତିତ୍ୱ କରିଥିବାବେଳେ କବୟିତ୍ରୀ ସୁଷମା ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ କବୟିତ୍ରୀଙ୍କ ମଧ୍ୟରେ ଶ୍ରୀମତୀ ଗୀତାଞ୍ଜଳି ପୃଷ୍ଟି, ସୁଲୋଚନା ଦାଶ, ଜୟନ୍ତୀ ପତି, ଗୀତାଞ୍ଜଳି ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ମନୋଜ୍ଞ କବିତା ଆସରର ଆୟୋଜନ କରାଯାଇଥିଲା। ସୁଶ୍ରୀ ଇମ୍ରାନା ଧନ୍ୟବାଦ ଦେଇଥିଲେ।

● ଜଳଛତ୍ର ପ୍ରହସନ

## ଆସ୍ଥାନରୁ ମାଟିହାଣ୍ଡି ଉଭାନ

**ରାଜକନିକା,୬।୫(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ପ୍ରାୟତଃ ସମସ୍ତ ପଞ୍ଚାୟତର ରାସ୍ତାଘାଟ, ନିଛାଟିଆ ସ୍ଥାନରେ କରାଯାଇଛି ପଞ୍ଚାୟତ ପ୍ରଶାସନର ଜଳଛତ୍ର। ଏଥିପାଇଁ ବ୍ୟାନର ମାଧ୍ୟମରେ ଏଠାରେ ଜଳଛତ୍ର ଅବସ୍ଥିତିକୁ ସୂଚିତ କରୁଛି। ମାଟି ହାଣ୍ଡି, ଡଙ୍କା ଓ ଗ୍ଲାସଟିଏ ବି ରଖିବାର ପ୍ରାବଧାନ ରହିଛି। ପ୍ରତ୍ୟେକ ଦିନ ଏହି ହାଣ୍ଡିରେ ପାଣି ଭରା ଯିବାର ବି ବ୍ୟବସ୍ଥା ରହିଛି।ଏଥିପାଇଁ ବି ପଞ୍ଚାୟତ ପ୍ରଶାସନ ପକ୍ଷରୁ ବ୍ୟୟ ବରାଦ ରହିଥାଏ।ହେଲେ




ଦେଉଳତରା ପଞ୍ଚାୟତ ମୁରାଦପୁର ଗାଁ ତାରିଣୀ ମନ୍ଦିର ଟୁକୁଆ ଦୋକାନ ପାଖରେ ଥିବା ଏହି ଜଳଛତ୍ର ଅବସ୍ଥା ଦେଖିଲେ ମନେ ହୁଏ ଯେ ଜଳଛତ୍ର ଏଠାରେ ପ୍ରହସନ ପାଲଟି ଯାଇଛି।କେବଳ ଛିଣ୍ଡା ଜଳଛତ୍ର ବ୍ୟାନରଟି ଅତି ବିକଳ ଭାବେ ଜଳଛତ୍ରର ଉପସ୍ଥିତି ଜାହିର କରୁଥିଲେ ବି ଆସ୍ଥାନରୁ ମାଟି ହାଣ୍ଡି କେବେଠୁ ଗାଏବ ହୋଇଥିବାରୁ ତୃଷାର୍ତ୍ତ ପଥଚାରୀଙ୍କୁ ପାଣି ଟୋପେ ପାଇଁ ନିରାଶ ହେବାକୁ ହେଉଛି। ତେବେ ବହୁ ଯୋଜନାକୁ ଯେନ ତେନ ପ୍ରକାରରେ କେବଳ କାଗଜପତ୍ରରେ ଦର୍ଶାଇ ପଞ୍ଚାୟତ ମାନଙ୍କରେ ଲୋକଙ୍କୁ ଶୋଷ ବେଳେ ପାଣି ନ ଯୋଗାଇ କେବଳ ବ୍ୟାନର ଟାଙ୍ଗି ଅର୍ଥ ଲୁଟ କରିବାର ଧାରାକୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ନଜର ଦେବା ସହ ବିଲ ବେଳେ ଏମାନଙ୍କୁ ଶକ୍ତ ଜବାବ ଦେବା ସହ ସରକାରୀ ଅର୍ଥ ତୋଷରପାତ ଭଳି ଜଘନ୍ୟ କାମ କରିବାକୁ ଉଦ୍ୟମ ହେଉଥିବା ଘଟଣାରେ ସଜାଗ ହେବାକୁ ଅନୁରୋଧ କରାଯାଇଛି। ତୁରନ୍ତଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପିପିଏଲ୍ ଡିଏଭି ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ




**ପାରାଦୀପ, ୬।୫ (ସମିସ):** ପିପିଏଲଡିଏଭି ପବ୍ଲିକ ସ୍କୁଲରେ ଆଜି ଅଧକ୍ଷ ସଞ୍ଜୀବ କୁମାର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିକଳ୍ପିତ ୪ଦିନିଆ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପିପିଏଲର ମୁଖ୍ୟ (ସିଇଓ) ପାଲାନି ସାମୀ ଭେଲୁସାମି ଓ ପିପିଏଲର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରବନ୍ଧକ ସୁମିତ କୁମାର ସେନାପତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କରାଟେ ପ୍ରଶିକ୍ଷକ, ହକି ପ୍ରଶିକ୍ଷକ ଓ ପଟ୍ଟଚିତ୍ରର ପ୍ରଶିକ୍ଷିକା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂଯୋଜକ ବୃନ୍ଦାବନ ରାଉତ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପାଠ୍ୟକ୍ରମ ବହିର୍ଭୁତ ବିଷୟରେ ଅଂଶଗ୍ରହଣ କରି ନିଜ ଦକ୍ଷତାର ବିକାଶ ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। କଳା ଶିକ୍ଷକ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀ ଓ କମଳାକାନ୍ତ ନନ୍ଦ ଏହି କାର୍ଯ୍ୟକ୍ରମର ସମସ୍ତ ଆୟୋଜନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମ ଆରମ୍ଭରେ ସଙ୍ଗୀତ ଶିକ୍ଷକ ସତ୍ୟବ୍ରତ କାଠ ସଙ୍ଗୀତ ପରିବେଷଣ କରିଥିଲେ। ଉଦଘାଟନୀ ଭାଷଣରେ ପିପିଏଲର ମୁଖ୍ୟ ଶ୍ରୀ ସାମି ପିଲାମାନଙ୍କୁ ଏହି ଶିବିରରେ ଅଧିକ ସଂଖ୍ୟାରେ ଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ କେବଳ ଶିକ୍ଷାଗତ ନୁହେଁ, ନିଜର ଲୁକ୍କାୟିତ ପ୍ରତିଭା ବିକାଶର ଉତ୍କୃଷ୍ଟ ମାଧମ ବୋଲି ମତ ଦେଇଥିଲେ। ମାନବ ସମ୍ବଳର ମୁଖ୍ୟ ଶ୍ରୀ ସେନାପତି କହିଥିଲେ, ଏହି ଶିବିର ଆୟୋଜନ ଦ୍ୱାରା ପିଲାମାନେ ପାଠପଢ଼ାଜନିତ ଚାପରୁ ମୁକ୍ତ ହୋଇ ଏଥିରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ଆନନ୍ଦ ଅନୁଭବ କରିପାରିବେ। ଅନ୍ୟ ସ୍ଥାନରେ ପ୍ରାୟତଃ ଅଭିଭାବକଙ୍କୁ ଏସବୁ କାର୍ଯ୍ୟକ୍ରମରେ ପିଲାମାନଙ୍କର ଭାଗନେବା ପାଇଁ ଦୂରଦୂରାନ୍ତ ସ୍ଥାନ ଖୋଜିବାକୁ ପଡ଼ିଥାଏ। ବର୍ତ୍ତମାନ ପିପିଏଲ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାରୁ ପିଲାମାନେ ଏଥିରେ ଯୋଗଦେଇ ଆନନ୍ଦ ପାଇବା ସହିତ ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ଚିତ୍ରକଳା, ପଟ୍ଟଚିତ୍ର ଅଙ୍କନ, ବକ୍ତୃତା ପ୍ରଦାନ କଳା, ବିଭିନ୍ନ ପ୍ରକାର କଳା କୌଶଳ, ଶିକ୍ଷା, ସିପକ୍ ଟାକ୍ରୋ, ଟେନିକଏଟ୍, ଟାଏକ୍ୱୋଣ୍ଡୋ ଓ ଅନ୍ୟାନ୍ୟ କ୍ରୀଡା ବିଭାଗର ମୁଖ୍ୟ ଶାଶ୍ୱତ କୁମାର ଭାରତୀୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କରାଯାଇଛି। ତେଣୁ ବହୁ ସଂଖ୍ୟାରେ ପିଲାମାନେ ଯୋଗଦେଇ ଏହାର ସୁଯୋଗ ନେବା ଦରକାର ବୋଲି ସେ ମତ ଦେଇଛନ୍ତି। ଇଂରାଜୀ ବିଭାଗର ମୁଖ୍ୟ ଜୟଦେବ ଚକ୍ରବର୍ତ୍ତୀ ଉପସ୍ଥାପନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଅନୁଗୋଳ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ସିଂହଙ୍କ ପ୍ରାର୍ଥିପତ୍ର ଦାଖଲ ଶୋଭାଯାତ୍ରା















● ବାଇକ୍‌କୁ ଧକ୍କାଦେଲା ବିଜେପି ଶୋଭାଯାତ୍ରାରୁ ଫେରୁଥିବା ବଲେରୋ

## ବାଇକ୍ ଆରୋହୀ ଗୁରୁତର; ଛିଣ୍ଡିପଡ଼ିଲା ଗୋଡ଼

**ଗଁଦିଆ, ୬।୫(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବସ୍‌ଷ୍ଟାଣ୍ଡ ଛକଠାରେ ଢେଙ୍କାନାଳ ସହରରୁ ବିଜେପି ଶୋଭଯାତ୍ରାରୁ ଲୋକ ନେଇ ଫେରୁଥିବା ଏକ ବଲେରୋ ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ ଟାଉନରେ ବିଜେପି ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରାରେ ଗଁଦିଆ ବ୍ଲକ ଅଞ୍ଚଳରୁ ଦଳୀୟ କର୍ମୀ ନେଇ ଯାଇଥିବା ଏକ ବଲେରୋ (ନଂ ଓଡି ୧୯ଜେ ୯୮୭୦)ରେ ଲୋକ ଧରି ଫେରୁଥିବାବେଳେ ଦିନ ପ୍ରା ସାଢ଼େ ଗୋଟାଏ ସମୟରେ ସନ୍ଥସରା ଗ୍ରାମ ପାର୍ଶ୍ୱରୁ ଗଁଦିଆ ଗ୍ରାମର ନାଭ ଦାସ (୫୭) ନିଜର ବାଇକ୍‌ରେ ଆସୁଥିବା ବେଳେ ଗଁଦିଆ ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ବଲେରୋ ଗାଡ଼ି ବାଇକ୍‌କୁ ଖଣ୍ଡେ ଦୂର ଟାଣି ନେଇ ପାଖରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ନାଭଙ୍କର ଡାହାଣ ପଟ ଗୋଡ଼ଟି ସମ୍ପୂର୍ଣ୍ଣ ଛିଣ୍ଡି ଯିବା ସହିତ ମୁଣ୍ଡରେ ଗୁରୁତର ଆଘାତ ଲାଗିବା ସହିତ ଦୁଇ ଫାଳ ହୋଇଛି। ଖବର ପାଇ ଗଁଦିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବଲେରୋ ଓ ବାଇକ୍‌କୁ ଜବତ କରିବା ସହିତ ବଲେରୋ ଚାଳକକୁ ଥାନାରେ ଅଟକ ରଖିଛି। ଗୁରୁତର ଆହତଙ୍କୁ ତୁରନ୍ତ ଢେଙ୍କାନାଳ ମେଡିକାଲକୁ ପଠା ଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେ କଟକର ଏକ ଘରୋଇ ମେଡିକାଲରେ ବର୍ତ୍ତମାନ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।



## ସାମ୍ବାଦିକଙ୍କୁ ଆକ୍ରମଣ; ଥାନାରେ ମାମଲା

**ବ୍ୟାସନଗର, ୬।୫(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ଖଣ୍ଡାହତା ଛକରେ ବ୍ୟାସନଗରର ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଖଣ୍ଡାହତା ଛକରେ ଥିବା ଏକ ଭଡ଼ା ଘରେ ଅନୈତିକ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ସୋମବାର ଯାଜପୁର ରୋଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘର ମାଲିକଙ୍କୁ ଘଟଣା ନେଇ ତାଗିଦ କରିଥିଲା। ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଭରତ ରାଉତ ଘର ମାଲିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଓ ତାଙ୍କର କିଛି ବନ୍ଧୁ ଏଥିରେ ଉତକ୍ଷିପ୍ତ ହୋଇ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ



ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଆହତ ହୋଇ ଶ୍ରୀ ରାଉତ ତଳେ ପଡ଼ିଯିବା ପରେ ଖବର ପାଇ ତାଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ ଉଭୟ ପକ୍ଷରୁ ଯାଜପୁର ରୋଡ ଥାନାରେ ମାମଲା ଦାଏର କରାଯାଇଥିବାବେଳେ ପୁଲିସ ତଦନ୍ତ ଜାରି ରଖିବା ସହିତ ଆହତଙ୍କୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

**ଅନୁଗୋଳ, ୬।୫(ସମିସ):** ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ଅନ୍ତର୍ଗତ ତଳମୂଳ ପାଟଣା ଗ୍ରାମରେ ଆଜି ଅପରାହ୍ନରେ ଜଣେ ବିବାହିତା ମହିଳାଙ୍କ ମୃତଦେହ ଜବତ କରିଛି ପୁଲିସ। ଅନ୍ୟପଟେ ମହିଳାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ବଅଁରପାଳ ଥାନା ତଳମୂଳ ପାଟଣା ଗ୍ରାମର ପ୍ରମୋଦ ନାଏକଙ୍କୁ ନୂଆହତା ପଞ୍ଚାୟତ ତାଳବାହାଳ ଗ୍ରାମର କେଦାର ବେହେରାଙ୍କର ଭଉଣୀ ଲିଜା ବେହେରା (୩୦) ଗତ ୬ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୂଘର ଲୋକ ଲିଜାଙ୍କୁ ଯୌତୁକ ନିର୍ଯାତନା ଦେଇ ଆସୁଥିଲେ। ଆଜି ଅପରାହ୍ନରେ ଲିଜା ଆତ୍ମହତ୍ୟା କରିଥିବା ଖବର ଶୁଣି ଲିଜାର ଭାଇ ଓ ପରିବାର ଲୋକ ତଳମୂଳ ଆସି ଦେଖିଥିଲେ ଯେ ମୃତ ଅବସ୍ଥାରେ ଲିଜା ତଳେ ପଡ଼ିଛନ୍ତି। ଲିଜାଙ୍କ ଶାଶୂ ଘର ଲୋକ

● ହତ୍ୟା ଅଭିଯୋଗ ଆଣିଲେ ପରିବାର

ସୂଚନା ଦେଇଛନ୍ତି ଯେ ଲିଜା ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେମାନେ କିଛି ସମୟ ପରେ ରଶିକୁ କାଟି ମୃତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ପୁଲିସ କାହାକୁ ଗିରଫ କରି ନଥିବା ଜଣାଯାଇଛି।

## ଆଜି ୩ ଜଣଙ୍କ ନାମାଙ୍କନପତ୍ର ଦାଖଲ

**ତାଳଚେର, ୬।୫(ସମିସ):** ତାଳଚେର ଅଞ୍ଚଳର ବିକାଶକୁ ନେଇ ଆଜି ସ୍ୱାଧୀନ ପ୍ରାର୍ଥୀଭାବେ ତାଳଚେର ବ୍ଲକ ଅନ୍ତର୍ଗତ ଚାଳଗଡ଼ ଗ୍ରାମର ଭୂପେନ ଥମ୍ବ ସ୍ୱାଧୀନଭାବେ ତାଙ୍କର ସମର୍ଥକଙ୍କ ସହ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ପ୍ରଥମେ ଶିବ ଓ ଜଗନ୍ନାଥଙ୍କ ମନ୍ଦିର ଦର୍ଶନ କରି ସାରିବା ପରେ ସହର ପରିକ୍ରମା କରି ଉପଜିଲ୍ଲାପଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ତାଳଚେର ଅଞ୍ଚଳର ସାମଗ୍ରୀକ ବିକାଶ ଯଥା- ମେଡିକାଲ କଲେଜ, ଜାତୀୟ ରାଜପଥ ସମ୍ପ୍ରସାରଣ, ଖଣି, କଳକାରଖାନାରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ଥଇଥାନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଇତ୍ୟାଦି ମୌଳିକ ଅଧିକାରକୁ ନେଇ ବାରମ୍ବାର ସ୍ୱର ଉତ୍ଥାପନକରି ଆସିଛନ୍ତି। ସେ ଏସବୁ ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେଇ ଆଜି ନିର୍ବାଚନ ମଇଦାନକୁ ଲୋକଙ୍କ ସ୍ୱାର୍ଥକୁ ନିମନ୍ତେ ଓହ୍ଲାଇଛନ୍ତି। ସେହିଭଳି କଣିହାଁ ବ୍ଲକ ଅନ୍ତର୍ଗତ ବିଜୁଗୋଳ ଗ୍ରାମର ରୂପକ କୁମାର ପାଣି ସ୍ୱାଧୀନ ପ୍ରାର୍ଥୀ ଭାବେ ତାଳଚେର ବିଧାନସଭା କ୍ଷେତ୍ର ପାଇଁ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପୁନଶ୍ଚ ଆମ୍ବେଦକର ଆଇଟିଇ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ତାଳଚେର ବ୍ଲକ ଅନ୍ତର୍ଗତ ଏକଡାଳ ଗ୍ରାମର ଆର୍ତତ୍ରାଣ ନାଏକ ତାଙ୍କର ସମର୍ଥକଙ୍କ ସହ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡ଼ିଛି। ତେବେ ଆଜି ଶେଷ ଦିବସରେ ବିଜେଡି, ବିଜେପି, କଂଗ୍ରେସ୍ ସମେତ ଅନ୍ୟାନ୍ୟ ଦଳଗୁଡ଼ିକ ପକ୍ଷରୁ ସର୍ବମୋଟ ୧୦ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଖଣି ଖାଦାନ ଶିଳ୍ପବହୁଳ ସମସ୍ୟା ଭିତ୍ତିକ ଅଞ୍ଚଳରେ କେଉଁ ପ୍ରାର୍ଥୀ ଏବେ ଜିତାପଟ କରୁଛି ତାହା ଆଗାମୀ ଦିନରେ ସମୟ କହିବ।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଅନୁଗୋଳ, ୬।୫(ସମିସ):** ଅନୁଗୋଳର ଏକ ଘରୋଇ ଶିକ୍ଷାନୁଷ୍ଠାନର ହଷ୍ଟେଲରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ହେଲେ ତାଳଚେରସ୍ଥିତ ଭାଲୁଗାଡ଼ିଆ ଗୋପାଳପ୍ରସାଦ ଅଞ୍ଚଳର ସନ୍ତୋଷ ସାହୁଙ୍କ ଝିଅ ଜସ୍ମିନୀ ସାହୁ। ସେ ତାମ୍ରିତ କଲୋନୀରେ ଥିବା ଏକ ଘରୋଇ କଲେଜର ବିସିଏ ୨ୟ ବର୍ଷର ଛାତ୍ରୀ ଥିଲେ। ଅନ୍ୟପଟେ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ଛାତ୍ରୀଙ୍କ ସହିତ ଜବରଦସ୍ତି ୱାର୍ଡେନ ଏକ ରୁମରେ ରହିବା ନେଇ କାଲି ରାତିରେ ଛାତ୍ରୀ ଜଣଙ୍କ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଆଜି ସକାଳେ ଛାତ୍ରୀ ଜଣକ ଫ୍ୟାନରେ


● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଲୁଗା ଲଗେଇ ସୁଇସାଇଡ କରିଛି ବୋଲି ପରିବାର ଲୋକଙ୍କୁ ଘରୋଇ ଶିକ୍ଷାନୁଷ୍ଠାନ ତରଫରୁ ଜଣାଯାଇଥିଲା। ଅଭିଯୋଗ ପାଇ ଅନୁଗୋଳ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

କପିଳାସରେ କାଳବୈଶାଖୀ ବର୍ଷା

## ନାଚିଲା ନରହନ୍ତା ରାକେଶ

**ଢେଙ୍କାନାଳ, ୬।୫(ସମିସ):** ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହି ବର୍ଷା ସମୟରେ ନରହନ୍ତା ରାକେଶ ନାଚିବାକୁ ନେଇ ବେଶ ଉତ୍କଣ୍ଠା ଦେଖିବାକୁ ମିଳିଛି। ବର୍ଷା ଯୋଗୁ ପ୍ରଚଣ୍ଡ ଗରମ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମଣିଷ କାହିଁକି ପ୍ରଚଣ୍ଡ ଗରମରୁ ବିଶାଳ ଶରୀରକାୟ ହାତୀ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି। କପିଳାସରେ ଥିବା ସ୍ୱତନ୍ତ୍ର ହସ୍ତୀ କରିଡର ରହିଥିବା ନରହନ୍ତା ଦନ୍ତା ରାକେଶ ବର୍ଷା ପାଇଁ ନିଜେ ଖୁସିରେ ଝୁମି ଝୁମି ନାଚୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ବର୍ଷାର ସୂଚନା ପାଇଁ ଘଞ୍ଚ ଜଙ୍ଗଲ ମଧ୍ୟରୁ ବାହାରି



ନିଜ ଖୁସିକୁ ପ୍ରକାଶ କରିଛି। କପିଳାସରେ ରେଞ୍ଜରେ ଥିବା ରାକେଶକୁ ଡାକିଦେଲେ ସେ ରେଞ୍ଜର ତରୁଣ କୁମାର ମହାନ୍ତିଙ୍କ ଗୋଟିଏ ଡାକରେ ରାକେଶ ଜଙ୍ଗଲରୁ ଚାଲି ଆସୁଛି। ଆଜି ତାକୁ କଦଳୀ ଗଛ ଏବଂ ଆଖୁ ଖାଇବାକୁ ଦିଆଯାଇଥିବା ବେଳେ ବର୍ଷା ହୋଇଥିଲା। ଏହି ବର୍ଷାରେ ସେ ଖୁସିବ୍ୟକ୍ତ କରିବା ସହିତ ଶୁଣ୍ଢକୁ ଟେକି ନିଜର ଖୁସି ଜାହିର କରିଥିଲା। ଏଭଳି ଦୃଶ୍ୟ ଏବେ ବେଶ ଚର୍ଚ୍ଚାର ବିଷୟ ପାଲିଟିଛି।

## ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବା ଅଭିଯୋଗ

**ତାଳଚେରସଦର, ୬।୫(ସମିସ)**

ତାଳଚେର ଅଞ୍ଚଳରେ ଛତୁ ଫୁଟିଲା ଭଳି ହୋଟେଲ, ଢାବାଠାରୁ ଆରମ୍ଭ କରି ଖୋଲାମେଲାରେ ଫାଷ୍ଟଫୁଡ୍, ଦହିବରା, ଗୁପଚୁପ୍, ଏସି, ଫଳରସ ଓ ପାଟିକୁ ସ୍ୱାଦିଷ୍ଟ କଲାଭଳି ଖାଦ୍ୟ ଖୋଲିଥିଲେ ମଧ୍ୟ ଏହାର ମାନ ଯାଞ୍ଚ ହେଉନଥିବାକୁ ନେଇ ଅଭିଯୋଗ ହେଉଛି। ତେବେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ କେହି ହେଲେ କର୍ଣ୍ଣପାତ କରୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। କେମିକାଲ ଯୁକ୍ତ ଖାଦ୍ୟ ପାଟିକୁ ସୁଆଦିଆ କରୁଥିବା ବେଳେ ଏହା ସ୍ୱାସ୍ଥ୍ୟ ପକ୍ଷରେ ସାଙ୍ଘାତିକ ପ୍ରଭାବ ପକାଉଥିବା ଅଭିଯୋଗ ହେଉଛି। ଆଜି



କାଲି ଶସ୍ତା ଦାମରେ ଲଙ୍କା, ହଳଦୀ, ଜିରା, ଗୋଲମରିଚ ଗୁଣ୍ଡ, ଚାଇନା ସଲ୍ଟ ଇତ୍ୟାଦି ଭେଜାଲ ସାମଗ୍ରୀରେ ଦୋକାନୀମାନେ ଏହି ଖାଦ୍ୟ ଜିନିଷ ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ପରିବେଷଣ କରୁଛନ୍ତି ଏବଂ ଅତି ଆନନ୍ଦର ସହକାରେ ଗ୍ରାହକମାନେ ଏହା ଭୋଜନ କରୁଛନ୍ତି। ସେଥିରୁ ଖାଇବା ତେଲ ପ୍ରସ୍ତୁତ କରି ଦୋକାନୀମାନେ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଲାଭ ଆଶା ରଖି ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହେଉଥିବା ବେଳେ ଗ୍ରାହକମାନେ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହେଉଥିବା କୁହାଯାଉଛି। ତେବେ ଏଠାରେ ଖାଦ୍ୟ ନିରାପଦ ବିଭାଗ ପକ୍ଷରୁ ଖାଦ୍ୟର ମାନ କାହିଁକି ଯାଞ୍ଚ ହେଉନି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯଦି ଉଚ୍ଚପଦାଧିକାରୀ ଏହାର ତର୍ଜମା କରନ୍ତି ତେବେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୦ ● ପାଉଣ୍ଡ ୧୦୫.୯୧
- ୟୁରୋ ୮୯.୯୯ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୮୯୦ (ନୂଆଦିଲ୍ଲୀ)
- ରୁପା : ୮୩,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୮୯୫.୦୦
- ନିଫ୍ଟି ୨୨,୪୪୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



## ମାରୁତି ସୁଜୁକି ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ଆରମ୍ଭ

**ଭୁବନେଶ୍ୱର, ୬।୫(ସମିସ):** ଦେଶର ଅଗ୍ରଣୀ କାର୍ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ବହୁ ପ୍ରତୀକ୍ଷିତ ଚତୁର୍ଥ ପିଢ଼ିର ଏପିକ୍ ନ୍ୟୁ ସ୍ୱିଫ୍ଟର ପ୍ରି-ବୁକିଂ ୧୧ ହଜାର ଟଙ୍କାରେ ଆରମ୍ଭ କରିଛି। ଏହି ନୂତନ ପିଢ଼ିର ଏପିକ୍ ନ୍ୟୁ ସ୍ୱିଫ୍ଟ ଏହାର ବହୁ ପ୍ରିୟ ସିଗ୍‌ନେଚର ସ୍ପୋର୍ଟି ଡିଜାଇନ୍ ଉପରେ ନିର୍ମିତ ହୋଇଥିବାବେଳେ ଏହାର ଗତିଶୀଳତା ଏବଂ ଫନ-ଟୁ-ଡ୍ରାଇଭ୍ ଅନୁଭବକୁ ବଢ଼ାଇଥାଏ। ମାରୁତି ସୁଜୁକିର ସ୍ୱିଫ୍ଟ ବଜାର ପ୍ରବେଶ ହେବା ପରଠାରୁ ୨୯ ଲକ୍ଷରୁ ଅଧିକ ଗର୍ବିତ ମାଲିକଙ୍କ ସହିତ ଭାରତର




ଏକ ନମ୍ବର ପ୍ରିମିୟମ୍ ହ୍ୟାଚବ୍ୟାକ୍ ହୋଇଛି। ଉତ୍କୃଷ୍ଟ ଫ୍ୟାନ୍ ଫଲୋଇଙ୍ଗ ସହିତ, ଏହି ସ୍ପୋର୍ଟି ପ୍ରିମିୟମ୍ ହ୍ୟାଚ୍‌ବ୍ୟାକ୍ କ୍ରମାଗତ ଭାବରେ ସ୍ପୋର୍ଟି ଏବଂ ଗତିଶୀଳ ଡ୍ରାଇଭିଂ ପ୍ରଦର୍ଶନ ପାଇଁ ସେଗମେଣ୍ଟ ବେଞ୍ଚମାର୍କକୁ ପୁନଃନିର୍ଦ୍ଧାରିତ କରିଛି। ଏବେ ଏପିକ୍ ନ୍ୟୁ ସ୍ୱିଫ୍ଟ ଏହି ସମୃଦ୍ଧ ପରମ୍ପରାକୁ ପ୍ରକୃତରେ ଏପିକ ଢଙ୍ଗରେ ଉପସ୍ଥାପିତ କରିବାକୁ ଯାଉଛି। ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ମାର୍କେଟିଂ ଆଣ୍ଡ ସେଲ୍ସ ର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥୋ ବାନାର୍ଜୀ କହିଛନ୍ତି ଯେ, ଗ୍ରାହକଙ୍କ ଆଶାକୁ ପୁନଃନିର୍ଦ୍ଧାରଣ କରିବା ପାଇଁ ପରିବର୍ତ୍ତିତ ସମୟ ସହିତ ବିକଶିତ ହୋଇଥିବା ମାରୁତି ସୁଜୁକି ପାଇଁ ସ୍ୱିଫ୍ଟ ଏକ ଆଇକନିକ୍ ବ୍ରାଣ୍ଡ ହୋଇଛି।

## ପିଲ୍ ଇଟାଲିକା ଲାଇଫ୍ ଷ୍ଟାଇଲ୍‌ର ନୂଆ ଡିପୋ



**ଭୁବନେଶ୍ୱର,୬।୫(ନି.ପ୍ର):** ପିଲ୍ ଇଟାଲିକା ଲାଇଫ୍ ଷ୍ଟାଇଲ୍ ଲିମିଟେଡ୍‌ର ନୂଆ ଡିପୋ(ୱେୟାର ହାଉସ୍) ଗୁରୁ ନାନକ ସର୍ଭିସ୍ ସେଣ୍ଟର ନିକଟସ୍ଥ ଜାଆଁଳା ଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କମ୍ପାନୀର ବରିଷ୍ଠ ସିନିୟର ମ୍ୟାନେଜର ପ୍ରତାପ ସାମନ୍ତରାୟ, ସୁଶାନ୍ତ ମହାକୁଡ଼, ରବୀନ୍ଦ୍ର ନାୟକ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସର୍ବାଧିକ କାରବାର କରୁଥିବା ଡିପୋଗୁଡ଼ିକ ମଧ୍ୟରୁ 'ଇଟାଲିକା' ଉନ୍ନତମାନର ଗୁଣବତ୍ତା ଏବଂ ଗ୍ରାହକଙ୍କ ବିଶ୍ୱାସକୁ ବଜାୟ ରଖିବ। ଆଗାମୀ ଦିନରେ ଏହାର ବ୍ୟବସାୟକୁ ଅନ୍ୟ ରାଜ୍ୟ, ସହର ଏବଂ ଜିଲ୍ଲାକୁ ପ୍ରସାରିତ ହେବାର ଯୋଜନା ରହିଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆକର୍ଷଣୀୟ ଅଫର ସହିତ ରିଆତି ରଖାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସମ୍ପ୍ରତି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଆସାମ, ଝାଡଖଣ୍ଡ ଏବଂ ଛତିଶଗଡ ଆଦି ରାଜ୍ୟରେ ପିଲ୍ ଇଟାଲିକା ଲାଇଫ୍ ଷ୍ଟାଇଲ୍ର ନୂଆ ଡିଷ୍ଟ୍ରିବ୍ୟୁଟର ନିଯୁକ୍ତ କରାଯାଇଛି। ଚଳିତବର୍ଷ ଶେଷ ସୁଦ୍ଧା ଡିଷ୍ଟ୍ରିବ୍ୟୁଟର ସଂଖ୍ୟା ୧୦୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ସାମନ୍ତରାୟ କହିଛନ୍ତି।

## କ୍ରିପ୍ଟୋରେ ହେଉଛି ସପିଂ

**ୱାଶିଂଟନ୍, ୬।୫(ଏଜେନ୍ସି):** ପୂର୍ବରୁ ଯେତେବେଳେ ନିବେଶ ବିକଳ୍ପ ବିଷୟରେ ଆଲୋଚନା ହେଉଥିଲା। ସେତେବେଳେ ସୁନା ସର୍ବୋତ୍ତମ ନିବଶେ ମାଧ୍ୟମ ବୋଲି ବିବେଚନା କରାଯାଉଥିଲା। ସୁନା ଦୀର୍ଘ ସମୟ ଧରି ସ୍ଥାୟୀ ଜମା (ଏଫ୍‌ଡି)ଅପେକ୍ଷା ଭଲ ରିଟର୍ଣ୍ଣ ଦେବାର ରେକର୍ଡ ରଖିଛି। ଏହାପରେ ସେୟାର ବଜାର ପ୍ରବେଶ କରିଛି। କିଛି ବର୍ଷ ହେବ କ୍ରିପ୍ଟୋକରେନ୍ସି ଏକ ଆଲୋଡ଼ନ ସୃଷ୍ଟି କରିଛି। କିଛି ଲୋକ ଏହାକୁ ପାରମ୍ପାରିକ ପୁଞ୍ଜି ବିନିଯୋଗ ଭାବରେ ଦେଖୁଛନ୍ତି, ଏହାକୁ ଭବିଷ୍ୟତ ସହିତ ଯୋଡିଥିବାବେଳେ କିଛି ନିବେଶକ ଏହାକୁ ଜୁଆ ବୋଲି କହୁଛନ୍ତି। ବ୍ରିଗମ୍ ୟଙ୍ଗ ୟୁନିଭରସିଟିର ମ୍ୟାରିଓଟ୍ ସ୍କୁଲ୍ ଅଫ୍ ବିଜିନେସର ସହକାରୀ ପ୍ରଫେସର ଡାରେନ୍ ଆଏଲୋ ଏ ବିଷୟରେ ଏକ ବଡ଼ କଥା କହିଛନ୍ତି।



ଯଦି ପରିବାରଗୁଡିକ କ୍ରିପ୍ଟୋକୁ ଜୁଆ ଭଳି ବ୍ୟବହାର କରନ୍ତି, ତେବେ ଆମେ ଆଶା କରିବୁ ଯେ ସେମାନେ ଲଟେରୀ ବିଜେତା ପରି ସେମାନଙ୍କ ଲାଭ ଅର୍ଥ ଖର୍ଚ୍ଚ କରିବେ। ୨୦୧୦ରୁ ୨୦୨୩ ପର୍ଯ୍ୟନ୍ତ ୬୦ ନିୟୁତ ଲୋକଙ୍କ ତଥ୍ୟ ବ୍ୟବହାର କରାଯାଇଥିଲା, ଯେଉଁଥିରେ ଲକ୍ଷ ଲକ୍ଷ ବ୍ୟାଙ୍କ, କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ କାରବାର ଅନ୍ତର୍ଭୁକ୍ତ ଥିଲା। ଲୋକମାନେ କ୍ରିପ୍ଟୋରେ ନିଜ ଫୋନ୍ ବିଲ୍ ମଧ୍ୟ ଦେଉଛନ୍ତି।

### ଟେଲିକମ୍ ବ୍ୟବହାରକାରୀଙ୍କୁ ଲାଗିବ ବଡ଼ ଝଟ୍‌କା

# ୨୫% ବଢ଼ିବ ମୋବାଇଲ ଶୁଳ୍କ

**ନୂଆଦିଲ୍ଲୀ,୬।୫(ଏଜେନ୍ସି)**





ମୋବାଇଲ ଉପଭୋକ୍ତାଙ୍କ ପାଇଁ ଖରାପ ଖବର। କାରଣ ସମ୍ପ୍ରତି ଦେଶରେ ଚାଲୁଥିବା ସାଧାରଣ ନିର୍ବାଚନ ପରେ ଟେଲିକମ୍ ବ୍ୟବହାରକାରୀଙ୍କୁ ଲାଗିପାରେ ବଡ଼ ଝଟ୍‌କା। ଲୋକସଭା ନିର୍ବାଚନର ଫଳାଫଳ ଜୁନ ୪ରେ ପ୍ରକାଶ ପାଇବ। ଏହାପରେ ଦେଶରେ ମୋବାଇଲ ଶୁଳ୍କ ବଢ଼ିବ। ଅର୍ଥାତ୍ ଟେଲିକମ୍ ଅପରେଟରମାନେ ଟାରିଫ୍ ମୂଲ୍ୟ ବୃଦ୍ଧି କରିବେ।ଏଥିଯୋଗୁ ଘରୋଇ ବଜାରରେ ମୋବାଇଲ ରିଚାର୍ଜ ପ୍ଲାନ୍ ମହଙ୍ଗା ହେବ। ଆସନ୍ତା ଜୁନ୍‌ରୁ ଟେଲିକମ୍ ଅପରେଟରମାନେ ମୋବାଇଲ ଶୁଳ୍କରେ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାର ସମ୍ଭାବନା ରହିଛି। ବିଓଏଫଏ ସିକ୍ୟୁରିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି।

ଏଠାରେ ଗତ ଦୁଇ ବର୍ଷ ଧରି ଅପରେଟରମାନେ ସେମାନଙ୍କର ମୋବାଇଲ୍ ରିଚାର୍ଜ ପ୍ଲାନ୍‌ଗୁଡ଼ିକର ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ତେବେ ଖୁବ୍ ଶୀଘ୍ର ଏଥିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ଦେଶରେ ୫ଜି ସେବା ଶୁଭାରମ୍ଭ ହେବାର ଇତି ମଧ୍ୟରେ ଦୁଇ ବର୍ଷ ବିତିଗଲାଣି। ଅନେକ ଲୋକଙ୍କ ପାଖରେ ୫ଜି ମୋବାଇଲ୍ ରହିଛି। ଏହାଛଡା ୫ ଜି ସେବା। ଦେଶର ଅଧିକାଂଶ ସହରରେ ପହଞ୍ଚିଗଲାଣି। ଅପରପକ୍ଷେ ଏହି ୫ଜି ସେବାର ନେଟୱର୍କ ବିଛାଇବାରେ ଟେଲିକମ୍ କମ୍ପାନୀଗୁଡିକ ବହୁ ପରିମାଣରେ ଅର୍ଥ ଖର୍ଚ୍ଚ କରିଛନ୍ତି। ସେମାନଙ୍କ ଲାଗି ଏବେ ଏହି ଟଙ୍କା ଏବେ ଅସୁଲ କରିବାର ସମୟ। ତେଣୁ ନିର୍ବାଚନ ପରେ ସମସ୍ତ ଟେଲିକମ୍ କମ୍ପାନୀଗୁଡିକ ରିଚାର୍ଜ ପ୍ଲାନ୍ ମହଙ୍ଗା କରିବେ। ଦେଶର ଦ୍ୱିତୀୟ ବୃହତ୍ତମ ଟେଲିକମ୍ କମ୍ପାନୀ ସାଧାରଣ ନିର୍ବାଚନ ପରେ ତା'ର ମୋବାଇଲ୍ ଶୁଳ୍କ ମୂଲ୍ୟ ୨୦ ପ୍ରତିଶତ ବୃଦ୍ଧି ଘଟାଇବ ବୋଲି କହିଛି। ଏହା ଏହାର ଇବିଆଇଟିଡିଏକୁ ୧୨-୧୫ ପ୍ରତିଶତ ବୃଦ୍ଧି କରିବ। କମ୍ପାନୀ ଆହୁରିମଧ୍ୟ କହିଛି ଯେ ଏହା ପ୍ରତ୍ୟେକ ଉପଭୋକ୍ତା ପିଛା କମ୍ପାନୀର ହାରାହାରି ଆୟରେ ୨୭୦ ଟଙ୍କା ବୃଦ୍ଧି କରିବ। ନିର୍ବାଚନ ପରେ ନୂଆ ରିଚାର୍ଜ ପ୍ଲାନ୍ ଆରମ୍ଭ କରାଯିବ ବୋଲି ଆଶା କରାଯାଉଛି। ମୋବାଇଲ ରିଚାର୍ଜ ପ୍ଲାନ୍ ମହଙ୍ଗା ହେବା ପରେ ୧୦୦ ଟଙ୍କାର ପ୍ଲାନ୍‌ର ମୂଲ୍ୟ ୧୨୦ ଟଙ୍କା ହେବ। ୭୦୦ ଟଙ୍କିଆ ପ୍ଲାନ୍‌ର ମୂଲ୍ୟ ୮୨୦ ଟଙ୍କା ହେବ।

ବିଓଏଫଏ ସିକ୍ୟୁରିଟିଜ୍ ଦେଶର ଟେଲିକମ କ୍ଷେତ୍ରକୁ ନେଇ କରିଥିବା ଏହି ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ମୋବାଇଲ ଶୁଳ୍କ ୨୦ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ ଯାହା ପୂର୍ବ ଅପେକ୍ଷା ୧୦ ରୁ ୧୫ ପ୍ରତିଶତ ଅଧିକ ରହିବ।

**ମହଙ୍ଗା ହେବ ମୋବାଇଲ ରିଚାର୍ଜ ପ୍ଲାନ୍**

**ବିଓଏଫଏ ସିକ୍ୟୁରିଟିଜ୍ ରିପୋର୍ଟ**

### ମଧ୍ୟ ପ୍ରାଚ୍ୟରେ ଉତ୍ତେଜନାରେ ହ୍ରାସ

## ମାସକରେ ଅଶୋଧିତ ତୈଳ ଦର ଖସିଲା ୧୦%



**ୱାଶିଂଟନ୍, ୬।୫(ଏଜେନ୍ସି)**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ପ୍ରାୟ ୧୦ ପ୍ରତିଶତ ହ୍ରାସ ଘଟିଛି। ଉପସାଗରୀୟ ରାଷ୍ଟ୍ରଗୁଡିକରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮ ଡଲାରରୁ ଅଧିକ ହ୍ରାସ ପାଇଛି। ଅନ୍ୟପକ୍ଷରେ ଆମେରିକାର ଅଶୋଧିତ ତୈଳ ଦର ମଧ୍ୟ ବ୍ୟାରେଲ ପିଛା ୮ ଡଲାରରୁ ଅଧିକ ହ୍ରାସ ହୋଇଛି।

ବିଶେଷଜ୍ଞଙ୍କ ଅନୁଯାୟୀ ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ହ୍ରାସ ହେବା ସହ ଚାହିଦା ବଢ଼ିବା ଯୋଗୁ ଆମେରିକାର ତୈଳ ଉତ୍ପାଦନରେ ବୃଦ୍ଧି ହେତୁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଏହାଛଡା ଓପେକ୍ ଜୁନ୍ ପରେ ସ୍ୱେଚ୍ଛାକୃତ ଭାବେ ଉତ୍ପାଦନ ହ୍ରାସ ସ୍ଥଗିତ ରଖିପାରେ। ଏହାର ଅର୍ଥ ହେଉଛି ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶଗୁଡିକ ଅଶୋଧିତ ତୈଳ ଉତ୍ପାଦନ ହ୍ରାସ କରିପାରନ୍ତି, ଯାହାର ପ୍ରଭାବ ଅଶୋଧିତ ତୈଳ ମୂଲ୍ୟରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପରେ ଦେଶର ବଡ ସହରଗୁଡିକରେ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ଏ ଯାଏ କୌଣସି ପ୍ରଭାବ ପଡିନାହିଁ। ଏହାର ଅର୍ଥ ହେଉଛି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ଘଟିଛି ହେଲେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ରେ କୌଣସି ହ୍ରାସ ହୋଇନାହିଁ। ମାର୍ଚ୍ଚ ୧୫ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଶେଷ ଥର ପାଇଁ ହ୍ରାସ ଦେଖିବାକୁ ମିଳିଥିଲା।

## ୱଣ୍ଡେର୍ଲା ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର ସଫ୍ଟ ଲଞ୍ଚ୍ ଅଫର

**ଭୁବନେଶ୍ୱର,୬।୫(ସମିସ):** ମନୋରଞ୍ଜନକାରୀ ପାର୍କ ଚେନ୍ ୱଣ୍ଡେର୍ଲା ହଲିଡେଜ୍ କୁମ୍ଭାରବସ୍ତ, ଭୁବନେଶ୍ୱରଠାରେ ତାହାର ମନୋରଞ୍ଜନକାରୀ ପାର୍କର ମେ' ୨୪ରେ ସଫ୍ଟ ଲଞ୍ଚ ପୂର୍ବରୁ ସ୍ୱତନ୍ତ୍ର ପୂର୍ବ ଶୁଭାରମ୍ଭ ଅଫର ସମ୍ପର୍କରେ ଘୋଷଣା କରିଛି। ୱଣ୍ଡେର୍ଲା ହଲିଡେଜ୍ ସମ୍ପ୍ରତି କୋଚି, ବେଙ୍ଗାଲୁରୁ, ହାଇଦରାବାଦରେ ତିନିଟି ମନୋରଞ୍ଜନକାରୀ ପାର୍କ ଏବଂ ତାହା ସହିତ ବେଙ୍ଗାଲୁରୁରେ ଏକ ରିସର୍ଟର ମାଲିକାନା ଓ ପରିଚାଳନା କରୁଛି। ସମ୍ପ୍ରତି ଏହା ଭୁବନେଶ୍ୱର ଆସୁଛି। ଶୁଭାରମ୍ଭ ଉତ୍ସବର ଅଂଶଭାବରେ ପ୍ରଥମ ୧୦୦୦ ଟିକେଟ ଅନ୍‌ଲାଇନ ପ୍ରାକ୍ ବୁକିଂ ନିମନ୍ତେ ଉପଲବ୍ଧ ହେବ ଯାହା ଫାଷ୍ଟ ଡେ ଫାଷ୍ଟ ସୋ ଅଫର୍‌ର ଅଂଶ ଭାବରେ ମେ' ୬ ତାରିଖରୁ ବୁକିଂ ଆରମ୍ଭ ହେବ ଏବଂ ପ୍ରତି ବୟସ୍କ ବ୍ୟକ୍ତିଙ୍କ ପିଛା ୬୪୯ ଟଙ୍କାରେ ଆରମ୍ଭ ହେଉଥିବା ଟିକଟ ସ୍ୱତନ୍ତ୍ର ଭାବରେ ସଫ୍ଟ ଲଞ୍ଚ୍ ଦିବସ, ମେ ୨୪ ଦିନ ପ୍ରବେଶ ନିମନ୍ତେ ବୈଧ ରହିବ। ପରେ ଏକ ୟର୍ଲି ବାର୍ଡ ଅଫର୍ ୨୫% ରିହାତି ସହିତ ପରବର୍ତ୍ତୀ ସମୟରେ ପାର୍କରେ ପ୍ରବେଶ ଟିକେଟ ଉପରେ ସୀମିତ ସମୟ ନିମନ୍ତେ ଅନ୍‌ଲାଇନ ପ୍ରାକ୍- ବୁକିଂରେ କେବଳ ଉପଲବ୍ଧ ହେବ। ୱଣ୍ଡେର୍ଲା ହଲିଡେଜ୍ ଲିମିଟେଡର ଏମ୍‌ଡି ଅରୁଣ କେ ଚିଟ୍ଟିଲାପିଲ୍ଲି କହିଛନ୍ତି, ଓଡ଼ିଶାକୁ ୱଣ୍ଡେର୍ଲାର ଅନନ୍ୟ ମନୋରଞ୍ଜନ ଅନୁଭୂତି ଆଣିବା ନେଇ ଆମେ ଉଲ୍ଲସିତ ଅଛୁ, ଯାହା ଆମ ପରିଦର୍ଶକଙ୍କ ପାଇଁ ଅବସର ବିନୋଦନ ଏବଂ ରୋମାଞ୍ଚର ଏକ ନୂତନ ଯୁଗର ଆରମ୍ଭ କରିବାକୁ ଯାଉଛି।

WONDERLA PARKS AND RESORTS

## ପିଏନ୍‌ବି ଆଞ୍ଚଳିକ ମୁଖ୍ୟଙ୍କ ସ୍ୱାଗତ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୬।୫(ମସିସ):** ସର୍ବଭାରତୀୟ ପଞ୍ଜାବ ନ୍ୟାଶ୍ନାଲ ବ୍ୟାଙ୍କ ଅଧିକାରୀ ସଂଘ (ଏଆଇପିଏନ୍‌ବିଓଏ) ଭୁବନେଶ୍ୱର ପକ୍ଷରୁ ସାଧାରଣ ସମ୍ପାଦକ ବୈଲୋଚନ ସାହୁଙ୍କ ନେତୃତ୍ୱରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ତଥା ମହାପ୍ରବନ୍ଧକ ରାଜେଶ କୁମାର, ଉପ-ଆଞ୍ଚଳିକ ପ୍ରବନ୍ଧକ ତଥା ଉପ-ମହାପ୍ରବନ୍ଧକ କ୍ଷେତ୍ରବାସୀ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ନୂତନ ଆଞ୍ଚଳିକ ମୁଖ୍ୟ ରାଜେଶ କୁମାର ରାଜ୍ୟ ଅର୍ଥନୀତିରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟାଙ୍କର ବିସ୍ତୃତ ନିର୍ଦ୍ଦେଶାବଳୀ ସହ ସାଲିସ ନକରି ସ୍ଥାୟୀ ବ୍ୟବସାୟ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସଂଘ ପକ୍ଷରୁ ସହାୟକ ମହାପ୍ରବନ୍ଧକ ଏନ୍ ଖଟାଇ ଏବଂ ସଂଘର ସଭାପତି ପି.କେ ଦଳାଇ ଉପସ୍ଥିତ ଥିଲେ। ଭୁବନେଶ୍ୱର ମଣ୍ଡଳରୁ ମଣ୍ଡଳ ମୁଖ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘର ନୂତନ ସଭାପତି ରୋସନ କୁମାର ରାୟ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଦୀପକ ପ୍ରଧାନ, ସର୍କଲ ସମ୍ପାଦକ, କଟକ ଏବଂ ଗୌର କିଶୋର ମିଶ୍ର, ସର୍କଲ ପ୍ରେସିଡେଣ୍ଟ, କଟକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂଯୋଗ କୁମାର ଦାଶ ଧନ୍ୟବାଦ ଦେଇଥିଲେ।




### ଖୁବ୍ ଜୋରରେ ବଢୁଛି ଗୃହ ଋଣ ଚାହିଦା

# ୨ ବର୍ଷରେ ୧୦ ଲକ୍ଷ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୬।୫(ଏଜେନ୍ସି)**

ବାସଗୃହ ମୂଲ୍ୟ ବୃଦ୍ଧି ଏବଂ ସୁଧ ହାର ବୃଦ୍ଧି ସତ୍ତ୍ୱେ ବଜାରରେ ଗୃହ ଋଣ ଚାହିଦା ଗତି ଯଥେଷ୍ଟ ବୃଦ୍ଧି ପାଉଛି। ଗତ ଦୁଇ ବର୍ଷ ମଧ୍ୟରେ ଗୃହ ଋଣ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏହା ୨୭.୨୩ ଲକ୍ଷ କୋଟିରେ ପହଞ୍ଚିଛି। ବିଶେଷଜ୍ଞଙ୍କ ମତରେ କରୋନା ପରେ ଆବାସିକ ସମ୍ପତ୍ତି ଚାହିଦାରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହୋଇଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୨ରେ ଦେଶରେ ମୋଟ ଗୃହ ଋଣ ପରିମାଣ ୧୭.୨୬ ଲକ୍ଷ କୋଟି ଟଙ୍କା ରହିଥିଲା, ଯାହା ମାର୍ଚ୍ଚ ୨୦୨୩ରେ ୧୯.୮୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ତଥ୍ୟ ଅନୁଯାୟୀ, ବାଣିଜ୍ୟିକ ରିଅଲ ଇଷ୍ଟେଟ କ୍ଷେତ୍ରରେ ମୋଟ ବାସଗୃହ ଋଣ ପରିମାର ୪.୪୮ ଲକ୍ଷ କୋଟିରେ ପହଞ୍ଚିଛି, ଯାହା ମାର୍ଚ୍ଚ ୨୦୨୨ରେ ୨.୯୭ ଲକ୍ଷ କୋଟି ଟଙ୍କା ରହିଥିଲା। ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସାବନାଭିସ୍ କହିଛନ୍ତି ଯେ ସରକାରୀ ଉଦ୍ୟମ ହେତୁ ସୁଲଭ ଘରର ଚାହିଦା ବୃଦ୍ଧି ପାଇଛି। ଆହୁରି ମଧ୍ୟ, କରୋନାରେ ବାସଗୃହ ବିକ୍ରି ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥିଲା ଏବଂ ବର୍ତ୍ତମାନ ଏହା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଆଗାମୀ ଦିନଗୁଡିକରେ ଗୃହ ଋଣରେ ଅଭିବୃଦ୍ଧି ହାର ୧୫-୨୦ ପ୍ରତିଶତ ମଧ୍ୟରେ ରହିପାରେ।

ବଜାରରେ ବାସଗୃହଗୁଡ଼ିକର ମୂଲ୍ୟ ମହଙ୍ଗା ହେବା ଯୋଗୁ ହାରାହାରି ଗୃହ ଋଣ ଆକାର ବୃଦ୍ଧି ପାଇଛି। ଆବାସିକ ସମ୍ପତ୍ତି କ୍ଷେତ୍ରରେ ବଢୁଥିବା ପ୍ରବଳ ଚାହିଦା ହେତୁ ଗୃହ ଋଣ ବଜାରରେ ଅଭିବୃଦ୍ଧି ଜାରି ରହିବ। ଶିଳ୍ପ ବିଶେଷଜ୍ଞମାନେ କରାଥିବା ଆକଳନ ଅନୁଯାୟୀ, ଦେଶର ରିଅଲ୍ ଇଷ୍ଟେଟ୍ କ୍ଷେତ୍ର ୨୦୩୦ ସୁଦ୍ଧା ଏକ ଟ୍ରିଲିୟନ ଡଲାରରେ ପହଞ୍ଚିବ। ରେଟିଂ ଏଜେନ୍ସି ଇକ୍ରା ଅନୁଯାୟୀ, ଜୁଲାଇ ୨୦୨୩ରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହିତ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ର ମିଶ୍ରଣ ହେବାପରେ ବ୍ୟାଙ୍କଗୁଡିକର ଘରୋଇ ଋଣରେ ବୃଦ୍ଧି ଘଟିଛି।

- କରୋନା ପରେ ଆବାସିକ ସମ୍ପତ୍ତି ଚାହିଦାରେ ଦ୍ରୁତ ବୃଦ୍ଧି
- ସୁଲଭ ବାସଗୃହ ଚାହିଦା ବଢ଼ିଛି




## ଟିପିସିଓଡିଏଲ୍ ପକ୍ଷରୁ ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୬।୫(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଉନ୍ନତ ବୈଷୟିକ ସମାଧାନ ମାଧ୍ୟମରେ ଗ୍ରାହକ ସେବାରେ ଉନ୍ନତି ଆଣିବାକୁ ନିରନ୍ତର ପ୍ରୟାସ କରୁଛି। ଟିପିସିଓଡିଏଲ୍ ପକ୍ଷରୁ ନିକଟରେ ଟ୍ୱିନ୍ ସିଟି ଭୁବନେଶ୍ୱର ଓ କଟକରେ ଥିବା ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେସନ୍‌ରେ ଅତ୍ୟାଧୁନିକ 'ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ' (ଟିଏମୟୁ) ଆରମ୍ଭ କରିଛି। ଏହି ଟିଏମୟୁ ଏକା ସମୟରେ ଅନୁଧାନ, ନିୟନ୍ତ୍ରଣ ଏବଂ ଯୋଗାଯୋଗର ଏକ ଅସାଧାରଣ ମିଶ୍ରଣ ପ୍ରଦାନ କରୁଛି। ଏହି ଉପକରଣ ଭୋଲଟେଜ୍, କରେଂଟ୍, ଗ୍ୟାସ୍, ଅନଲୋଡ୍ ଟ୍ୟାପ୍ ଚେଞ୍ଜର, ତୈଳ ଏବଂ ୱାଇଣ୍ଡିଂ ତାପମାତ୍ରା ପରି ଟ୍ରାନ୍ସଫର୍ମର ମାନଦଣ୍ଡଗୁଡିକ ବିଷୟରେ ବାସ୍ତବ ସମୟ ସୂଚନା ପ୍ରଦାନ କରୁଛି। ଟ୍ରାନ୍ସଫର୍ମର ମନିଟରିଂ ୟୁନିଟ୍‌ଗୁଡ଼ିକ ତ୍ରୁଟିକୁ ଶୀଘ୍ର ଚିହ୍ନଟ କରିବାରେ ଏବଂ ୩୩/୧୧ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରର ବିଫଳତାକୁ ଏଡାଇବାରେ ମଧ୍ୟ ସାହାଯ୍ୟ କରିବ। ଏହି ଟିଏମୟୁଗୁଡିକ ପାରମ୍ପରିକ ପ୍ୟାନେଲ ସୁଇଚ୍, ତାପମାତ୍ରା ମାପକ ଏବଂ ଲାଚିଂ ରିଲେର ସ୍ଥାନ ନେଇଛି। କୌଣସି ମାନବୀୟ ହସ୍ତକ୍ଷେପ ବିନା ସ୍ୱତଃସ୍ଫୂର୍ତ ଭାବରେ ଭୋଲଟେଜ୍ ବଢ଼ାଇବା / ହ୍ରାସ କରିବା ପାଇଁ ସେଗୁଡ଼ିକୁ ପ୍ରସ୍ତୁତ କରାଯାଇଛି ଯାହା ସମସ୍ତ ଗ୍ରାହକଙ୍କୁ ଗୁଣାତ୍ମକ ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରୁଛି। ଟିପିସିଓଡିଏଲ୍ ପକ୍ଷରୁ ଭୁବନେଶ୍ୱର ଓ କଟକରେ ଏପର୍ଯ୍ୟନ୍ତ ୫୦ଟି ଟିଏମୟୁ ସ୍ଥାପନ କରାଯାଇଛି।

TPCODL ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ଆଜିର ଇତିହାସ

- ୧୬୬୩- ଲଣ୍ଡନରେ 'ରୟାଲ' ନାମରେ ପ୍ରଥମ ଥିଏଟର ଖୋଲିଲା ।
- ୧୮୯୩- ଭାରତୀୟ ଆଧ୍ୟାତ୍ମିକ ଗୁରୁ ପରମହଂସ ଯୋଗାନନ୍ଦଙ୍କ ଜନ୍ମ ।
- ୧୯୦୭- ବମ୍ବେରେ ପ୍ରଥମ ଇଲେକ୍ଟ୍ରିକ୍ ଟ୍ରାମ୍ ଚାଲିଲା ।
- ୧୯୨୮- ବ୍ରିଟେନ୍‌ରେ ମତଦାନ ଅଧିକାର ୩୦ ବର୍ଷରୁ ହ୍ରାସ କରି ୨୧ ବର୍ଷ କରି ଦିଆଗଲା ।
- ୨୦୦୦- ଭ୍ଲାଦିମିର୍ ପୁଟିନ୍ ରୁଷ୍‌ର ରାଷ୍ଟ୍ରପତି ହେଲେ ।
- ୨୦୦୧- ପୂର୍ବ ଇରାନ୍‌ରେ ପ୍ରଳୟଙ୍କରୀ ବନ୍ୟା ଆସିଲା ।
- ୨୦୦୪- ନେପାଳର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ବାହାଦୁର ଥାପ୍ପା ଇସ୍ତଫା ଦେଲେ ।



## ଓଲଟା ସାଇକଲ
### ୧୦ ମିଟର ଚଳାଇଲେ ୧୦ ହଜାର ପୁରସ୍କାର

ସାଇକଲ ଚଳାଇବା ସମସ୍ତେ ଜାଣନ୍ତି । କିନ୍ତୁ, ସାଇକଲ ଚାଳନା ପାଇଁ ଟଙ୍କା ଦିଆଯିବା କଥା ଭିନ୍ନ । ଭୋପାଳସ୍ଥିତ ସାଇନ୍ସସେଣ୍ଟରରେ ଥିବା ଏକ ସାଇକଲକୁ ୧୦ ମିଟର ଚଳାଇଲେ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବା ନେଇ ଘୋଷଣା କରାଯାଇଛି । ତେବେ ଏହା କୌଣସି ସାଧାରଣ ସାଇକଲ ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ରୂପେ ମସ୍ତିଷ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ସାଇକଲକୁ ବାମପାର୍ଶ୍ୱକୁ ନେଲେ ଏହା ଡାହାଣ ପାଖକୁ ଓ ଏହାକୁ ଡାହାଣକୁ ମୋଡ଼ିଲେ ବାମକୁ ଗତି କରିଥାଏ । ତେଣୁ ଏହି ସାଇକଲକୁ ଚଳାଇବା ଏତେ ସହଜ ନୁହେଁ । ଭୋପାଳର ନେହେରୁ ନଗରସ୍ଥିତ ଏମପିସିଏସଟିର ସାଇନ୍ସ ସେଣ୍ଟରର ବୈଜ୍ଞାନିକମାନେ ଏହି ସାଇକଲ୍‌ଟିକୁ ନିର୍ମାଣ କରିଥିଲେ । ତେବେ ଏହାକୁ ନିର୍ମାଣ କରିଥିବା ବୈଜ୍ଞାନିକମାନଙ୍କର କହିବାନୁଯାୟୀ ଏହି ସାଇକଲ ଚାଳନା ୬ ମାସ ମଧ୍ୟରେ ଶିଖା ଯାଇପାରିବ । କିନ୍ତୁ, ଏହାକୁ ଚଳାଇବାକୁ ହେଲେ ପୂର୍ବରୁ ଶିଖିଥିବା ସାଇକଲ ଚାଳନାକୁ ଭୁଲିବାକୁ ପଡ଼ିବ । କାରଣ ଏହାକୁ ଚଳାଇବା ପାଇଁ ସମ୍ପୂର୍ଣ୍ଣ ଓଲଟା କୌଶଳ ଆପଣାଇବାକୁ ପଡ଼ିଥାଏ । ଏହି କାରଣରୁ ସାଇକଲ ଚାଳନାରେ ସନ୍ତୁଳନ ରହିପାରେ ନାହିଁ । ତେଣୁ ଏହି ସାଇକଲ ଚଳାଇବା ସହଜ କଥା ନୁହେଁ । ଏହି ସାଇକଲ ଚଳାଇବାକୁ ହେଲେ ମସ୍ତିଷ୍କ ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିଥାଏ । ଏ ପର୍ଯ୍ୟନ୍ତ କେହି ହେଲେ ଠିକ୍ ଭାବରେ ଏହି ସାଇକଲ ଚଳାଇ ପୁରସ୍କାର ଜିତି ପାରି ନାହାନ୍ତି । ଏହି ସାଇକଲ ଚଳାଇବାକୁ ବହୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଚେଷ୍ଟା କରିଥିଲେ ସୁଦ୍ଧା ଏଯାବତ୍ କେହି ସଫଳ ହୋଇ ନାହାନ୍ତି ।

## ଅଭିଶପ୍ତ ଫୋନ୍ ନମ୍ବର !




ସାଧାରଣତଃ ଲୋକେ ମୋବାଇଲ୍ ନମ୍ବର ଉପରେ ଏତେଟା ଗୁରୁତ୍ୱ ଦିଅନ୍ତି ନାହିଁ । କିନ୍ତୁ କିଛି ବର୍ଷ ପୂର୍ବେ ଏପରି ଏକ ମୋବାଇଲ୍ ନମ୍ବର ଥିଲା, ଯାହାକୁ ଅଭିଶପ୍ତ ନମ୍ବର କୁହାଯାଉଥିଲା । କାରଣ ଏହି ନମ୍ବର ବ୍ୟବହାରକାରୀଙ୍କର ଅଚାନକ ମୃତ୍ୟୁ ହେଉଥିଲା । ୨୦୧୦ରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ, ବୁଲ୍‌ଗେରିଆରେ ମୋବିଟେଲ ନାମକ ଏକ ମୋବାଇଲ୍ କମ୍ପାନୀ ଥିଲା । ଏହି କମ୍ପାନୀ ପକ୍ଷରୁ ଜାରି କରାଯାଇଥିବା ଏକ ଫୋନ୍ ନମ୍ବରକୁ ଏକଦା ଅଭିଶପ୍ତ ନମ୍ବର କୁହାଯାଉଥିଲା । ତେବେ ଏହି ନମ୍ବରକୁ ସର୍ବପ୍ରଥମେ କମ୍ପାନୀର ସିଇଓ ଭ୍ଲାଦିମିର ଗ୍ରାଶନୋଭ ବ୍ୟବହାର କରୁଥିଲେ । କର୍କଟରେ ତାଙ୍କର ୪୮ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା । ବ୍ୟବସାୟିକ ଶତ୍ରୁତା କାରଣରୁ ତାଙ୍କ ଖାଦ୍ୟରେ କେହି ରେଡିଓଆକ୍ଟିଭ ମିଶାଇଥିବା ଚର୍ଚ୍ଚା ହୋଇଥିଲା । ତାଙ୍କର ମୃତ୍ୟୁ ପରେ ସେ ବ୍ୟବହାର କରୁଥିବା ଫୋନ୍ ନମ୍ବରଟି ବୁଲ୍‌ଗେରିଆର ମାଫିଆ କିଙ୍ଗ୍ କନଷ୍ଟାନ୍‌ଟିନ୍ ଦିମିତ୍ରୋଭ୍‌ଙ୍କ ପାଖରେ ପହଞ୍ଚିଥିଲା । ଡ୍ରଗ୍ସ ବ୍ୟବସାୟ କରିବାକୁ ୨୦୦୩ ମସିହାରେ ସେ ନେଦରଲ୍ୟାଣ୍ଡ ଯାଇଥିଲେ । ମହିଳା ବାନ୍ଧବୀଙ୍କ ସାଙ୍ଗେ ଖାଉଥିବା ସମୟରେ କେହି ତାଙ୍କୁ ଗୁଳିକରି ହତ୍ୟା କରିଥିଲେ । ସେ ସମୟରେ ୩୧ବର୍ଷୀୟ ଦିମିତ୍ରୋଭ୍‌ଙ୍କ ପାଖେ ସେହି ଫୋନ୍‌ନମ୍ବର ଥିଲା । ପରେ ପରେ ଏହି ଫୋନ୍ ନମ୍ବରଟି ବ୍ୟବସାୟୀ କନ୍‌ଷ୍ଟାନଟିନ୍ ଡିସଲିଭ୍‌ଙ୍କ ପାଖରେ ପହଞ୍ଚିଥିଲା । ୨୦୦୫ ମସିହାରେ ଏକ ହୋଟେଲ ବାହାରେ ତାଙ୍କୁ କେହି ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଥିଲେ । ଏହି ଫୋନ୍ ନମ୍ବର ପାଇଁ କନ୍‌ଷ୍ଟାନଟିନ୍‌ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିବା ପରେ ୨୦୧୦ରେ ଏହାକୁ ବନ୍ଦ କରି ଦିଆଯାଇଥିଲା । ଏହି ନମ୍ବରଟି ଥିଲା +୩୫୯ ୮୮୮ ୮୮୮ ୮୮୮ । ଏବେ ଏହି ନମ୍ବରକୁ କିଏ ଡାଏଲ୍ କଲେ ଏହା ନେଟ୍‌ୱର୍କ କଭରେଜ୍ ବାହାରେ ଅଛି ବୋଲି ଭଏସ୍ ମେସେଜ୍ ଆସିଥାଏ ।

## ନୟନତାରା
### କରିନାଙ୍କ ସ୍ଥାନରେ



ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଆଗାମୀ ଫିଲ୍ମ 'ଟକ୍ସିକ୍' ଉପରେ ଏବେ ସମସ୍ତଙ୍କର ନଜର ରହିଛି । ଏଥିରେ ଯଶ୍‌ଙ୍କ ସହ ଲିଡ୍ ରୋଲରେ କରିନା କପୁର ନଜର ଆସିଥାନ୍ତେ । କିନ୍ତୁ ଏବେ ନୟନତାରା, କରିନାଙ୍କ ସ୍ଥାନ ନେବେ ବୋଲି ଜଣାପଡିଛି । ନିର୍ଦ୍ଦେଶକ ଗୀତୁ ମୋହନଦାସ ଏବେ ଏଥିଲାଗି ନୟନତାରାଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଛନ୍ତି । ନୟନତାରା ମଧ୍ୟ ଏହାକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । ଏଥିରେ ସେ ଯଶ୍‌ଙ୍କ ଭଉଣୀ ଭୂମିକାରେ ଦେଖାଯିବେ । ତେବେ କରିନା ସୁଟିଂ ପାଇଁ ଡେଟ୍ ଦେଇ ନ ପାରିବାରୁ ଏଥିରୁ ଓହରି ଯାଇଥିବା ଜଣାପଡ଼ିଛି । 'ଟକ୍ସିକ୍' ଫିଲ୍ମ ଭାଇ ଭଉଣୀଙ୍କ ଅତୁଟ ସମ୍ପର୍କ ଉପରେ ଆଧାରିତ । ଫିଲ୍ମର ଏକ ମୋସନ୍ ପୋଷ୍ଟର୍ ଗତ ବର୍ଷ ଡିସେମ୍ବର ଶେଷ ଆଡ଼କୁ ଜାରି କରାଯାଇଥିଲା । ଏଥିରେ ଯଶ୍ ମୁଣ୍ଡରେ ଟୋପି ପିନ୍ଧି, କାନ୍ଧରେ ବନ୍ଧୁକ ରଖି ସିଗାରେଟ୍ ଟାଣୁଥିବାର ଦେଖାଯାଇଥିଲେ । ଅବଶ୍ୟ ତାଙ୍କ ଚେହେରା ପୂରା ଦେଖାଯାଉ ନଥିଲା । ତେବେ ଯଶ୍‌ଙ୍କ ଲୁକ୍‌କୁ ନ ଦେଖାଇବା ପାଇଁ ଏପରି କରାଯାଇଥିବା ଚର୍ଚ୍ଚା ହୋଇଥିଲା । ୨୦୨୫ ଏପ୍ରିଲ ୧୦ରେ ଏହା ପରଦାକୁ ଆସିବ ।

### ଆଜି ଆସିଥିଲେ
## ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର



ଆଜି ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ଜୟନ୍ତୀ । ସେ ଗୁରୁଦେବ, କବିଗୁରୁ ବା ବିଶ୍ୱକବି ଭାବେ ମଧ୍ୟ ଜଣାଶୁଣା । ରବୀନ୍ଦ୍ରନାଥଙ୍କୁ ବିଂଶ ଶତାବ୍ଦୀର ଭାରତର ବିଶିଷ୍ଟ ସୃଜନଶୀଳ ବ୍ୟକ୍ତିତ୍ୱ ଭାବରେ ଗଣନା କରାଯାଏ । ସେ ଥିଲେ ଏକାଧାରରେ ଜଣେ କବି, ଗାଳ୍ପିକ, ଗୀତିକାର, ନାଟ୍ୟକାର, ସଙ୍ଗୀତଜ୍ଞ, ପ୍ରାବନ୍ଧିକ ଏବଂ ଚିତ୍ରକର । କୋଲକାତାଠାରେ ୧୮୬୧ ମସିହା ଆଜିର ଦିନରେ ସେ ଜନ୍ମଗ୍ରହଣ କରିଥିଲେ । ପିତା ଦେବେନ୍ଦ୍ରନାଥ ଟାଗୋର ଓ ମାତା ଶାରଦା ଦେବୀ ତାଙ୍କୁ ଖୁବ୍ ଆଦର କରୁଥିଲେ । ୧୩ ଭାଇ ଭଉଣୀଙ୍କ ମଧ୍ୟରେ ରବୀନ୍ଦ୍ରନାଥ ସବୁଠାରୁ ସାନ ଥିଲେ । ପିଲାଦିନେ ସମସ୍ତ ତାଙ୍କୁ 'ରବି' ନାଁରେ ଡାକୁଥିଲେ । ପିଲାଟି ବେଳୁ ହିଁ ତାଙ୍କର ପ୍ରତିଭା, ଛନ୍ଦ ଓ ଭାଷାର ଅଦ୍ଭୁତ ଆଭାସ ମିଳିଥିଲା । ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ରବୀନ୍ଦ୍ରନାଥ ଇଂଲଣ୍ଡରେ ନାମ ଲେଖାଇଥିଲେ । ସେ ଲଣ୍ଡନ ୟୁନିଭରସିଟି କଲେଜରୁ ଆଇନ ଶିକ୍ଷା ପ୍ରାପ୍ତ କରିଥିଲେ । ଡିଗ୍ରୀ ଗ୍ରହଣ କରିବା ପୂର୍ବରୁ ସେ ଭାରତ ଫେରି ଆସିଥିଲେ । ୧୮୮୩ ମସିହାରେ ସେ ମୃଣାଳିନୀ ଦେବୀଙ୍କୁ ବିବାହ କରିଥିଲେ । ସେ ତାଙ୍କର ପ୍ରଥମ କବିତା ୮ ବର୍ଷ ବୟସରେ ଲେଖିଥିଲେ । ୧୮୭୭ ମସିହାରେ ଯେତେବେଳେ ତାଙ୍କୁ ୧୬ ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ର ଗଳ୍ପ ପ୍ରକାଶିତ ହୋଇଥିଲା । 'ଗୀତାଞ୍ଜଳି' ପାଇଁ ଗୁରୁଦେବଙ୍କୁ ୧୯୧୩ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ଏ ପୁରସ୍କାର ପାଇବାରେ ସେ ପ୍ରଥମ ଅଣୟୁରୋପୀୟ ଥିଲେ । ସେ ମଧ୍ୟ 'ନାଇଟହୁଡ୍' ଉପାଧି ପାଇଥିଲେ । ୧୯୨୧ ମସିହାରେ ରବୀନ୍ଦ୍ର 'ଶାନ୍ତି ନିକେତନ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ରବୀନ୍ଦ୍ରନାଥଙ୍କ ରଚିତ ଦୁଇଟି କବିତା 'ଜନଗଣମନ'ଓ 'ଆମାର ସୋନାର ବାଂଲା'କୁ ଯଥାକ୍ରମେ ଭାରତ ଓ ବାଂଲାଦେଶର ଜାତୀୟ ସଙ୍ଗୀତ ଭାବେ ଗ୍ରହଣ କରାଯାଇଛି । ସେ ତାଙ୍କ ଜୀବନକାଳରେ ୨୨୩୦ ଗୀତ ରଚନା କରିଛନ୍ତି । ରବୀନ୍ଦ୍ର ସଙ୍ଗୀତ ବଙ୍ଗଳା ସାହିତ୍ୟର ଏକ ଅବିଚ୍ଛେଦ ଅଂଶ । ରବୀନ୍ଦ୍ରନାଥଙ୍କ ଚର୍ଚ୍ଚିତ ଉପନ୍ୟାସଗୁଡ଼ିକ ହେଉଛି- ଚତୁରଙ୍ଗା, ଗୋରା, ଜୋଗଜୋଗ, ଘରବାଯେର । ପ୍ରକୃତିପ୍ରେମୀ ରବୀନ୍ଦ୍ରନାଥଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତି ନିକେତନ ସାହିତ୍ୟ, ସଙ୍ଗୀତ ଏବଂ କଳା ଶିକ୍ଷା କ୍ଷେତ୍ରରେ ସମଗ୍ର ଦେଶରେ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ଭାବରେ ସ୍ୱୀକୃତିପ୍ରାପ୍ତ । ୧୯୪୧ ମସିହା ଅଗଷ୍ଟ ୭ ତାରିଖରେ ସେ ଇହଧାମ ତ୍ୟାଗ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ପ୍ରତି ତାଙ୍କର ବହୁତ ସମ୍ମାନ ଓ ଶ୍ରଦ୍ଧା ରହିଥିଲା । ଗାନ୍ଧିଜୀଙ୍କୁ ସେ 'ମହାତ୍ମା' ଉପାଧି ଦେଇଥିଲେ ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ବ୍ୟବସାୟରେ ସମସ୍ୟା ଦେଖା ଦେବ । କୌଣସି କଥାକୁ ନେଇ ଚିନ୍ତାରେ ରହିବେ । ନୂଆ କାମରେ ପରିବାରର ସହଯୋଗ ମିଳିବ ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ । ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ । ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଘରେ ପୂଜାପାଠ ଆୟୋଜନ କରିବେ ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ । ଧନ ବ୍ୟୟର ଯୋଗ ରହିଛି । ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ । ରାଜନୀତିରେ ସଫଳତା ମିଳିବ ।

**କର୍କଟ:** ଚାକିରିଆଙ୍କୁ ଧନପ୍ରାପ୍ତି ଯୋଗ ଅଛି । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଯାନବାହନ କିଣିପାରନ୍ତି । କୌଣସି ଇଚ୍ଛା ପୂରଣ ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ । ଅଧିକ ଖର୍ଚ୍ଚାନ୍ତ ହେବେ । ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ । କଥାରେ ମଧୁରତା ରଖିବେ ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପୂଜାପାଠରେ ସାମିଲ ହେବେ । ପ୍ରେମ ଜୀବନରେ ମଧୁରତା ଆସିବ ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ । ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ । ସରକାରୀ କ୍ଷେତ୍ରରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ । ପିଲାଙ୍କ ସହ ସମୟ ଅତିବାହିତ କରିବେ । ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ । ସ୍ୱାସ୍ଥ୍ୟରେ ସୁଧାର ହେବ ।

**ଧନୁ:** ଅର୍ଥ ସଞ୍ଚୟ କରିବେ । ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ । ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ । ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ । ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ । ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ । କୌଣସି କାମରେ ପରିବାରର ସହଯୋଗ ମିଳିବ । ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ ।

## ଖରାଦିନିଆ କଞ୍ଚାଲଙ୍କା କିସମ



ଗରମ ଦିନେ ପ୍ରାୟତଃ ଚାଷକାମରେ ବାଧା ସୃଷ୍ଟି ହୋଇଥାଏ । ଏହି ଦିନେ କମ୍ ସମୟ ଓ କମ୍ ଖର୍ଚ୍ଚରେ କଞ୍ଚାଲଙ୍କା ଚାଷ ସମ୍ଭବ ହୋଇଥାଏ । ତେଣୁ ଗ୍ରୀଷ୍ମକାଳୀନ କଞ୍ଚାଲଙ୍କା ଚାଷ କରୁଥିଲେ, ଉନ୍ନତ କିସମ ଚୟନ କରିପାରିବେ ।

ଲୋହିତ, ଅର୍କା ହରିତ୍, ସୂର୍ଯ୍ୟମୁଖୀ, ଭିଏନ୍‌ଆରର କ୍ରିଷ୍ଣା, ଦୟା ଆଦି କିସମ ଲଙ୍କା ଚାଷ କରିବା ଦ୍ୱାରା ଏକର ପ୍ରତି ୮୦ କ୍ୱିଣ୍ଟାଲ ଅମଳ ମିଳିଥାଏ । ଏ ସମସ୍ତ କିସମ ଏଫ୍‌ୱାନ୍ ହାଇବ୍ରିଡ୍ । ୧୦ ଗ୍ରାମ୍ ପିଛା ଦର ୫୦୦ ଟଙ୍କା ରହିଛି । ଏହି ସମସ୍ତ କିସମ ଆମ ରାଜ୍ୟ ପାଇଁ ଖୁବ୍ ଉପଯୋଗୀ । ଗଛର ଉପଯୁକ୍ତ ଯତ୍ନନେଲେ ୮୦ ଦିନରେ ଅମଳ ହୋଇଥାଏ ।

## ପାକଶାଳା ପାଇଁ ଉପଯୋଗୀ ଚାଷ

**ବର୍ତ୍ତମାନ ଅଧିକରୁ ଅଧିକ ଲୋକେ ଘରେ ପାକଶାଳା ବଗିଚା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । କିଛି ଜଣ ନିଜ ସଉକ ପୂରା କରିବାକୁ ମଧ୍ୟ କିଚେନ୍ ଗାର୍ଡେନ କରନ୍ତି । ପାକଶାଳା ବଗିଚା ଦ୍ୱାରା ବଜାରର ପରିବା କିଣିବା ଉପରେ ନିର୍ଭର କରିବାକୁ ପଡ଼େନାହିଁ । ଘରେ ଜୈବିକ ଖତ ଓ ରୋଷେଇ ଘରୁ ବାହାରୁଥିବା ବର୍ଜ୍ୟରୁ ଚାଷ କରାଯାଉଥିବାରୁ ପରିବାର ଗୁଣାତ୍ମକ ମାନ ବୃଦ୍ଧି ସହ ଏହା ସ୍ୱାଦିଷ୍ଟ ଓ ଦିହକୁ ହିତ ହୋଇଥାଏ । ତେଣୁ ପାକଶାଳା ବଗିଚା କରୁଥିବା ବ୍ୟକ୍ତି ଏଇ ମଇ ମାସରେ କେଉଁ ପନିପରିବା ଲଗାଇବା ଉଚିତ, ଜାଣି ରଖନ୍ତୁ...**



- ସାଧାରଣତଃ ମାର୍ଚ୍ଚ ଓ ଏପ୍ରିଲ ମାସରେ କାକୁଡ଼ି ଚାଷ କରାଯାଉଥିବାବେଳେ ପାକଶାଳା ବଗିଚା କରୁଥିବା ବ୍ୟକ୍ତି ଏହାକୁ ମଇ ମାସରେ ଲଗାଇପାରିବେ । ଏପ୍ରିଲ ମାସରୁ ପ୍ରସ୍ତୁତ କରିଥିବା ନର୍ସରୀ ମଇ ମାସରେ ବୁଣାବୁଣି କାର୍ଯ୍ୟ କରିଦିଅନ୍ତୁ । ଯେହେତୁ କାକୁଡ଼ି ଶୀଘ୍ର ଅମଳ ହୋଇଥାଏ ତେଣୁ ନିୟମିତ ଏଥିରେ ଜଳସିଞ୍ଚନ ସହ ତରଳ ଔଷଧ ଦେଇପାରିବେ ।
- ମେ' ମାସରେ ଗ୍ରୋ ବ୍ୟାଗ୍ କିମ୍ବା କୁଣ୍ଡରେ କଲରା ଚାଷ କରିପାରିବେ । କଲରା ମଞ୍ଜିରୁ ଚାରା ହେବାକୁ ୧୦ରୁ ୧୫ ଦିନ ସମୟ ଲାଗୁଥିବାରୁ ଚାରା ଟିକିଏ ବଡ଼ ହେବା ପରେ ପରେ ଏହାକୁ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିପାରିବେ । ନିୟମିତ ଏହାର ଉଚିତ ଦେଖାରଖା କରିବା ଦ୍ୱାରା ମାତ୍ର ଦୁଇମାସରେ କଲରା ଫଳିବାକୁ ଲାଗିଥାଏ ।



- ଭେଣ୍ଡି ଚାଷ ପାଇଁ ମେ' ମାସକୁ ସବୁଠୁ ଉପଯୁକ୍ତ ବୋଲି ବିଚାର କରାଯାଏ । ଭେଣ୍ଡି ଚାଷ ପାଇଁ ଦୋରସା ମାଟି ଚୟନ କରିବା ଭଲ । ବର୍ତ୍ତମାନ ତାପମାତ୍ରା ଅଧିକ ରହୁଥିବାରୁ ନିୟମିତ କୁଣ୍ଡରେ ନିର୍ଦ୍ଦିଷ୍ଟ ଅନୁପାତର ପାଣି ଦେବା ଦରକାର ।
- ସେହିପରି ଏହି ମାସରେ ଟମାଟୋ ଓ ବାଇଗଣ ଚାଷ କରିବାର ସବୁଠୁ ଭଲ ସମୟ । ଉଭୟ ଚାଷ ପାଇଁ ପ୍ରଯୁଜ୍ୟ ମାଟି ଓ ଖତ ପ୍ରୟୋଗ କରି ଚାଷ କରିବା ଉଚିତ । କୁଣ୍ଡରୁ ଜଳନିଷ୍କାସନ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବା ଦରକାର । ସଠିକ୍ ମାତ୍ରାର ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ଟମାଟୋ ଓ ବାଇଗଣ କୁଣ୍ଡ ରଖିପାରିବେ ।




## ଜେନ୍ ଗାର୍ଡେନ



**ଜେନ୍ ଗାର୍ଡେନ ଏକ ପାରମ୍ପରିକ ଜାପାନୀ ଉଦ୍ୟାନ । ପ୍ରକୃତି ସହିତ ଜଡ଼ିତ ରହିବା ସହ ମାନସିକ ଶାନ୍ତି ପ୍ରାପ୍ତି ଜେନ୍ ଗାର୍ଡନର ମୁଖ୍ୟ ଉଦ୍ଦେଶ୍ୟ । ଏହି ବଗିଚା ଧ୍ୟାନ ଏବଂ ଚିନ୍ତନ ପାଇଁ ସବୁଠୁ ସୁନ୍ଦର ସ୍ଥାନ । ଜେନ୍ ଗାର୍ଡେନ ଡିଜାଇନ୍ କରୁଥିଲେ, ଧ୍ୟାନ ଦିଅନ୍ତୁ...**



ବଗିଚାର ଏକ ଶାନ୍ତିପୂର୍ଣ୍ଣ ସ୍ଥାନ ବାଛନ୍ତୁ । ଜନଗହଳିପୂର୍ଣ୍ଣ ସ୍ଥାନଠାରୁ ଦୂରରେ ଥିବା ଯେକୌଣସି ଆକାରର ସ୍ଥାନରେ ଜେନ୍ ଗାର୍ଡେନ କରିପାରିବେ । ଏହାକୁ ନୂଆ ରୂପ ଦେବା ପାଇଁ ଡିଜାଇନ୍ ପଥର, କଂକ୍ରିଟ କିମ୍ବା କାଠ ଉପଯୋଗ କରିପାରିବେ । ପାରମ୍ପରିକ ଜେନ୍ ଉଦ୍ୟାନରେ ରଙ୍ଗିନ ପଥର, ବାଲି ଆଦି ସାମଗ୍ରୀକୁ ରଖନ୍ତୁ । ଛୋଟ ଛୋଟ ରଙ୍ଗିନ ପଥରକୁ ଏକତ୍ର କରି ରଖନ୍ତୁ । ଜାପାନିଜ ମେପଲ, ବାଉଁଶ ଏବଂ ସଦାବାହାର ଗଛ ଜେନ୍ ଉଦ୍ୟାନ ପାଇଁ ସର୍ବୋତ୍ତମ । ଜାପାନୀ ମେପଲ ଅଧିକ ସୂର୍ଯ୍ୟକିରଣ ଆବଶ୍ୟକତା କରୁନଥିବାରୁ ଏହାକୁ ଛାଇ ତଥା ଥଣ୍ଡାସ୍ଥାନରେ ରଖନ୍ତୁ । ଜେନ୍ ଗାର୍ଡନରେ ପାଣିର ସୁବିଧା ପାଇଁ ଛୋଟ ଛୋଟ ଜଳାଶୟ ରଖନ୍ତୁ । ପ୍ରାକୃତିକ ତତ୍ତ୍ୱରେ ଧ୍ୟାନ କେନ୍ଦ୍ରିତ କରିବାକୁ ଛୋଟ ଛୋଟ ମୂର୍ତ୍ତି ତଥା ସୂକ୍ଷ୍ମ ସାଜସଜ୍ଜା କରିପାରିବେ । ପ୍ରତିଦିନ ଜେଡ୍ ଗାର୍ଡେନର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ନିହାତି ଦରକାର ।

### କୃଷି ବ୍ୟବସାୟ
## ଫସଲ ବର୍ଜ୍ୟରୁ ସାମଗ୍ରୀ

ଆମ ଦେଶରେ ଅନେକ ଚାଷୀ ଆଖୁ ଚାଷ କରିଥାନ୍ତି । ଆଖୁରୁ ରସ ବାହାର କରିଦେବା ପରେ ଏହାର ଛେଦାକୁ ପ୍ରାୟତଃ ଫିଙ୍ଗିଦିଅନ୍ତି । କିନ୍ତୁ ବିହାର, ଭାଗଲପୁର ଜିଲ୍ଲାର ନଓ୍ୱାଗାଛିଆର ରୀତେଶ ଆଖୁ ବର୍ଜ୍ୟରୁ କପ୍, ପ୍ଲେଟ୍, ବାସନ ଆଦି ପରିବେଶ ଅନୁକୂଳ ସାମଗ୍ରୀ ପ୍ରସ୍ତୁତ କରନ୍ତି । କେବଳ ଆଖୁ ବର୍ଜ୍ୟ ନୁହେଁ, ୟୁଟ୍ୟୁବ୍‌କୁ ଅନୁକରଣ କରି ସେ କଦଳୀ ଚୋପା, କୁଣ୍ଡା ଏବଂ ପନିପରିବା ଚୋପାରୁ କପ୍ ତଥା ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ଏହାକୁ ତିଆରିବା ପାଇଁ ସେ କୌଣସି ରାସାୟନିକ ସାମଗ୍ରୀ ମିଶାଇନଥାନ୍ତି । ବର୍ତ୍ତମାନ ସମୟରେ ତାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଅଧିକ ଚାହିଦା ଥିବାରୁ ଏଥିରୁ ସେ ବେଶ୍ ଭଲ ରୋଜଗାର ପାଇପାରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମଧୁମେହ ପୀଡ଼ିତ ଏହି ଆଖୁ ବର୍ଜ୍ୟରୁ ନିର୍ମିତ କପ୍‌ରୁ ଚାହା' ପିଇବା ଦ୍ୱାରା ହାଲୁକା ମିଠା ସ୍ୱାଦ ପାଉଥିବାରୁ ସେମାନେ ଏହି କପ୍‌ରୁ ଅଧିକ ପସନ୍ଦ କରୁଛନ୍ତି ।



## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ପାକଳ ହୋଇଯାଇଥିବା ଫସଲକୁ ଯଥା ସମୟରେ ଅମଳ କିରିଦିଅନ୍ତୁ ।
- ଜଳୀୟ ବାଷ୍ପୀକରଣକୁ ହ୍ରାସ କରିବା ପାଇଁ ପନିପରିବା ପନିପରିବା କ୍ଷେତରେ ଆଚ୍ଛାଦନ ସହ ବୁନ୍ଦା ଜଳସେଚନର ବ୍ୟବସ୍ଥା କରନ୍ତୁ ।
- ମୁଗ ଗଛରେ ଛୁଇଁ ଧରିବା ଆରମ୍ଭ ହୋଇଛି, ଏବେ ଜଳର ଅଭାବ ହେଲେ ଦାନାର ବିକାଶ ହୋଇପାରିବନି । ତେଣୁ ପାଣିପାଗକୁ ଧ୍ୟାନରେ ରଖି ଜଳସେଚନର ବନ୍ଦୋବସ୍ତ କରନ୍ତୁ । ମୁଗ କ୍ଷେତରେ ଜଉ ପୋକ ଲାଗିବାର ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ଼ ପ୍ରତି ଲିଟର ପାଣିରେ ମିଶାଇ ଶୁଖିଲା ପାଗରେ ଜମିରେ ପ୍ରୟୋଗ କରନ୍ତୁ ।
- କଂକ୍ରିଟ୍ ଛାତ ଘରେ ଛେଳି ଓ ମେଣ୍ଢା ପାଇଁ ଗୁହାଳ କରିଥିବା ଚାଷୀମାନେ ଛାତ ଉପରେ ନଡ଼ା ପକାନ୍ତୁ ଏବଂ ଛାତକୁ ଧଳା ରଙ୍ଗ ଦିଅନ୍ତୁ । ସୁବିଧା ଥିଲେ ଫସଲ୍ ସିଲିଂର ବ୍ୟବସ୍ଥା କରନ୍ତୁ । ପାଣିପାଗ ପୂର୍ବାନୁମାନକୁ ଲକ୍ଷ୍ୟକରି ଗୃହପାଳିତ ପ୍ରାଣୀଙ୍କୁ ଦିନ ୧୦ରୁ ୪ଟା ପର୍ଯ୍ୟନ୍ତ ଘର ଭିତରେ ରଖନ୍ତୁ ।

# ୪ x ୪୦୦ ମିଟର ରିଲେ ଟିମ୍‌କୁ ଅଲିମ୍ପିକ୍ ଯୋଗ୍ୟତା




**ନୂଆଦିଲ୍ଲୀ, ୬।୫(ଏଜେନ୍ସି)**

ଭାରତର ମହିଳା ଓ ପୁରୁଷ ବିଭାଗ ୪ ଗୁଣା ୪୦୦ ମିଟର ରିଲେ ଟିମ୍ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ଦଳ ବିଶ୍ୱ ଆଥଲେଟିକ୍ସ ରିଲେ ଇଭେଣ୍ଟରେ ସେମାନଙ୍କ ହିଟ୍‌ସରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ପ୍ୟାରିସ୍ ଟିକଟ ହାସଲ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମହିଳା ଦଳରେ ରୂପାଲ ଚୌଧୁରୀ, ଏମ୍‌ଆର୍ ପୂଭାମ୍ମା, ଜ୍ୟୋତିକା ଶ୍ରୀ ଦାଣ୍ଡି ଓ ସୁଭା ଭେଙ୍କଟେଶ ୩ ମିନିଟ୍ ୨୯.୩୫ ସେକେଣ୍ଡ ସମୟ ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ସେହିପରି ପୁରୁଷ ବିଭାଗରେ ମହମ୍ମଦ୍ ଆନସ ୟାହିୟା, ମହମ୍ମଦ୍ ଆଜମଲ, ଆରୋକିଆ ରାଜୀବ ଓ ଅମୋଲ ଜ୍ୟାକବ ୩ ମିନିଟ୍ ୩.୨୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ କ୍ରମାଗତ ଦ୍ୱିତୀୟଥର ଯୋଗ୍ୟତା ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି। ଏହି ଟିମ୍ ଟୋକିଓ ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ସହ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏମାନଙ୍କଠାରୁ ଅଲିମ୍ପିକ ଲାଗି ଯୋଗ୍ୟତା ଅର୍ଜନ କରିବା ଆଶା କରାଯାଉଥିଲା। କିନ୍ତୁ ମହିଳା ଦଳ ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖ ଯାଏ ଚାଲିବ। ଅଗଷ୍ଟ ୧ରୁ ଦୌଡ଼କୁଦ ବା ଆଥଲେଟିକ୍ସ ଇଭେଣ୍ଟ ଆୟୋଜିତ ହେବ। ବାହାମାସରେ ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସ ରିଲେ ଇଭେଣ୍ଟରୁ ୭୦ଟି ଟିମ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

**୧୦ରେ ଦୋହା ଡାଇମଣ୍ଡ ଲିଗ୍**

# ପଦାର୍ପଣ କରିବେ କିଶୋର ଜେନା

**ନୂଆଦିଲ୍ଲୀ, ୬।୫(ଏଜେନ୍ସି)**




କତାର ରାଜଧାନୀ ଦୋହାରେ ଆସନ୍ତା ୧୦ ତାରିଖରେ ଖେଳାଯିବ ଦୋହା ଡାଇମଣ୍ଡ ଲିଗ୍। ଦୋହାର ସୁହେଇମ୍ ବିନ୍ ହମାଦ ଷ୍ଟାଡିୟମରେ ଅଲିମ୍ପିକ ଚାମ୍ପିଅନ ତଥା ଭାରତୀୟ ତାରକା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଅଂଶଗ୍ରହଣ କରି ନୂଆ ସିଜନ ଆରମ୍ଭ କରିବେ। ସେହିପରି ଓଡ଼ିଆ ଜାଭେଲିନ୍ ତାରକା କିଶୋର ଜେନା ମଧ୍ୟ ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରି ପଦାର୍ପଣ କରିବେ। ସୋମବାର ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଜାଭେଲିନ୍ ଫିଙ୍ଗାଳୀଙ୍କ ୧୦ ଜଣିଆ ତାଲିକା ପ୍ରକାଶିତ ହୋଇଛି। ଏହି ତାରକା ଖଚିତ ତାଲିକାରେ ନୀରଜ ଓ କିଶୋରଙ୍କ ସମେତ ବିଶ୍ୱର ଅନ୍ୟ ୮ ଜଣ ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳୀଙ୍କୁ ସାମିଲ କରାଯାଇଛି। ନୀରଜ ଗତବର୍ଷ ଦୋହା ଡାଇମଣ୍ଡ ଲିଗ୍‌ରେ ବାଜି ମାରିଥିଲେ। ଏଥର ମଧ୍ୟ ସେ ଏହି ସଫଳତା ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଆଗାମୀ ଜୁଲାଇ- ଅଗଷ୍ଟରେ ପ୍ୟାରିସ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଥିବାରୁ ଏହି ଡାଇମଣ୍ଡ ଲିଗ୍‌ରେ ଗୁରୁତ୍ୱ ବେଶ୍ ବଢିଯାଇଛି। ନୀରଜ ଓ କିଶୋର ଡାଇମଣ୍ଡ ଲିଗ୍ ପାଇଁ ଭଲ ଅଭ୍ୟାସ ଓ ଟ୍ରେନିଂ କରିଛନ୍ତି।

୨୦୨୨ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ନୀରଜ ୮୮.୮୮ ମିଟର ଜାଭେଲିନ ଫିଙ୍ଗି ସ୍ୱର୍ଣ୍ଣ ଓ କିଶୋର ୮୭.୫୪ ମିଟର ଫିଙ୍ଗି ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ରୌପ୍ୟ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ୨୮ ବର୍ଷୀୟ କିଶୋର ନୀରଜଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଏସୀୟ କ୍ରୀଡ଼ାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ଏହି ଦୁଇ ତାରକା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ଦୋହାରେ ପୂର୍ବତନ ବିଶ୍ୱଚାମ୍ପିଅନ ଗ୍ରେନେଡାର ଆଣ୍ଡରସନ ପିଟର୍ସ, ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚେକ ଗଣରାଜ୍ୟର ଜାକୁବ୍ ଭାଡଲେଚ୍ ନୀରଜ ଓ କିଶୋରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବେ।

**୧୦ ଜଣିଆ ତାଲିକା:** ନୀରଜ ଚୋପ୍ରା (ଭାରତ), ଡିନ୍ ରୋଡେରିକ ଗେନ୍‌କି (ଜାପାନ), ଓଲିଭର ହେଲାଣ୍ଡର (ଫିନ୍‌ଲାଣ୍ଡ), କିଶୋର ଜେନା (ଭାରତ), ଆଣ୍ଡ୍ରିଆନ୍ ମାରଡେୟାର (ମୋଲଡୋଭା), ଏଡିସ୍ ମାଟୁସେଭିସିୟସ (ଲିଥୁଆନା), ଆଣ୍ଡରସନ ପିଟର୍ସ (ଗ୍ରେନେଡା), କର୍ଟିସ ଥମ୍ପସନ (ଆମେରିକା), ଜାକୁବ ଭାଡଲେଚ୍ (ଚେକ୍ ଗଣରାଜ୍ୟ), ଜୁଲିୟସ ୟେଗୋ (କେନିୟା)।

**● ବାଂଲାଦେଶ ବିପକ୍ଷ ମହିଳା ଟି-୨୦ ସିରିଜ**

# ଭାରତର କ୍ରମାଗତ ୪ର୍ଥ ବିଜୟ

**ସିଲ୍‌ହେଟ, ୬।୫ (ଏଜେନ୍ସି)**


ଆଶା ଶୋଭନା

ବାଂଲାଦେଶ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ କ୍ରମାଗତ ୪ର୍ଥ ଟି-୨୦ ମ୍ୟାଚରେ ବିଜୟ ହାସଲ କରିଛି। ସୋମବାର ସ୍ଥାନୀୟ ସିଲ୍‌ହେଟ୍ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ଟି-୨୦ ସିରିଜର ୪ର୍ଥ ମୁକାବିଲାରେ ଭାରତ ଡିଏଲ୍‌ଏସ୍ ପଦ୍ଧତିରେ ୫୬ ରନରେ ଘରୋଇ ବାଂଲାଦେଶ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ୩ଟି ମ୍ୟାଚକୁ ଯଥାକ୍ରମେ ୪୪ ରନ, ୧୯ ରନ (ଡିଏଲ୍‌ଏସ୍) ଓ ୭ ୱିକେଟ୍‌ରେ ଜିତିଥିବା ଭାରତ ଏଥିସହ ୪-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଗୁରୁବାର ଖେଳାଯିବ।

ବର୍ଷା ବାଧାପ୍ରାପ୍ତ ୪ର୍ଥ ଟି-୨୦ ମ୍ୟାଚକୁ ୧୪ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ବ୍ୟାଟିଂ କରି ଭାରତ ୬ ୱିକେଟ୍‌ରେ ୧୨୨ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହର୍‌ମନପ୍ରୀତ୍ କୌର ୩୯, ରିଚା ଘୋଷ ୨୪, ସ୍ମୃତି ମନ୍ଧାନା ଓ ଡି ହେମଲତା ୨୨ ରନ ଲେଖାଏ କରିଥିଲେ। ଜବାବରେ ବାଂଲାଦେଶ ମହିଳା ଦଳ ୧୪ ଓଭରରେ ୭ ୱିକେଟ୍ ହରାଇ ମାତ୍ର ୬୮ ରନ କରିପାରିଥିଲା। ବିଜୟୀ ଭାରତ ପକ୍ଷରୁ ଦୀପ୍ତି ଶର୍ମା ଓ ପଦାର୍ପଣକାରୀ ସ୍ପିନର ଆଶା ଶୋଭନା ୨ଟି ଲେଖାଏ ୱିକେଟ୍ ନେଇଥିଲେ।

### ୩୩ ବର୍ଷରେ ଆଶାଙ୍କ ପଦାର୍ପଣ

ଏହି ମ୍ୟାଚ୍ ଖେଳି ଭାରତର ଆଶା ଶୋଭନା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଛନ୍ତି। ଏଥିସହ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିବାରେ ସେ ଭାରତର ବୟୋଜ୍ୟେଷ୍ଠା ମହିଳା ଖେଳାଳି ହୋଇଛନ୍ତି। ସୋମବାର ତାଙ୍କୁ ୩୩ ବର୍ଷ ୫୧ ଦିନ ହୋଇଥିଲା। ଏହିକ୍ରମରେ ସେ ସୀମା ପୂଜାରାଙ୍କୁ ପଛରେ ପକାଇ ଦେଇଛନ୍ତି। ୨୦୦୮ ରେ ସୀମା ୩୧ ବର୍ଷରେ ଶ୍ରୀଲଙ୍କା ବିପକ୍ଷ ଏକଦିବସୀୟ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

**ଜାତୀୟ ବରିଷ୍ଠ ମହିଳା ଫୁଟବଲ**

# ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୬।୫ (ସମିସ)**


ଲିଣ୍ଡା କମ୍


ମାଳତୀ ମୁଣ୍ଡା

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ କୋଲକାତାରେ ଚାଲିଥିବା ୨୮ତମ ଜାତୀୟ ବରିଷ୍ଠ ମହିଳା ଫୁଟ୍‌ବଲ ଚାମ୍ପିଅନସିପ୍ 'ରାଜମାତା ଜିଜାବାଇ ଟ୍ରଫି'ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏକ ମୁକାବିଲାରେ ଓଡ଼ିଶା ୨-୦ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଓଡ଼ିଶା ଏହି ଦୁଇଟି ଗୋଲ୍‌ସ୍କୋର କରିଥିଲା। ୮ମ ମିନିଟ୍‌ରେ ମାଳତୀ ମୁଣ୍ଡାଙ୍କ ଗୋଲ୍ ବଳରେ ଓଡ଼ିଶା ଖାତା ଖୋଲିଥିଲା। ଏହାପରେ ୧୯ତମ ମିନିଟ୍‌ରେ ଲିଣ୍ଡା କମ୍ ଓଡ଼ିଶା ପାଇଁ ଦ୍ୱିତୀୟ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଓଡ଼ିଶା ୨-୦ରେ ସହଜରେ ବିଜୟ ଲାଭ କରିଥିଲା। ଓଡ଼ିଶା ଏଥିପୂର୍ବରୁ ଶନିବାର ୪-୧ ଗୋଲରେ ମହାରାଷ୍ଟ୍ରକୁ ହରାଇଥିଲା।

**ଅରବିନ୍ଦ ସ୍ମାରକୀ କ୍ରିକେଟ**

# କ୍ୱାର୍ଟରରେ ସହିଦ ସ୍ପୋର୍ଟିଂ



**ଭୁବନେଶ୍ୱର, ୬।୫ (ସମିସ):** ଶ୍ରୀ ଗୋବିନ୍ଦ କ୍ରୀଡ଼ା ସଂଘକୁ ୭ ୱିକେଟରେ ପରାସ୍ତ କରି ସହିଦ୍ ସ୍ପୋର୍ଟିଂ ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗୋବିନ୍ଦ କ୍ରୀଡ଼ାସଂଘ ୬ ୱିକେଟରେ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ଦେବାଂଶୁ ଜେନା ସର୍ବାଧିକ ୪୩ ଓ ଆୟୂଷ ସେଠୀ ୩୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଆଦିତ୍ୟ ପ୍ରଧାନ ୩ଟି ୱିକେଟ ପାଇଥିଲେ। ଜବାବରେ ସହିଦ୍ ସ୍ପୋର୍ଟିଂ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଆଦିତ୍ୟ ପ୍ରଧାନ ସର୍ବାଧିକ ୭୬ ଓ ଆଦିତ୍ୟରାଜ ମିଶ୍ର ଅପରାଜିତ ୪୧ ରନ୍ କରିଥିଲେ। ବିଜୟୀ ସହିଦ୍ ସ୍ପୋର୍ଟିଂ ଆଦିତ୍ୟ ପ୍ରଧାନଙ୍କୁ ଅଲରାଉଣ୍ଡ ସଫଳତା ଲାଗି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ କ୍ଲବ୍‌ର କୋଷାଧ୍ୟକ୍ଷ ସଞ୍ଜୀବ ରଥ ଅତିଥିଭାବେ ଯୋଗ ଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

**ମିଆମି ଗ୍ରାଁ ପ୍ରି: ଭର୍ଷ୍ଟାପେନ ନିରାଶ**

# ନୋରିସ ଜିତିଲେ ପ୍ରଥମ ଟାଇଟଲ୍

**ମିଆମି, ୬।୫ (ଏଜେନ୍ସି)**

ମ୍ୟାକ୍‌ଲରେନ୍ସର ଚାଳକ ଲାଣ୍ଡୋ ନୋରିସ ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ୍-୧ ରେସ୍ ମିଆମି ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି। ୫୭ ଲ୍ୟାପ୍ ତଥା ୩୦୮.୩୨୬ କିମି ଦୂରତା ବିଶିଷ୍ଟ ଏହି ରେସ୍‌ରେ ନୋରିସ ଓ ରେଡ୍ ବୁଲ୍ସର ତାରକା ଚାଳକ ମାକ୍ସ ଭର୍ଷ୍ଟାପେନଙ୍କ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଶେଷରେ ନୋରିସ ଏକ ଘଣ୍ଟା ୩୦ ମିନିଟ୍ ୪୯.୮୭୬ ସେକେଣ୍ଡରେ ଫିନିଶ କରି ପୋଡିୟମ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିସହ ୨୪ ବର୍ଷୀୟ ବ୍ରିଟିଶ-ବେଲ୍‌ଜିଆନ ରେସିଂ ଚାଳକ ନୋରିସ ତାଙ୍କ ୧୧୦ତମ ଗ୍ରାଁପ୍ରି ରେସରେ କ୍ୟାରିୟରର ପ୍ରଥମ ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ନୋରିସଙ୍କଠାରୁ ଆଉ ୭.୬୧୨ ସେକେଣ୍ଡ ଅଧିକ ସମୟ ନେଇ ଭର୍ଷ୍ଟାପେନ ପ୍ରଥମ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଫେରାରୀର ଚାଳକ ଚାର୍ଲସ ଲେକ୍ଲେରେକ ୯.୯୨୦ ସେକେଣ୍ଡ ଅଧିକ ସମୟ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ। ପ୍ରଥମ ରନର୍ସଅପ୍ ସତ୍ତ୍ୱେଭର୍ଷ୍ଟାପେନ ବର୍ଷର ଶ୍ରେଷ୍ଠ ଚାଳକ ଦୌଡ଼ରେ ତାଲିକାର ଶୀର୍ଷରେ ରହିଛନ୍ତି। ଭର୍ଷ୍ଟାପେନ ବର୍ତ୍ତମାନ ସୁଦ୍ଧା ଚଳିତ ବର୍ଷ ୪ ବିଜୟ ସହ ୧୩୬ ପଏଣ୍ଟ ପାଇ ଏହି ତାଲିକାର ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ରେଡ୍ ବୁଲ୍ସ ଚାଳକ ସର୍ଗିଓ ପେରେଜ ୧୦୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



# ମାଦ୍ରିଦ୍ ଓପନ୍: ରୁବଲେଭ ଚାମ୍ପିଅନ



**ମାଦ୍ରିଦ୍, ୬।୫(ଏଜେନ୍ସି):** ମାଦ୍ରିଦ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରତିଯୋଗିତାରେ ରୁଷିଆର ୭ମ ସିଡ୍ ଖେଳାଳି ଆନ୍ଦ୍ରେ ରୁବଲେଭ ଚାମ୍ପିଅନ ହୋଇଛନ୍ତି। ଏକକ ଫାଇନାଲରେ ରୁବଲେଭ ୪-୬, ୭-୫, ୭-୫ ସେଟ୍‌ରେ ଅଣ ସିଡ୍ କାନାଡାର ଫେଲିକ୍ସ ଅଗ୍ଗୁର ଅଲିଆଜିମଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହ ସେ କ୍ୟାରିୟରର ଦ୍ୱିତୀୟ ମାଷ୍ଟର୍ସ ୧୦୦୦ ମୋଟ୍ ଉପରେ ୧୭ତମ ଏକକ ଟାଇଟଲ ହାସଲ କରିଛନ୍ତି। ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ସେ ବାକି ଦୁଇଟି ସେଟ୍‌ରେ ବାଜି ମାରିଥିଲେ। ପୂର୍ବରୁ ସେ ସେମିଫାଇନାଲରେ ଆମେରିକାର ଦ୍ୱାଦଶ ସିଡ୍ ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ୬-୪, ୬-୩ ସିଧାସଳଖ ସେଟ୍‌ରେ ହରାଇ ଫାଇନାଲକୁ ଉଠିଥିଲେ।

**ୟୁରୋପ ଗସ୍ତ ଲାଗି ଭାରତୀୟ କନିଷ୍ଠ ମହିଳା ହକି ଦଳ ଘୋଷଣା**

# ଓଡ଼ିଶାରୁ ୪ ଖେଳାଳି ସାମିଲ

**ନୂଆଦିଲ୍ଲୀ, ୬।୫ (ଏଜେନ୍ସି)**



ୟୁରୋପ ଗସ୍ତ ଲାଗି ଭାରତୀୟ କନିଷ୍ଠ ମହିଳା ହକି ଦଳ ଘୋଷଣା କରାଯାଇଛି। ଘୋଷିତ ୨୨ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ଖେଳାଳି ରହିଛନ୍ତି। ସେମାନେ ହେଲେ ଅଞ୍ଜଳି ବାରୱା, ମମିତା ଓରାମ, ପୂଜା ସାହୁ ଓ ସୁପ୍ରିୟା କୁଜୁର। ଏହା ଗସ୍ତ ଚଳିତମାସ ୨୧ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବ ଓ ଏଥିରେ ଭାରତ ୬ଟି ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ବେଲଜିୟମ ଓ ଜର୍ମାନୀ ଜାତୀୟ ହକି ଦଳ ସହ ୨ଟି ଲେଖାଏଁ ଏବଂ ଅନ୍ୟ ଦୁଇଟି ନେଦରଲାଣ୍ଡସର ଦୁଇଟି କ୍ଲବ୍ ସହ ଖେଳାଯିବ। ଏହା ମଧ୍ୟରୁ ବ୍ରେଡାଜ୍ ହକି କ୍ଲବ୍ ସହ ମେ ୨୧ରେ, ବେଲଜିୟମ ସହ ବ୍ରେଡାରେ ମେ ୨୨ ଓ ୨୪, ଜର୍ମାନୀ ସହ ମେ ୨୬ ଓ ୨୭ରେ ଅରେଞ୍ଜ ରୁଡ୍ କ୍ଲବ୍ ସହ ମେ ୨୯ରେ ମ୍ୟାଚ୍ ଖେଳାଯିବ। ଡିଫେଣ୍ଡର ଜ୍ୟୋତି ସିଂଙ୍କୁ ଦଳର ଅଧିନାୟିକା ମନୋନୀତ କରାଯାଇଛି।

**ଘୋଷିତ ଦଳ:** ଅଦିତି ମାହେଶ୍ୱରୀ ଓ ନିଧି (ଉଭୟ ଗୋଲରକ୍ଷକ), ଜ୍ୟୋତି ସିଂ (ଅଧିନାୟିକା), ଲାଲଥାନ୍ତଲୁଆଙ୍ଗି, ଅଞ୍ଜଳି ବାରୱା, ପୂଜା ସାହୁ, ମମିତା ଓରାମ, ନୀରୁ କୁଲୁ (ସମସ୍ତେ ଡିଫେଣ୍ଡର), କେ. ସୋନିଆ ଦେବୀ, ରଜନୀ କେରକେଟ୍ଟା, ପ୍ରିୟଙ୍କା ଯାଦବ, ଖାଇଦେମ ଶିଲିମା ଚାନୁ, ସାକ୍ଷୀ ରାଣା (ଉପଅଧିନାୟିକା), ଅନିଶା ସାହୁ, ସୁପ୍ରିୟା କୁଜୁର (ସମସ୍ତେ ମିଡ୍‌ଫିଲ୍ଡର), ବିନୀମା ଧନ, ହୀନା ବାନୋ, ଲାଲରୀନପୁଇ, ଇଶିକା, ସଞ୍ଜନା ହୋରୋ, ସୋନମ, କନିକା ସିୱାଚ୍।

**ଜାତୀୟ ମହିଳା ହକି ଲିଗ୍**

# ଓଡ଼ିଶାଠୁ ହାରିଲା ମହାରାଷ୍ଟ୍ର

**ଭୁବନେଶ୍ୱର, ୬।୫ (ସମିସ):** ରାଞ୍ଚିରେ ଚାଲିଥିବା ୨୧ ବର୍ଷରୁ କମ୍ ଜାତୀୟ ମହିଳା ହକି ଲିଗ୍ (ଫେଜ୍-୧)ରେ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ସୋମବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ମହିଳା ଦଳ ୨-୧ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ପାଇଁ ଗୋଲ୍‌ସ୍କୋର ଖାତା ଖୋଲିଥିଲେ ଦୀପି ମୋନିକା ଟପ୍ପୋ। ମ୍ୟାଚର ୨୩ତମ ମିନିଟ୍‌ରେ ଦୀପି ଏକ ଫିଲ୍ଡ ଗୋଲ୍ ଜରିଆରେ ଓଡ଼ିଶାକୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ପ୍ରଥମ ଭଳି ତୃତୀୟ କ୍ୱାର୍ଟରରେ ମଧ୍ୟ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଏହାପରେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ରୋମାଞ୍ଚ ଦେଖିବାକୁ ମିଳିଥିଲା। ୫୧ତମ ମିନିଟ୍‌ରେ ମହାରାଷ୍ଟ୍ରର ସୁନୀତା କୁମାରୀଙ୍କ ଗୋଲ୍ ଜରିଆରେ ମ୍ୟାଚ୍ ୧-୧'ର ବରାବର୍‌ସ୍ଥିତିକୁ ଆସିଥିଲା। ତେବେ ଏହାର ୪ ମିନିଟ୍ ପରେ ଓଡ଼ିଶାକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା। କରୁଣା ମିଞ୍ଜ ଏହାର ଭରପୁର ଫାଇଦା ଉଠାଇ ବଲ୍‌କୁ ମହାରାଷ୍ଟ୍ର ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଓଡ଼ିଶା ୨-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ବଳକା ୫ ମିନିଟ୍‌ରେ ମହାରାଷ୍ଟ୍ର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍ ଶୁଝିବାରେ ବିଫଳ ହୋଇଥିଲା। ଫଳରେ ଓଡ଼ିଶା ୨-୧ରେ ବିଜୟୀ ହୋଇ ୩ ପଏଣ୍ଟ ହାତେଇ ନେଇଥିଲା।

ଏଥିସହ ଓଡ଼ିଶା ୫ ମ୍ୟାଚ୍ ଖେଳି ୪ର୍ଥ ବିଜୟ ସହ ୧୨ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ସେହିଭଳି ଆୟୋଜକ ଝାଡ଼ଖଣ୍ଡ ୪ ମ୍ୟାଚରୁ ୧୦ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛି।

## ପାଣ୍ଡ୍ୟା ଓ ଚାୱଲାଙ୍କ ଚମତ୍କାର ବୋଲିଂ

# ମୁମ୍ବାଇକୁ ଜିତାଇଲେ ସୂର୍ଯ୍ୟକୁମାର



**ମୁମ୍ବାଇ, ୬।୫(ଏଜେନ୍ସି)**

ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମାଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୫୫ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି। ଏହା ଫଳରେ ୧୨ଟି ମ୍ୟାଚ୍‌ରୁ ମାତ୍ର ୪ର୍ଥ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ପୀୟୂଷ ଚାୱଲା ୩ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ୍ ୮ ୱିକେଟରେ ୧୭୩ ରନ୍ କରିଥିଲା। ଜବାବରେ ମୁମ୍ବାଇ ୩୧ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଓ ତିଳକ ଅବିଭକ୍ତ ଚତୁର୍ଥ ୱିକେଟ ଭାଗୀଦାରିରେ ୭୯ ବଲ୍‌ରୁ ୧୪୩ ରନ୍ ଉଠାଇବା ଫଳରେ ମୁମ୍ବାଇ ୭ଟି ୱିକେଟ ଓ ୧୬ଟି ବଲ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ସୂର୍ଯ୍ୟକୁମାର ମାତ୍ର ୫୧ ବଲ୍‌ରୁ ୧୨ ଚୌକା ଓ ୬ଛକା ସହ ୧୦୨ ଏବଂ ତିଳକ ବର୍ମା ୩୨ ବଲ୍‌ରୁ ୬ ଚୌକା ସହ ୩୭ ରନ୍ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସୂର୍ଯ୍ୟକୁମାର ଆଇପିଏଲ୍ କ୍ୟାରିୟରେ ମାତ୍ର ଦ୍ୱିତୀୟ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହି ଶତକ ମୁମ୍ବାଇକୁ ଚମକପ୍ରଦ ବିଜୟ ଦେବାରେ ସମର୍ଥ ହୋଇଛି। ଏହି ବିଜୟ ପରେ ମୁମ୍ବାଇ ପଏଣ୍ଟ ସାରଣୀର ୯ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ହାଇଦ୍ରାବାଦ୍ ୧୧ତମ ମ୍ୟାଚ୍‌ରୁ ୫ମ ପରାଜୟ ପରେ ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି।

### ଘରୋଇ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ସନରାଇଜର୍ସ ପ୍ରଥମ ୱିକେଟରୁ ୫୬ ରନ୍ ଉଠାଇ ଭଲ ଆରମ୍ଭ କରିଥିଲା। ଦୁଇ ଓପନରଙ୍କ ମଧ୍ୟରୁ ଅଭିଷେକ ଶର୍ମା ସଂଘର୍ଷ କରିଥିଲା ବେଳେ ଟ୍ରାଭିସ୍ ହେଡ ଦୁଇଟି ଜୀବନଦାନ ପାଇଥିଲେ। ପ୍ରଥମେ ନୋ ବଲ୍‌ରେ ବୋଲ୍ଡ ଓ ପରେ କ୍ୟାଚ୍ ଡ୍ରପ୍ ହେବା ପରେ ହେଡ୍ କିଛି ଆକର୍ଷଣୀୟ ସଟ୍ ଖେଳି ୩୦ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୪୮ ରନ୍ କରିଥିଲେ। ପାୱାର ପ୍ଲେ ଶେଷ ହେବା ପରେ ମିଡଲ ଓଭରରେ ହାଇଦ୍ରାବାଦ୍ ବିପଦରେ ପଡ଼ିଥିଲା। ଏହି ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ପୀୟୂଷ ଚାୱଲା ଚମତ୍କାର ବୋଲିଂ କରିବା ଫଳରେ ହାଇଦ୍ରାବାଦ୍ ପୂର୍ବପରି ଏକ ବଡ଼ ସ୍କୋର କରିବା ଅସମ୍ଭବ ମନେ ହୋଇଥିଲା। ମୁମ୍ବାଇର ଉଭୟ ବୋଲର ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଫଳରେ ହାଇଦ୍ରାବାଦ୍ ୧୬ତମ ଓଭର ଖେଳ ଶେଷ ବେଳକୁ ୭ ୱିକେଟ ହରାଇ ୧୨୫ ରନ୍ କରିଥିଲା। ଏହି ସମୟରେ ଖେଳିବାକୁ ଆସି ଅଧିନାୟକ ପ୍ୟାଟ କମିନ୍ସ ଧୂଆଁଧାର ବ୍ୟାଟିଂ କରି ମାତ୍ର ୧୭ ବଲ୍‌ରୁ ୩୫ ରନ୍ କରି ଅପରାଜିତ ରହିବା ଫଳରେ ଦଳ ୮ ୱିକେଟରେ ୧୭୩ ରନ୍ କରିଥିଲା। କମିନ୍ସ ତାଙ୍କ ପାଳିରେ ୨ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚର୍ଚ୍ଚିତ ଖେଳାଳି ଅଭିଷେକ ଶର୍ମା ୧୧, ମୟଙ୍କ ଅଗରୱାଲ ୫, ହେନ୍‌ରିକ୍ କ୍ଲାସେନ ୨ ରନ୍ କରି ଆଉଟ ହେବା ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ନୀତୀଶ ରେଡ୍ଡୀଙ୍କ ୨୦ ଓ ମାର୍କୋ ଜାନସେନ୍‌ଙ୍କ ୧୭ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ।

ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପାଣ୍ଡ୍ୟା ଓ ଚାୱଲା ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୩୧ ଓ ୩୩ ରନ୍ ବିନିମୟରେ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଯଶପ୍ରୀତ ବୁମ୍‌ରା ୪ ଓଭରରେ ୨୩ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଥିବା ଅଂଶୁଲ କାମ୍ବୋଜଙ୍କ ବୋଲିଂରେ ହେଡ୍ ଦୁଇଥର ଜୀବନଦାନ ପାଇଥିଲେ। ଶେଷରେ ମୟଙ୍କ ଅଗରୱାଲଙ୍କୁ ଆଉଟ କରି ପ୍ରଥମ ୱିକେଟ ନେବାରେ ସଫଳ ହୋଇଥିଲେ।

### ଆଇପିଏଲ୍-୧୭
**ଆଜିର ମ୍ୟାଚ୍**

**ଦିଲ୍ଲୀ- ରାଜସ୍ଥାନ**

**ସ୍ଥାନ- ଦିଲ୍ଲୀ, ସମୟ- ରାତି ୭.୩୦**

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୦ | ୮ | ୨ | ୧୬ | +୦.୬୨୨ |
| ଚେନ୍ନାଇ | ୧୧ | ୬ | ୫ | ୧୨ | +୦.୭୦୦ |
| ହାଇଦ୍ରାବାଦ | ୧୧ | ୬ | ୫ | ୧୨ | -୦.୦୬୫ |
| ଲକ୍ଷ୍ନୌ | ୧୧ | ୬ | ୫ | ୧୨ | -୦.୩୭୧ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ | ୧୧ | ୪ | ୭ | ୮ | -୦.୧୮୭ |
| ମୁମ୍ବାଇ | ୧୨ | ୪ | ୮ | ୮ | -୦.୨୧୨ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |

## ହେଲିକପ୍ଟରରେ ଉନ୍ମୋଚିତ ହେଲା ଭାରତର ନୂଆ ଟି-୨୦ ଜର୍ସି




**ନୂଆଦିଲ୍ଲୀ, ୬।୫(ଏଜେନ୍ସି):** ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ନୂଆ ଜର୍ସି ଉନ୍ମୋଚିତ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୋମବାର ଏହି ଜର୍ସିକୁ ନିଆରା ଢଙ୍ଗରେ ଲଞ୍ଚ୍ କରିଛି। ହେଲିକପ୍ଟରରେ ଆଡିଡାସ୍ କମ୍ପାନୀର ଏହି ଟି-୨୦ ଜର୍ସିକୁ ଉନ୍ମୋଚନ କରାଯାଇଛି। ପ୍ରସିଦ୍ଧ କ୍ରୀଡ଼ା ପୋଷାକ ଉତ୍ପାଦନକାରୀ କମ୍ପାନୀ ଆଡିଡାସ୍ ପୂର୍ବପରି ଭାରତୀୟ କ୍ରିକେଟ ଦଳର ପ୍ରଯୋଜକ ରହିଛି। ସୋମବାର ଆଡିଡାସ୍ ସାମାଜିକ ଗଣମାଧ୍ୟମ 'ଇଷ୍ଟାଗ୍ରାମ୍'ରେ ଏ ନେଇ ଏକ ଭିଡିଓ ସେୟାର କରିଛି। ଏହି ଭିଡିଓରେ ଭାରତୀୟ ଅଧିନାୟକ ରୋହିତ ଶର୍ମା, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ବାମହାତୀ ସ୍ପିନର କୁଲଦୀପ ଯାଦବ ହିମାଚଳ ପ୍ରଦେଶର ଧର୍ମଶାଳା ଷ୍ଟାଡିୟମରେ ଆସୁଥିବା ଏକ ହେଲିକପ୍ଟରରେ ଲଗା ଯାଇଥିବା ଭାରତୀୟ ଦଳର ଜର୍ସିକୁ ଆଶ୍ଚର୍ଯ୍ୟ ହୋଇ ନୀରିକ୍ଷଣ କରୁଥିବାର ଦେଖାଯାଇଛି। ଆଡିଡାସ ଇନଷ୍ଟାଗ୍ରାମ୍‌ରେ 'ୱାନ ଜର୍ସି, ୱାନ ନେସନ' ବୋଲି ଉଲ୍ଲେଖ କରିଛି। ଏହି ଭିଡିଓକୁ ୟୁଜରମାନେ ବେଶ୍ ପସନ୍ଦ କରିଛନ୍ତି।

## ଧର୍ମଶାଳାରେ ପ୍ରଥମ ହାଇବ୍ରିଡ୍ ପିଚ୍

**ଧର୍ମଶାଳା, ୬।୫(ଏଜେନ୍ସି):** ଭାରତୀୟ କ୍ରିକେଟର ପ୍ରଥମ ହାଇବ୍ରିଡ୍ ପିଚ୍ ହିମାଚଳ ପ୍ରଦେଶର ଧର୍ମଶାଳା କ୍ରିକେଟ ଷ୍ଟାଡିୟମ୍‌ରେ ସୋମବାର ପ୍ରତିଷ୍ଠା କରାଯାଇଛି। ଭାରତରେ ଏହା ପ୍ରଥମ ଘଟଣା। ଏହା ଫଳରେ କ୍ରିକେଟ ଖେଳ ଅନ୍ୟ କୌଣସି କାରଣରୁ ବାଧାପ୍ରାପ୍ତ ହେବାର ସମ୍ଭାବନା କମ୍ ରହିଛି। ଏହି ସ୍ଥାପନା ହେବା ପରେ ଭାରତୀୟ କ୍ରିକେଟରେ ଏକ ଐତିହାସିକ ଯୁଗର ଆରମ୍ଭ ହୋଇଛି। ଏହି ପିଚ୍ ଟର୍ଫ ଓ ସିନ୍ଥେଟିକ୍ ଫାଇବରରେ ତିଆରି ହୋଇଛି। ଏଥିରେ ମ୍ୟାଚ୍ ଅଧିକ ସମୟ ଖେଳାଯାଇପାରିବ ଓ ଗ୍ରାଉଣ୍ଡସମ୍ୟାନ୍‌ଙ୍କ କଷ୍ଟ ଲାଘବ ହୋଇପାରିବ। ଏହି ପିଚ୍ ଆସିବା ଫଳରେ କ୍ରିକେଟ ଖେଳର ଗୁଣାତ୍ମକ ମାନରେ ବୃଦ୍ଧି ଘଟିବ ବୋଲି କୁହାଯାଉଛି। ଏହି ପିଚ୍‌ରେ ମାତ୍ର ୫ ଶତକଡ଼ା ସିନ୍ଥେଟିକ୍ ଫାଇବର ବ୍ୟବହାର କରାଯାଇଥିବାରୁ ଏହାର ପ୍ରାକୃତିକ ଗୁଣ ଲୋପ ପାଇବ ନାହିଁ। ଏଠାରେ ହାଇବ୍ରିଡ୍ ପିଚ୍ ସ୍ଥାପନ କରାଯାଇଥିବାରୁ ହିମାଚଳ ପ୍ରଦେଶ କ୍ରିକେଟ ସଂଘ ପକ୍ଷରୁ



ଇଂଲଣ୍ଡର ପୂର୍ବତନ ଖେଳାଳ ପଲ ଟେଲରଙ୍କ ନେତୃତ୍ୱରେ ଏହି ପିଚ୍ ସ୍ଥାପନ କରାଯାଇଥିଲା। ଏହାକୁ ଆଇସିସିର ସ୍ୱୀକୃତି ମିଳିଛି। ଇଂଲଣ୍ଡରେ ଏଭଳି ପିଚ୍ ୨୦୧୭ରୁ ଆରମ୍ଭ ହୋଇଛି। ଇଂଲଣ୍ଡର ଲର୍ଡ୍ସ ଏବଂ ଓଭାଲରେ ସ୍ଥାପନ କରାଯାଇଥିବା ଏଭଳି ପିଚ୍‌ରେ ଦିନିକିଆ ଅନ୍ତର୍ଜାତୀୟ ଓ କାଉଣ୍ଟି କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଆସୁଛି।

## ଉଗାଣ୍ଡା ଦଳରେ ୪୩ ବର୍ଷୀୟ ଫ୍ରାଙ୍କ୍



**କାମ୍ପାଲା, ୬।୫ (ଏଜେନ୍ସି):** ଜୁନ ୧ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ସୋମବାର ୧୫ ଜଣିଆ ଉଗାଣ୍ଡା ଦଳ ଘୋଷଣା କରାଯାଇଛି। ଏହି ପୂର୍ବ ଆଫ୍ରିକୀୟ ଦେଶର ନେତୃତ୍ୱ ବ୍ରାଏନ ମାସାବାଙ୍କୁ ଦିଆଯାଇଛି। ଦଳରେ ୪୩ ବର୍ଷୀୟ ଅଫ୍-ସ୍ପିନର ଫ୍ରାଙ୍କ ସୁବୁଗା ସ୍ଥାନ ପାଇଛନ୍ତି। ସେ ଏହି ବିଶ୍ୱକପ୍‌ର ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ବିଶ୍ୱକପ୍‌ରେ ଉଗାଣ୍ଡା ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଆୟୋଜକ ୱେଷ୍ଟଇଣ୍ଡିଜ ସମେତ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ ଓ ପପୁଆ ନ୍ୟୁ ଗୁନିଆ ରହିଛନ୍ତି। ଜୁନ ୩ରେ ଆଫଗାନିସ୍ତାନ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଉଗାଣ୍ଡା ଏହାର ଅଭିଯାନ ଆରମ୍ଭ କରିବ। ଆଫ୍ରିକୀୟ ଯୋଗ୍ୟତା ପର୍ଯ୍ୟାୟର ରିଜିଓନାଲ ଫାଇନାଲରେ ଉଗାଣ୍ଡା ନାମ୍ବିଆ ପଛକୁ ୨ୟ ସ୍ଥାନରେ ରହି ଟି-୨୦ ବିଶ୍ୱକପ୍ ଟିକଟ୍ ହାସଲ କରିଥିଲା।

### ସାଉଦି ସ୍ମାଶ୍ ଡବ୍ଲ୍ୟୁଟିଟି ସିରିଜ

## ବିଶ୍ୱର ୨ ନଂ ଖେଳାଳିଙ୍କୁ ହରାଇଲେ ମନିକା



**ଜେଦ୍ଦା, ୬।୫(ଏଜେନ୍ସି):** ସାଉଦି ଆରବର ଜେଦ୍ଦାରେ ଚାଲିଥିବା ସାଉଦି ସ୍ମାଶ ବିଶ୍ୱ ଟେବଲ ଟେନିସ (ଡବ୍ଲ୍ୟୁଟିଟି) ସିରିଜରେ ଭାରତୀୟ ଅଭିଜ୍ଞ ମହିଳା ଖେଳାଳି ମନିକା ବାତ୍ରା ଏକ ବଡ଼ ବିପର୍ଯ୍ୟୟ ଘଟାଇ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମନିକା ସୋମବାର ରାଉଣ୍ଡ ଅଫ୍ ୩୨ ମୁକାବିଲାରେ ବିଶ୍ୱର ୨ ନଂ ଖେଳାଳି ଚୀନ୍‌ର ୱାଙ୍ଗ ମାନୟୁଙ୍କୁ ୩-୧ (୬-୧୧, ୧୧-୫, ୧୧-୭, ୧୨-୧୦)ରେ ମାତ୍ର ୩୭ ମିନିଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏବେ ମନିକା ପ୍ରି-କ୍ୱାର୍ଟରରେ ବିଶ୍ୱର ୧୪ ନଂ ଖେଳାଳି ଜର୍ମାନୀର ନିନା ମିଟେଲହାମ୍‌ଙ୍କୁ ଭେଟିବେ। ବିଶ୍ୱ ମାନ୍ୟତାର ୩୯ତମ ସ୍ଥାନରେ ରହିଥିବା ମନିକା ଶନିବାର ରୋମାନିଆର ଆଣ୍ଡିଆ ଡ୍ରଗୋମ୍ୟାନଙ୍କୁ ୩-୦ (୧୧-୬, ୧୩-୧୧, ୧୧-୮)ରେ ହରାଇ ଅଭିଯାନ ଆରମ୍ଭ କରିଥିଲେ। କିଛି ଦିନ ତଳେ ମନିକାଙ୍କୁ ହଟାଇ ଶ୍ରୀଜା ଅକୁଲା ଭାରତର ନଂ ୧ ମହିଳା ଟେବଲ ଟେନିସ ଖେଳାଳି ବିବେଚିତ ହୋଇଥିଲେ।

### ଜେ୩୦ ବିଶ୍ୱ କନିଷ୍ଠ ଟେନିସ

## ଦେବାଶିଷ, ଅଭିପ୍ସା ବିଜୟୀ

**ଭୁବନେଶ୍ୱର, ୬।୫ (ସମିସ):** ଓଡ଼ିଶାର ଦେବାଶିଷ ସାହୁ ଓ ଅଭିପ୍ସା ଦେହୁରୀ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଥିବା ବିଶ୍ୱ କନିଷ୍ଠ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ସୋମବାର ଖେଳାଯାଇଥିବା ୧୮ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ଦେବାଶିଷ ୬-୩, ୬-୪ ସିଧାସଳଖ ସେଟ୍‌ରେ ଆରବ ଚାୱଲାଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ୱାଇଲ୍ଡକାର୍ଡ ଏଣ୍ଟ୍ରିରେ ଖେଳୁଥିବା ଆହନ ମିଶ୍ର ପ୍ରଥମ ରାଉଣ୍ଡରେ ହାରିଯାଇଛନ୍ତି। ପାର୍ଥ ଦେଉରଖାକର ୬-୦, ୬-୦ ସିଧାସଳଖ ସେଟ୍‌ରେ ଆହନଙ୍କୁ ହରାଇଥିଲେ। ପ୍ରଥମ ରାଉଣ୍ଡରେ ସମସ୍ତ ସିଡେଡ ଖେଳାଳି ବିଜୟୀ ହୋଇଛନ୍ତି। ସେହିପରି ବାଳିକା ଏକକ ବିଭାଗରେ ଅଭିପ୍ସା ଦେହୁରୀ ୭-୬, ୬-୪ ସେଟ୍‌ରେ ପାଲ ଉପାଧ୍ୟାୟଙ୍କୁ ପରାସ୍ତ କରିଥିଲେ। ସେହିପରି ଆଉ ଜଣେ ଓଡ଼ିଆ ଖେଳାଳି ଆହାନ ମିଶ୍ର ମଧ୍ୟ ବିଜୟୀ ହୋଇଥିଲେ। ଆହାନ ୬-୧, ୬-୪ରେ ଆକାଂକ୍ଷା ଘୋଷଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ଫଳରେ ଉଭୟ ଅଭିପ୍ସା ଓ ଆହାନଙ୍କୁ ଆଇଟିଏଫ୍ ପଏଣ୍ଟ ପାଇଛନ୍ତି। ପୂର୍ବରୁ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ୱେଲକମ୍ କିଟ୍ ପ୍ରଦାନ କରିଥିଲେ।

## ବିଶ୍ୱକପ୍ ବିଜୟୀ ଆର୍ଜେଣ୍ଟିନା ପ୍ରଶିକ୍ଷକ ମେନୋଟିଙ୍କ ବିୟୋଗ

**ବୁଏନ୍ସ ଆରିଜ, ୬।୫ (ଏଜେନ୍ସି):** ଫିଫା ବିଶ୍ୱକପ୍ ବିଜୟୀ ଆର୍ଜେଣ୍ଟିନା ପ୍ରଶିକ୍ଷକ ଲୁଇସ୍ ମେନୋଟିଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ଆର୍ଜେଣ୍ଟିନା ଫୁଟ୍‌ବଲ ସଂଘ (ଏଏଫ୍‌ଏ) ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ବୋକା ଜୁନିଅର୍ସ, ସାଣ୍ଟୋସ ଭଳି ଦଳ ପକ୍ଷରୁ ଖେଳିଥିବା ମେନୋଟି ଅବସର ପରେ ପ୍ରଶିକ୍ଷଣରେ ପାଦ ଥାପିଥିଲେ। ସେ ୧୯୭୪ରେ ଆର୍ଜେଣ୍ଟିନା ବରିଷ୍ଠ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହାର ୪ ବର୍ଷ ପରେ ସେ ଆର୍ଜେଣ୍ଟିନାକୁ ବିଶ୍ୱବିଜେତା କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୮୨ରେ ସେ ଆର୍ଜେଣ୍ଟିନା ଛାଡ଼ି ବାର୍ସିଲୋନା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA